# ପ୍ରାରମ୍ଭ

## ଶିକ୍ଷକ ପ୍ରଶିକ୍ଷକ, ରାଜ୍ୟ ସାଧନ ଗୋଷ୍ଠୀ,
## ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ
## ଓ ଶିକ୍ଷକମାନଙ୍କ ନିମନ୍ତେ
## ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ
## ଆଧାରିତ ପ୍ରଶିକ୍ଷଣ ପେଟିକା

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର



# ମୁଖବନ୍ଧ

ପ୍ରାଥମିକ ସ୍ତରରେ ପଢ଼ିବା, ଲେଖିବା ଓ ମୌଳିକ ସଂଖ୍ୟାଜ୍ଞାନର ବ୍ୟବହାର ଜୀବନବ୍ୟାପି ଶିକ୍ଷଣ ପାଇଁ ଅତ୍ୟନ୍ତ ଆବଶ୍ୟକ । ବିଭିନ୍ନ ପ୍ରକାରର ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଆମ ଦେଶରେ ବହୁତ ସଂଖ୍ୟକ ଶିକ୍ଷାର୍ଥୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତା ହାସଲ କରିନାହାନ୍ତି । ଏଥିପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ରେ ବିଦ୍ୟାଳୟରେ ପଢୁଥିବା ଶିକ୍ଷାର୍ଥୀମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଏହି ଲକ୍ଷ୍ୟ  ହାସଲ ପାଇଁ କେନ୍ଦ୍ର ସରକାର ଏକ ନୂତନ ମିଶନ ପ୍ରସ୍ତୁତ କରିଛନ୍ତି ଯାହାର ନାମ ହେଉଛି NIPUN Bharat । ଏହି ମିଶନର ମୁଖ୍ୟ ଲକ୍ଷ୍ୟ ହେଉଛି ୨୦୨୬-୨୭ ମସିହା ସୁଦ୍ଧା ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ବୁଝିକି ପଢ଼ିବା ଓ ଲେଖିବା, ଗାଣିତିକ ସମସ୍ୟାର ସମାଧାନ କରିବାକୁ ସମର୍ଥ ହେବେ । ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ଅନେକ ପୁସ୍ତିକା ପ୍ରସ୍ତୁତ କରାଯାଇଛି, ଯେପରି ବିଦ୍ୟାପ୍ରବେଶ ପୁସ୍ତିକା, କାର୍ଯ୍ୟପୁସ୍ତିକା, ବଡ ବହି, ଗଳ୍ପ କାର୍ଡ, କବିତା ପୋଷ୍ଟର ଆଦି । ପ୍ରଥମ ଶ୍ରେଣୀର ପ୍ରଥମ ତିନି ମାସ ପାଇଁ ବିଦ୍ୟାପ୍ରବେଶ ପୁସ୍ତିକା ପ୍ରସ୍ତୁତ କରାଯାଇଛି ।

ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତିକା ଓ ସାମଗ୍ରୀଗୁଡ଼ିକୁ ସଫଳ ଭାବରେ ଶ୍ରେଣୀରେ ବ୍ୟବହାର କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଯୋଜନା କରାଯାଇଛି । ପ୍ରଶିକ୍ଷଣ କାର୍ଯ୍ୟଟି ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଏହି ପ୍ରଶିକ୍ଷଣ ପେଟିକାଟି ପ୍ରସ୍ତୁତ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ, ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଶୈକ୍ଷିକ ସହାୟତା ପ୍ରଦାନ କରିବା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ପ୍ରତ୍ୟେକ ଧାରଣାକୁ ଠିକ୍ ଭାବରେ ବୁଝି ଶିକ୍ଷାର୍ଥୀମାନଙ୍କ ପାଖରେ ପ୍ରୟୋଗ କରିବା ଓ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପୁସ୍ତିକା ଓ ସାମଗ୍ରୀଗୁଡ଼ିକ ଫଳପ୍ରଦ ଭାବରେ ପ୍ରୟୋଗ କରିବା । ଏହି ପ୍ରଶିକ୍ଷଣଟି ଚାରିଦିନ ଅବଧି ବିଶିଷ୍ଟ ଓ ୧୬ଟି ଅଧିବେଶନକୁ ନେଇ ଗଠିତ । ଏଥିରେ ମୁଖ୍ୟତଃ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସାମଗ୍ରିକ ଦୃଷ୍ଟିଭଙ୍ଗୀ, ବିଦ୍ୟାପ୍ରବେଶ, ମୌଖିକ ଭାଷା ବିକାଶ, ଡିକୋଡ଼ିଙ୍ଗ୍, ପଠନ ଦକ୍ଷତା, ଲିଖନ ଦକ୍ଷତା, ମୌଳିକ ସଂଖ୍ୟାଜ୍ଞାନରେ CRA ପନ୍ଥାର ବ୍ୟବହାର, ପାଠ୍ୟପୁସ୍ତକ ସହିତ କାର୍ଯ୍ୟପୁସ୍ତିକାର ସମନ୍ୱିତକରଣ, GKA କିଟ୍ ର ବ୍ୟବହାର, ମାନନିର୍ଦ୍ଧାରଣ ପ୍ରକ୍ରିୟା, ପାଠଯୋଜନା ଇତ୍ୟାଦି ଧାରଣାଗୁଡ଼ିକ ସ୍ଥାନ ପାଇଛି । ଭାଷା ଶିକ୍ଷଣରେ ସନ୍ତୁଳିତ ପଦ୍ଧତିର ଉପଯୁକ୍ତ ବ୍ୟବହାର ମାଧ୍ୟମରେ ଶିକ୍ଷାର୍ଥୀମାନେ ପ୍ରାରମ୍ଭିକ ସ୍ତର ଭାଷା ଶିକ୍ଷଣର ମୁଖ୍ୟ ଚାରୋଟି ଉପାଦାନରେ (ମୌଖିକ ଭାଷା ବିକାଶ, ଡିକୋଡ଼ିଙ୍ଗ୍, ପଠନ ଓ ଲିଖନ) କିପରି ଦକ୍ଷତା ହାସଲ କରିବେ ସେହି ବିଷୟରେ ବିସ୍ତୃତ ଆଲୋଚନାର ସୁଯୋଗ ରହିଛି । ଏଥିସହିତ ଗାଣିତିକ କୌଶଳର ବିକାଶ ପାଇଁ ପ୍ରାଥମିକ ଶ୍ରେଣୀରେ CRA (ବାସ୍ତବ, ଚିତ୍ର ଓ ଅମୂର୍ତ୍ତ) ପନ୍ଥାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କୁ ଉଚିତ୍ ମାର୍ଗ ଦେଖେଇବାରେ ସମର୍ଥ ହେବ  ବୋଲି ଆଶା କରାଯାଉଛି ।

ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ସମସ୍ତ ପୁସ୍ତିକାଗୁଡ଼ିକୁ କ୍ରମ ଅନୁସାରେ ବ୍ୟବହାର କରିବା ପାଇଁ ଏହି ପ୍ରଶିକ୍ଷଣ ପେଟିକାଟି ନିଶ୍ଚିତ ଭାବରେ ସହାୟକ ହେବ । ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷକ ପ୍ରଶିକ୍ଷକ, ଅଭିଜ୍ଞ ଶିକ୍ଷକମାନଙ୍କର ମିଳିତ ଉଦ୍ୟମରେ ଏହି ପୁସ୍ତିକାଟି ପ୍ରସ୍ତୁତ କରଯାଇଛି । ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟହେଉଛି ଶ୍ରେଣୀଗୃହରେ ଏହାକୁ ସଫଳ ଭାବରେ ପ୍ରୟୋଗ କରିବା। ସମସ୍ତଙ୍କ ସହାୟତାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଲକ୍ଷ୍ୟ ନିଶ୍ଚିତ ଭାବରେ ହାସଲ ହୋଇପାରିବ ଏହି ବିଶ୍ୱାସ ଆମେ ସମସ୍ତେ ରଖିବା ଉଚିତ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳ ଓ ଫଳପ୍ରଦ କରିବା ପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ ।

# ଅଧିବେଶନ ସୂଚୀ

| ଅଧିବେଶନ / ଦିବସ | ପ୍ରଥମ<br>୧୦.୦୦-୧୧.୩୦ | ଦ୍ୱିତୀୟ<br>୧୧.୩୦ - ୧.୦୦ | ୧ ରୁ ୨ | ତୃତୀୟ<br>୨.୦୦ - ୩.୩୦ | ଚତୁର୍ଥ<br>୩.୩୦ - ୫.୦୦ |
|---|---|---|---|---|---|
| ପ୍ରଥମ | ପଞ୍ଜୀକରଣ, ପ୍ରାକ୍ ପରୀକ୍ଷଣ, ପରିଚୟ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ | ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ : ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ | ମଧ୍ୟାହ୍ନ ଭୋଜନ ବିରତି | ବିଦ୍ୟାପ୍ରବେଶ | ବିଦ୍ୟାପ୍ରବେଶ |
| ଦ୍ୱିତୀୟ | ମୌଖିକ ଭାଷା ବିକାଶ | ମୌଖିକ ଭାଷା ବିକାଶ | | ଡିକୋଡ଼ିଙ୍ଗ୍ | ଡିକୋଡ଼ିଙ୍ଗ୍ |
| ତୃତୀୟ | ପଠନ ଦକ୍ଷତାର ବିକାଶ | ଲିଖନ ଦକ୍ଷତାର ବିକାଶ | | ସଂଖ୍ୟାଜ୍ଞାନରେ CRA ପନ୍ଥାର ବ୍ୟବହାର | ପାଠ୍ୟପୁସ୍ତକ ଓ କାର୍ଯ୍ୟ ପୁସ୍ତକର ସମନ୍ୱିତ କରଣ |
| ଚତୁର୍ଥ | ଗଣିତ କଳିକା ଆନ୍ଦୋଳନ କିଟ୍ ର ବ୍ୟବହାର | ଗଣିତ କଳିକା ଆନ୍ଦୋଳନ କିଟ୍ ର ବ୍ୟବହାର | | ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ମାନନିର୍ଦ୍ଧାରଣ | ପରବର୍ତ୍ତୀ ପରୀକ୍ଷଣ |

# ପ୍ରଶିକ୍ଷଣର ଉଦ୍ଦେଶ୍ୟ ଜ୍ଞାପନ, ପରିଚୟ ପ୍ରଦାନ, ପ୍ରାକ୍ ପରୀକ୍ଷଣ ଓ ଅଭିଜ୍ଞତା ବିନିମୟ

**ଦିବସ : ପ୍ରଥମ**

**ଅଧିବେଶନ : ପ୍ରଥମ** **ଅବଧି : ୧ଘଣ୍ଟା ୩୦ମିନିଟ୍**

**ପ୍ରତ୍ୟାଶିତ ଫଳାଫଳ :**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ -**

- **ନିଜର ପରିଚୟ ପ୍ରଦାନ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଆଧାରରେ ନିଜର ଅଭିଜ୍ଞତା କହିବେ ।**
- **ପ୍ରଶିକ୍ଷଣ କାର୍ଯ୍ୟର ସଫଳ ପରିଚାଳନା ପାଇଁ ଆବଶ୍ୟକ ନିୟମଗୁଡ଼ିକୁ କହିବେ ।**

**ପ୍ରଣାଳୀ -**

**କାର୍ଯ୍ୟ–୧**: ଅଂଶଗ୍ରହଣକାରୀମାନେ U-ଆକାରରେ ବସିବେ । ନିଜ ନିଜର ପରିଚୟ ଦେବା ସହ ନିଜ କାର୍ଯ୍ୟ ପରିସରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ନିଜର ଅଭିଜ୍ଞତା କହିବେ ।

**କାର୍ଯ୍ୟ- ୨: ଖୋଲା ଆଲୋଚନା**

**ପ୍ରଶ୍ନ-୧:** ପ୍ରଶିକ୍ଷଣ କାର୍ଯ୍ୟକୁ ସଫଳ କରିବା ପାଇଁ ଆମେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ?

**କାର୍ଯ୍ୟ-୩: ଦଳଗତ କାର୍ଯ୍ୟ**

ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ଭାଗ କରାଯାଇ ବୃତ୍ତାକାରରେ ବସିବାକୁ ସୂଚନା ଦିଆଯିବ ।

**ପ୍ରଶ୍ନ-୨:** ଉକ୍ତ ଦିଗଗୁଡ଼ିକୁ ଆଧାର କରି କିପରି ପ୍ରତ୍ୟେକ ଦଳକୁ କାର୍ଯ୍ୟ ବଣ୍ଟନ କରାଯାଇପାରିବ ?

| ଦିବସ / କାର୍ଯ୍ୟ | ପ୍ରଥମ | ଦ୍ୱିତୀୟ | ତୃତୀୟ | ଚତୁର୍ଥ |
|---|---|---|---|---|
| ବିବରଣୀ ଲିଖନ | ୧ | ୨ | ୩ | ୪ |
| ପ୍ରାଚୀର ପତ୍ର | ୫ | ୧ | ୨ | ୩ |
| ମୁଖ୍ୟ ଧାରଣା ଲିଖନ | ୪ | ୫ | ୧ | ୨ |
| ଶୃଙ୍ଖଳା | ୩ | ୪ | ୫ | ୧ |
| ପରିଷ୍କାର ପରିଚ୍ଛନ୍ନତା ଓ ସମୟ ପରିଚାଳନା | ୨ | ୩ | ୪ | ୫ |

**ପ୍ରଶ୍ନ-୩: ଆପଣମାନେ ଏହି ପ୍ରଶିକ୍ଷଣକୁ କେଉଁ ଆଶା/ପ୍ରତ୍ୟାଶା ନେଇ ଆସିଛନ୍ତି ?**

**ସାଧନକର୍ମୀ ପ୍ରଶିକ୍ଷଣର ୪ ଦିନର କାର୍ଯ୍ୟକ୍ରମକୁ ସୂଚାଇବେ ।**

# <u>ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ : ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ</u>

**ଦିବସ: ପ୍ରଥମ**

**ଅଧିବେଶନ: ଦ୍ୱିତୀୟ** **ଅବଧି : ୧ ଘଣ୍ଟା ୩୦ ମିନିଟ୍**

**ପ୍ରତ୍ୟାଶିତ ଫଳାଫଳ :**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ -**

- **ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଗୁରୁତ୍ୱକୁ ବୁଝାଇବେ ।**
- **ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଉପାଦାନଗୁଡ଼ିକୁ ଚିହ୍ନଟ କରିବେ ।**
- **ଜାତୀୟ ଶିକ୍ଷାନୀତି ୨୦୨୦ରେ ଉଲ୍ଲେଖିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାର ଦକ୍ଷତା ହାସଲ କରିବେ ।**

**<u>ପ୍ରଣାଳୀ -</u>**

**ସକ୍ରିୟାତ୍ମକ କାର୍ଯ୍ୟ : (ଖୋଲା ଆଲୋଚନା)**

ଅଂଶଗ୍ରହଣକାରୀମାନଙ୍କୁ ଗୋଲାକୃତିରେ ଠିଆ କରି "ଶବ୍ଦ ଖେଳ" ଖେଳାଇବେ । ଖେଳ ପରେ ପ୍ରଶ୍ନ ୧ ପଚାରିବେ ।

**ପ୍ରଶ୍ନ ୧. ଏହି କାର୍ଯ୍ୟଟି କରିବା କିପରି ସମ୍ଭବ ହେଲା ?**

**କାର୍ଯ୍ୟ-୧ :** ଅଂଶଗ୍ରହଣକାରୀମାନଙ୍କୁ ଦଳରେ ଭାଗ କରି ଗୋଲାକୃତିରେ ବସାଇବେ । ପ୍ରତି ଦଳକୁ ଏକ ପରିସ୍ଥିତି ଫର୍ଦ୍ଦ ଦେବେ। ଫର୍ଦ୍ଦକୁ ପଢ଼ି ସାରି ଆଲୋଚନା କରିବା ପରେ ପ୍ରଶ୍ନ ୨ ପଚାରିବେ । (ପରିସ୍ଥିତି ଫର୍ଦ୍ଦ ପାଇଁ ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

**ପ୍ରଶ୍ନ ୨.** ମିତା ପାଖରେ କେଉଁ ସବୁ କୌଶଳ ଥିବାରୁ ସେ ଏହିସବୁ କାର୍ଯ୍ୟ କରିପାରିଲା ?

ସାଧନକର୍ମୀ ପ୍ରଶିକ୍ଷଣ କେନ୍ଦ୍ର କାନ୍ଥରେ ଏକ ତଥ୍ୟ ଫର୍ଦ୍ଦ ଲଗାଇବେ । ପ୍ରଶ୍ନ ୩ ଓ ୪ ପଚାରିବେ ।

**ପ୍ରଶ୍ନ ୩.** ଏହି ତଥ୍ୟ ଫର୍ଦ୍ଦରୁ ପିଲାଙ୍କ ଶିକ୍ଷଣ ସମ୍ପର୍କିତ କେଉଁ ସବୁ ସୂଚନା ମିଳୁଛି ?

**ପ୍ରଶ୍ନ ୪.** ଏହିଭଳି ସ୍ଥିତି କାହିଁକି ହେଲା ?

**କାର୍ଯ୍ୟ-୨: ଖୋଲା ଆଲୋଚନା**

**ପ୍ରଶ୍ନ ୫.** ମୌଳିକ ସ୍ତରରେ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଗୁରୁତ୍ୱ ଅଛି ବୋଲି କାହିଁକି ଭାବୁଛନ୍ତି ?

ଅଂଶଗ୍ରହଣକାରୀଙ୍କୁ ଦଳରେ ଗୋଟିଏ ଲେଖାଏଁ ସୂଚନା ଫର୍ଦ୍ଦ ଦିଆଯିବ । (ସୂଚନା ଫର୍ଦ୍ଦ ପାଇଁ ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ) ସୂଚନା ଫର୍ଦ୍ଦ ଆଧାରରେ ପ୍ରତି ଦୁଇଟି ଦଳକୁ ସମାନ ପ୍ରଶ୍ନ ପଚରାଯିବ ।

**ଦଳ ୧ ଓ ୨ : ପ୍ରଶ୍ନ ୬ -** NIPUN Bharat ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ ?

**ଦଳ ୩ ଓ ୪ : ପ୍ରଶ୍ନ ୭ -** ମୌଳିକ ସାକ୍ଷରତାର କେଉଁ ସବୁ ଉପାଦାନ ବିଷୟରେ ବର୍ଣ୍ଣନା କରାଯାଇଛି ?

**ଦଳ ୫ ଓ ୬ : ପ୍ରଶ୍ନ ୮ -** ମୌଳିକ ସଂଖ୍ୟାଜ୍ଞାନର କେଉଁ ସବୁ ଉପାଦାନ ବିଷୟରେ ବର୍ଣ୍ଣନା କରାଯାଇଛି ?

**କାର୍ଯ୍ୟ-୩: ଦଳଗତ**

**ପ୍ରଶ୍ନ ୯:** ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଲକ୍ଷ୍ୟ ହାସଲ ପାଇଁ କେଉଁ ସବୁ କାର୍ଯ୍ୟ କରାଯିବାର ଆବଶ୍ୟକତା ଅଛି ?

**କାର୍ଯ୍ୟ-୪: ଖୋଲା ଆଲୋଚନା**

**ପ୍ରଶ୍ନ ୧୦:** ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆପଣଙ୍କ ଭୂମିକା କ'ଣ ରହିବ ?

<u>ସାମଗ୍ରୀ :</u>

- ପ୍ରତ୍ୟେକ ଦଳ ପାଇଁ ସୂଚନା ଫର୍ଦ୍ଦ (୧୦ଟି)
- ତଥ୍ୟ ଫର୍ଦ୍ଦ
- ପ୍ରତ୍ୟେକ ଦଳ ପାଇଁ ପରିସ୍ଥିତି ଫର୍ଦ୍ଦ (୧୦ଟି)

## ସାଧନକର୍ମୀଙ୍କ ପାଇଁ ସୂଚନା

### ପରିସ୍ଥିତି ଫର୍ଦ୍ଦ -

ମିତା ଆଠ ବର୍ଷର ଝିଅଟିଏ । ସେ ସବୁଦିନ ଶୋଇବା ବେଳେ ଜେଜେମାଙ୍କ ଠାରୁ ଗପ ଶୁଣେ । ଗପ ଶୁଣିବା ବେଳେ ଅନେକ ପ୍ରଶ୍ନ ପଚାରେ । ସାଙ୍ଗମାନଙ୍କ ସହିତ ବାଲିରେ ଖେଳିବା ବେଳେ କାଠିରେ କେତେ ରକମର ଆକୃତି କରେ । କାନ୍ଥରେ ଓ ଦୋକାନରେ ଲେଖା ହୋଇଥିବା ଚିତ୍ର ଓ ଶବ୍ଦକୁ ପଢ଼ି ଆନନ୍ଦିତ ହୁଏ । ବେଳେବେଳେ ମାଙ୍କ ସହିତ ବଜାରକୁ ଯାଇ ଜିନିଷ କିଣେ ଓ ଦୋକାନୀକୁ ହିସାବ କରି ଠିକ ଟଙ୍କା ମଧ୍ୟ ଦେଇଥାଏ ।

### ତଥ୍ୟ ଫର୍ଦ୍ଦ -

- ଭାରତରେ ୫୫% ବିଦ୍ୟାଳୟରେ ପଢୁଥିବା ପିଲା ପଞ୍ଚମ ଶ୍ରେଣୀ ବେଳକୁ ଛୋଟ ଅନୁଚ୍ଛେଦକୁ ପଢ଼ିପାରନ୍ତି ନାହିଁ । ( World Bank’s Learning Poverty Index)
- ଓଡ଼ିଶାରେ ତୃତୀୟ ଶ୍ରେଣୀର ୬୫% ପିଲା ଭାଷା ଓ ୫୮% ପିଲା ଗଣିତରେ ଦକ୍ଷତା ହାସଲ କରିଛନ୍ତି । ପଞ୍ଚମ ଶ୍ରେଣୀର ୫୧% ପିଲା ଭାଷା ଓ ୫୫% ପିଲା ଗଣିତର ଦକ୍ଷତା ହାସଲ କରିଛନ୍ତି । ( NAS 2017)
- ୭୨% ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ସ୍ତରର ସରଳ ବାକ୍ୟ ପଢ଼ିପାରନ୍ତି ନାହିଁ। ( ASER study)
- ତୃତୀୟ ଶ୍ରେଣୀ ଶେଷ ବେଳକୁ ୭୧.୯% ପିଲା ମୌଳିକ ବିୟୋଗ କ୍ରିୟା କରିପାରନ୍ତି ନାହିଁ। ( ASER study)

### ସୂଚନା ଫର୍ଦ୍ଦ -

ଜାତୀୟ ଶିକ୍ଷାନୀତି ୨୦୨୦ ରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଢାଞ୍ଚାକୁ ପରିବର୍ତ୍ତନ କରାଯାଇଛି । ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚା ଅନୁସାରେ ବିଦ୍ୟାଳୟ ଶିକ୍ଷାକୁ ( ୩ ରୁ ୧୮ ବର୍ଷ ) ଚାରୋଟି ସ୍ତରରେ ଭାଗ କରାଯାଇଛି ।

- ପ୍ରାରମ୍ଭିକ / ମୌଳିକ ସ୍ତର ( ୩ ବର୍ଷ ପ୍ରାକ୍ ବିଦ୍ୟାଳୟ ଓ ପ୍ରଥମ – ଦ୍ୱିତୀୟ ଶ୍ରେଣୀ )
- ପ୍ରସ୍ତୁତି ସ୍ତର ( ତୃତୀୟ ରୁ ପଞ୍ଚମ ଶ୍ରେଣୀ )
- ମଧ୍ୟ ସ୍ତର ( ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ )
- ମାଧ୍ୟମିକ ସ୍ତର ( ନବମ ରୁ ଦ୍ୱାଦଶ ଶ୍ରେଣୀ )

ଭବିଷ୍ୟତର ସମସ୍ତ ବିଦ୍ୟାଳୟ ଶିକ୍ଷା ଓ ଜୀବନ ବ୍ୟାପୀ ଶିକ୍ଷା ନିମନ୍ତେ ପଢ଼ିବା, ଲେଖିବା ଓ ସଂଖ୍ୟା ସହିତ ମୌଳିକ କାର୍ଯ୍ୟ କରିବାର ସାମର୍ଥ୍ୟର ବିକାଶ କରିବା ନିତାନ୍ତ ଆବଶ୍ୟକ । ଦୃଢ ମୌଳିକ କୌଶଳ ସବୁ ପ୍ରକାରର ଶିଖିବା ଓ ଉନ୍ନତ ଜୀବନଯାପନର ଭିତ୍ତି ସ୍ଥାପନ କରିଥାଏ । ଯେଉଁ ପିଲାମାନେ ଠିକ ସମୟରେ ମୌଳିକ କୌଶଳଗୁଡ଼ିକ ଶିଖିପାରନ୍ତିନାହିଁ, ସେମାନେ ଭବିଷ୍ୟତରେ ବି ଶିଖିବାରେ ପଛୁଆ ହୋଇଯାଆନ୍ତି । କିନ୍ତୁ ବିଭିନ୍ନ ସରକାରୀ ଓ ଅଣ ସରକାରୀ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତ ବର୍ଷରେ ୫ କୋଟିରୁ ଅଧିକ ଶିକ୍ଷାର୍ଥୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିପାରିନାହାନ୍ତି ଅର୍ଥାତ ସେମାନେ ମୌଳିକ ପାଠ ବିଷୟବସ୍ତୁକୁ ବୁଝିବା ଓ ଯୋଗ ବିୟୋଗ କରିବାର ସାମର୍ଥ୍ୟ ହାସଲ କରିନାହାନ୍ତି । ଜାତୀୟ ଶିକ୍ଷାନୀତି ୨୦୨୦ ରେ ସମସ୍ତ ଶିଶୁଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ପାଇଁ ଏକ ଜାତୀୟ ମିଶନ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ପ୍ରଦାନ କରାଯାଇଛି । ୨୦୨୧ ମସିହା, ଜୁଲାଇ ମାସରେ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଏହି ମିଶନ ପ୍ରତିଷ୍ଠା କରାଯାଇଛି - NIPUN Bharat (National Initiative for Proficiency in Reading with Understanding and Numeracy) । ଏହି ମିଶନର ଲକ୍ଷ୍ୟ ହେଉଛି ଏକ ଶିକ୍ଷଣ ଅନୁକୂଳ ପରିବେଶ ସୃଷ୍ଟି କରି ୨୦୨୬-୨୭ ସୁଦ୍ଧା ତୃତୀୟ ଶ୍ରେଣୀ ସମାପ୍ତି ବେଳକୁ ସମସ୍ତ ଶିଶୁ ମୌଳିକ ସାକ୍ଷରତା ( ପଢ଼ିବା ଓ ଲେଖିବା ) ଓ ସଂଖ୍ୟାଜ୍ଞାନର ଦକ୍ଷତାଗୁଡ଼ିକୁ ହାସଲ କରିବେ । ଏହି ମିଶନ ତିନି ବର୍ଷରୁ ନଅ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ଉପରେ କେନ୍ଦ୍ରିତ ଅଟେ । ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଶିକ୍ଷା ବ୍ୟବସ୍ଥାର ସର୍ବୋଚ୍ଚ ପ୍ରାଥମିକତା ହେବ । ଜାତୀୟ ଓ ରାଜ୍ୟ ସ୍ତରରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ପ୍ରଣୟନ କରିବା ସହିତ ଅଗ୍ରଗତିକୁ ମଧ୍ୟ ନିରନ୍ତର ସମୀକ୍ଷା କରାଯିବାର ବ୍ୟବସ୍ଥା ରହିଛି ।

ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରସ୍ତାବ ଅନୁଯାୟୀ ଏହି ମିଶନ ନିମ୍ନ କାର୍ଯ୍ୟଗୁଡ଼ିକର ହାସଲ ଉପରେ ଗୁରୁତ୍ୱ ଦେବ ।

- ପିଲାମାନେ ପଢ଼ି ବୁଝିବାରେ ସେମାନଙ୍କୁ ସାହାଯ୍ୟ କରିବା
- ପିଲାମାନଙ୍କୁ ସଂଖ୍ୟା, ମାପ ଓ ଆକୃତିକୁ ବୁଝିବାରେ ସାହାଯ୍ୟ କରିବା
- ଖେଳ ଓ କାର୍ଯ୍ୟ ଭିତ୍ତିକ ଶିକ୍ଷଣ ବ୍ୟବହାର କରିବା
- ପିଲାଙ୍କ ଘରୋଇ / ମାତୃଭାଷାରେ ଶିକ୍ଷାଦାନ କରିବା
- ପିଲାଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଉତ୍ତମ ମାନର ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବା
- ଶିକ୍ଷକ, ଶୈକ୍ଷିକ ସମ୍ବଳ ଗୋଷ୍ଠୀ, ଶିକ୍ଷା ପ୍ରଶାସକଙ୍କ ଦକ୍ଷତା ବୃଦ୍ଧି କରିବା
- ପିଲାଙ୍କ ଶିକ୍ଷଣ ଅଗ୍ରଗତିକୁ ବିଭିନ୍ନ ସାଧନୀ ବ୍ୟବହାର କରି ନିରନ୍ତର ମାନନିର୍ଦ୍ଧାରଣ କରିବା

NIPUN Bharat ପୁସ୍ତିକାରେ ମୌଳିକ ସାକ୍ଷରତା ହାସଲ ପାଇଁ ନିମ୍ନ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି ।

- ମୌଖିକ ଭାଷା ବିକାଶ
- ଡିକୋଡ଼ିଙ୍ଗ୍
- ଧାରା ପ୍ରବାହ ସହିତ ପଢ଼ି ବୁଝିବା
- ଲିଖନ

ସଂଖ୍ୟାଜ୍ଞାନ କହିଲେ ଆମେ ସାଧାରଣତଃ ବୁଝୁ ପିଲାଟି ଯୁକ୍ତିସଙ୍ଗତ ଭାବରେ ସଂଖ୍ୟାକୁ ବୁଝିବା ସହିତ ଦୈନନ୍ଦିନ ଜୀବନରେ ଏହି ସମ୍ପର୍କିତ ସମସ୍ୟାର ସମାଧାନ କରିବା । ଏଥିରେ ନିମ୍ନ ମୌଳିକ ଉପାଦାନ ଗୁଡ଼ିକ ବିଷୟରେ ଆଲୋଚନା କରାଯାଇଛି ।

- ପ୍ରାକ୍ ସଂଖ୍ୟା ଧାରଣା
- ସଂଖ୍ୟା ଓ ସଂଖ୍ୟା ପ୍ରକ୍ରିୟା
- ଆକୃତି
- ମାପ

ପିଲାମାନେ ଶିକ୍ଷଣ ଫଳାଫଳ ହାସଲ ପାଇଁ ଦକ୍ଷତାଭିତ୍ତିକ ଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ତିନୋଟି ବିକାଶାତ୍ମକ ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରାଯାଇଛି ।

ଲକ୍ଷ୍ୟ ୧ : ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତାଧାରୀ ହେବେ

ଲକ୍ଷ୍ୟ ୨ : ପିଲାମାନେ ଫଳପ୍ରଦ ଭାବ ବିନିମୟକାରୀ ହେବେ

ଲକ୍ଷ୍ୟ ୩ : ପିଲାମାନେ ଶିକ୍ଷଣ ରେ ଅଂଶଗ୍ରହଣ କରିବେ ଓ ନିଜ ପରିବେଶ ସହିତ ସଞ୍ଯୋଜିତ ହେବେ

ପ୍ରତ୍ୟେକ ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ତିନୋଟି ବିକଶାତ୍ମକ ଲକ୍ଷ୍ୟ ସ୍ଥିରୀକୃତ କରାଯାଇଛି । ପ୍ରତ୍ୟେକ ଲକ୍ଷ୍ୟ ପାଇଁ କେତେକ ପ୍ରମୁଖ ଦକ୍ଷତା ଓ ପ୍ରତ୍ୟେକ ଦକ୍ଷତା ପାଇଁ କେତେକ ଶିକ୍ଷଣ ଫଳାଫଳ ନିର୍ଦ୍ଧାରିତ ହୋଇଛି । ମୌଳିକ ସ୍ତରରେ ପ୍ରାକ୍ ବିଦ୍ୟାଳୟର ତୃତୀୟ ବର୍ଷକୁ "ବାଲ ବାଟିକା" ଶ୍ରେଣୀ ଭାବରେ ଓ ପ୍ରଥମ ଶ୍ରେଣୀର ପ୍ରଥମ ତିନି ମାସ ପିଲାଙ୍କୁ ବିଦ୍ୟାଳୟ ଶିକ୍ଷା ପ୍ରତି ପ୍ରସ୍ତୁତି କରିବା ପାଇଁ "ବିଦ୍ୟା ପ୍ରବେଶ" କାର୍ଯ୍ୟକ୍ରମ କରାଯିବାର ପ୍ରସ୍ତାବ ରହିଛି ।

ଏହି ମିଶନର ସଞ୍ଚାଳନ ପାଞ୍ଚଟି ସ୍ତରରେ କରାଯାଉଛି - ଜାତୀୟ, ରାଜ୍ୟ, ଜିଲ୍ଲା, ବ୍ଲକ ଓ ବିଦ୍ୟାଳୟ । ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷକ, ସମ୍ବଳ ଗୋଷ୍ଠୀ, ପ୍ରଶାସକ, ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କ ପ୍ରମୁଖ ଭୂମିକା ରହିଛି । ସମସ୍ତଙ୍କ ସହଯୋଗରେ 'ନିପୁଣ ଭାରତ' ମିଶନର ଲକ୍ଷ୍ୟ ସାଧିତ ହୋଇପାରିବ। ।

## <u>ସାଧନକର୍ମୀଙ୍କ ପାଇଁ ସୂଚନା</u>

- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଗୋଲାକୃତି ରେ ଠିଆ କରାଇ ଶବ୍ଦ ଖେଳ ଖେଳାଇବେ । କଲମ – ମଟର – ରବର – ରସଗୋଲା ........ । ଖେଳ ପରେ ପ୍ରଶ୍ନ ୧ ପଚାରିବେ । (ଉତ୍ତରରେ ଶବ୍ଦ ଜ୍ଞାନ, ଅନ୍ୟର କଥା ଶୁଣିବା, ଶବ୍ଦକୁ ଶୁଣି ଅନ୍ୟ ଶବ୍ଦ ସହିତ ସମ୍ପର୍କିତ କରିବା, ସୂଚନାକୁ ବୁଝିବା ଆଦି ଆଲୋଚନା କରାଯିବ ।)
- ପ୍ରଶ୍ନ ୨ ପାଇଁ ଦଳଗତ କାର୍ଯ୍ୟ କରାଯିବ । ୫ /୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ ଗୋଟିଏ ଲେଖାଏଁ ଦଳ କରିବେ। ପ୍ରତ୍ୟେକ ଦଳକୁ ପରିସ୍ଥିତି ଫର୍ଦ୍ଦ ଦିଆଯିବ । ପରିସ୍ଥିତି ଫର୍ଦ୍ଦ ପଢ଼ିସାରିଲା ପରେ ପ୍ରଶ୍ନ ୨ ଆଲୋଚନା କରାଯିବ । ମିତା ପାଖରେ ଶୁଣି ବୁଝିବାର ଦକ୍ଷତା, ପ୍ରଶ୍ନ ପଚାରିବା, ବିଭିନ୍ନ ପ୍ରକାର ଆକୃତି କରିବା, ଶବ୍ଦ ପଠନ, ଯୋଗ, ବିୟୋଗ କୌଶଳର ବିକାଶ ହୋଇଛି ।
- ପ୍ରଶ୍ନ ୩ ଓ ୪ ପାଇଁ ଖୋଲା ଆଲୋଚନା କରାଯିବ । ତଥ୍ୟ ଫର୍ଦ୍ଦ କୋଠରିରେ ଟାଙ୍ଗି ଆଲୋଚନା କରାଯିବ । ତଥ୍ୟ ଫର୍ଦ୍ଦରୁ ପିଲାମାନଙ୍କ ଭାଷା ଓ ଗଣିତର ଶିକ୍ଷଣ ସ୍ଥିତି ବିଷୟରେ ସୂଚନା ମିଳୁଛି । ଆମ ରାଜ୍ୟର ଅଧିକ ସଂଖ୍ୟକ ପିଲା ତୃତୀୟ ଶ୍ରେଣୀ ସୁଦ୍ଧା ମୌଳିକ କୌଶଳ ହାସଲ କରିପାରିନାହାନ୍ତି । ଉଚ୍ଚ ଶ୍ରେଣୀକୁ ଗଲାବେଳେ ଯେମିତିକି ପଞ୍ଚମ ଶ୍ରେଣୀ, ସେମାନେ ସେହି ସ୍ତରର ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ ।
- ଏହିଭଳି ସ୍ଥିତି ହେବାର କେତେକ ମୁଖ୍ୟ କାରଣ ହେଲା ଶ୍ରେଣୀର ଶିକ୍ଷାଦାନ ଶିକ୍ଷା ବ୍ୟବସ୍ଥା ପିଲାଙ୍କ ପାଇଁ ଆନନ୍ଦଦାୟୀ ଓ ପ୍ରାସଙ୍ଗିକ ହେଉନାହିଁ, ଅନିୟମିତ ଉପସ୍ଥାନ, ପିତାମାତାଙ୍କ ପାଠ ପ୍ରତି ସଚେତନତାର ଅଭାବ, ଶିକ୍ଷକଙ୍କ ନିଷ୍କ୍ରିୟତା ଆଦି ।

**ପ୍ରଶ୍ନ ୫ ର ଆଲୋଚନା ସମୟରେ ସାଧନକର୍ମୀ ନିମ୍ନ ବିଷୟ ଉପରେ ଗୁରୁତ୍ୱ ଦେବେ ।**

ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ସମୟ ଅନୁସାରେ ନିପୁଣତା ହାସଲ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ମୁଖ୍ୟକାରଣ ଗୁଡ଼ିକ ହେଉଛି

- ଦୃଢ ମୌଳିକ କୌଶଳ ସବୁ ପ୍ରକାରର ଶିଖିବା ଓ ଏକ ଉନ୍ନତ ଜୀବନଯାପନର ଭିତ୍ତି ସ୍ଥାପନ କରିଥାଏ ।
- ପରବର୍ତ୍ତୀ ଶ୍ରେଣୀଗୁଡ଼ିକରେ ଶୈକ୍ଷିକ ଉପଲବ୍ଧି ପାଇଁ ମୌଳିକ କୌଶଳଗୁଡ଼ିକରେନିପୁଣତା ହାସଲ କରିବା ଆବଶ୍ୟକ।
- ପିଲାମାନଙ୍କର ମସ୍ତିଷ୍କର ପ୍ରାୟ ୮୫ % ଭାଗ ବିକାଶ ୬ ବର୍ଷ ବୟସ ମଧ୍ୟରେ ହୋଇଯାଇଥାଏ । ସେଥିପାଇଁ ପ୍ରାରମ୍ଭିକ ବର୍ଷଗୁଡ଼ିକ ଶିକ୍ଷଣ ପାଇଁ ସବୁଠୁ ଅଧିକ ଗୁରୁତ୍ୱ ପୂର୍ଣ୍ଣ ଅଟେ ।
- ଯେଉଁ ପିଲାମାନେ ଠିକ ସମୟରେ ମୌଳିକ କୌଶଳଗୁଡ଼ିକ ଶିଖିପାରନ୍ତି ନାହିଁ, ସେମାନେ ଭବିଷ୍ୟତରେ ବି ଶିଖିବାରେ ପଛୁଆ ରହିଯାଆନ୍ତି ।
- ଶିକ୍ଷାରେ ସମତା ନିମନ୍ତେ ସବୁ ପିଲାଙ୍କଠାରେ ଠିକ ସମୟରେ ମୌଳିକ କୌଶଳଗୁଡ଼ିକ ବିକଶିତ କରାଯିବା ଜରୁରୀ ଅଟେ ।

**ପ୍ରଶ୍ନ ୬ ରୁ ୯ ପର୍ଯ୍ୟନ୍ତ ସୂଚନା ଫର୍ଦ୍ଦ ଆଧାରରେ ଆଲୋଚନା କରାଯିବ ।**

**ପ୍ରଶ୍ନ ୧୦ ପାଇଁ NIPUN Bharat ର ଲକ୍ଷ୍ୟ ହାସଲ କରିବା ପାଇଁ ଅଂଶଗ୍ରହଣକାରୀଙ୍କ ଭୂମିକା ବିଷୟରେ ଆଲୋଚନା କରାଯିବ।**

- ଶିକ୍ଷକମାନଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ପ୍ରଶିକ୍ଷଣ ଦେବେ ।
- ପିଲାମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ପାଇଁ ଉନ୍ନତ ମାନର ସମ୍ବଳ ସାମଗ୍ରୀ ପ୍ରସ୍ତୁତ କରିବେ
- CRCC ଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ଦକ୍ଷତା ବିକାଶ କରିବେ ।
- ଶ୍ରେଣୀକାର୍ଯ୍ୟ ପର୍ଯ୍ୟବେକ୍ଷଣ କରି ନିରନ୍ତର ସମୀକ୍ଷା ଓ ସକାରାତ୍ମକ ଆଲୋଚନା କରିବେ ।
- ମାନନିର୍ଦ୍ଧାରଣର ପରବର୍ତ୍ତୀ କାର୍ଯ୍ୟ ପନ୍ଥା ସ୍ଥିରୀକୃତ କରି ପ୍ରୟୋଗ କରିବାରେ ସାହାଯ୍ୟ କରିବେ ।
- ଜିଲ୍ଲା ସ୍ତର ଆଲୋଚନାରେ ଭାଗ ନେବେ ।

# ବିଦ୍ୟା ପ୍ରବେଶ

**ଦିବସ : ପ୍ରଥମ**

**ଅଧିବେଶନ : ତୃତୀୟ ଓ ଚତୁର୍ଥ** **ଅବଧି: ୩.୦୦ଘଣ୍ଟା**

**ପ୍ରତ୍ୟାଶିତ ଫଳାଫଳ :**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ -**

- **ବିଦ୍ୟାଳୟ ପ୍ରସ୍ତୁତି ପାଇଁ ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ଆବଶ୍ୟକତା ବୁଝାଇବେ ।**
- **ବିକାଶାତ୍ମକ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳ ମଧ୍ୟରେ ଥିବା ସମ୍ପର୍କକୁ ବର୍ଣ୍ଣନା କରିବେ ।**
- **ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ପରିଚାଳନାର ଦିଗ ଓ ମାନନିର୍ଦ୍ଧାରଣ ପ୍ରକ୍ରିୟା ବୁଝାଇବେ ।**
- **ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆବଶ୍ୟକ କୌଶଳଗୁଡ଼ିକୁ ହାସଲ କରିବେ ।**

**<u>ସକ୍ରିୟାତ୍ମକ କାର୍ଯ୍ୟ – ୧ :ଦଳଗତ କାର୍ଯ୍ୟ (ଆସ ଚିତ୍ରଖଣ୍ଡ ଯୋଡ଼ିବା)</u>** **(୧୦ ମିନିଟ୍)**

ସାଧନକର୍ମୀ ଏହି କାର୍ଯ୍ୟ କରିବା ପାଇଁ ଅଂଶଗ୍ରହଣକାରୀଙ୍କୁ ୬ଟି ଦଳରେ ବସାଇ କାର୍ଯ୍ୟ କରିବେ । କାର୍ଯ୍ୟଟିର ସମ୍ପାଦନ ପରେ ପ୍ରଶ୍ନ୧ ରୁ  ପ୍ରଶ୍ନ-୫ ପର୍ଯ୍ୟନ୍ତ ଖୋଲା ଆଲୋଚନା କରିବେ । (ସକ୍ରିୟାତ୍ମକ କାର୍ଯ୍ୟ ପାଇଁ ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ପ୍ରଶ୍ନ ୧ : ଏହି କାର୍ଯ୍ୟ ଆପଣଙ୍କୁ କେମିତି ଲାଗିଲା?

ପ୍ରଶ୍ନ ୨ : ଏହି କାର୍ଯ୍ୟଟିକୁ ଶ୍ରେଣୀରେ ପିଲାମାନଙ୍କ ପାଇଁ କରିଲେ ସେମାନଙ୍କୁ କିପରି ଲାଗିବା ?

ପ୍ରଶ୍ନ ୩ : ଏହି କାର୍ଯ୍ୟଟିକୁ କରିବା ଦ୍ୱାରା ପିଲାଙ୍କର କେଉଁ ଦକ୍ଷତା ଗୁଡ଼ିକର ବିକାଶ ହେବାର ସୁଯୋଗ ରହିଛି ?

ପ୍ରଶ୍ନ ୪ : ଏହିଭଳି କାର୍ଯ୍ୟ ମାଧ୍ୟମରେ ପିଲାମାନଙ୍କୁ ବିଦ୍ୟାଳୟ ଶିକ୍ଷା ପ୍ରତି ଆଗ୍ରହୀ କରାଯାଇପାରିବ କି ? ହଁ/ନା କାହିଁକି ?

(ସାଧନକର୍ମୀ ଅଂଶଗ୍ରହଣକାରୀଙ୍କର ସମସ୍ତ ଉତ୍ତରକୁ ଗ୍ରହଣ କରିବେ ଓ ଉତ୍ତରକୁ ଆଧାରକରି କାର୍ଯ୍ୟଟିକୁ ଆଗେଇନେବେ)

**<u>କାର୍ଯ୍ୟ – ୨:ଖୋଲା ଆଲୋଚନା</u>** **(୨୦ମିନିଟ୍)**

ଅଂଶଗ୍ରହଣକାରୀଙ୍କୁ ବିଦ୍ୟାପ୍ରବେଶର ଧାରଣା  ଆଧାରିତ ତଥ୍ୟଫର୍ଦ୍ଦ-୧  ଦିଆଯିବ ଏବଂ ତଥ୍ୟଫର୍ଦ୍ଦ ଆଧାରରେ ନିମ୍ନ ପ୍ରଶ୍ନ ଗୁଡ଼ିକର ଆଲୋଚନା କରାଯିବ ।  (ତଥ୍ୟଫର୍ଦ୍ଦ-୧ ପାଇଁ ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ପ୍ରଶ୍ନ ୧ : ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମ କହିଲେ ଆପଣ କ'ଣ ବୁଝିଛନ୍ତି?

ପ୍ରଶ୍ନ ୨ : ଏହି କାର୍ଯ୍ୟକ୍ରମଟି କେଉଁ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ?

ପ୍ରଶ୍ନ ୩ : ଏହି କାର୍ଯ୍ୟକ୍ରମର ସମୟ ଅବଧି ସଂପର୍କରେ କ'ଣ କୁହାଯାଇଛି ?

ପ୍ରଶ୍ନ ୪ : ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ଆବଶ୍ୟକତା କ'ଣ ରହିଛି ?

ପ୍ରଶ୍ନ ୫ : ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ ରହିଛି ?

ପ୍ରଶ୍ନ ୬ : ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ଶିକ୍ଷଣ ପ୍ରକ୍ରିୟା ବିଷୟରେ କେଉଁ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି ?

ପ୍ରଶ୍ନ ୭ : ବିଦ୍ୟା ପ୍ରବେଶରେ କେଉଁ ବିକଶାତ୍ମକ ଲକ୍ଷ୍ୟ ଗୁଡ଼ିକ ବିଷୟରେ କୁହାଯାଇଛି ?

**<u>କାର୍ଯ୍ୟ – ୩ :ଦଳଗତ କାର୍ଯ୍ୟ  ଓ ଉପସ୍ଥାପନା</u>** **(୭୦ ମିନିଟ୍ )**

ଅଂଶଗ୍ରହଣକାରୀମାନଙ୍କୁ ୭ଟି ଦଳରେ ଭାଗ କରାଯିବ । ପ୍ରତିଦଳକୁ ତଥ୍ୟଫର୍ଦ୍ଦ ଦିଆଯିବ ଏବଂ ତାହାର ଉପସ୍ଥାପନା କରାଯିବ । (ତଥ୍ୟଫର୍ଦ୍ଦ ପାଇଁ ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ଦଳ ୧ : କାର୍ଯ୍ୟକ୍ରମର ଯୋଜନା: ମାସିକ / ସାପ୍ତାହିକ (ତଥ୍ୟଫର୍ଦ୍ଦ-୨)

ଦଳ ୨ : ଦୈନିକ କାର୍ଯ୍ୟ  ଯୋଜନା ଓ ପରିଚାଳନା (ତଥ୍ୟଫର୍ଦ୍ଦ-୩)

ଦଳ ୩ : ପିଲାଙ୍କ ଶିକ୍ଷଣରେ ପରିବାର ଓ  ଗୋଷ୍ଠୀ ସଂପୃକ୍ତି (ତଥ୍ୟଫର୍ଦ୍ଦ-୪)

ଦଳ ୪ : ବିକାଶାତ୍ମକ ଲକ୍ଷ୍ୟ-୧ ଓ ଶିକ୍ଷଣ ଫଳାଫଳ (ତଥ୍ୟଫର୍ଦ୍ଦ-୫)

ଦଳ ୫ : ବିକାଶାତ୍ମକ ଲକ୍ଷ୍ୟ-୨ ଓ ଶିକ୍ଷଣ ଫଳାଫଳ (ତଥ୍ୟଫର୍ଦ୍ଦ-୬)

ଦଳ ୬ : ବିକାଶାତ୍ମକ ଲକ୍ଷ୍ୟ-୩ ଓ ଶିକ୍ଷଣ ଫଳାଫଳ (ତଥ୍ୟଫର୍ଦ୍ଦ-୭)

ଦଳ ୭ : ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମରେ ମାନନିର୍ଦ୍ଧାରଣ (ତଥ୍ୟଫର୍ଦ୍ଦ-୮)

**ଦଳ ୧ : କାର୍ଯ୍ୟକ୍ରମର ଯୋଜନା: ମାସିକ / ସାପ୍ତାହିକର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧ : ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ ଯୋଜନାରେ କେଉଁ ଦିଗଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି ?

ପ୍ରଶ୍ନ ୨ : ମାସିକ କାର୍ଯ୍ୟ ଯୋଜନାରେ କ'ଣ କୁହାଯାଇଛି ?

ପ୍ରଶ୍ନ ୩ : ସାପ୍ତାହିକ କାର୍ଯ୍ୟ ଯୋଜନାରେ କ'ଣ କୁହାଯାଇଛି ?

**ଦଳ ୨ : ଦୈନିକ କାର୍ଯ୍ୟ  ଯୋଜନା ଓ ପରିଚାଳନାର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧ : ଦୈନିକ କାର୍ଯ୍ୟ ଯୋଜନାରେ କେଉଁ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଛି?

ପ୍ରଶ୍ନ ୨ : ଏହି କାର୍ଯ୍ୟଗୁଡ଼ିକର ପରିଚାଳନା କରିବା ସମୟରେ କେଉଁ ଦିଗ ପ୍ରତି ଦୃଷ୍ଟି ଦିଆଯିବ ?

**ଦଳ ୩ : ପିଲାଙ୍କ ଶିକ୍ଷଣରେ ପରିବାର ଓ ଗୋଷ୍ଠୀ ସଂପୃକ୍ତିର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧ : ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମରେ ପିଲାଙ୍କ ଶିକ୍ଷଣ ପାଇଁ ପରିବାର ଓ ଗୋଷ୍ଠୀ ସଂପୃକ୍ତିର ଆବଶ୍ୟକତା କାହିଁକି ରହିଛି?

ପ୍ରଶ୍ନ ୨ : ପରିବାର ଓ ଗୋଷ୍ଠୀଙ୍କୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ କିପରି ସାମିଲ କରାଯାଇପାରିବ ?

**ଦଳ ୪ : ବିକାଶାତ୍ମକ ଲକ୍ଷ୍ୟ-୧ ଓ ଶିକ୍ଷଣ ଫଳାଫଳର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧. ବିକାଶାତ୍ମକ ଲକ୍ଷ୍ୟ-୧ (Developmental Goal) ଶିକ୍ଷାର୍ଥୀର କେଉଁ ଦିଗର ବିକାଶ ପାଇଁ ଉଦ୍ଦିଷ୍ଟ ?

ପ୍ରଶ୍ନ ୨. ବିକାଶାତ୍ମକ ଲକ୍ଷ୍ୟ-୧ ରେ କେଉଁ କେଉଁ ଦକ୍ଷତାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ?

ପ୍ରଶ୍ନ ୩. କେଉଁ ଶିକ୍ଷଣ ଫଳାଫଳ ମାଧ୍ୟମରେ ବିକାଶାତ୍ମକ ଲକ୍ଷ୍ୟ-୧ର ଦକ୍ଷତା ହାସଲ କରାଯାଇପାରିବ?

ପ୍ରଶ୍ନ ୪. ଏହି ବିକାଶାତ୍ମକ ଲକ୍ଷ୍ୟକୁ ହାସଲ କରିବା ପାଇଁ ଯେକୌଣସି ଗୋଟିଏ ଶିକ୍ଷଣ କାର୍ଯ୍ୟର ଉଦାହରଣ ଦିଅନ୍ତୁ ।

ପ୍ରଶ୍ନ ୫. ଏହିଭଳି ଆଉ କେଉଁ କେଉଁ କାର୍ଯ୍ୟ କରାଯାଇପାରିବ?

**ଦଳ ୫ : ବିକାଶାତ୍ମକ ଲକ୍ଷ୍ୟ-୨ ଓ ଶିକ୍ଷଣ ଫଳାଫଳର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧. ବିକାଶାତ୍ମକ ଲକ୍ଷ୍ୟ-୨ ଶିକ୍ଷାର୍ଥୀଙ୍କର କେଉଁ ଦିଗର ବିକାଶ ପାଇଁ ଉଦ୍ଦିଷ୍ଟ ?

ପ୍ରଶ୍ନ ୨. ବିକାଶାତ୍ମକ ଲକ୍ଷ୍ୟ-୨ ରେ କେଉଁ କେଉଁ ଦକ୍ଷତାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ?

ପ୍ରଶ୍ନ ୩. କେଉଁ ଶିକ୍ଷଣ ଫଳାଫଳ ମାଧ୍ୟମରେ ବିକାଶାତ୍ମକ ଲକ୍ଷ୍ୟ-୨ର ଦକ୍ଷତା ହାସଲ କରାଯାଇପାରିବ?

ପ୍ରଶ୍ନ ୪. ଏହି ବିକାଶାତ୍ମକ ଲକ୍ଷ୍ୟକୁ ହାସଲ କରିବା ପାଇଁ ଯେକୌଣସି ଗୋଟିଏ ଶିକ୍ଷଣ କାର୍ଯ୍ୟର ଉଦାହରଣ ଦିଅନ୍ତୁ ।

ପ୍ରଶ୍ନ ୫. ଏହିଭଳି ଆଉ କେଉଁ କେଉଁ କାର୍ଯ୍ୟ କରାଯାଇପାରିବ?

**ଦଳ ୬ : ବିକାଶାତ୍ମକ ଲକ୍ଷ୍ୟ-୩ ଓ ଶିକ୍ଷଣ ଫଳାଫଳର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧. ବିକାଶାତ୍ମକ ଲକ୍ଷ୍ୟ-୩ ଶିକ୍ଷାର୍ଥୀର କେଉଁ ଦିଗର ବିକାଶ ପାଇଁ ଉଦ୍ଦିଷ୍ଟ ?

ପ୍ରଶ୍ନ ୨. ବିକାଶାତ୍ମକ ଲକ୍ଷ୍ୟ-୩ ରେ କେଉଁ କେଉଁ ଦକ୍ଷତାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ?

ପ୍ରଶ୍ନ ୩. କେଉଁ ଶିକ୍ଷଣ ଫଳାଫଳ ମାଧ୍ୟମରେ ବିକାଶାତ୍ମକ ଲକ୍ଷ୍ୟ-୩ ର ଦକ୍ଷତା ହାସଲ କରାଯାଇପାରିବ?

ପ୍ରଶ୍ନ ୪. ଏହି ବିକାଶାତ୍ମକ ଲକ୍ଷ୍ୟକୁ ହାସଲ କରିବା ପାଇଁ ଯେକୌଣସି ଗୋଟିଏ ଶିକ୍ଷଣ କାର୍ଯ୍ୟର ଉଦାହରଣ ଦିଅ ।

ପ୍ରଶ୍ନ ୫. ଏହିଭଳି ଆଉ କେଉଁ କେଉଁ କାର୍ଯ୍ୟ କରାଯାଇପାରିବ?

**ଦଳ ୭ : ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମରେ ମାନନିର୍ଦ୍ଧାରଣର ଆଲୋଚନା ପ୍ରଶ୍ନ :-**

ପ୍ରଶ୍ନ ୧. ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀଙ୍କର ମାନନିର୍ଦ୍ଧାରଣ କେଉଁ ପ୍ରକାର ଉପାୟରେ କରାଯାଇପାରିବ?

ପ୍ରଶ୍ନ ୨. ଶିକ୍ଷାର୍ଥୀର ଶିକ୍ଷଣ ପ୍ରଗତି ଜାଣିବା ପାଇଁ ମାନନିର୍ଦ୍ଧାରଣ କେବେ କରାଯିବ ଓ କେତେଥର କରାଯିବ ?

ପ୍ରଶ୍ନ ୩. ମାନନିର୍ଦ୍ଧାରଣ ଫର୍ଦ୍ଦରେ କେଉଁ କେଉଁ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି?

**କାର୍ଯ୍ୟ – ୪ : ଦଳଗତ କାର୍ଯ୍ୟ (ପ୍ରଦର୍ଶନ)** **(୬୦ ମିନିଟ୍)**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ୬ଟି ଦଳରେ ଭାଗ କରିବେ । ପ୍ରତ୍ୟେକ ଦଳକୁ ଗୋଟିଏ ଦିନର ନମୁନା କାର୍ଯ୍ୟ ଦେବେ । ତଳେ ଦିଆଯାଇଥିବା ଅଭିନୟ ପାଇଁ କାର୍ଯ୍ୟ ଦେବେ। (ସାଧନକର୍ମୀଙ୍କ ପାଇଁ ସୂଚନା ଦେଖନ୍ତୁ)

ଦଳ ୧ : ପ୍ରାରମ୍ଭିକ କାର୍ଯ୍ୟ (Circle Time)

ଦଳ ୨ : ବିକାଶାତ୍ମକ ଲକ୍ଷ୍ୟ-୧ର କାର୍ଯ୍ୟ (DG1)

ଦଳ ୩ : ବିକାଶାତ୍ମକ ଲକ୍ଷ୍ୟ-୨ର କାର୍ଯ୍ୟ (DG2)

ଦଳ ୪ : ବିକାଶାତ୍ମକ ଲକ୍ଷ୍ୟ-୩ର କାର୍ଯ୍ୟ (DG3)

ଦଳ ୫ : ମୁକ୍ତ ଖେଳ ଓ ନିର୍ଦ୍ଦେଶିତ ଖେଳ (Free Play and Guided Play)

ଦଳ ୬ : ବିଦାୟ କାର୍ଯ୍ୟ (Goodbye Circle)

**(ପ୍ରତ୍ୟେକ ଦଳର ପ୍ରଦର୍ଶନ ପରେ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନା କରାଯିବ । ଦଳ ୧, ୫ ଓ ୬ ପାଇଁ ପ୍ରଶ୍ନ ୩ ଆଲୋଚନା କରାଯିବ ନାହିଁ ।)**

**ପ୍ରଶ୍ନ ୧:** ଏହି କାର୍ଯ୍ୟଟି ପିଲାମାନଙ୍କ ପାଇଁ କାହିଁକି କରିବାର ଆବଶ୍ୟକ ରହିଛି ?

**ପ୍ରଶ୍ନ ୨**: ଏହି ପର୍ଯ୍ୟାୟରେ ଆଉ କେଉଁ ପ୍ରକାରର କାର୍ଯ୍ୟ କରାଯାଇପାରିବ ?

**ପ୍ରଶ୍ନ ୩:** ଏହି କାର୍ଯ୍ୟଟି ଦ୍ୱାରା କେଁଉ ଶିକ୍ଷଣ ଫଳାଫଳ ହାସଲ ହେବାର ସୁଯୋଗ ରହିଛି ?

**କାର୍ଯ୍ୟ-୫ ଖୋଲା ଆଲୋଚନା**

**ପ୍ରଶ୍ନ ୧** : ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ କେଉଁ ସାମଗ୍ରୀର ବ୍ୟବହାର କରିବା ?

**ସଂକ୍ଷେପଣ :**

ପ୍ରଶ୍ନ ୧ : ଏହି ଅଧିବେଶନର ଆମେ କ'ଣ ସବୁ କାର୍ଯ୍ୟ କଲେ ? **(୨୦ ମିନିଟ୍)**

ପ୍ରଶ୍ନ ୨ : ଏହି ଅଧିବେଶନରେ ଆମେ ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମର କେଉଁ ଦିଗ ଗୁଡ଼ିକ ଉପରେ ଆଲୋଚନା କଲେ ?

ପ୍ରଶ୍ନ ୩ : ଏହି କାର୍ଯ୍ୟର ସଫଳ କାର୍ଯ୍ୟକାରିତା ପାଇଁ ଆପଣମାନଙ୍କର ଭୂମିକା କ'ଣ ରହିଛି?

## ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ ପାଇଁ ସୂଚନା:**

ସାଧନକର୍ମୀ ୬ ପ୍ରକାର ଚିତ୍ରର puzzle cardକୁ ମିଶାଇଦେବେ, ଅଂଶଗ୍ରହଣକାରୀଙ୍କୁ ୬ଟି ଦଳରେ ଭାଗ କରାଯିବ ଏବଂ ପ୍ରତିଦଳକୁ କିଛି ମିଶ୍ରିତ ଚିତ୍ରଖଣ୍ଡ ଦିଆଯିବ । ସାଧନକର୍ମୀ ପ୍ରତ୍ୟେକ ଦଳକୁ ସେହି ଚିତ୍ରଖଣ୍ଡଗୁଡ଼ିକୁ ନେଇ ଗୋଟିଏ ଲେଖାଏଁ ଚିତ୍ରକୁ ସଂପୂର୍ଣ୍ଣ ରୂପ ଦେବା ପାଇଁ ସୂଚନା ଦେବେ । ଏଥିପାଇଁ ପ୍ରତିଦଳକୁ ଅନ୍ୟଦଳ ପାଖରେ ଥିବା ଚିତ୍ରଖଣ୍ଡର ଆବଶ୍ୟକତା ପଡ଼ିବ । ପ୍ରତିଦଳ ନିଜର ଡାହାଣ ପଟ ଦଳକୁ ପ୍ରତିଥର ଗୋଟିଏ ଖଣ୍ଡ ଚିତ୍ର ଦେବେ । ଏହିପରି ଚିତ୍ରଖଣ୍ଡ ଗୁଡ଼ିକୁ ଚିତ୍ର ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ pass କରାଯିବ । କୌଣସି ଦଳ କାହାକୁ ଆବଶ୍ୟକୀୟ ଚିତ୍ରଖଣ୍ଡ ମାଗିବେ ନାହିଁ କିମ୍ବା ବାମ ପାଖକୁ ଦେବେ ନାହିଁ ।

**ପ୍ରଶ୍ନ-**୧,୨,୪ ଓ ୫ର ଉତ୍ତର ମୁକ୍ତ ଭାବେ ଆଲୋଚନା କରାଯିବ ।

**ପ୍ରଶ୍ନ-୩:** ସମସ୍ୟା ସମାଧାନ, ପର୍ଯ୍ୟବେକ୍ଷଣ, ଭାବ ବିନିମୟ, ଚିହ୍ନଟିକରଣ ଇତ୍ୟାଦି

**ସାମଗ୍ରୀ :** ହାତୀ , ବାଘ , ସିଂହ , ଭାଲୁ, ହରିଣ, ଓ ଗୟଳର ଚିତ୍ରଗୁଡ଼ିକର puzzle card

**କାର୍ଯ୍ୟ-୨: ଖୋଲା ଆଲୋଚନା**

## ତଥ୍ୟ ଫର୍ଦ୍ଦ ୧

## (ବିଦ୍ୟାପ୍ରବେଶ କ'ଣ ଓ କାହିଁକି )

ଆମ ରାଜ୍ୟରେ ପିଲାମାନଙ୍କ ପାଠ ପଢା ବିଗତ ଦୁଇଟି ଶିକ୍ଷାବର୍ଷ ହେଲା କୋଭିଡ ମହାମାରୀ ଯୋଗୁଁ ପ୍ରଭାବିତ ହୋଇଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀକୁ ଆସୁଥିବା ପିଲାମାନଙ୍କୁ ଠିକ ଭାବରେ ବିଦ୍ୟାଳୟ ପାଠ ସହ ଯୋଡ଼ିବା ଓ ସେମାନଙ୍କ ପାଇଁ ଏକ ଆନନ୍ଦମୟ ଶିକ୍ଷଣ ପରିବେଶ ତିଆରି କରିବା ପାଇଁ, ଜାତୀୟ ଶିକ୍ଷାନୀତି (NEP-୨୦୨୦) ଆଧାରରେ ଆମ ରାଜ୍ୟରେ ବିଦ୍ୟାପ୍ରବେଶ କାର୍ଯ୍ୟକ୍ରମ କରାଯିବାର ଯୋଜନା କରାଯାଇଛି । ବିଦ୍ୟାପ୍ରବେଶ NIPUN Bharat ତଥା ଜାତୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କର ଗୁଣାତ୍ମକ ଶିକ୍ଷା, ଯତ୍ନ ଓ ବିକାଶ କଥା କୁହାଯାଇଛି ଯାହା ଦ୍ୱାରା ୨୦୩୦ ମସିହା ସୁଦ୍ଧା ପ୍ରଥମ ଶ୍ରେଣୀକୁ ଆସୁଥିବା ସମସ୍ତ ପିଲାମାନଙ୍କର ବିଦ୍ୟାଳୟ ପ୍ରସ୍ତୁତିକୁ ନିଶ୍ଚିତ କରିହେବ । ତେଣୁ ଏଥିରେ ଖେଳ ଆଧାରିତ ଶିକ୍ଷା ମାଧ୍ୟମରେ ପିଲାଟିର ବୌଦ୍ଧିକ ଓ ଭାଷାଗତ ଦକ୍ଷତା ବଢାଇବା ଯାହାକି ପିଲାଟିକୁ ପଢ଼ିବା, ଲେଖିବା ଓ ସଂଖ୍ୟା ସମ୍ବନ୍ଧୀୟ ଶିକ୍ଷଣ ସହ ଯୋଡ଼ିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି । ଦିବ୍ୟାଙ୍ଗ ପିଲାଙ୍କ ଉପରେ ଗୁରୁତ୍ୱ ଦେବା ସହ ଶ୍ରେଣୀରେ ପିଲାଟିର ମାତୃଭାଷା ଓ ସାଙ୍କେତିକ ଭାଷା ବ୍ୟବହାର ଉପରେ ମଧ୍ୟ ଯୋର ଦିଆଯାଇଛି ।

**ସୂଚନା: ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୁଡ଼ିକ ଆଲୋଚନା କରାଯିବ ।**

**ପ୍ରଶ୍ନ-୧ :** ବିଦ୍ୟାପ୍ରବେଶ, NIPUN Bharat ତଥା ଜାତୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମିଶନର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ । ଏହା ତିନି ମାସିଆ ଖେଳ ଆଧାରିତ ବିଦ୍ୟାଳୟ ପ୍ରସ୍ତୁ1ତି କାର୍ଯ୍ୟକ୍ରମ ।

<u>ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ରୂପରେଖ</u>

- ତିନି ମାସିଆ ଖେଳ ଆଧାରିତ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ ।
- ମୌଳିକ ସ୍ତରର ୬-୭ ବର୍ଷ (ପ୍ରଥମ ଶ୍ରେଣୀ) ପିଲାଙ୍କ ପାଇଁ ଶିକ୍ଷାବର୍ଷ ଆରମ୍ଭରୁ ଏହା କରାଯିବ।
- ଏଥିପାଇଁ ଶିକ୍ଷକ ସହାୟକ ପୁସ୍ତିକା ଓ କାର୍ଯ୍ୟ ପୁସ୍ତିକା ପ୍ରସ୍ତୁତ କରାଯାଇଛି ।
- ପ୍ରତି ସପ୍ତାହରେ ପାଞ୍ଚ ଦିନ ଓ ଦୈନିକ ୪ ଘଣ୍ଟା ଏହି କାର୍ଯ୍ୟ କରିବା।
- ଷଷ୍ଠ ଦିନ ପୂର୍ବରୁ କରାଯାଇଥିବା କାମର ପୁନରାଲୋଚନା କରିବା ।
- ବାଲବାଟିକାର ତିନୋଟି ବିକଶାତ୍ମକ ଲକ୍ଷ୍ୟର ଦକ୍ଷତା ଓ ଶିକ୍ଷଣ ଫଳାଫଳକୁ ହାସଲ କରିବା ପାଇଁ ସୁଯୋଗ

<u>ବିକାଶାତ୍ମକ ଲକ୍ଷ୍ୟ (The Developmental Goals)</u>

**ବିକାଶାତ୍ମକ ଲକ୍ଷ୍ୟ- ୧ :** ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ବଜାୟ ରଖିବେ

(ପିଲାର ଶାରୀରିକ, ମାଂସପେଶୀୟ, ସାମାଜିକ ଓ ଆବେଗିକ ବିକାଶ ସହ ନିରାପଦ ପରିବେଶ, ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଓ ଉତ୍ତମ ପରିମଳର ବ୍ୟବସ୍ଥା କରିବା । )

**ବିକାଶାତ୍ମକ ଲକ୍ଷ୍ୟ-୨ :** ପିଲାମାନେ ଫଳପ୍ରଦ ଭାବବିନିମୟକାରୀ ହେବେ

(ପିଲାର ଭାଷା ଓ ସାକ୍ଷରତାର ମୂଳଦୁଆକୁ ଗଢ଼ିବା )

**ବିକାଶାତ୍ମକ ଲକ୍ଷ୍ୟ- ୩ :** ପିଲାମାନେ ସମ୍ପୃକ୍ତ ଶିକ୍ଷାର୍ଥୀ ହେବେ ଓ ନିକଟ ପରିବେଶ ସହ ଯୋଡ଼ି ଶିଖିବେ

(ସଂଖ୍ୟାର ମୂଳଦୁଆ ନିର୍ମାଣ କରିବା ଓ ପିଲାଟିକୁ ସିଧାସଳଖ ଶାରୀରିକ, ସାମାଜିକ ଓ ପ୍ରାକୃତିକ ପରିବେଶ ସହ ଯୋଡ଼ିବା)



**ପ୍ରଶ୍ନ-୨ :** ମୌଳିକ ସ୍ତରର ୬-୭ ବର୍ଷ (ପ୍ରଥମ ଶ୍ରେଣୀ) ପିଲାଙ୍କ ପାଇଁ  ଶିକ୍ଷାବର୍ଷ ଆରମ୍ଭରୁ ଏହା କରାଯିବ।




*Fig. 1: Transaction Stage of Vidya Pravesh*

**ପ୍ରଶ୍ନ-୩:** ତିନି ମାସ/ ୧୨ ସପ୍ତାହ ଓ ଦୈନିକ ୪ ଘଣ୍ଟା

**ପ୍ରଶ୍ନ-୪: ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ଆବଶ୍ୟକତା-**

Sustainable development Goal (SDG) 4

"୨୦୩୦ ସୁଦ୍ଧା ପ୍ରତ୍ୟେକ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଗୁଣାତ୍ମକ ବାଲ୍ୟକାଳର ବିକାଶ, ଯତ୍ନ ଏବଂ ପ୍ରାକ୍-ପ୍ରାଥମିକ ଶିକ୍ଷା ଦେବା ନିତ୍ୟାନ୍ତ ଆବଶ୍ୟକ" ।

ଯେପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଏକ ଗୁଣାତ୍ମକ ECCE କାର୍ଯ୍ୟକ୍ରମ ଉପଲବ୍ଧ ନହୋଇଛି ସେ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରେ ପ୍ରବେଶ କରୁଥିବା ପିଲାମାନେ ବିଦ୍ୟାଳୟ ପାଇଁ ପ୍ରସ୍ତୁତି ଅଭାବରୁ ପଛରେ ନ ରହିଯିବା ପାଇଁ ଭାବରେ ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

**ପ୍ରଶ୍ନ-୫: ବିଦ୍ୟା ପ୍ରବେଶ କାର୍ଯକ୍ରମର ଉଦ୍ଦେଶ୍ୟ -**

- ବିଭିନ୍ନ ପୃଷ୍ଠଭୂମିରୁ ପ୍ରଥମ ଶ୍ରେଣୀରେ ପ୍ରବେଶ କରୁଥିବା ସମସ୍ତ ପିଲାଙ୍କ ପାଇଁ ବିଦ୍ୟାଳୟର ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ।
- ପ୍ରଥମ ଶ୍ରେଣୀରେ ପିଲାମାନଙ୍କର ସୁଗମ ସ୍ଥାନାନ୍ତରକୁ (smooth transition)  ନିଶ୍ଚିତ କରିବା ।
- ସାମଗ୍ରିକ ବିକାଶ ପାଇଁ ଏକ ଆନନ୍ଦଦାୟକ ଏବଂ ଉତ୍ସାହଜନକ ପରିବେଶରେ ଖେଳ-ଆଧାରିତ ଏବଂ ବୟସ ଓ ବିକାଶ ଉପଯୋଗୀ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିବା ।
- ଖେଳ ଆଧାରିତ ପଦ୍ଧତି ବ୍ୟବହାର କରି ପିଲାମାନଙ୍କୁ ବୌଦ୍ଧିକ ଏବଂ ଭାଷାଭିତ୍ତିକ ଦକ୍ଷତା ହାସଲ ପାଇଁ ଶିକ୍ଷଣ କାର୍ଯ୍ୟ କରାଯିବ ଯାହା ସେମାନଙ୍କୁ ପଢ଼ିବା, ଲେଖିବା ଏବଂ ସଂଖ୍ୟାଜ୍ଞାନର ବିକାଶରେ ମଧ୍ୟ ସାହାଯ୍ୟ କରିବ ।

**ପ୍ରଶ୍ନ-୬ :** ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମର ଶିକ୍ଷଣ ପ୍ରକ୍ରିୟାରେ ମୁଖ୍ୟତଃ ଖେଳ, ପାରସ୍ପରିକ କ୍ରିୟା ଓ ପରିବେଶ

**ପ୍ରଶ୍ନ-୭ :** ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମରେ ତିନୋଟି ବିକଶାତ୍ମକ ଲକ୍ଷ୍ୟ ବିଷୟରେ କୁହାଯାଇଛି

- **ବିକାଶାତ୍ମକ ଲକ୍ଷ୍ୟ-୧ :** ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ବଜାୟ ରଖିବେ
- **ବିକାଶାତ୍ମକ ଲକ୍ଷ୍ୟ-୨ :** ପିଲାମାନେ ଫଳପ୍ରଦ ଭାବବିନିମୟକାରୀ  ହେବେ
- **ବିକାଶାତ୍ମକ ଲକ୍ଷ୍ୟ-୩:** ପିଲାମାନେ ସମ୍ପୃକ୍ତ ଶିକ୍ଷାର୍ଥୀ ହେବେ ଓ ନିକଟ ପରିବେଶ ସହ ଯୋଡ଼ି ଶିଖିବେ

**<u>କାର୍ଯ୍ୟ – ୩ :ଦଳଗତ କାର୍ଯ୍ୟ  ଓ ଉପସ୍ଥାପନା</u>**

ଅଂଶଗ୍ରହଣକାରୀମାନଙ୍କୁ ୭ଟି ଦଳରେ ଭାଗ କରାଯିବ । ପ୍ରତିଦଳକୁ ଗୋଟିଏ ଲେଖାଏ ତଥ୍ୟଫର୍ଦ୍ଦ ଦିଆଯିବ। ପ୍ରତିଦଳ ତଥ୍ୟଫର୍ଦ୍ଦ ପାଇଁ ଉଦ୍ଦିଷ୍ଟ ଥିବା ପ୍ରଶ୍ନ ଆଧାରରେ ନିଜର ଉପସ୍ଥାପନା କରିବେ । ସାଧନକର୍ମୀ ଦଳକୁ ଦିଆଯାଇଥିବା ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ଉତ୍ତରକୁ ଆଲୋଚନା କରିବେ ଓ ସଂକ୍ଷେପଣ କରିବେ ।

## ତଥ୍ୟ ଫର୍ଦ୍ଦ ୨

## କାର୍ଯ୍ୟକ୍ରମର ଯୋଜନା (ମାସିକ ଓ ସାପ୍ତାହିକ)

ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମ ପାଇଁ ତ୍ରୟମାସିକ ଖେଳ ଆଧାରିତ ଶିକ୍ଷଣ କାର୍ଯ୍ୟର ଯୋଜନା ଏବଂ ପ୍ରସ୍ତୁତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ବିଭିନ୍ନ ପୃଷ୍ଠଭୂମିରୁ ଆସୁଥିବା ଏବଂ ମହାମାରୀ ପରିସ୍ଥିତି ହେତୁ ପ୍ରାକ୍ ପ୍ରାଥମିକ ଅଭିଜ୍ଞତା ପାଇଥିବା କିମ୍ବା-ପାଇ ନ;ଥିବା ପିଲାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ତେଣୁ ଏହିଭଳି ସମସ୍ତ ପିଲାମାନଙ୍କୁ ଶିକ୍ଷଣ ସୁଯୋଗ ପ୍ରଦାନ ପାଇଁ ଓ ଶିକ୍ଷଣ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଶିକ୍ଷକ ସହାୟକ ପୁସ୍ତିକାରେ ବ୍ୟାପକ ଯୋଜନା କରାଯାଇଛି । ଏହି କାର୍ଯ୍ୟଯୋଜନାର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ପାଇଁ ବୟସ ଉପଯୋଗୀ ଏବଂ ବିକାଶାତ୍ମକ ଲକ୍ଷ୍ୟ ଆଧାରିତ ଶିକ୍ଷଣ ସୁଯୋଗ ସୃଷ୍ଟି କରିବା ଏବଂ ଶିକ୍ଷଣ ପ୍ରକ୍ରିୟାରେ ଉନ୍ନତି ଆଣିବା । ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟା ପ୍ରବେଶ ଶିକ୍ଷକ ସହାୟକ ପୁସ୍ତିକରେ ତିନି ପ୍ରକାରର ଯୋଜନା କରାଯାଇଛି : ମାସିକ ଯୋଜନା, ସାପ୍ତାହିକ ଯୋଜନା ଓ ଦୈନିକ ଯୋଜନା ।

**ମାସିକ ଯୋଜନା :** ଏହି କାର୍ଯ୍ୟକ୍ରମରେ ତିନି ମାସ / ବାର ସପ୍ତାହ ପାଇଁ ଯୋଜନା କରାଯାଇଛି। ଏହି ତିନି ମାସରେ ପିଲାମାନଙ୍କୁ ସାମଗ୍ରୀକ ଭାବେ ବିଦ୍ୟାଳୟ ପାଇଁ ପ୍ରସ୍ତୁତ କରାଯିବାର ଉଦ୍ଦେଶ୍ୟ ରହିଛି । ସେଥିନିମନ୍ତେ ବାଲବାଟିକାରେ ଥିବା ପ୍ରତ୍ୟେକ ବିକାଶାତ୍ମକ ଲକ୍ଷ୍ୟର ଦକ୍ଷତା ଓ ଶିକ୍ଷଣ ଫଳାଫଳ ହାସଲ ପାଇଁ ବିଦ୍ୟା ପ୍ରବେଶ ଶିକ୍ଷକ ସହାୟକ ପୁସ୍ତିକାରେ ବିସ୍ତୃତ ଭାବେ କାର୍ଯ୍ୟ ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ ଆରମ୍ଭରୁ ଦିଆଯାଇଛି । ପ୍ରତ୍ୟେକ ମାସ ଶେଷରେ ପିଲାମାନେ ସେହି ମାସ ପାଇଁ ସ୍ଥିରୀକୃତ ଦକ୍ଷତା ଓ ଶିକ୍ଷଣ ଫଳାଫଳ କେତେ ଦୂର ହାସଲ କରିଛନ୍ତି ଜାଣିବା ପାଇଁ ମାସଓ୍ୱାରୀ ମାନନିର୍ଦ୍ଧାରଣର ଢାଞ୍ଚା ର ବ୍ୟବହାର କରାଯିବ ।

**ସାପ୍ତାହିକ ଯୋଜନା:** ବାର ସପ୍ତାହ ପାଇଁ ଯୋଜନା କରାଯାଇଥିବା ଏହି କାର୍ଯ୍ୟକ୍ରମରେ, ପ୍ରତ୍ୟେକ ସପ୍ତାହର ପାଞ୍ଚ ଦିନ ପାଇଁ କାର୍ଯ୍ୟସୂଚୀ ଦିଆଯାଇଛି । ସେହି କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନର କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କାର୍ଯ୍ୟଗୁଡ଼ିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରଥମ ପାଞ୍ଚ ଦିନ ବିଦ୍ୟା ପ୍ରବେଶ ଶିକ୍ଷକ ସହାୟକ ପୁସ୍ତିକାରେ ନିର୍ଦ୍ଧାରିତ କାର୍ଯ୍ୟ କରାଯିବ ଓ ଷଷ୍ଠ ଦିନ, ପୂର୍ବ ପାଞ୍ଚ ଦିନର କାର୍ଯ୍ୟ ଅନୁଯାୟୀ ପୁନରାଲୋଚନା କାର୍ଯ୍ୟ କରାଯିବ । ଷଷ୍ଠ ଦିନ ପରେ ପୁଣି ତା'ପର ସପ୍ତାହର ଯୋଜନା ଅନୁଯାୟୀ କାର୍ଯ୍ୟ କରାଯିବ ।

**ନମୁନା ସପ୍ତାହିତ କାର୍ଯ୍ୟଯୋଜନା**

| କାର୍ଯ୍ୟ ସମୟ / ଦିବସ | ସ୍ୱାଗତ ସମୟ /ପ୍ରାରମ୍ଭିକ କାର୍ଯ୍ୟ (Circle time) (୧୦.୩୦-୧୧.୦୫ ମିନିଟ୍) | ବିକାଶାତ୍ମକ ଲକ୍ଷ୍ୟ ୧ (୧୧.୧୫ -୧୧.୫୦ ମିନିଟ୍) | ବିକାଶାତ୍ମକ ଲକ୍ଷ୍ୟ ୨ (୧୨.୦୦ -୧୨.୪୦ ମିନିଟ୍) | ବିକାଶାତ୍ମକ ଲକ୍ଷ୍ୟ ୩ (୧୨.୫୦ -୧.୨୦ ମିନିଟ୍) | ଭୋଜନ ସମୟ (୧.୨୦ -୨.୦୦ ମିନିଟ୍) | ମୁକ୍ତ ଓ ନିର୍ଦ୍ଦେଶିତ ଖେଳ (୨.୧୦ - ୩.୧୦ ମିନିଟ୍) | ବିଦାୟ ସମୟର କାର୍ଯ୍ୟ (୩.୨୦ - ୩.୫୦ ମିନିଟ୍) |
|---|---|---|---|---|---|---|---|
| ପ୍ରଥମ ଦିବସରୁ ପଞ୍ଚମ ଦିବସ | ମୁକ୍ତ ଭାବେ କରିବା ପାଇଁ ପ୍ରସ୍ତାବିତ କାର୍ଯ୍ୟ | ଶିକ୍ଷଣ କାର୍ଯ୍ୟ ଓ କାର୍ଯ୍ୟଫର୍ଦ୍ଦ | ଶିକ୍ଷଣ କାର୍ଯ୍ୟ ଓ କାର୍ଯ୍ୟଫର୍ଦ୍ଦ | ଶିକ୍ଷଣ କାର୍ଯ୍ୟ ଓ କାର୍ଯ୍ୟଫର୍ଦ୍ଦ | | ମୁକ୍ତ ଭାବେ କରିବା ପାଇଁ ପ୍ରସ୍ତାବିତ କାର୍ଯ୍ୟ | ମୁକ୍ତ ଭାବେ କରିବା ପାଇଁ ପ୍ରସ୍ତାବିତ କାର୍ଯ୍ୟ |
| ଷଷ୍ଠ ଦିବସ | | ପ୍ରଥମ- ପଞ୍ଚମ ଦିବସ କାର୍ଯ୍ୟର ପୁନରାଲୋଚନା | | | | | |

**ସୂଚନା: ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୁଡ଼ିକ ଆଲୋଚନା କରାଯିବ ।**

## ତଥ୍ୟ ଫର୍ଦ୍ଦ ୩

## <u>ଦୈନିକ କାର୍ଯ୍ୟ ଯୋଜନା ଓ ପରିଚାଳନା</u>

ପ୍ରତ୍ୟେକ ଦିନର କାର୍ଯ୍ୟ ପାଇଁ ତଳେ ଦିଆଯାଇଥିବା କାର୍ଯ୍ୟକୁ ଆଧାର କରି କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ।

**ସ୍ୱାଗତ ସମୟର କାର୍ଯ୍ୟ/ପ୍ରାରମ୍ଭିକ କାର୍ଯ୍ୟ (Circle Time) :** ପ୍ରତ୍ୟେକ ଦିନର କାର୍ଯ୍ୟ 'ପ୍ରାରମ୍ଭିକ କାର୍ଯ୍ୟ'ରୁ ଆରମ୍ଭ କରିବେ ଯଥା- ପିଲାମାନଙ୍କୁ ଶ୍ରେଣୀକୁ ସ୍ୱାଗତ କରିବେ; ପ୍ରତ୍ୟେକ ପିଲାକୁ ସେମାନଙ୍କ ନାମରେ ଡାକିବେ, ସାଙ୍ଗ ଓ ଶିକ୍ଷକଙ୍କ ସହ ମୁକ୍ତ ଭାବେ କଥାବାର୍ତ୍ତା ପାଇଁ ସୁଯୋଗ ଦେବେ ଇତ୍ୟାଦି । ପ୍ରତି ସପ୍ତାହର ନିର୍ଦ୍ଦେଶିତ ବାର୍ତ୍ତାଳାପ ପାଇଁ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଦିଆଯାଇଛି ।

**ବିକାଶାତ୍ମକ ଲକ୍ଷ୍ୟ-୧:** ପ୍ରତ୍ୟେକ ପିଲାର ସାମଗ୍ରିକ ବିକାଶ ପାଇଁ ସୁସ୍ଥ ରହିବା ନିତାନ୍ତ ଆବଶ୍ୟକ। ସେଥିପାଇଁ ବୟସ ଅନୁଯାୟୀ ବୌଦ୍ଧିକ, ଆବେଗିକ, ଶାରୀରିକ ଓ ମାଂସପେଶୀୟ କାର୍ଯ୍ୟ କରି ଶାରୀରିକ ସୁସ୍ଥତା ଓ ମାଂସପେଶୀୟ ଦୃଢତା ଉପରେ ଗୁରୁତ୍ୱ ଦେବା ପାଇଁ ଚିତ୍ର କରିବା, ରଙ୍ଗ ଦେବା, ରାସ୍ତା ଖୋଜିବା, ବିନ୍ଦୁ ଯୋଡ଼ିବା, ଖେଳିବା, ଅଭିନୟ କରିବା ଆଦି କାର୍ଯ୍ୟ ଦିଆଯାଇଛି ।

**ବିକାଶାତ୍ମକ ଲକ୍ଷ୍ୟ-୨:** ପିଲାମାନଙ୍କ ମଧ୍ୟରେ ଭାଷାଗତ କୌଶଳର ବିକାଶ ଦ୍ୱିତୀୟ ବିକାଶାତ୍ମକ ଲକ୍ଷ୍ୟର ଅନ୍ତର୍ଭୁକ୍ତ । ସେଥିପାଇଁ ଏହି କାର୍ଯ୍ୟ ଯୋଜନାରେ ପିଲାମାନଙ୍କୁ କଥାବାର୍ତ୍ତା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ସହିତ ପ୍ରାକ୍ ପଠନ ଓ ଲିଖନ ଆଧାରିତ କାର୍ଯ୍ୟ ଯୋଜନା ମଧ୍ୟ କରାଯାଇଛି ଯାହା ସେମାନଙ୍କୁ ଅକ୍ଷର, ଶବ୍ଦ ସହିତ ପରିଚିତ କରାଇବା ସହିତ ଛପା ଓ ଲେଖାର ବ୍ୟବହାର କରି ଭାଷାଗତ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ ।

**ବିକାଶାତ୍ମକ ଲକ୍ଷ୍ୟ-୩:** ଏଥିରେ ପିଲାମାନେ ନିଜର ଚାରିପାଖ ପରିବେଶ ସହିତ କ୍ରିୟା ପ୍ରତିକ୍ରିୟା କରି ପରିବେଶ ସହିତ ପରିଚିତ ହେବା, ସଂଖ୍ୟାଜ୍ଞାନ ସମ୍ପର୍କିତ ଦକ୍ଷତା ହାସଲ କରିବା ଓ ବୈଜ୍ଞାନିକ ଚିନ୍ତନର ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।  ଏହି ସବୁ କାର୍ଯ୍ୟ ଦ୍ୱାରା ପିଲାମାନଙ୍କର ବୌଦ୍ଧିକ ଦିଗର ବିକାଶ ହୋଇଥାଏ ।

**ମୁକ୍ତ ଓ ନିର୍ଦ୍ଦେଶିତ ଖେଳ:** ଏହି କାର୍ଯ୍ୟକ୍ରମରେ ଦୁଇ ପ୍ରକାର ଖେଳର ଯୋଜନା କରାଯାଇଛି: ମୁକ୍ତ ଖେଳ ଓ ନିର୍ଦ୍ଦେଶିତ ଖେଳ । ମୁକ୍ତ ଖେଳ ଆଧାରିତ କାର୍ଯ୍ୟ ପିଲାମାନଙ୍କୁ ନିଜ ପସନ୍ଦ ଅନୁସାରେ କାର୍ଯ କରିବା, ନିଷ୍ପତ୍ତି ନେବା ଏବଂ ଅନ୍ୟମାନଙ୍କ ଅଧିକାର ଏବଂ ଦୃଷ୍ଟିକୋଣ ବୁଝିବାରେ ଯଥେଷ୍ଟ ସୁଯୋଗ ପ୍ରଦାନ କରେ । ମୁକ୍ତ ଖେଳ ବ୍ୟତୀତ ଶିକ୍ଷକ କିଛି ନିର୍ଦ୍ଦେଶିତ ଖେଳର ଆୟୋଜନ କରିବେ । ଏହିପରି ଖେଳ ପାଇଁ ନିର୍ଦ୍ଦିଷ୍ଟ ଖେଳ ଉପକରଣ ଓ ନିୟମ ମାନି ଖେଳିବା ଆବଶ୍ୟକ ।

**ବିଦାୟ ସମୟର କାର୍ଯ୍ୟ:**ପ୍ରତ୍ୟେକ ଦିନର କାର୍ଯ ସମାପ୍ତି ହେବା ପରେ ପିଲାମାନଙ୍କୁ ପୁଣି ଥରେ ଏକାଠି କରି ଦିନ ସାରା କରିଥିବା କାର୍ଯ୍ୟ ସମ୍ପର୍କରେ ଖୋଲା ଆଲୋଚନା କରିବା, କିଛି ମଜାଳିଆ କଥା କହିବା ଓ ପର ଦିନ ବିଦ୍ୟାଳୟକୁ ଆସିବା ପାଇଁ ଉତ୍ସାହିତ କରିବା । ସେମାନେ କରିଥିବା କାର୍ଯ୍ୟ ସମ୍ପର୍କରେ ଘରେ ପିତାମାତାଙ୍କ ସହିତ ଆଲୋଚନା କରିବା ପାଇଁ ମଧ୍ୟ ଆମେ ସେମାନଙ୍କୁ କହିବା ଓ ପର ଦିନ ପିତାମାତାଙ୍କ ସହ କ'ଣ କଲେ ତାହା ପ୍ରଥମେ ପଚାରି ବୁଝିବା ।

**<u>କାର୍ଯ୍ୟକ୍ରମର ପରିଚାଳନା</u>:**

- ପ୍ରତି ଦିନ ସାପ୍ତାହିକ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ଦ୍ଧାରିତ ବିଷୟବସ୍ତୁ ଆଧାରରେ ମୁକ୍ତ ଓ ନିର୍ଦ୍ଦେଶିତ ବାର୍ତ୍ତାଳାପ କରିବେ ।
- କାର୍ଯ୍ୟଗୁଡ଼ିକ କରିବା ସମୟରେ ଶିକ୍ଷକ ନିର୍ଦ୍ଦେଶିତ ଓ ପିଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ,ଶ୍ରେଣୀ ଭିତର ଓ ବାହାର କାର୍ଯ୍ୟ, ବଡ ଓ ଛୋଟ ଦଳ ଭିତ୍ତିକ କାର୍ଯ୍ୟ ମଧ୍ୟରେ ସନ୍ତୁଳନକୁ ନିଶ୍ଚିତ କରିବେ ।
- ଶ୍ରେଣୀର ଅଧିକାଂଶ ପିଲାଙ୍କ ପାଇଁ ଶିକ୍ଷାର ମାଧ୍ୟମ ଭାବରେ ମାତୃଭାଷା କିମ୍ବା ଘରୋଇ ଭାଷା ବ୍ୟବହାର କରିବେ ।
- ସମସ୍ତ କାର୍ଯ୍ୟରେ ଭିନ୍ନକ୍ଷମ ପିଲାଙ୍କ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ ।
- ପିଲାମାନେ ଶିଖିବା ପାଇଁ ସେମାନଙ୍କ ପରିବେଶରେ ଉପଲବ୍ଧ ହେଉଥିବା ବସ୍ତୁଗୁଡ଼ିକର ବ୍ୟବହାର କରିବେ ।
- ଗୋଟିଏ ଲକ୍ଷ୍ୟ ଆଧାରିତ କାର୍ଯ୍ୟ କରିବା ପରେ ଗୀତ, ଗପ ଆଦି କାର୍ଯ୍ୟ କରି ତାପରେ ଲକ୍ଷ୍ୟ ଆଧାରିତ କାର୍ଯ୍ୟ କରାଯିବ ।
- ପ୍ରତିଦିନ, ସାପ୍ତାହିକ କାର୍ଯ୍ୟ ସୂଚୀ ଅନୁସରଣ କରିବା ସମୟରେ ନମନୀୟତା ଅବଲମ୍ବନ କରନ୍ତୁ । ଷଷ୍ଠ ଦିନରେ ପାଞ୍ଚ ଦିନର କାର୍ଯ୍ୟ ଗୁଡ଼ିକର ପୁନରାଲୋଚନା ପାଇଁ କାର୍ଯ୍ୟ ଯୋଜନା କରନ୍ତୁ ।

ପିଲାମାନଙ୍କର ଅଗ୍ରଗତିକୁ ନିୟମିତ ଅନୁଧ୍ୟାନ କରିବେ ଓ ପିଲାମାନଙ୍କର ଶିକ୍ଷଣ ଅଗ୍ରଗତି ସମ୍ପର୍କରେ ସେମାନଙ୍କ ପିତାମାତାଙ୍କ ସହିତ ନିୟମିତ ଭାବରେ ଆଲୋଚନା କରିବେ ।

**ସୂଚନା: ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୁଡ଼ିକ ଆଲୋଚନା କରାଯିବ ।**

ପ୍ରଶ୍ନ-୧:

ପ୍ରାରମ୍ଭିକ କାର୍ଯ୍ୟ (Circle Time)

↓

ବିକଶାତ୍ମକ ଲକ୍ଷ୍ୟ -୧ : ସୁସ୍ଥତା ଆଧାରିତ କାର୍ଯ୍ୟ

↓

ବିକଶାତ୍ମକ ଲକ୍ଷ୍ୟ -୨ : ଭାଷାଗତ କୌଶଳ

↓

ବିକଶାତ୍ମକ ଲକ୍ଷ -୩ :ସଂଖ୍ୟା ଜ୍ଞାନ , ପରିବେଶ ସଚେତନ ଓ ବୈଜ୍ଞାନିକ ଚିନ୍ତନ

↓

ମୁକ୍ତ ଓ ନିର୍ଦ୍ଦେଶିତ ଖେଳ

↓

ବିଦାୟ ସମୟର କାର୍ଯ୍ୟ

**ପ୍ରଶ୍ନ-୨: ପରିଚାଳନା ଦିଗ :**

- କାର୍ଯ୍ୟ ମଧ୍ୟରେ ସନ୍ତୁଳନ ରଖିବା
- ଘରୋଇ ଭାଷାର ବ୍ୟବହାର
- ସମସ୍ତ ପିଲାର ଅଂଶଗ୍ରହଣ
- ପରିବେଶରେ ଉପଲବ୍ଧ ସାମଗ୍ରୀର ବ୍ୟବହାର
- ନମନୀୟତା ଅବଲମ୍ବନ
- ପରିବାର ଓ ଗୋଷ୍ଠୀର ସମ୍ପୃକ୍ତ

## ତଥ୍ୟ ଫର୍ଦ୍ଦ ୪
## (ପିଲାଙ୍କ ଶିକ୍ଷଣରେ ପରିବାର ଓ ଗୋଷ୍ଠୀର ସଂପୃକ୍ତି)

ପିଲାମାନେ ବିଦ୍ୟାଳୟକୁ ଆସିବା ପୂର୍ବରୁ ଅଭିଭାବକ ଓ ଗୋଷ୍ଠୀରୁ ସେମାନେ ବହୁତ କିଛି ଶିଖିକି ଆସିଥାନ୍ତି । ଏଥିପାଇଁ ଶିକ୍ଷକ ସର୍ବଦା ପିଲାଙ୍କର ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କ ସହ ଯୋଗାଯୋଗ ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ଉଚିତ ।

ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କ ସହ ଦୃଢ ସମ୍ପର୍କ ସ୍ଥାପନ କରିବା ପାଇଁ କୌଶଳ:

- ବିଭିନ୍ନ ପୃଷ୍ଠଭୂମିରୁ ପ୍ରଥମ ଶ୍ରେଣୀକୁ ଆସୁଥିବା ସମସ୍ତ ପିଲାମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଭାବକଙ୍କୁ 'ବିଦ୍ୟା ପ୍ରବେଶ' କାର୍ଯ୍ୟକ୍ରମ ଏବଂ ଏହାର ଉଦ୍ଦେଶ୍ୟ ବିଷୟରେ ଅବଗତ କରିବେ ।
- ବିଦ୍ୟାଳୟର କାର୍ଯ୍ୟରେ ସାମିଲ ହେବା ଓ ପିଲାଙ୍କୁ ଘରେ ପାଠପଢାରେ ସାହାଯ୍ୟ କରିବା ବିଷୟରେ ଆଲୋଚନା କରିବେ।
- ଶିକ୍ଷକ ପିଲାମାନଙ୍କ ପାଇଁ ଏପରି ଶିକ୍ଷଣ କାର୍ଯ୍ୟ କରିବେ ଯାହାକୁ କରିବା ଅଭିଭାବକଙ୍କ ସହାୟତାର ଆବଶ୍ୟକ ରହିବ । ଏହା ଦ୍ୱାରା ଅଭିଭାବକ ଅନୁଭବ କରିପାରିବେ ଯେ ସେମାନଙ୍କର ପିଲାଙ୍କ ଶିକ୍ଷାଦାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ପିଲାମାନେ ବିଦ୍ୟାଳୟ ପରେ ଘରକୁ ଆସିଲା ପରେ ଅଭିଭାବକ କେଉଁ ବିଷୟରେ ଆଲୋଚନା କରିପାରିବେ ତାହା ବିଷୟରେ ସେମାନଙ୍କୁ ଅବଗତ କରିବେ ଯଥା-ବିଦ୍ୟାଳୟରେ ସବୁଠାରୁ ଆନନ୍ଦଦାୟକ ଘଟଣା କ'ଣ ଥିଲା? ଶିକ୍ଷକ ଘର ପାଇଁ କେଉଁ କାର୍ଯ୍ୟ ଦେଇଛନ୍ତି? ସେମାନେ ବିଦ୍ୟାଳୟରେ କ'ଣ ପଚାରିଲେ? ଇତ୍ୟାଦି ।

**ଅଭିଭାବକଙ୍କ ପାଇଁ ସୂଚନା:**

- ପିଲାମାନେ ଘରେ ଶିକ୍ଷଣ କାର୍ଯ୍ୟ କରୁଥିବା ସମୟରେ ଅଭିଭାବକମାନେ ଅନୁଧ୍ୟାନ କରିବେ ଯଥା-ପିଲାମାନେ କେଉଁ କାର୍ଯ୍ୟଟିକୁ ଆନନ୍ଦର ସହ କରୁଛନ୍ତି ଓ କେଉଁ କାର୍ଯ୍ୟ କରିବା ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଆଦି । ଅଭିଭାବକ ଏହି ଅନୁଭବଗୁଡ଼ିକୁ ଲିଖିତ ରୂପେ ଶିକ୍ଷକ ଓ ପି. ଟି.ଏମ୍. ବୈଠକରେ କହିବେ ।
- ପିଲାମାନଙ୍କୁ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ସ୍ୱାଧିନତା ପ୍ରଦାନ କରିବେ, ଯାହା ଫଳରେ ପିଲାମାନେ ନିଜେ କୌଣସି କାର୍ଯ୍ୟକୁ କରି, ନିଜ ଅନୁଭବରୁ ଶିଖି ପାରିବାର ସୁଯୋଗ ପାଇବେ । ପିଲାମାନଙ୍କ ସହିତ ଧୈର୍ଯ୍ୟ ରଖି କାର୍ଯ୍ୟ କରିବା ଉଚିତ ।
- ପିଲାଙ୍କୁ ପରସ୍ପର ମଧ୍ୟରେ ତୁଳନା କରିବେ ନାହିଁ ଓ ପିଲାଙ୍କ ମଧ୍ୟରେ ଯଥେଷ୍ଟ ସମୟ ଅତିବାହିତ କରିବେ ।
- ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାରେ ସାମିଲ ହୋଇ ତାଙ୍କ ଶିକ୍ଷଣ ପ୍ରକ୍ରିୟାକୁ ଆନନ୍ଦଦାୟକ ଓ ରୁଚିକର କରିବେ ।
- ପିଲାଙ୍କୁ ସକାଳ ଓ ରାତ୍ରି ସମୟରେ ଗଳ୍ପ ପଢ଼ି/କହି ଶୁଣାନ୍ତୁ ଓ ଗପ ଉପରେ ଆଲୋଚନା କରିବେ।
- ପିଲାଙ୍କୁ ନାଟକ, ଅଭିନୟ ଓ କଣ୍ଢେଇ ଖେଳ ଇତ୍ୟାଦି ଶିକ୍ଷଣ କାର୍ଯ୍ୟରେ ସାମିଲ ହେବାପାଇଁ ଉତ୍ସାହ ବଢାଇବେ ।
- ପିଲାମାନଙ୍କୁ ଘରେ ଉପଲବ୍ଧ ଥିବା ଜିନିଷ ଉପରେ ସଚେତନ କରିବେ । ଉଦାହରଣ ସ୍ୱରୂପ, ପିଲାଙ୍କୁ ରୋଷେଇ ଘର ଜିନିଷ, ପନିପରିବା ଆଦି ।
- ପିଲାଙ୍କ କାର୍ଯ୍ୟ ପୁସ୍ତିକା ଓ ଖାତାକୁ ନିୟମିତ ଭାବେ ପରଖି, ସେମାନଙ୍କୁ ଆବଶ୍ୟକ ମୁତାବକ ସାହାଯ୍ୟ କରନ୍ତୁ । ପିଲାଙ୍କର ଭଲ କାର୍ଯ୍ୟ ପାଇଁ ସେମାନଙ୍କୁ ପ୍ରଶଂସା କରନ୍ତୁ ।

**ପରିବାର ଓ ଗୋଷ୍ଠୀ ସଦସ୍ୟଙ୍କୁ ପିଲାଙ୍କ ଶିକ୍ଷଣରେ ସାମିଲ କରିବାର କିଛି ଉପାୟ:**

- ପରିବାର ସଦସ୍ୟଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ଓ ଘରେ କେଉଁ ଶିକ୍ଷଣ କାର୍ଯ୍ୟ କରିବେ ପରାମର୍ଶ ଦେବା ।
- ପିଲାମାନଙ୍କର ପ୍ରଥମ ଶ୍ରେଣୀରେ ନାମ ଲେଖା ପୂର୍ବରୁ ପିଲା ଓ ଅଭିଭାବକଙ୍କ ପାଇଁ ଏକ ବିଦ୍ୟାଳୟ ପ୍ରସ୍ତୁତି ମେଳାର ଆୟୋଜନ କରିବା । ଏହି ମେଳାରେ ପିଲାଙ୍କ ବୌଦ୍ଧିକ, ଆବେଗିକ, ଶାରୀରିକ, ସାମାଜିକ ବିକାଶ ପାଇଁ ଅନେକ ଶିକ୍ଷଣ କାର୍ଯ୍ୟ କରାଯିବ ।
- ପିଲାଙ୍କ ଶୈକ୍ଷିକ ପ୍ରଗତିକୁ ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କୁ ଜଣାଇବା ।
- ଅଭିଭାବକଙ୍କୁ ଗଳ୍ପ କଥନ, ଖେଳ, ନାଟକ, ଆଦି ଶିକ୍ଷଣ କାର୍ଯ୍ୟକୁ ପିଲାଙ୍କ ସହିତ କରିବା ପାଇଁ ପରାମର୍ଶ ଦିଅନ୍ତୁ ।
- ଏସ. ଏମ୍. ସି. ସଦସ୍ୟଙ୍କୁ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ଦାୟିତ୍ୱ ବଣ୍ଟନ କରିବା ।

**ସୂଚନା:** ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୁଡ଼ିକ ଆଲୋଚନା କରାଯିବ ।

**ପ୍ରଶ୍ନ-୧:**

- ବିଦ୍ୟାଳୟକୁ ଆସିବା ପୂର୍ବରୁ ଅଭିଭାବକ ଓ ଗୋଷ୍ଠୀରୁ ଶିଖିଥାଏ
- କ୍ରିୟା ପ୍ରତିକ୍ରିୟା କରି ଶିଖିଥାଏ
- ଶିକ୍ଷଣ କାର୍ଯ୍ୟ ପାଇଁ ଅଭିଭାବକଙ୍କ ସହାୟତା ଆବଶ୍ୟକ ହୋଇଥାଏ

**ପ୍ରଶ୍ନ-୨:**

- ବିଦ୍ୟା ପ୍ରବେଶ ଓ ଏହାର ଉଦ୍ଦେଶ୍ୟ କୁ ଅବଗତ କରିବେ
- ଅଭିଭାବକଙ୍କ ସମ୍ପୃକ୍ତ ପାଇଁ ସୁଯୋଗ ସୃଷ୍ଟି କରିବା
- ପିଲାମାନଙ୍କର ଶୈକ୍ଷିକ ପ୍ରଗତି ସମ୍ପର୍କରେ ଅବଗତ କରିବା
- ଗୋଷ୍ଠୀ ରେ ବିଦ୍ୟାଳୟ ପ୍ରସ୍ତୁତି ମେଳା
- ଦାୟିତ୍ୱ ବଣ୍ଟନ : ଅଭିଭାବକ, SMC, ଗୋଷ୍ଠୀ

## ତଥ୍ୟଫର୍ଦ୍ଦ-୫

## (ବିକାଶାତ୍ମକ ଲକ୍ଷ୍ୟ-୧ ଆଧାରିତ ଶିକ୍ଷଣ ଫଳାଫଳ)

| |
|---|
| **HW୩.୧:** ଶାରୀରିକ ଲକ୍ଷଣ, ଲିଙ୍ଗ, ଆଗ୍ରହ, ପସନ୍ଦ ଓ ନାପସନ୍ଦ ଆଧାରରେ ନିଜକୁ ଓ ଅନ୍ୟମାନଙ୍କୁ ବର୍ଣ୍ଣନା କରିବେ । |
| **HW୩.୨:** ସମ୍ପ୍ରସାରିତ ପରିବାର ସଦସ୍ୟମାନଙ୍କ ସହିତ ସମ୍ପର୍କକୁ ବୁଝିବାର ପ୍ରଦର୍ଶନ କରିବେ । |
| **HW୩.୩:** ବିଭିନ୍ନ କାର୍ଯ୍ୟକୁ ସ୍ୱାଧୀନ ଭାବେ ଅନ୍ୟର ସହାୟତା ନ ନେଇ ପ୍ରଦର୍ଶନ କରିବେ । |
| **HW୩.୪:** ଏକ ସମୟରେ ନିର୍ଦ୍ଦେଶାବଳୀ (ସୂଚନା) ଏବଂ ସରଳ ନିୟମ ଅନୁସରଣ କରିବେ । |
| **HW୩.୫:** ରୁଟିନ୍ / ଦୈନିକ କାର୍ଯ୍ୟସୂଚୀରେ ଯେକୌଣସି ପରିବର୍ତ୍ତନ ସହିତ ନିଜକୁ ଖାପଖୁଆଇବେ । |
| **HW୩.୬:** ଅନ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା କାର୍ଯ୍ୟ / ପ୍ରସଙ୍ଗଗୁଡ଼ିକ ସଂପୂର୍ଣ୍ଣ କରିବା ପାଇଁ ଧ୍ୟାନ ଦେବେ । |
| **HW୩.୭:** ବାଚନିକ ଏବଂ ଅଣ-ବାଚନିକ ଢଙ୍ଗ (ଅଙ୍ଗଭଙ୍ଗୀ, ଚିତ୍ରାଙ୍କନ) ମାଧ୍ୟମରେ ଆବେଗକୁ ପ୍ରକାଶ କରିବେ । |
| **HW୩.୮:** ନିଜର ଅନୁଭୂତି ଏବଂ ଆଗ୍ରହ ଆଧାରରେ ନିଜର ପସନ୍ଦ ଅନୁଯାୟୀ ଦାୟିତ୍ୱ ଗ୍ରହଣ କରିବେ । |
| **HW୩.୯:** ବିବାଦର ସମାଧାନ ପାଇଁ ପରାମର୍ଶ ଦେବେ ଏବଂ ସେଥିରେ ବୟସକୁ ଉପଯୋଗୀ ପରିବର୍ତ୍ତନ କରିବେ । |
| **HW୩.୧୦:** ପାରସ୍ପରିକ କ୍ରିୟା ଏବଂ ଖେଳ ସମୟରେ ଅନ୍ୟର ଧାରଣା ସାମିଲ କରିବାକୁ ଇଚ୍ଛା ପ୍ରଦର୍ଶନ କରିବେ । |
| **HW୩.୧୧:** ବଡ଼ ଏବଂ ଛୋଟ ଦଳଗତ କାର୍ଯ୍ୟରେ ସହାୟତା ଆବଶ୍ୟକ କରୁଥିବା ସାଥୀମାନଙ୍କୁ ସାହାଯ୍ୟ କରିବେ । |
| **HW୩.୧୨**: ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ସହିତ ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀଙ୍କ ପ୍ରତି ସମ୍ବେଦନଶୀଳ ପ୍ରଦର୍ଶନ କରିବେ ଏବଂ ସେମାନଙ୍କୁ ଗ୍ରହଣ କରିବେ । |
| **HW୩.୧୩:** ଅଧିକ ସ୍ୱାଧୀନ ଭାବରେ ମୌଳିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ଅଭ୍ୟାସକୁ ବଜାୟ ରଖିବେ ଏବଂ ଉତ୍ତମ ଖାଦ୍ୟାଭାସର ପ୍ରଦର୍ଶନ କରିବେ । |
| **HW୩.୧୪:** ଭଲ ସ୍ପର୍ଶ ଓ ମନ୍ଦ ସ୍ପର୍ଶ ବିଷୟରେ ସଚେତନତା ପ୍ରଦର୍ଶନ କରିବେ ଏବଂ ଅଚିହ୍ନା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବେ । |
| **HW୩.୧୫:** ଘରେ, ପ୍ରାକ୍-ବିଦ୍ୟାଳୟ ଏବଂ ଖେଳ ପଡ଼ିଆରେ ନିରାପତ୍ତାର ସାଧାରଣ ନିୟମଗୁଡ଼ିକୁ ଅନୁସରଣ କରିବେ । |
| **HW୩.୧୬:** ଅଧିକ ସମନ୍ୱୟ, ନିୟନ୍ତ୍ରଣ ଏବଂ ସାମର୍ଥ୍ୟ ସହିତ ସ୍ଥୂଳ ମାଂସପେଶୀୟ ସଞ୍ଚାଳନର ପ୍ରଦର୍ଶନ କରିବେ, ଯେପରି ଦୌଡ଼ିବା, ଡେଇଁବା, ଫିଙ୍ଗିବା, ଗୋଇଠା ମାରିବା ଏବଂ ଧରିବା ଇତ୍ୟାଦି । |
| **HW୩.୧୭:** ସଂଗୀତ ଏବଂ ଗତିବିଧି କାର୍ଯ୍ୟଗୁଡ଼ିକରେ ସକ୍ରିୟ ଏବଂ ସୃଜନଶୀଳ ଭାବରେ ଅଂଶଗ୍ରହଣ କରିବେ ଏବଂ ସେଥିରେ ନିଜର ଭୂମିକାକୁ ବୁଝିବେ । |
| **HW୩.୧୮:(କ)** ନିର୍ଭୁଲ ଭାବେ ଏବଂ ନିୟନ୍ତ୍ରଣ ସହିତ ସୂକ୍ଷ୍ମ ମାଂସପେଶୀୟ କୌଶଳକୁ ପ୍ରଦର୍ଶନ କରିବେ ।<br>**HW୩.୧୮:(ଖ)** ନିର୍ଦ୍ଦିଷ୍ଟ ରେଖାରେ କାଟିବା, ଢଳିବା, ବୋତାମ ଲଗାଇବା ଭଳି ଜଟିଳ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ନିମନ୍ତେ ସମନ୍ୱିତ ଭାବେ ଅଙ୍ଗ ଗୁଡ଼ିକୁ ବ୍ୟବହାର କରିବେ ।<br>**HW୩.୧୮:(ଗ)** ଚିତ୍ରାଙ୍କନ ଓ ଲେଖିବା ପାଇଁ ଯନ୍ତ୍ରପାତିଗୁଡ଼ିକୁ ଠିକଣା ଭାବେ ଧରିବେ ଓ ଏଥିପାଇଁ ତର୍ଜନୀ ଓ ବୃଦ୍ଧଆଙ୍ଗୁଠି ମଧ୍ୟରେ ସମନ୍ୱୟ ରକ୍ଷା କରିବେ । |

**ସୂଚନା:** ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତରଗୁଡ଼ିକ ଆଲୋଚନା କରାଯିବ ।

N:B- **HW- Health and well-being**

**DG-1-Children maintain good Health and well-being.**

## ତଥ୍ୟଫର୍ଦ୍ଦ-୬
## (ବିକାଶାତ୍ମକ ଲକ୍ଷ୍ୟ-୨ ଆଧାରିତ ଶିକ୍ଷଣ ଫଳାଫଳ)

| |
|---|
| **ECL.୧-୩.୧:** ଅପରିଚିତ ଶିକ୍ଷକ, ନୂତନ ସାଙ୍ଗସାଥୀ, ବିଦ୍ୟାଳୟ କର୍ମଚାରୀ, ଅନ୍ୟ ବୟସ୍କ ବ୍ୟକ୍ତି ମାନଙ୍କ ସହ ନିଜ ଭାଷାରେ ବାର୍ତ୍ତାଳାପ କରିବେ । |
| **ECL.୧-୩.୨:** ପଠନ କୋଣ/ ପଠନ ସ୍ଥାନରୁ ବାହ୍ୟକୁ ଚୟନ କରିବେ ଓ ଚିତ୍ର ମାଧ୍ୟମରେ ଗପଟିକୁ ବୁଝିବା ପାଇଁ ଚେଷ୍ଟା କରିବେ ଏବଂ ଲେଖାଯାଇଥିବା ପାଠରେ ଆଗକୁ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଅନୁମାନ କରିବେ । |
| **ECL.୧-୩.୩:** ନିଜ ଭାଷାରେ ପଠିତ କବିତା/ଗପଗୁଡ଼ିକରୁ ପାଇଥିବା ଅନୁଭୂତିକୁ ପରିପ୍ରକାଶ କରିବେ ଓ ସେ ସମ୍ପର୍କରେ କହିବେ ଏବଂ ନିଜ ସାଙ୍ଗସାଥୀ ମଧ୍ୟରେ ଆଦାନ ପ୍ରଦାନ କରିବେ । |
| **ECL.୧-୩.୪(କ):** ପସନ୍ଦର କବିତା ଓ ଗୀତାଗୁଡ଼ିକ ନିଜ ଭାଷାରେ ଆବୃତ୍ତି କରିବା ବେଳେ ସ୍ୱରର ଉତ୍ଥାନ ପତନ ଏବଂ ସମତା ରକ୍ଷା କରିବେ ।<br>**ECL.୧-୩.୪(ଖ):** ନିଜ ଭାଷାର ପରିଚିତ କବିତାର ଅଂଶଗୁଡ଼ିକୁ ଉପଯୁକ୍ତ ସ୍ୱରର ଉତ୍ଥାନ ପତନସହ ନ ଅଟକି ଆବୃତ୍ତି କରିବେ । |
| **ECL.୧-୩.୫(କ):** ନିଜର ପ୍ରିୟ ଗଳ୍ପ ବହିଟିକୁ ବର୍ଣ୍ଣନା କରିବା ପାଇଁ ଶିକ୍ଷକକୁ ଦେବେ ।<br>**ECL.୧-୩.୫(ଖ):** ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମନୋଯୋଗ ସହ ଦେଖିବେ ଏବଂ ସେଗୁଡ଼ିକର ନାମକୁ ଉପଯୁକ୍ତ ବନାନ ବ୍ୟବହାର କରି ଲେଖିବେ । |
| **ECL.୧-୩.୬(କ):** ଛାପା ଲେଖା ସଚେତନତା (Print Awareness) କୁ ବୁଝିବା ସହିତ ପଢ଼ିବେ ।<br>**ECL.୧-୩.୬(ଖ):** ଘଟଣାର କ୍ରମ ଅନୁସାରେ ଚିତ୍ରଗୁଡ଼ିକୁ ସଜାଡ଼ିବେ ଏବଂ ଗଳ୍ପକୁ ପଢ଼ି ବୁଝିବେ । |
| **ECL.୧-୩.୭:** ପରିଚିତ ଗଳ୍ପ ଓ କବିତାଗୁଡ଼ିକରେ ବ୍ୟବହୃତ ଶବ୍ଦଗୁଡ଼ିକରେ ବାରମ୍ବାର ଆସୁଥିବା ଧ୍ୱନିକୁ ଚିହ୍ନିବେ । |
| **ECL.୧-୩.୮(କ):** ଗଳ୍ପ, କବିତା ଓ ଗୀତା ଗୁଡ଼ିକରେ ବାରମ୍ବାର ଆସୁଥିବା ଶବ୍ଦ, ଧ୍ୱନିକୁ ଚିହ୍ନିବେ ।<br>**ECL.୧-୩.୮(ଖ):** ଚିତ୍ର, ଲେଖା, ପୂର୍ବ ଅନୁଭୂତି, ତଥ୍ୟ ଏବଂ ଅକ୍ଷର-ଧ୍ୱନିର ସମ୍ପର୍କରେ ବ୍ୟବହାର କରି ପାଠ୍ୟ ସମ୍ପର୍କରେ ଅନୁମାନ କରିବେ । |
| **ECL.୧-୩.୯:** ନିଜର ନାମ, ସାଙ୍ଗସାଥୀଙ୍କ ନାମ, ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତୁର ନାମଗୁଡ଼ିକୁ ଲେଖିବାକୁ ଆଗ୍ରହ ପ୍ରକାଶ କରିବେ । |

**ସୂଚନା:** ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତରଗୁଡ଼ିକ ଆଲୋଚନା କରାଯିବ ।

NB- ECL-Effective communicators of language.

ECL-1 - First Language

ECL -2 - Exposure to second language.

DG-2-Children become effective communicators (EC)

## ତଥ୍ୟଫର୍ଦ୍ଦ-୭

## (ବିକାଶାତ୍ମକ ଲକ୍ଷ୍ୟ-୩ ଆଧାରିତ ଶିକ୍ଷଣ ଫଳାଫଳ)

| |
|---|
| IL ୩.୧: ପରିବେଶକୁ ପର୍ଯ୍ୟବେକ୍ଷଣ କରିବା ଓ ଅନ୍ୱେଷଣ କରିବା ପାଇଁ ସମସ୍ତ ଇନ୍ଦ୍ରିୟର ଉପଯୋଗ କରିବେ । |
| IL ୩.୨: ନିକଟ ପରିବେଶରେ ଉପଲବ୍ଧ ସାଧାରଣ ବସ୍ତୁ, ବ୍ୟକ୍ତି ବିଶେଷ, ଚିତ୍ର, ପଶୁ, ପକ୍ଷୀମାନଙ୍କର ସୂକ୍ଷ୍ମ ବିବରଣୀକୁ ଲକ୍ଷ୍ୟ କରିବେ ଓ ବର୍ଣ୍ଣନା କରିବେ । |
| IL ୩.୩ (କ): ଏକ ସମୟରେ ଦେଖିଥିବା ୪-୫ଟି ବସ୍ତୁକୁ ମନେରଖିବେ ଓ ମନେପକାଇବେ ।<br>୩.୩ (ଖ): ପରିଚିତ ବସ୍ତୁର ଚିତ୍ରର ୩-୫ଟି ନିଖୋଜ ଅଂଶକୁ ଚିହ୍ନଟ କରିବେ । |
| IL ୩.୪: ଦୁଇ ପ୍ରକାରର ୫-୬ଟି ବସ୍ତୁକୁ ଏକ-ଏକ ମେଳକ କରି ସ୍ଥାନିତ କରିବେ/ସଜେଇବେ । |
| IL ୩.୫: ବସ୍ତୁଗୁଡ଼ିକୁ ତିନୋଟି ଲକ୍ଷଣ (ଯେପରି- ଆକୃତି, ରଙ୍ଗ ଏବଂ ଆକାର ଇତ୍ୟାଦି) ଆଧାରରେ ତୁଳନା ଓ ବର୍ଗୀକରଣ କରିବେ । ବସ୍ତୁ ଗୁଡ଼ିକୁ ବର୍ଣ୍ଣନା କରିବାକୁ ସ୍ଥାନିକ ଶବ୍ଦ ଗୁଡ଼ିକର (ପାଖରେ, ଭିତରେ, ତଳେ) ଉପଯୁକ୍ତ ବ୍ୟବହାର କରିବେ। |
| IL ୩.୬: ଆକୃତି, ଆକାର, ଘଟିଥିବା ଘଟଣାର କ୍ରମରେ ଚିତ୍ର କାର୍ଡଗୁଡ଼ିକୁ କ୍ରମରେ ରଖିବେ/ସଜାଇବେ । |
| IL ୩.୭: ଯେତେବେଳେ ଏକ କାହାଣୀ କୁହାଯାଏ, ସେଥିରେ ଥିବା ସମୟ ସମ୍ବନ୍ଧୀୟ ଘଟଣା ଗୁଡ଼ିକୁ ବୁଝିପାରିବେ, ଯେପରି-ପ୍ରଥମେ କ'ଣ ହେଲା, କିଏ ରାତିରେ ଆସିଲା ଇତ୍ୟାଦି । |
| IL ୩.୮(କ): ଉପଯୁକ୍ତ କାରଣ ସହିତ ସରଳ ସମସ୍ୟାର ସମାଧାନ ପ୍ରଦାନ କରିବେ ।<br>IL ୩.୮(ଖ): ପରିବେଶରେ ଥିବା ବସ୍ତୁର ଅନ୍ୱେଷଣ କରିବା ଏବଂ ତାକୁ ନେଇ କାର୍ଯ୍ୟ କରିବାରେ ଜଡ଼ିତ ହେବେ, ପ୍ରଶ୍ନ ପଚାରିବେ, ଅନୁସନ୍ଧାନ କରିବେ, ଆବିଷ୍କାର କରିବେ ଏବଂ ତା' ସମ୍ପର୍କରେ ନିଜସ୍ୱ ଧାରଣା ସୃଷ୍ଟି କରିବେ ଓ ପ୍ରତ୍ୟାଶିତ ଅନୁମାନ କରିବେ ।<br>IL ୩.୮(ଗ): ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ସଚେତନତା ଓ ସମ୍ବେଦନଶୀଳତା ପ୍ରଦର୍ଶନ କରିବେ (ଯେପରି- ପାଣି ନଷ୍ଟ ନ କରିବା, ଆବଶ୍ୟକ ନଥିବା ବେଳେ ଲାଇଟ ଜଳାଇବା ନାହିଁ ଇତ୍ୟାଦି) |
| IL ୩.୯: ୧୦ଟି ପର୍ଯ୍ୟନ୍ତ ବସ୍ତୁକୁ ଗଣିବେ । |
| IL ୩.୧୦: ୯ ଟି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ପର୍ଯ୍ୟନ୍ତ ଆଗକୁ ଏବଂ ପଛକୁ ଗଣନ କରିବେ । |
| IL ୩.୧୧: ସଂଖ୍ୟା ସହ ସଂଖ୍ୟା ସୂଚକ ଗୁଡ଼ିକୁ ଚିହ୍ନଟ କରିବେ ଓ ୯ ପର୍ଯ୍ୟନ୍ତ ସଂଖ୍ୟା ସୂଚକକୁ କ୍ରମାଗତ ଲେଖିବେ । |
| IL ୩.୧୨: ବସ୍ତୁଗୁଡ଼ିକରେ ସଂଖ୍ୟାରେ ହ୍ରାସ ହୋଇ ତାହା ଶୂନ ହୋଇଯାଏ- ଏ ସମ୍ପର୍କୀୟ ସଚେତନତା ପ୍ରଦର୍ଶନ କରିବେ (ଯେପରି- ଗଛ ଡାଳରେ ତିନୋଟି ଚଢେଇ ବସିଥିଲେ, ଗୋଟିକ ପରେ ଗୋଟିଏ ଉଡ଼ିଯିବା ପରେ ସେହି ଡାଳରେ କୌଣସି ଚଢେଇ ରହିଲେ ନାହିଁ) |
| IL ୩.୧୩: ୧୦ ମଧ୍ୟରେ କୌଣସି ଦୁଇଟି ସଂଖ୍ୟାକୁ ତୁଳନା କରିବେ ଓ "ଏଥିରୁ ଅଧିକ", "ଏଥିରୁ କମ" ଭଳି ଶବ୍ଦକୁ ବ୍ୟବହାର କରିବେ । |
| IL ୩.୧୪: ଦୁଇଟି ସମୂହର ବସ୍ତୁକୁ ମିଶାଇବେ (୯ ପର୍ଯ୍ୟନ୍ତ) ଓ ପୁନଃଗଣନ କରିବେ । |
| IL ୩.୧୫: ୯ ମଧ୍ୟରେ ବସ୍ତୁ ସମୂହରୁ କେତୋଟି ବସ୍ତୁ ବାହାର କରି ପୁନଃଗଣନ କରିବେ । |
| IL ୩.୨୦: ଭାରତୀୟ ମୁଦ୍ରା ଓ ନୋଟକୁ ଚିହ୍ନଟ କରିବେ । |
| IL ୩.୨୧: ସବୁଠାରୁ ଅଧିକ ଲମ୍ବା/ଛୋଟ, ସବୁଠାରୁ ଅଧିକ ଡେଙ୍ଗା/ ଛୋଟ ଭାବେ ସେମାନଙ୍କର ଲମ୍ବ ଅନୁଯାୟୀ ତିନୋଟି ବସ୍ତୁକୁ ତୁଳନା କରିବେ । |
| IL ୩.୨୨: ଦୁଇଟି ବସ୍ତୁର ଓଜନକୁ ତୁଳନା କରିବେ ଓ ଅଧିକ ଓଜନିଆ ବା ହାଲୁକା ଭାବେ ପ୍ରକାଶ କରିବେ । |
| IL ୩.୨୩: ଦୁଇଟି ପାତ୍ରରେ ଧାରକତ୍ୱକୁ ତୁଳନା କରିବେ ଯେପରି- ବୋତଲ, ଗ୍ଲାସ, ବାଲଟି ଇତ୍ୟାଦି । |
| IL ୩.୨୫: ସମତଳ ପୃଷ୍ଠ ଉପରେ ତ୍ରି-ମାତ୍ରିକ ବସ୍ତୁର ପାର୍ଶ୍ୱକୁ ଥୋଇ ଦ୍ୱି-ମାତ୍ରିକ ଆକୃତି ଅଙ୍କନ କରି ଚିହ୍ନଟ କରିବେ । |
| IL ୩.୨୬: ଦୈନନ୍ଦିନ ପରିସ୍ଥିତିରେ ଅଧା ରୁଟି/ ଅଧା ଗ୍ଲାସ ପାଣି ଭଳି ଶବ୍ଦକୁ ବ୍ୟବହାର କରିବେ । |
| IL ୩.୨୭: ଆଙ୍ଗୁଠି ଛାପାଦେଇ ବା ପତ୍ରରେ ରଙ୍ଗ ଦେଇ ନୂତନ ଢାଞ୍ଚା/ସରଂଚନା ତିଆରି କରିବେ । |

| | |
|---|---|
| **IL ୩.୨୮: ପିଲାର ଚତୁଃପାର୍ଶ୍ୱରେ ପରିସ୍ଥିତି/ଘଟଣାବଳୀରୁ ସିଦ୍ଧାନ୍ତ ନିର୍ଣ୍ଣୟ କରିବେ, ଯେପରି-ମୋ ପାଖରେ ନୀଳରଙ୍ଗରେ ପେନସିଲ ଠାରୁ ନାଲିରଙ୍ଗର ପେନସିଲ ଅଧିକ ଅଛି ।** |
| **IL ୩.୨୯: ଗୋଟିଏ ସପ୍ତାହର ଦିନଗୁଡ଼ିକର ନାମ ଓ ଗୋଟିଏ ବର୍ଷର ମାସ ଗୁଡ଼ିକର ନାମକୁ କହିବେ ।** |
| **IL ୩.୩୦: ତାଙ୍କ ଚାରିପାଖରେ ଉପଲବ୍ଧ ବୈଷୟିକ ଉପକରଣ ଗୁଡ଼ିକର ବ୍ୟବହାରକୁ ବର୍ଣ୍ଣନା କରିବେ ।** |

**ସୂଚନା:** ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୁଡ଼ିକ ଆଲୋଚନା କରାଯିବ ।

NB- **IL-Involved Learners**

**DG-3 - Children become involved learners and connect with their immediate environment.**

## ତଥ୍ୟଫର୍ଦ୍ଦ- ୮
## (ମାନନିର୍ଦ୍ଧାରଣର ଆବଶ୍ୟକତା ଓ ପ୍ରକ୍ରିୟା)

ପ୍ରତ୍ୟେକ ପିଲାର ଶିକ୍ଷଣ ପ୍ରଗତି ଜାଣିବା ପାଇଁ ଉଭୟ ଔପଚାରିକ ଓ ଅନୌପଚାରିକ ଉପାୟରେ ମାନନିର୍ଦ୍ଧାରଣ କରାଯିବ। ଔପଚାରିକ ମାନନିର୍ଦ୍ଧାରଣ ପାଇଁ ପ୍ରତି ମାସର ଶେଷରେ ଏହି ମାନନିର୍ଦ୍ଧାରଣ ଫର୍ଦ୍ଦ ବ୍ୟବହାର କରିବାର ଯୋଜନା କରାଯାଇଛି । ସେହିପରି ଅନୌପଚାରିକ ମାନନିର୍ଦ୍ଧାରଣ, ପ୍ରତିଦିନ ଶିକ୍ଷଣ କାର୍ଯ୍ୟ କରିବା ସମୟରେ କରାଯିବ ଓ ପ୍ରତି ସପ୍ତାହର ପ୍ରଥମ ପାଞ୍ଚ ଦିନ କାର୍ଯ୍ୟ ଆଧାରରେ ଷଷ୍ଠ ଦିନ ମଧ୍ୟ କରାଯାଇ ଶିକ୍ଷଣକୁ ଦୃଢ଼ିଭୂତ କରିବା ପାଇଁ ପୁନରାଲୋଚନା କରାଯିବ ।

### ମାସୱାରୀ ମାନନିର୍ଦ୍ଧାରଣର ଫର୍ଦ୍ଦ
### (ପ୍ରତ୍ୟେକ ପିଲାର ବିଦ୍ୟାଳୟ ପ୍ରସ୍ତୁତିକୁ ମୂଲ୍ୟାୟନ କରିବା)
### ପ୍ରଥମ ମାସ

**ଉଦ୍ଦେଶ୍ୟ: ପିଲାଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତି ରୁଚି ଉତ୍ପନ୍ନ କରିବା ଓ ସେମାନଙ୍କୁ ବିଦ୍ୟାଳୟ ପରିବେଶ ସହ ପରିଚିତ କରାଇବା । ଯଦ୍ବାରା ପିଲାଙ୍କ ଶିଖିବା ପ୍ରକ୍ରିୟା ଆନନ୍ଦମୟ  ଓ ସହଜ ହୋଇପାରିବ ।**

**ପିଲାଙ୍କ ଓଜନ ଓ ଉଚ୍ଚତା ମାପିବା:**

**ନାମ:** ______________________________ **ଲିଙ୍ଗ:** ________ **ଓଜନ:**______ **ଉଚ୍ଚତା:**_______

**ପିଲାଙ୍କ ପରିଷ୍କାର ଓ ପରିଚ୍ଛନ୍ନତା**

**ପିନ୍ଧା କପଡ଼ା :**_______ **ନଖ:**_______ **ଦାନ୍ତ:**______ **ଆଖି:**______ **କାନ:**_______ **ନାକ:**_______ **ଚୁଟି:**_______

| ବିଦ୍ୟାଳୟର ନୀତିନିୟମକୁ ମାନିବା ଓ ଦୈନିକ ରୁଟିନର ଅନୁସରଣ କରିବା | କ୍ୱଚିତ | ବେଳେବେଳେ | ସବୁବେଳେ |
|---|---|---|---|
| ବିଦ୍ୟାଳୟକୁ ଖୁସିରେ ଆସିବା | | | |
| ଶିକ୍ଷକ ଓ ସାଙ୍ଗ ମାନଙ୍କୁ ଅଭିନନ୍ଦନ ଜଣାଇବା | | | |
| ନିଜର ଓ ସାଙ୍ଗମାନଙ୍କର ଜିନିଷର  ଯତ୍ନ ନେବା | | | |
| ଅନ୍ୟ ପିଲାମାନଙ୍କ ସହ  ନିଜ ଜିନିଷ ବାଣ୍ଟିବା | | | |
| ଅନ୍ୟକୁ ସହାୟତା କରିବା | | | |
| ପରିବେଶ ଓ ଅନ୍ୟମାନଙ୍କ ଯତ୍ନ ନେବା | | | |

| | | | |
|---|---|---|---|
| ନିଜର ପାଳି ପାଇଁ ଅପେକ୍ଷା କରିବା | | | |
| ସକ୍ରିୟ ହୋଇ ଦଳଗତ  କାମରେ ଭାଗ ନେବା | | | |
| ନିଜର ଭାବକୁ ପ୍ରକାଶ କରିବା | | | |
| ଶିକ୍ଷଣ କାର୍ଯ୍ୟ  ସମୟରେ ନିଜ ତରଫରୁ ଆଗ୍ରହର ସହକାରେ ପଦକ୍ଷେପ ନେବା | | | |
| ନିଜେ  ନାଚରେ ଭାଗ ନେବା | | | |
| ଖେଳର ନିୟମ ଗୁଡ଼ିକୁ ମାନିବା ଓ ସମୟସାରଣୀକୁ ମାନିବା | | | |
| ସାଧାରଣ ନିୟମ ଗୁଡ଼ିକୁ ଅନୁସରଣ କରିବା | | | |
| **ବାହାର ଖେଳରେ ଭାଗ ନେବା** | **ସମ୍ପୂର୍ଣ୍ଣ  ସହାୟତା ଦରକାର** | **କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା** | **ନିଜେ ସ୍ୱାଧୀନ ଭାବେ କରିପାରିବା** |
| ନିଜକୁ ବାଲି ଓ ପାଣି ଖେଳରେ ଯୋଡ଼ିବା | | | |
| ଶରୀରର ସନ୍ତୁଳନ ରଖିବା  (ବକ୍ର କିମ୍ବା ଜିଗ୍ -ଜାଗ୍ ଲାଇନ୍ ଉପରେ ଆଗକୁ ଏବଂ ପଛୁଆ ଚାଲିବା ) | | | |
| ଆବଶ୍ୟକତା ଅନୁଯାୟୀ ଧୀର ଏବଂ ଦ୍ରୁତ ଗତିରେ ଚାଲିବା | | | |
| ଦୁଇ ହାତରେ ବଲ ଫୋପାଡ଼ିବା ଓ ଧରିବା | | | |
| କୌଣସି ବାଧା ବା  ପ୍ରତିବନ୍ଧକକୁ ଡେଇଁ ସହଜରେ ଅତିକ୍ରମ କରିବା | | | |
| **କଳା, ସୃଜନ, ଆବେଗିକ, ସୂକ୍ଷ୍ମ ମାଂସପେଶୀର ବିକାଶ** | **ସମ୍ପୂର୍ଣ୍ଣ  ସହାୟତା ଦରକାର** | **କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା** | **ନିଜେ ସ୍ୱାଧୀନ ଭାବେ କରିପାରିବା** |
| ବାଲିରେ ଅଙ୍କା ବଙ୍କା ଗାର ଟାଣିବା | | | |
| ଆଙ୍ଗୁଠିରେ ସହାୟତାରେ ସହଜରେ ଛାପ ଦେବା | | | |
| ପ୍ଲାଷ୍ଟିକର ମୋତି ଗୁଡ଼ିକ ରଙ୍ଗ ଓ କ୍ରମ ଅନୁସାରେ  ସଜାଇବା | | | |
| ସହଜରେ ଚିତ୍ର ଆଙ୍କିବା | | | |
| କାଗଜ ଚିରିବା ଓ ଲଗାଇବା | | | |
| ମାଟି ଓ ଅଟା ଚକଟିବା | | | |
| **ସଂଖ୍ୟାଜ୍ଞାନ ଓ ପରିବେଶ ଜ୍ଞାନ  ସମ୍ବନ୍ଧୀୟ ସଚେତନତା** | **ସମ୍ପୂର୍ଣ୍ଣ  ସହାୟତା ଦରକାର** | **କିଛି ସମସ୍ୟା ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟ କରିପାରିବା** | **ନିଜେ ସ୍ୱାଧୀନ ଭାବେ କରିପାରିବା** |
| ପରିବେଶରେ ଜିନିଷଗୁଡ଼ିକ ଅନୁସନ୍ଧାନ କରିବାର  କୌତୁହଳ ଦେଖାଇବା | | | |
| ବସ୍ତୁଗୁଡ଼ିକୁ ନିଜର ଇନ୍ଦ୍ରିୟ ସହାୟତାରେ ଚିହ୍ନିବା ( ବାସ୍ନା , ସ୍ପର୍ଶ , ଶ୍ରବଣ, ସ୍ୱାଦ ଓ ଦୃଷ୍ଟି) | | | |
| ଜିନିଷ ଗୁଡ଼ିକୁ କୌଣସି ଏକ ଗୁଣ ଆଧାରରେ (ଆକାର, ରଙ୍ଗ ଓ ଆକୃତି ଅନୁସାରେ) ସଜାଇବା | | | |
| ଦୁଇଟି ଚିତ୍ର ଭିତରେ ଥିବା  ପ୍ରଭେଦକୁ  ଜାଣିବା | | | |

| | | | |
|---|---|---|---|
| ସାଧାରଣ ରଙ୍ଗଗୁଡ଼ିକୁ ଚିହ୍ନିବା, ସମାନ ରଙ୍ଗକୁ ମେଳ କରିବା, ନାମ କହିବା ଓ ସଜାଇବା | | | |
| ଅଂଶ ଓ ପୁରାକୁ ବୁଝି ପାରିବା | | | |
| ଖାଲି ଓ ପୁରାର ଧାରଣାକୁ ବୁଝି ପାରିବା | | | |
| **ମୌଖିକ ଅଭିବ୍ୟକ୍ତି** | **କ୍ୱଚିତ** | **ବେଳେବେଳେ** | **ସବୁବେଳେ** |
| ପିଲା ଓ ବଡମାନଙ୍କ ସହ ଭଲଭାବରେ / ମୁକ୍ତାଭାବେ କଥାବାର୍ତ୍ତା ହେବା | | | |
| କଥାବାର୍ତ୍ତା ଅଥବା ଠାର ଦ୍ୱାରା ନିଜର ଭାବନା , ଆବଶ୍ୟକତା ଓ ଆଗ୍ରହକୁ ଦର୍ଶାଇବା | | | |
| ପୁରା ବାକ୍ୟରେ ନିଜର କଥାକୁ ସ୍ୱଷ୍ଟ ଭାବେ ରଖି ପାରିବା | | | |
| ଗଳ୍ପ ଓ କବିତାକୁ ମନ ଦେଇ ଶୁଣିବା | | | |
| ଗୀତ ଗାଇବା ଉପଭୋଗ କରିବା | | | |
| **ପ୍ରାକ୍-ପଠନ ଦକ୍ଷତାକୁ ଦେଖାଇବା** | **କ୍ୱଚିତ** | **ବେଳେବେଳେ** | **ସବୁବେଳେ** |
| ଚିତ୍ର , ବହି ଓ ଅନ୍ୟାନ୍ୟ ଛାପାଲେଖା ସାମଗ୍ରୀ ସହ ଯୋଡ଼ି ହେବା ଓ ସେଗୁଡ଼ିକକୁ ନେଇ କାମ କରିବା | | | |
| ମନଧ୍ୟାନ ଦେଇ ଗଳ୍ପ ଓ କବିତା ଶୁଣିବା | | | |
| ଚିତ୍ର ଦେଖି ସେଥିରେ ଥିବା ଜିନିଷ କହିପାରିବା | | | |
| ବାକ୍ୟରେ ଶବ୍ଦକୁ ଚିହ୍ନି ପାରିବା | | | |
| ସମତାନ ଶବ୍ଦକୁ ଜାଣିପାରିବା | | | |
| ପ୍ରାକ୍-ପଠନ ଦକ୍ଷତାକୁ ଦେଖାଇବା | କ୍ୱଚିତ | ବେଳେବେଳେ | ସବୁବେଳେ |
| ପେନ୍ସିଲକୁ ଠିକ ଭାବେ ଧରିବା | | | |
| ବାଲି ଓ ଶୂନ୍ୟରେ ଲେଖିବା / ଟ୍ରେସିଂ କରିବା | | | |
| ପରିସ୍ଥିତି, ଘଟଣା, ଭାବନା ଆଦିକୁ ଆଙ୍କି ଜଣାଇବା | | | |

**ପିଲାର ଅନନ୍ୟତା / ଅସାଧରଣତା :**

**ବିଶେଷ ଆଗ୍ରହ: ___ ଶିଶୁର ପ୍ରତିଭା: ___ ଶକ୍ତି: _____ ଉପସ୍ଥାନ: ନିୟମିତ: ହଁ / ନା ସମୟାନୁବର୍ତ୍ତୀ: ହଁ / ନା**

**ସାଧାରଣ ଟିପ୍ପଣୀ: _______ ଶିକ୍ଷକଙ୍କ ସ୍ୱାକ୍ଷର ଓ ଦିନାଙ୍କ: ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ:**

**ସୂଚନା:** ତଥ୍ୟ ଫର୍ଦ୍ଦର ସୂଚନା ଆଧାରରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୁଡ଼ିକ ଆଲୋଚନା କରାଯିବ ।

**କାର୍ଯ୍ୟ – ୪ : ଦଳଗତ କାର୍ଯ୍ୟ (ପ୍ରଦର୍ଶନ)**

ଅଂଶଗ୍ରହଣକାରୀମାନଙ୍କୁ ୬ଟି ଦଳରେ ଭାଗ କରାଯିବ । ପ୍ରତିଦଳକୁ ଦୈନିକ କାର୍ଯ୍ୟସୂଚୀ ଆଧାରରେ ହେବାକୁ ଥିବା ୬ଟି ପର୍ଯ୍ୟାୟ କାର୍ଯ୍ୟରୁ ଗୋଟିଏ ଲେଖାଏଁ ପର୍ଯ୍ୟାୟର କାର୍ଯ୍ୟକୁ ପ୍ରଦର୍ଶନ କରିବା ପାଇଁ କୁହାଯିବ । ଏଥିପାଇଁ ପ୍ରଶିକ୍ଷଣ କୋଠରିରେ ଥିବା ସାମଗ୍ରୀକୁ ବ୍ୟବହାର କରି ଅଭିନୟ କରିବେ ଏବଂ ପ୍ରତିଦଳର ପ୍ରଦର୍ଶନ ପରେ ଆଲୋଚନା କରାଯିବ ।

**ଦଳ-୧ ପାଇଁ ନମୁନା କାର୍ଯ୍ୟ- ସ୍ୱାଗତ ସମୟର /ପ୍ରାରମ୍ଭିକ କାର୍ଯ୍ୟ (Circle Time)**

ପିଲାମାନେ ବିଦ୍ୟାଳୟକୁ ଆସିବା ପରେ ପ୍ରାର୍ଥନା କରିବେ ଓ ସେମାନଙ୍କ ପରିଷ୍କାର ପରିଛନ୍ନତା ତଦାରଖ କରାଯିବ । ବିଦ୍ୟାଳୟ କାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ଆଗ୍ରହୀ କରିବା ପାଇଁ ତଳେ ଦିଆଯାଇଥିବା କାର୍ଯ୍ୟ ମଧ୍ୟରୁ ପ୍ରତିଦିନ ଯେକୌଣସି ଗୋଟିଏ କାର୍ଯ୍ୟ କରାଯିବ । ସାଙ୍ଗ

ମାନଙ୍କ ସହ ମୁକ୍ତ କଥାବାର୍ତ୍ତା (ଗପସପ) ଯେପରି: ନିଜ ପସନ୍ଦର ଜିନିଷ, ଖେଳଣା, ବୁଲିଯାଇଥିବା ସ୍ଥାନ, ମେଳା, ଗୁରୁଜନଙ୍କୁ ସମ୍ମାନ ଦେବା ଆଦି ବିଷୟରେ କହିବା କାର୍ଯ୍ୟଟିକୁ କରିବେ ।

- ସାଧନକର୍ମୀ, ଉପରୋକ୍ତ କାର୍ଯ୍ୟ ମଧ୍ୟରୁ ଯେକୌଣସି ଗୋଟିଏ କାର୍ଯ୍ୟକୁ ପ୍ରଦର୍ଶନ କରିବା ପାଇଁ ଅଂଶଗ୍ରହଣକାରୀଙ୍କୁ ସୂଚନା ଦେବେ

**ଦଳ-୨ ପାଇଁ ନମୁନା କାର୍ଯ୍ୟ– ବିକାଶାତ୍ମକ ଲକ୍ଷ୍ୟ-୧**

Title- ଭାଇ କହିଲେ ଖେଳ

**ଶିକ୍ଷଣ କାର୍ଯ୍ୟ**- (୧) – ଖେଳ (ସାମୁହିକ କାର୍ଯ୍ୟ)

**କାର୍ଯ୍ୟ ସୂଚନା-**

- ପିଲା ମାନେ ଗୋଲରେ ଠିଆ ହେବେ, ଶିକ୍ଷକ ସାମନା ରେ ରହିବେ ।
- ଶିକ୍ଷକ 'ଭାଇ କହିଲେ' ଖେଳଟିର ସୂଚନା ଦେବେ ।
- ଯଥା : ଭାଇ କହିଲେ ମୁଣ୍ଡ ଛୁଅଁ/ନାକ/ହାତ ଛୁଅଁ । ଶେଷରେ ଭାଇ କହିଲେ ଆଙ୍ଗୁଠି ଦେଖାଅ ୧, ୨, ୪ ଆଦି ଆଙ୍ଗୁଠି ଦେଖାଇବାକୁ କହିବେ ।
- ଯେଉଁ ପିଲା ଭଲ କରିବ, ସେ ଆଗକୁ ଆସି ଖେଳାଇବ ।

**ଶିକ୍ଷଣ କାର୍ଯ୍ୟ**- (୨)- ଖେଳ (ସାମୁହିକ କାର୍ଯ୍ୟ)

**କାର୍ଯ୍ୟ ସୂଚନା-** ଘୋ ଘୋ ରାଣୀ ଖେଳ

- ପିଲାମାନେ ଗୋଲରେ ଠିଆ ହେବେ, ଶିକ୍ଷକ ସାମନାରେ ରହିବେ ।
- ପ୍ରଥମେ ଶିକ୍ଷକ ଅଭିନୟ କରିବେ ।
- ପିଲାମାନେ ଅଭିନୟ ସହ ଗୀତ ଗାଇବେ ଓ ଶରୀରର ବିଭିନ୍ନ ଅଂଶ ଛୁଇଁବେ (ପାଦ, ଆଣ୍ଠୁ, ଅଣ୍ଟା, ବେକ, ମୁଣ୍ଡ, ନାକ)

**ସଂକ୍ଷେପଣ -** ଏହି କାର୍ଯ୍ୟ ସମ୍ପାଦନ ପରେ ପିଲାମାନେ ଶରୀରର ବିଭିନ୍ନ ଅଂଶ ର ନାମ କହିପାରିବେ।

**ଆବଶ୍ୟକୀୟ ସାମଗ୍ରୀ**- ଗୀତ ଚାର୍ଟ – **'ଘୋ ଘୋ ରାଣୀ '**

ଏତେ ଏତେ ପାଣି, ଘୋ ଘୋ ରାଣୀ
ପାଦେ ପାଦେ ପାଣି, ଘୋ ଘୋ ରାଣୀ
ଆଁଠୁଏ, ଆଁଠୁଏ ପାଣି, ଘୋ ଘୋ ରାଣୀ
ଅଣ୍ଟେ ଅଣ୍ଟେ ପାଣି, ଘୋ ଘୋ ରାଣୀ
ଛାତିଏ ଛାତିଏ ପାଣି, ଘୋ ଘୋ ରାଣୀ
ବେକେ ବେକେ ପାଣି, ଘୋ ଘୋ ରାଣୀ



**ଦଳ-୩ ପାଇଁ ନମୁନା କାର୍ଯ୍ୟ– ବିକାଶାତ୍ମକ ଲକ୍ଷ୍ୟ-୨**

**ସମୟ : ୪୦ ମିନିଟ୍**

**ଶିକ୍ଷଣ କାର୍ଯ୍ୟ : ଚିତ୍ର ଦେଖି କୁହ (ବ୍ୟକ୍ତିଗତ କାର୍ଯ୍ୟ)**

**କାର୍ଯ୍ୟ ପ୍ରଣାଳୀ :**

- ଶିକ୍ଷକ ଶ୍ରେଣୀ ଗୃହର କାନ୍ଥରେ ହାଟ ବଜାରର ବିଭିନ୍ନ ଦୃଶ୍ୟର ଚିତ୍ର ଲଗାଇବେ ।
- ପ୍ରତ୍ୟେକ ପିଲା ଚିତ୍ର ଦେଖି ଗୋଟିଏ ଲେଖାଏଁ ବାକ୍ୟ କହିବେ ।
- ଏହାପରେ ପିଲାମାନେ ଚିତ୍ର ଦେଖି ଚିତ୍ର ସମ୍ପର୍କିତ ଏକ ଶବ୍ଦ କଳାପଟାରେ ଲେଖିବେ ।

(ବି.ଦ୍ର : ଯଦି କୌଣସି ପିଲା ନ ଲେଖି ପାରିବ ତେବେ ଶିକ୍ଷକ ସେଠାରେ ସେହି ଦୃଶ୍ୟର ଶବ୍ଦ କାର୍ଡ ଯୋଗାଇ ଦେବେ । ପିଲା ଏହାକୁ ଦେଖି ଲେଖିବ ।)

**ସଂକ୍ଷେପଣ** : ପିଲାମାନେ ଚିତ୍ର ଦେଖି ବାକ୍ୟ କହିବେ ଓ ଶବ୍ଦ ଲେଖିବେ ।

**ସାମଗ୍ରୀ : ହାଟ ବଜାରର ଚିତ୍ର**

**ଦଳ-୪ ପାଇଁ ନମୁନା କାର୍ଯ୍ୟ– ବିକାଶାତ୍ମକ ଲକ୍ଷ୍ୟ-୩**

**ଶିକ୍ଷଣ କାର୍ଯ୍ୟ- (୧) ଥିଲା ଗଲା ରହିଲା (ସାମୁହିକ କାର୍ଯ୍ୟ)**

**କାର୍ଯ୍ୟ ସୂଚନା** –ଶିକ୍ଷକ ପିଲାଙ୍କୁ ଗୋଲ୍ ରେ ଠିଆ କରାଇ ୬ଟି ଥିଲେ ମୂଷା ଛୁଆ ଗୀତକୁ ଅଭିନୟ ସହିତ ଆବୃତ୍ତି କରାଇବେ।

**ଶିକ୍ଷଣ କାର୍ଯ୍ୟ-(୨). (ସାମୁହିକ କାର୍ଯ୍ୟ)**

**କାର୍ଯ୍ୟ ସୂଚନା:** ୯ ଟି ପିଲାଙ୍କୁ ଠିଆ କରାଇ ସେଥିରୁ ଜଣେ ତା ପରେ ୨ ଜଣ ଏହିପରି ସେମାନଙ୍କ ସ୍ଥାନକୁ ପଠାଇ ଆଉ କେତେ ଜଣ ରହିଲେ ବୋଲି ପ୍ରଶ୍ନ କରିବେ ଓ ନିଜେ ମଧ୍ୟ ସେଇ ସଂଖ୍ୟାକୁ କହିବେ । ଏହିପରି ସବୁ ପିଲାଙ୍କୁ ନିଜ ନିଜ ବସିବା ସ୍ଥାନକୁ ପଠାଇବେ। ପ୍ରତିଥର ଆଉ କେତେଜଣ ରହିଲେ ବୋଲି ପ୍ରଶ୍ନ କରିବେ ।

**୬ଟି ଥିଲେ ମୂଷା ଛୁଆ ଗୀତ**

୬ ଟି ଥିଲେ ମୂଷା ଛୁଆ କରୁଥିଲେ ନାଚ
ନାଚ କରୁ କରୁ ଗୋଟିଏ ଗଲା ଆଉ ରହିଲେ ପାଞ୍ଚ ।
ପାଞ୍ଚୋଟି ମୂଷା ଛୁଆଦିନେ ଖାଉଥିଲେ ବିରି
ବିରି ଖାଉ ଖାଉ ଗୋଟିଏ ଗଲା ଆଉ ରହିଲେ ଚାରି ।
ଚାରୋଟି ମୂଷା ଛୁଆଦିନେ ବଜାଉଥିଲେ ଗିନି
ଗିନି ବଜାଉ ବଜାଉ ଗୋଟିଏ ଗଲା ଆଉ ରହିଲେ ତିନି ।
ତିନୋଟି ମୂଷା ଛୁଆଦିନେ ଖାଉଥିଲେ ଖଇ
ଖଇ ଖାଉ ଖାଉ ଗୋଟିଏ ଗଲା, ଆଉ ରହିଲେ ଦୁଇ ।
ଦୁଇଟି ମୂଷା ଛୁଆଦିନେ ଟେକିଥିଲେ ବେକ
ବେକ ଟେକି ଟେକି ଗୋଟିଏ ଗଲା ଆଉ ରହିଲେ ଏକ ।
ଗୋଟିଏ ମୂଷା ଛୁଆଦିନେ ଖାଉଥିଲା ଧାନ
ଧାନ ଖାଉ ଖାଉ ଗୋଟିକ ଗଲା ଆଉ ରହିଲା ଶୂନ ।

----ଏହା ପରେ ପ୍ରଶ୍ନ ରହିବ ।

**ସଂକ୍ଷେପଣ :** ଥିଲା ଗଲା ଓ ରହିଲା

**ଦଳ-୫ ପାଇଁ ନମୁନା କାର୍ଯ୍ୟ- ମୁକ୍ତ ଖେଳ**

**ସୂଚନା:** ଶିକ୍ଷକ ଶ୍ରେଣୀ ଗୃହର ବିଭିନ୍ନ କୋଣରେ ପିଲାଙ୍କ ଖେଳିବା ପାଇଁ କିଛି ସାମଗ୍ରୀ ରଖିଥିବେ ଯେପରି; ବଲ, କଣ୍ଢେଇ, ଓଦା ମାଟି, picture କାର୍ଡ, puzzle କାର୍ଡ, ବିଜ୍ଞାନ ଭିତ୍ତିକ ସାମଗ୍ରୀ, ଗଣତି ସମ୍ବନ୍ଧୀୟ ସାମଗ୍ରୀ, ଚିତ୍ର ଆଙ୍କିବା ପାଇଁ ସାମଗ୍ରୀ ଇତ୍ୟାଦି । ପିଲାଙ୍କୁ ତାଙ୍କ ମନ ପସନ୍ଦର କୋଣ/ ସାମଗ୍ରୀ ପାଖକୁ ଯିବାକୁ ସୂଚନା ଦେବେ, ସେଠାରେ ପିଲା ନିଜ ଅନୁସାରେ କାର୍ଯ୍ୟ କରିବେ ଓ ଖେଳିବେ । ଶିକ୍ଷକ କେବଳ ସେମାନଙ୍କୁ ପର୍ଯ୍ୟବେକ୍ଷଣ କରିବେ ।

ସାଧନକର୍ମୀ ପ୍ରଶିକ୍ଷଣ କୋଠରିରେ କିଛି ଏହିପରି ସାମଗ୍ରୀର ବ୍ୟବସ୍ଥା କରିଥିବେ ଯାହାକୁ ଅଂଶଗ୍ରହଣକାରୀ ମାନେ ପ୍ରଦର୍ଶନ ସମୟରେ ବ୍ୟବହାର କରିବେ ।

**କିମ୍ବା: ନିର୍ଦ୍ଦେଶିତ ଖେଳ**

**ସୂଚନା:** ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କୁ ଏଠାରେ ଦିଆଯାଇଥିବା କେତେଗୁଡ଼ିଏ ଖେଳ ମଧ୍ୟରୁ ଯେକୌଣସି ଗୋଟିଏ ଖେଳକୁ ପ୍ରଦର୍ଶନ କରିବାକୁ କହିବେ। ଏହି ଖେଳ ଗୁଡ଼ିକର ନିଜସ୍ୱ ନିୟମ ରହିଥାଏ । ଏହି ଖେଳ ଗୁଡ଼ିକ ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ । ଯେପରି: ବୋହୁ ଚୋରୀ, କୁମ୍ଭୀର ପାଣି, କବାଡ଼ି, ରୁମାଲ ଚୋରୀ, କିତ କିତ, ବାଘ ଛେଳି ଇତ୍ୟାଦି ।
(ସାଧନକର୍ମୀ ନିଜ ଅଞ୍ଚଳରେ ଖେଳ ଯାଉଥିବା ଖେଳଗୁଡ଼ିକୁ ମଧ୍ୟ ଏଠାରେ କରିପାରିବେ।)

**ଦଳ-୬ ପାଇଁ ନମୁନା କାର୍ଯ୍ୟ-ବିଦାୟ ସମୟର କାର୍ଯ୍ୟ**

ଗୋଟିଏ ଦିନର ସମସ୍ତ କାର୍ଯ୍ୟ ସରିବା ପରେ ଶିକ୍ଷକ ପିଲାମାନଙ୍କୁ ସେହି ଦିନର କାର୍ଯ୍ୟଗୁଡ଼ିକର ପୁନରାଲୋଚନା କରିବେ ଓ ଘରେ ସେଗୁଡ଼ିକୁ ନିଜ ବାପା, ମା, ଭାଇ, ଭଉଣୀଙ୍କ ସହ ଆଲୋଚନା କରିବେ ବୋଲି କହିବେ । ଆଲୋଚନା ମୁଖ୍ୟତଃ ନିମ୍ନ ପ୍ରକାର କରାଯାଇପାରିବ-

- ପିଲାମାନଙ୍କୁ ସେହି ଦିନର ଭଲ ଲାଗିଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା
- ଆଉ କ'ଣ ଭଲ କାମ କରାଯିବ
- ପିଲା ନିଜେ କରିଥିବା କିଛି ସାମଗ୍ରୀ ଘରକୁ ନେବା ପାଇଁ କହିବେ
- ଆସନ୍ତା କାଲି ଆଉ କି ଖେଳ ଖେଳିବା ଆଦି
- ଶେଷରେ ପ୍ରତ୍ୟେକ ପିଲା ଶିକ୍ଷକ ଓ ନିଜ ସାଙ୍ଗଙ୍କ ସହ ହାତ ମିଳାଇ ବିଦାୟ ।

# ମୌଖିକ ଭାଷା ବିକାଶ (୧)

ଦିବସ: ଦ୍ୱିତୀୟ                                        ଅବଧି : ୧ ଘ. ୩୦ ମି

ଅଧିବେଶନ: ପ୍ରଥମ

ପ୍ରତ୍ୟାଶିତ ଫଳାଫଳ:

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ –

- ମୌଖିକ ଭାଷା ବିକାଶର ଗୁରୁତ୍ୱ ବୁଝାଇବେ ।
- ମୌଖିକ ଭାଷା ବିକାଶ ପାଇଁ ଆଧାରିତ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଗୁରୁତ୍ୱ ସମ୍ପର୍କରେ ବୁଝାଇବେ ।
- ମୌଖିକ ଭାଷା ବିକାଶ ଆଧାରିତ ବିଭିନ୍ନ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ କହି ପାରିବେ ।
- ଶିଖିବା ଓ ଶିଖାଇବା ପ୍ରକ୍ରିୟାରେ ଘର ଭାଷା ବ୍ୟବହାରର ଆବଶ୍ୟକତାକୁ ବୁଝାଇବେ ।

## ପ୍ରଣାଳୀ

ଶିକ୍ଷଣ କାର୍ଯ୍ୟ :୧- ଆସ କଥା ହେବା

- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଅର୍ଦ୍ଧ ବୃତ୍ତାକାରରେ ବସାଇବେ ଓ ଦୁଇଜଣ ଅଂଶଗ୍ରହଣକାରୀଙ୍କୁ ଦୁଇଟି ପିଲା ବିଦ୍ୟାଳୟକୁ ଆସିବା ସମୟରେ କଥାବାର୍ତ୍ତା ହେଉଥିବାର (ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦରୁ ଅଭିନୟର ସଂଳାପ ଦିଆଯିବ) ଅଭିନୟ କରିବାକୁ କହିବେ । ସଂଳାପ କଥନ ସହ ଅଭିନୟ ପରେ ନିମ୍ନ ପ୍ରଶ୍ନ ଉପରେ ଖୋଲା ଆଲୋଚନା କରିବେ ।

ପ୍ରଶ୍ନ ୧) ପିଲାଦୁଇଟି କଥାବାର୍ତ୍ତା ହେବା ସମୟରେ ମୌଖିକ ଭାଷାର କେଉଁସବୁ କୌଶଳ ଉପରେ କାମ ହେଉଛି ?

ପ୍ରଶ୍ନ ୨) ଏହିପରି କାର୍ଯ୍ୟ ଶ୍ରେଣୀଗୃହରେ କରାଗଲେ ପିଲାମାନଙ୍କ ଭିତରେ ମୌଖିକ ଭାଷା ଶିକ୍ଷଣ କୌଶଳର ଆଉ କେଉଁସବୁ ଦିଗର ଅଭିବୃଦ୍ଧି ହୋଇପାରିବ?

ପ୍ରଶ୍ନ ୩) ପିଲାମାନଙ୍କ ପାଇଁ ମୌଖିକ ଭାଷାର ବିକାଶ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ପ୍ରଶ୍ନ ୪) ଶିଖିବା ଓ ଶିଖାଇବା ପ୍ରକ୍ରିୟାରେ ଘର ଭାଷାର ବ୍ୟବହାର କାହିଁକି ଆବଶ୍ୟକ?

ପ୍ରଶ୍ନ ୫) ମୌଖିକ ଭାଷାର ବିକାଶ ପାଇଁ ଶ୍ରେଣୀଗୃହରେ କେଉଁସବୁ ଶିକ୍ଷଣ କାର୍ଯ୍ୟ କରାଯାଇ ପାରିବ?

ପ୍ରଶ୍ନ ୬) ଏହି ଅଧିବେଶନରୁ ଆପଣମାନେ କ'ଣ ଶିଖିଲେ?

ପ୍ରଶ୍ନ ୭) ମୌଖିକ ଭାଷାର ବିକାଶ କାର୍ଯ୍ୟ ସମ୍ପାଦନ ପାଇଁ ଆପଣଙ୍କ ଭୂମିକା କ'ଣ ?

## ସାଧନକର୍ମୀଙ୍କ ପାଇଁ ସୂଚନା

ପ୍ରଶ୍ନ ୧) ପିଲାଦୁଇଟି କଥାବାର୍ତ୍ତା ହେବା ସମୟରେ ମୌଖିକ ଭାଷାର କେଉଁସବୁ କୌଶଳ ଉପରେ କାମ ହେଉଛି ?(Slide -1)

- ଅତନୁ ଆଜି ସ୍କୁଲ ଆସିନାହିଁ- ସୂଚନା
- ଆସିଥିଲା ତ । ଆରେ ମୁଁ ଭୁଲି ଯାଇଥିଲି?- ପ୍ରତିକ୍ରିୟା
- ସେ ଖାଇବା ଛୁଟିରେ ବରକୋଳି ଦେଇଥିଲା । – ତର୍କ ମାଧ୍ୟମରେ ବୁଝିବା
- ହଁ କାଲି ଆମକୁ ବରକୋଳି ଦେଇଥିଲା, ସେ ସବୁ ଖଟା ଲାଗୁଥିଲା- ଦୋହରାଇବା, ପ୍ରତିକ୍ରିୟା ଦେବା ଏବଂ ନୂଆ ଶବ୍ଦ ବ୍ୟବହାର କରିବା
- ପ୍ରାୟ ସେ ତା ଆଈ ଘରକୁ ଯାଇଥିବ ।- ଅନୁମାନ ଲଗାଇବା
- ସିଏ ଏକା କେବେବି ତା ଆଈ ଘରକୁ ଯାଏନାହିଁ- ପୂର୍ବ ଜ୍ଞାନର ବ୍ୟବହାର
- ଆଚ୍ଛା । ତା ଦେହ ବୋଧେ କିଛି ଖରାପ ହୋଇଥିବ ।- ଅନୁମାନ କରିବା
- ତାହେଲେ, ଆମେ ଆଜି ସନ୍ଧ୍ୟାରେ ତା ଘରକୁ ଯିବା । ଠିକ୍ ଘଟଣା ବିଷୟରେ ଜାଣିବା ।- ନିଷ୍ପତ୍ତି ନେବା ଏବଂ ସିଦ୍ଧାନ୍ତରେ ଉପନୀତ ହେବା

ପ୍ରଶ୍ନ ୨) ଏହିପରି କାର୍ଯ୍ୟ ଶ୍ରେଣୀଗୃହରେ କରାଗଲେ ପିଲାମାନଙ୍କ ଭିତରେ ଭାଷା ଶିକ୍ଷଣ କୌଶଳର କେଉଁସବୁ ଦିଗର ଅଭିବୃଦ୍ଧି ହୋଇପାରିବ? (slide -2)

- ଶୁଣିବା ପାଇଁ କଥା-ବାର୍ତ୍ତାର ପ୍ରୟୋଗ
- ଦେଖୁଥିବା କଥା ସହ  ଅନୁଭୂତିକୁ ବ୍ୟକ୍ତ କରିବା
- ତର୍କ କରି ଅନୁସନ୍ଧାନ କରିବା ଓ  ବୁଝିବା
- ଶୁଣିଥିବା ଗପ ବା କଥୋପକଥନରେ ପ୍ରତିକ୍ରିୟା ଦେବା
- ଶୁଣିଥିବା କବିତା/ ପାଠକୁ ପୁନଃ ଶୁଣାଇବା ବା କହିବା
- କଥାବାର୍ତ୍ତାରେ ଘରର ଭାଷା ସହ ମାନକ ଭାଷାକୁ ଯୋଡ଼ିବା
- ନୂଆ ଶବ୍ଦର ପ୍ରୟୋଗ
- ନିଷ୍କର୍ଷ/ସିଦ୍ଧାନ୍ତରେ  ରେ ଉପନୀତ  ହେବା

ପ୍ରଶ୍ନ ୩) ପିଲାମାନଙ୍କ ପାଇଁ ମୌଖିକ ଭାଷାର ବିକାଶ କାହିଁକି ଗୁରୁତ୍ୱପୂର୍ଣ୍ଣ ?(Slide -3)

- ସର୍ବେପ୍ରଥମେ ବୁଝିବାର କ୍ଷମତା ମୌଖିକ ସ୍ତରରେ ହାଇଥାଏ ।
- ମୌଖିକ ଭାଷାରେ ପାରଦର୍ଶିତା ହାସଲ କରିବା ଦ୍ୱାରା ବୁଝିବାର ଆଧାର ଦୃଢ ହାଇଥାଏ ।
- ସ୍ୱତନ୍ତ୍ର ଭାବରେ ପଢିବା ପାଇଁ ଶବ୍ଦାବଳୀର ଆବଶ୍ୟକ ହାଇଥାଏ, ଯାହାକି ମୌଖିକ ଭାଷାର ବିକାଶ ପୂର୍ବରୁ ଆରମ୍ଭ ହାଇଥାଏ।
- କହିବା ସମୟରେ ବ୍ୟବହୃତ ହେଉଥିବା ଭାଷା,  ଲିଖିତ ଭାଷାକୁ ଆଗେଇ ନେବାରେ ଉପଯୋଗୀ ହୁଏ ।
- ପିଲାମାନଙ୍କର ପୂର୍ବ ଜ୍ଞାନ, ଅଭିଜ୍ଞତା ଏବଂ ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ବିଦ୍ୟାଳୟ ସହିତ ଯୋଡ଼ିବା ଓ ସେମାନଙ୍କୁ ବିଦ୍ୟାଳୟରେ ଅଧିକ ସହଜ ଅନୁଭବ କରିବାରେ ସାହାଯ୍ୟ କରେ ।
- ମୌଖିକ ଭାଷା- ପଢ଼ିବା ଏବଂ ଲେଖିବା ପାଇଁ ସକ୍ରିୟ ଭୂମିକା ନିର୍ବାହ କରିଥାଏ ।

ପ୍ରଶ୍ନ ୪) ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ 'ମୌଖିକ ଭାଷା ବିକାଶରେ ଘର ଭାଷାର ଗୁରୁତ୍ୱ' ସମ୍ପର୍କିତ ସୂଚନା ଫର୍ଦ୍ଦ ପଢ଼ିବା ପାଇଁ ଦେବେ ଓ ପରେପରେ ନିମ୍ନ ପ୍ରଶ୍ନ ଉପର ଖୋଲା ଆଲୋଚନା କରିବେ ।

**ସୂଚନା ଫର୍ଦ୍ଦ**

**ଶିଖିବା-ଶିଖେଇବା ପ୍ରକ୍ରିୟାରେ ପିଲାର ଗୃହ ଭାଷାକୁ ବ୍ୟବହାର କରିବା**

ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ଶ୍ରେଣୀରେ ପିଲାଟି ସହିତ ତା'ର ମାତୃଭାଷା/ଗୃହ ଭାଷାରେ କଥାବାର୍ତ୍ତା ମାଧମରେ ଶିଖିବା-ଶିଖେଇବା ପ୍ରକ୍ରିୟା ଜାରି ରଖିଲେ, ତା'ର ଶିକ୍ଷଣ ଫଳପ୍ରଦ ହୋଇଥାଏ । ଆମ ଶ୍ରେଣୀଗୁଡ଼ିକରେ ପିଲାମାନେ ବହୁଭାଷୀ ପରିବେଶରୁ ପଢ଼ିବାକୁ ଆସିଥାନ୍ତି । ଶ୍ରେଣୀରେ ସେମାନଙ୍କୁ ନିଜ ଭାଷାରେ କଥା ହେବାକୁ ସୁଯୋଗ ଦେଲେ ତଥା ଉତ୍ସାହିତ କଲେ ଶିଖିବା ପ୍ରକ୍ରିୟା ସେମାନଙ୍କ ପାଇଁ ସହଜ ଓ ଅର୍ଥପୂର୍ଣ୍ଣ ହୋଇଥାଏ । କଥାବାର୍ତ୍ତା, କବିତା, ଗଳ୍ପ କଥନ, ଖେଳ, ନୃତ୍ୟ, ନାଟକରେ ଘର ଭାଷାର ବ୍ୟବହାର ବହୁ ମାତ୍ରାରେ ହେବା ଆବଶ୍ୟକ ।

ଶ୍ରେଣୀଗୃହରେ ଭାଷାର ଗୁରୁତ୍ୱ:-

ପିଲାମାନଙ୍କୁ ଓଡ଼ିଆ ଭାଷା ଶୁଣିବା, ବୁଝିବା, କହିବା, ପଢ଼ିବା ଓ ଲେଖିବା ପାଇଁ ବହୁତ ସୁଯୋଗ ଦିଆଯିବା ଆବଶ୍ୟକ । କାରଣ:

- କୌଣସି ବିଷୟ ଉପରେ ଚିନ୍ତା କରିବା, ବୁଝିବା ଓ ଶିଖିବା ପାଇଁ ଭାଷା ହେଉଛି ମୁଖ୍ୟ ମାଧମ । ପିଲାମାନେ ବିଶେଷତଃ ଯେଉଁ ଭାଷାକୁ ଖୁବ ଭଲଭାବରେ ଜାଣିଥିବେ, ସେମାନେ ସେହି ଭାଷାରେ ଖୁବ ଭଲ ଭାବରେ ଚିନ୍ତା କରିପାରିବେ ।
- ଯଦି ଶ୍ରେଣୀରେ ପିଲାମାନଙ୍କର ମାତୃଭାଷା ବ୍ୟବହାର କରାଯାଏ, ତେବେ ସେହି ଭାଷା ସାହାଯ୍ୟରେ ସେମାନେ ବିଦ୍ୟାଳୟ ଭାଷାକୁ ଶିଖନ୍ତି ଓ ଅନ୍ୟ ଭାଷା ଶିଖିବାକୁ ସେମାନଙ୍କୁ  ଏହି ମାତୃଭାଷା ହି ସୁଯୋଗ ଦେଇଥାଏ ।
- ପିଲାମାନଙ୍କର ମାତୃଭାଷାକୁ ଶିଖିବା-ଶିଖାଇବାରେ ସାମିଲ କରାଇବା ଦ୍ୱାରା ସେମାନଙ୍କର ପରିଚୟ, ଭାଷା, ସଂସ୍କୃତି ଓ ଅର୍ଜନ କରିଥିବା ଜ୍ଞାନକୁ ସମ୍ମାନ ମିଳିଥାଏ ।

- ପିଲାଟି ଜ୍ଞାତରୁ ଅଜ୍ଞାତ, ପରିଚିତରୁ ଅପରିଚିତ ଆଡକୁ ଅଗ୍ରସର ହେବା ଆବଶ୍ୟକ । ପିଲାମାନେ ଯେଉଁ ଭାଷାରେ ଭଲ ଭାବରେ ବୁଝିପାରନ୍ତି ଓ କହି ପାରନ୍ତି । ସେମାନେ ସେହି ଭାଷାରେ ହିଁ ନିଜର ଜ୍ଞାନ ଓ ଅନୁଭୂତିକୁ ଆଧାର କରି ନୂତନ ଜ୍ଞାନ ଆହରଣ କରନ୍ତି ।

**ଘର ଭାଷା / ମାତୃଭାଷା—**

୧. ଘର ଭାଷାରେ ଚିନ୍ତା କରିବା, ବୁଝିବା ଓ ଶିଖିବା ସ୍ୱଭାବିକ ଓ ସହଜ

୨. ଜ୍ଞାତରୁ ଅଜ୍ଞାତ ଆଡକୁ ଯିବା ଦ୍ୱାରା ଜ୍ଞାନ ବୃଦ୍ଧି ହୁଏ

୩. ପିଲାମାନଙ୍କ ସଂସ୍କୃତିକୁ ସମ୍ମାନ ଦେବା ସହିତ ଆତ୍ମବିଶ୍ୱାସ ବୃଦ୍ଧି ହୁଏ

୪. ପିଲାମାନେ ଭଲଭାବେ ଅଂଶଗ୍ରହଣ ଓ ଅଭିବ୍ୟକ୍ତି କରିପାରନ୍ତି ।

<u>ପ୍ରଶ୍ନ- ଶିଖିବା ଓ ଶିଖାଇବା ପ୍ରକ୍ରିୟାରେ ଘର ଭାଷାର ବ୍ୟବହାର କାହିଁକି ଆବଶ୍ୟକ?</u>

- ଚିନ୍ତା ଶକ୍ତି ବା ଭାବନା ଶକ୍ତିକୁ ବଳିଷ୍ଠ କରିବା
- ତର୍କ କରି ବୁଝିବା ଓ ସିଦ୍ଧାନ୍ତରେ ଉପନୀତ ହେବା
- ଅନ୍ୟଙ୍କ ସହିତ ଭଲ ସମ୍ପର୍କ ପ୍ରତିଷ୍ଠା କରିବା
- ସ୍କୁଲର ମାନକ ଭାଷାକୁ ଶୀଘ୍ର ଏବଂ ଭଲରେ ବୁଝି ପାରିବା
- ବିଷୟର ପୃଷ୍ଠଭୂମି, ବିଷୟଟି ପଢ଼ିବାର ଲକ୍ଷ୍ୟ ଓ ଜ୍ଞାନ ଗଠନ ହେବାରେ ଆଧାର ରୂପେ କାମ କରିବା
- ପଢ଼ିବା ଓ ଲେଖିବା ଦକ୍ଷତା ପାଇଁ ଭିତ୍ତିଭୂମି ତିଆରି ହୁଏ
- ଶ୍ରେଣୀର ମାନକ ଭାଷାକୁ ଗ୍ରହଣ କରିବା
- ଔପଚାରିକ ଶବ୍ଦାବଳୀଗୁଡ଼ିକୁ ଗ୍ରହଣ କରିବା
- ନିଷ୍କର୍ଷ/ସାରାଂଶ ବାହାର କରିବା
- ନିଜର ରାୟ ବା ମତବ୍ୟକ୍ତ କରିବା

ପ୍ରଶ୍ନ ୫) ମୌଖିକ ଭାଷାର ବିକାଶ ପାଇଁ ଶ୍ରେଣୀଗୃହରେ କେଉଁସବୁ ଶିକ୍ଷଣ କାର୍ଯ୍ୟ କରାଯାଇ ପାରିବ?

- ମୌଖିକ ଖେଳ
- ଗପ ଶୁଣାଇବା ଏବଂ ଗପ ପଢ଼ି କରି ଶୁଣାଇବା
- ଚିତ୍ର ପୋଷ୍ଟର ଉପରେ ଆଲୋଚନା / ବାର୍ତ୍ତାଳାପ
- ଗଳ୍ପ କାର୍ଡ ଉପରେ ଆଲୋଚନା / ବାର୍ତ୍ତାଳାପ
- ବିଗ ବୁକ୍ ର ବ୍ୟବହାର – ପାରସ୍ପରିକ ଉଚ୍ଚ ପଠନ ଓ ଲୋଗୋଗ୍ରାଫିକ ପଠନ
- କବିତା/ଶିଶୁ ଗୀତ ଉପରେ କାର୍ଯ୍ୟ
- ଗଳ୍ପକଥନ
- କଥୋପକଥନ
- ଅଭିନୟ
- ଅନୁଭୂତି ଆଧାରିତ ବର୍ଣ୍ଣନା ଓ ଆଲୋଚନା
- ପାଠ୍ୟ ପୁସ୍ତକ ଆଧାରିତ ଗପ/ ଚିତ୍ର/ ଗୀତ

ପ୍ରଶ୍ନ ୬) ଏହି ଅଧିବେଶନରୁ ଆପଣମାନେ କ'ଣ ଶିଖିଲେ?

- ମୌଖିକ ଭାଷା ଶିକ୍ଷଣ କୌଶଳର ବିଭିନ୍ନ ଦିଗ
- ମୌଖିକ ଭାଷା ବିକାଶର ଗୁରୁତ୍ୱ
- ଶିଖିବା ଓ ଶିଖାଇବା ପ୍ରକ୍ରିୟାରେ ଘର ଭାଷାର ବ୍ୟବହାର

- ମୌଖିକ ଭାଷାର  ବିକାଶ ପାଇଁ ଶ୍ରେଣୀଗୃହ ନିମନ୍ତେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ

ପ୍ରଶ୍ନ ୭) ମୌଖିକ ଭାଷାର ବିକାଶ କାର୍ଯ୍ୟ ସମ୍ପାଦନ ପାଇଁ ଆପଣଙ୍କ ଭୂମିକା କ'ଣ ?

- ଶୈକ୍ଷିକ ସହାୟତା
- ମାସିକ ସହଭାଗୀ ବୈଠକରେ ଲକ୍ଷ୍ୟ ହାସଲରେ ଉପୁଜୁଥିବା ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା
- ଲକ୍ଷ୍ୟ ହାସଲ ପାଇଁ ଅଭିନବ ଶିକ୍ଷଣ କାର୍ଯ୍ୟର ଧାରଣା

ସାମଗ୍ରୀ:

- ସଂଳାପ ଲିଖିତ ଫର୍ଦ୍ଦ (ଦୁଇଟି ପିଲାଙ୍କର ଅଲଗା ଅଲଗା)

  ସୋମୁ : ଅତନୁ ଆଜି ସ୍କୁଲ ଆସି ନାହିଁ ।

  ରାମୁ : କାଲି ବି ଆସି ନଥିଲା ।

  ସୋମୁ :ଆସିଥିଲା ତ । ଆରେ ମୁଁ ଭୁଲି ଯାଇଥିଲି । ସେ ବରକୋଳି ଦେଇଥିଲା ଖାଇବା ଛୁଟିରେ ।

  ରାମୁ : ହଁ କାଲି ଆମକୁ ବରକୋଳି ଦେଇଥିଲା । ସେସବୁ ଖାତା ଲାଗୁଥିଲା । ପ୍ରାୟ ସେ ତା' ଆଈ ଘରକୁ ଯାଇଥିବ ।

  ରାମୁ : ନିଜ ଭାଇ ବିନା ?ସିଏ ଏକା କେବେବି ତା' ଆଈ ଘରକୁ ଯାଏ ନାହିଁ । ଆଜି ସକାଳୁ ତା' ଭାଇକୁ ସ୍କୁଲ ଆସିବାର ଦେଖିଛି ।

  ସୋମୁ :ଆଚ୍ଛା, ତା' ଦେହ ବୋଧେ କିଛି ଖରାପ ହୋଇଥିବ ।

  ରାମୁ : ତା'ହେଲେ, ଆମେ ଆଜି ସନ୍ଧ୍ୟାରେ ତା' ଘରକୁ ଯିବା । ଠିକ୍ ଘଟଣା ବିଷୟରେ ଜାଣିବା ।
- 'ମୌଖିକ ଭାଷା ବିକାଶରେ ଘର ଭାଷାର ଗୁରୁତ୍ୱ' ସମ୍ପର୍କିତ ତଥ୍ୟଫର୍ଦ୍ଦ( ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅନୁସାରେ )

# <u>ମୌଖିକ ଭାଷା ବିକାଶ (୨)</u>

**ଦିବସ: ଦ୍ୱିତୀୟ** **ଅବଧି: ୧ଘଣ୍ଟା ୩୦ମି**

**ଅଧିବେଶନ: ଦ୍ୱିତୀୟ**

**ପ୍ରତ୍ୟାଶିତ ଫଳାଫଳ:**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ –**

- **ମୌଖିକ ଭାଷା ବିକାଶ ଆଧାରିତ ଶିକ୍ଷଣ କାର୍ଯ୍ୟଗୁଡ଼ିକର କୌଶଳ ଓ ସୋପାନ ପ୍ରୟୋଗ କରିବାର ଦକ୍ଷତା ହାସଲ କରିବେ।**
- **ବିଭିନ୍ନ ମୌଖିକ ଭାଷା ବିକାଶ ପାଇଁ ଆଧାରିତ ଶିକ୍ଷଣ କାର୍ଯ୍ୟଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବାର ଉପାୟଗୁଡ଼ିକୁ ବର୍ଣ୍ଣନା କରିବେ ।**
- **ଶିକ୍ଷାର୍ଥୀମାନଙ୍କ ଅଭିଜ୍ଞତା ଓ ଘରର ଭାଷାକୁ ପ୍ରାଧାନ୍ୟ ଦେଇ ସେମାନଙ୍କ ମୌଖିକ ଭାଷା ବିକାଶ କରାଇବାର କୌଶଳଗୁଡ଼ିକ ହାସଲ କରିବେ ।**

## <u>ପ୍ରଣାଳୀ</u>

**ଶିକ୍ଷଣ କାର୍ଯ୍ୟ :୧ - କୁହ ଭାଇ କୁହ**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ବୃତ୍ତାକାରରେ ଠିଆ କରାଇବେ । ମୌଖିକ ଖେଳ 'କୁହ ଭାଇ କୁହ' କିପରି ଖେଳାଯିବ, ତା'ର ସୂଚନା ଦେବେ ଓ ଖେଳଟି ଖେଳାଇବେ । ଖେଳ ଶେଷରେ ନିମ୍ନ ପ୍ରଶ୍ନର ଖୋଲା ଆଲୋଚନା କରାଯିବ ।

**ପ୍ରଶ୍ନ ୧) ଏହିପରି କାର୍ଯ୍ୟ ଶ୍ରେଣୀଗୃହରେ କରାଗଲେ ଭାଷା ଶିକ୍ଷଣର କେଉଁସବୁ ଦିଗର ଅଭିବୃଦ୍ଧି ହୋଇପାରିବ ?**

**ପ୍ରଶ୍ନ ୨) ପିଲାମାନଙ୍କ ମୌଖିକ ଭାଷାର ବିକାଶ ପାଇଁ ଆଉ କେଉଁସବୁ ମୌଖିକ ଖେଳ ଶ୍ରେଣୀଗୃହରେ କରାଯାଇପାରିବ ?**

**ଶିକ୍ଷଣ କାର୍ଯ୍ୟ :୨ - ଆସ ଗପ ଶୁଣିବା (ପ୍ରଥମ ଦିବସ- ବିଗ ବୁକ ଆଧାରିତ ଲୋଗୋଗ୍ରାଫିକ ଓ ପାରସ୍ପରିକ ପଠନ )**

- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଅର୍ଦ୍ଧ ବୃତ୍ତାକାରରେ ବସାଇବେ । 'ହାତୀ ପିଠିରେ ଛେଳି' ବିଗ୍ ବୁକ୍ କୁ ଆଗରେ ରଖିବେ । ବହି ଉପର ପୃଷ୍ଠାର ଚିତ୍ର ଓ ଶିରୋନାମା ଦେଖାଇବେ । ପ୍ରଶ୍ନ ପଚାରି (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ) ଚିତ୍ର ଓ ଶିରୋନାମା ଉପରେ ଆଲୋଚନା କରିବେ ।
- ସାଧନକର୍ମୀ ବିଗ୍ ବୁକ୍ ର ସମସ୍ତ ପୃଷ୍ଠାକୁ ଗୋଟି ଗୋଟି କରି ଓଲଟାଇବେ ଓ ଅଂଶଗ୍ରହଣକାରୀଙ୍କୁ ପ୍ରତି ପୃଷ୍ଠାରେ ଥିବା ଚିତ୍ର ଉପରେ ଅନୁମାନ ଲଗାଇ ଗପ ବିଷୟରେ କହିବା ପାଇଁ ପ୍ରଶ୍ନ (ପ୍ରତି ପୃଷ୍ଠା ଦେଖାଇବା ସମୟରେ) ପଚାରିବେ ।(ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)
- ସାଧନକର୍ମୀ ବିଗ୍ ବୁକ୍ ର ସମସ୍ତ ପୃଷ୍ଠାକୁ ଦେଖାଇ ପ୍ରଶ୍ନ ପଚାରି ସାରିବା ପରେ ଶେଷ ପୃଷ୍ଠାରେ ଥିବା 'ହାତୀ ପିଠିରେ ଛେଳି' ଗପଟିର ଆଦର୍ଶ ପଠନ (ସ୍ୱରର ଉତ୍ଥାନପତନ ଓ ଆବଶ୍ୟକୀୟ ଅଙ୍ଗଭଙ୍ଗୀ ସହ) ୨ ଥର କରିବେ । ତତ୍ପରେ ପ୍ରଶ୍ନଗୁଡ଼ିକ (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ) ପଚାରିବେ ।
- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ –
  - ଶୁଣିଥିବା 'ହାତୀ ପିଠିରେ ଛେଳି' ଗପରେ ଭଲ ଲାଗୁଥିବା ଯେକୌଣସି ବିଷୟ/ ଚରିତ୍ରର ଚିତ୍ର କରି ରଙ୍ଗ ଦେବା ପାଇଁ କହିବେ ।
  - କରିଥିବା ଚିତ୍ରକୁ ନିଜ ପାଖ ଅଂଶଗ୍ରହଣକାରୀଙ୍କୁ ଦେଖାଇ ସେବିଷୟରେ ଆଲୋଚନା କରିବା ପାଇଁ କହିବେ ।

**ପ୍ରଶ୍ନ-୩) ଏହି ଶିକ୍ଷଣ କାର୍ଯ୍ୟକୁ କେଉଁସବୁ ସୋପାନରେ କରାଗଲା ?**

**ଶିକ୍ଷଣ କାର୍ଯ୍ୟ :୩- ଆସ ଗପ ଶୁଣିବା (ଦ୍ୱିତୀୟ ଦିବସ- ବିକ ବୁକ ଆଧାରିତ ଲୋଗୋଗ୍ରାଫିକ ଓ ପାରସ୍ପରିକ ଉଚ୍ଚ ପଠନ )**

- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଅର୍ଦ୍ଧ ବୃତ୍ତାକାରରେ ବସାଇବେ । 'ହାତୀ ପିଠିରେ ଛେଳି' Big Bookକୁ ଆଗରେ ରଖିବେ । ଅଂଶଗ୍ରହଣକାରୀଙ୍କୁ ବିଗ୍ ବୁକ୍ ଉପରେ ହୋଇଥିବା ପୂର୍ବ କାର୍ଯ୍ୟର ଆଲୋଚନାକୁ ମନେ ପକାଇଦେବା ପାଇଁ ପ୍ରଶ୍ନମାନ ପଚାରିବେ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ସାଧନକର୍ମୀ -

- 'ହାତୀ ପିଠିରେ ଛେଳି' ବିଗ୍ ବୁକ୍ ର ପ୍ରତ୍ୟେକ ପୃଷ୍ଠାରେ ଥିବା ଗପର ଧାଡ଼ିକୁ ଉଚ୍ଚ ସ୍ୱରରେ (ପ୍ରତ୍ୟେକ ଶବ୍ଦରେ ଆଙ୍ଗୁଠି ମାରି) ପଢ଼ିବେ ।
- ଗପର ଧାଡ଼ିଗୁଡ଼ିକୁ ପଢ଼ିବା ସମୟରେ ପୃଷ୍ଠାର ଚିତ୍ରକୁ ଦେଖାଇ ଓ କିଛି ଅନୁମାନ କଲା ପରି ପ୍ରଶ୍ନ ପଚାରିବେ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)
- ସମସ୍ତ ପୃଷ୍ଠା ସରିବା ପରେ ଶେଷ ପୃଷ୍ଠାରେ ଥିବା 'ହାତୀ ପିଠିରେ ଛେଳି' ଗପଟିର ଆଦର୍ଶ ପଠନ (ସ୍ୱରର ଉତ୍ଥାନପତନ ଓ ଆବଶ୍ୟକୀୟ ଅଙ୍ଗଭଙ୍ଗୀ ସହ) ୨ଥର କରିବେ । ତତ୍ପରେ ପ୍ରଶ୍ନ (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ) ପଚାରିବେ ।
- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ –
    - 'ହାତୀ ପିଠିରେ ଛେଳି' ଗପରେ ଥିବା ଗଛପରି ଗଛ ବା ମନରୁ ଦେଖିଥିବା ଗଛର ଚିତ୍ର କରି ରଙ୍ଗ ଦେବା ପାଇଁ କହିବେ ।
    - କରିଥିବା ଚିତ୍ରକୁ ନିଜ ପାଖ ଅଂଶଗ୍ରହଣକାରୀଙ୍କୁ ଦେଖାଇ ସେବିଷୟରେ ଆଲୋଚନା କରିବା ପାଇଁ କହିବେ ।

(ସାଧନକର୍ମୀ ଉପର ଦୁଇଟି ଚିତ୍ର ଉପରେ କାର୍ଯ୍ୟ କରାଇବା ବେଳେ ଅଂଶଗ୍ରହଣକାରୀମାନଙ୍କ ଚିତ୍ର ଦେଖି ପ୍ରଶଂସା କରିବେ । ଚିତ୍ରକୁ କାନ୍ଥରେ ଲଗାଇବେ । ସେମାନେ ଆଲୋଚନା କରୁଥିବା ସମୟରେ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବେ ।)

ସାଧନକର୍ମୀ—

- ଆଲୋଚନା ପରେ ଏହି ଶିକ୍ଷଣ କାର୍ଯ୍ୟକୁ 'ଶ୍ରେଣୀଗୃହରେ Big Bookର ପ୍ରଥମ ଦିନ କାର୍ଯ୍ୟ ପର ଦ୍ୱିତୀୟ ଦିନର ମୌଖିକ ଭାଷା ବିକାଶର (ସେହି ବହି ଉପରେ) କାର୍ଯ୍ୟ' ବୋଲି ଅଂଶଗ୍ରହଣକାରୀଙ୍କୁ ଜଣାଇବେ ।

**ପ୍ରଶ୍ନ-୪ ) ଏହି ଶିକ୍ଷଣ କାର୍ଯ୍ୟକୁ କେଉଁସବୁ ସୋପାନରେ କରାଗଲା ?**

**ପ୍ରଶ୍ନ-୫ ) 'ହାତୀ ପିଠିରେ ଛେଳି' ଗପ ଉପରେ କରାଯାଇଥିବା ପ୍ରଥମ ଶିକ୍ଷଣ କାର୍ଯ୍ୟ ଓ ଦ୍ୱିତୀୟ ଶିକ୍ଷଣ କାର୍ଯ୍ୟରେ ପଚରାଯାଇଥିବା ପ୍ରଶ୍ନଗୁଡ଼ିକ ଭିତରେ କ'ଣ ପାର୍ଥକ୍ୟ ଦେଖୁଛନ୍ତି ?**

**ଶିକ୍ଷଣ କାର୍ଯ୍ୟ : ୪- ଆମ କାମ**

- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁନେଇ ୭ଟି ଦଳ ଗଠନ କରିବେ ଓ ନିମ୍ନ କାର୍ଯ୍ୟଗୁଡ଼ିକୁ ପ୍ରତି ଦଳରେ ବଣ୍ଟନ କରିବେ । ସୂଚନା ଦେବେ ଯେ- ଏହି କାର୍ଯ୍ୟଟିକୁ ଆପଣମାନେ ଶ୍ରେଣୀଗୃହରେ କିପରି ପରିଚାଳନା କରିବେ, ତା'ର ସୋପାନଗୁଡ଼ିକ ଦଳରେ ଆଲୋଚନା କରି ଲେଖନ୍ତୁ ଓ ଉପସ୍ଥାପନା କରନ୍ତୁ।

→କବିତା ଆବୃତ୍ତି (ପାଠ୍ୟ ପୁସ୍ତକ ଆଧାର) →ଚିତ୍ର ପଠନ →ଅନୁଭୂତି କଥନ →ଗଳ୍ପ କଥନ →କଥୋପକଥନ
→ଗପ ପଢ଼ି ଶୁଣାଇବା →ମୌଖିକ ଖେଳ →ସାମାଜିକ ଓ ଆବେଗିକ ବିକାଶ ପାଇଁ ମୌଖିକ କାର୍ଯ୍ୟ

- ଉପସ୍ଥାପନା ଓ ଆଲୋଚନା ପରେ ସାଧନକର୍ମୀ ନିମ୍ନ ପ୍ରଶ୍ନଦୁଇଟି ପଚାରି ଅଧିବେଶନ ସମାପ୍ତ କରିବେ ।

**ପ୍ରଶ୍ନ-୬) ଏହି ଅଧିବେଶନରୁ ଆପଣମାନେ କ'ଣ ଶିଖିଲେ?**

**ପ୍ରଶ୍ନ-୭) ମୌଖିକ ଭାଷାର ବିକାଶ କାର୍ଯ୍ୟ ସମ୍ପାଦନ ପାଇଁ ଆପଣଙ୍କ ଭୂମିକା କ'ଣ ?**

## ସାଧନକର୍ମୀଙ୍କ ପାଇଁ ସୂଚନା

**ମୌଖିକ ଖେଳ: କୁହ ଭାଇ କୁହ**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ବୃତ୍ତାକାରରେ ଠିଆ କରାଇବେ।

ଜଣେ ଅଂଶଗ୍ରହଣକାରୀ ଗୋଟିଏ ବଲକୁ ତାଙ୍କ ପାଖରେ ଠିଆ ହୋଇଥିବା ଆଉ ଜଣେ ଅଂଶଗ୍ରହଣକାରୀଙ୍କୁ- କ୍ରମରେ ଖେଳ ଚାଲିବ। ଅଂଶଗ୍ରହଣକାରୀମାନଙ୍କ ମଝିରେ ଠିଆ ହୋଇ ସାଧନକର୍ମୀ କହିବେ- "କୁହ ଭାଇ କୁହ – କ'ଣ କ'ଣ ଲାଲ୍ ଲାଲ୍? କହି ସାରିବା ବେଳକୁ ବଲ ଯେଉଁ ଅଂଶଗ୍ରହଣକାରୀଙ୍କ ହାତରେ ଥିବ, ସେ ଉତ୍ତର କହିବେ - ଚୁଡ଼ି ଲାଲ୍ । ସାଧନକର୍ମୀ- ଆଉ କ'ଣ ଲାଲ୍ ଲାଲ୍? ଉତ୍ତର- ଗୋଲାପ ଲାଲ୍। ଆଉ କ'ଣ ଲାଲ୍ ଲାଲ୍? ଉତ୍ତର- ମାଆଙ୍କ ସିନ୍ଦୂର/ ମନ୍ଦାରଫୁଲ... । ଏହିପରି (କୁହ ଭାଇ କୁହ – କ'ଣ କ'ଣ କଳା କଳା/ କ'ଣ କ'ଣ ଧଳା ଧଳା/ କ'ଣ କ'ଣ ମିଠା ମିଠା/ କ'ଣ କ'ଣ ଖଟା ଖଟା/ କ'ଣ କ'ଣ ଗୋଲ ଗୋଲ / କ'ଣ କ'ଣ ତିନି କୋଣିଆ/ ...... ପ୍ରଶ୍ନମାନ ପଚାରି ସାଧନକର୍ମୀ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବେ । )

**ପ୍ରଶ୍ନ ୧) ଏହିପରି କାର୍ଯ୍ୟ ଶ୍ରେଣୀଗୃହରେ କରାଗଲେ ପିଲାମାନଙ୍କ ଭିତରେ ମୌଖିକ ଭାଷା ଶିକ୍ଷଣର କେଉଁସବୁ ଦିଗର ଅଭିବୃଦ୍ଧି ହୋଇପାରିବ?**

- ପିଲାମାନେ ସକ୍ରିୟ ଅଂଶଗ୍ରହଣ କରିପାରିବେ
- ଆତ୍ମବିଶ୍ୱାସ ବଢ଼ିବ
- ନିଜର ଭାବକୁ ପରିପ୍ରକାଶ କରିବା ପାଇଁ ସହଜ ଅନୁଭବ କରିବେ
- ନିଜ ଅଭିଜ୍ଞତାକୁ ପ୍ରୟୋଗ କରି କଥା କହିବେ
- କହିବା ପାଇଁ ପରିବେଶ ସୃଷ୍ଟି ହେବ
- ଶୁଣିକରି ବୁଝିବା ଓ ବୁଝିକରି କହିବା ଦକ୍ଷତାର ବିକାଶ
- ପଢ଼ିବା ଓ ଲେଖିବା ଦକ୍ଷତାର ଭିତ୍ତିଭୂମି ସ୍ଥାପନ ହେବ
- ଶବ୍ଦ ଭଣ୍ଡାର ଅଭିବୃଦ୍ଧି
- ଶୁଣିକରି ମନେ ରଖିବା ଓ କାର୍ଯ୍ୟରେ ବ୍ୟବହାର କରିବା
- କଳ୍ପନା ଶକ୍ତି/ ଚିନ୍ତନ ଶକ୍ତିର ବିକାଶ ହେବ

**ପ୍ରଶ୍ନ ୨) ପିଲାମାନଙ୍କ ମୌଖିକ ଭାଷାର ବିକାଶ ପାଇଁ ଆଉ କେଉଁସବୁ ମୌଖିକ ଖେଳ ଶ୍ରେଣୀଗୃହରେ କରାଯାଇପାରିବ?**

- ଏକ, ଦୁଇ, ତିନି – ଏହି ଖେଳରେ ଏକ କହିଲେ ହସିବେ, ଦୁଇ କହିଲେ କାନ୍ଦିବେ, ତିନି କହିଲେ ଡେଇଁବେ । ସଂଖ୍ୟା ଅନୁସାରେ କାର୍ଯ୍ୟକୁ କରିବେ
- ପଶୁ/ପକ୍ଷୀମାନଙ୍କ ନାମ କହିବା ପାଇଁ ଖେଳ
- ଫୁଲ/ଫଳ/ପରିବାର ନାମ କହିବା ପାଇଁ ଖେଳ
- ଚିତ୍ର କାର୍ଡ ରଖି ଚିତ୍ରର ନାମ ସହ ତା'ର କାମ / କେଉଁଠି ଦେଖାଯାଏ / ଆଦ୍ୟ ଅକ୍ଷର ଚିହ୍ନି ଚିତ୍ରକୁ ଏକାଠି କରିବା, ଇତ୍ୟାଦି ବିଭିନ୍ନ ଶିକ୍ଷଣ ଲକ୍ଷ୍ୟଭିତ୍ତିକ ଖେଳ

**ଶିକ୍ଷଣ କାର୍ଯ୍ୟ :୨- ଆସ ଚିତ୍ର ଦେଖିବା (ପ୍ରଥମ ଦିନ) ଲୋଗୋଗ୍ରାଫିକ ପଠନ**

**ବିଗ୍ ବୁକ୍ ର ଉପର ପୃଷ୍ଠା ଉପରେ ଆଲୋଚନା→**

ଚିତ୍ରରେ କିଏ ସବୁ ଅଛନ୍ତି ? / ଚିତ୍ରରେ କ'ଣ ହେଉଛି ? / ଏହି ଗପଟି କାହା ବିଷୟରେ ହୋଇଥିବ ? / ଗପର ନାମ କ'ଣ ହୋଇଥିବ?

ପୃଷ୍ଠା-୧ → ଚିତ୍ରରେ କିଏ ସବୁ ଅଛନ୍ତି ? / ଚିତ୍ରରେ କ'ଣ ହେଉଛି ? / ଏହି ଗପଟି କାହା ବିଷୟରେ ହୋଇଥିବ ? /ଗପର ନାମ କ'ଣ ହୋଇଥିବ ?

ପୃଷ୍ଠା-୨ → ଚିତ୍ରରେ କ'ଣ ଦେଖୁଛ ? / ହାତୀ କେଉଁଠି ଶୋଇଛି ବୋଲି ଭାବୁଛ ?

ପୃଷ୍ଠା-୩ → ହାତୀ ପାଖରେ କିଏ ସବୁ ଅଛନ୍ତି ? / ସେମାନେ କ'ଣ କରୁଛନ୍ତି ?

ପୃଷ୍ଠା-୪ → ଗୁଣ୍ଡୁଚିମୂଷା ଓ ଠେକୁଆ ଏବେ କ'ଣ କରୁଛନ୍ତି ? / ହାତୀ ସେମାନଙ୍କ କଥା ଜାଣିପାରୁଥିବ କି ? କାହିଁକି ?
ପୃଷ୍ଠା-୫ → ଠେକୁଆ ଓ ଗୁଣ୍ଡୁଚିମୂଷା, ହାତୀ ପିଠିରେ ଥିବା ବେଳେ ସେଠାକୁ କିଏ ଆସିଲା ? / ତାକୁ ଦେଖି ଠେକୁଆ କ'ଣ କରୁଛି ?
ପୃଷ୍ଠା-୬ → ଦେଖିଲ, ଏବେ ଛେଳି କ'ଣ କରୁଛି ? / ହାତୀ ଏବେ ନିଦରେ ଶୋଇଛି କି ? କେମିତି ଜାଣିଲ ?
ପୃଷ୍ଠା-୭ → ହାତୀ ଠିଆ ହୋଇ ପଡ଼ିଲାରୁ କ'ଣ ହେଲା ? / କିଏସବୁ ତଳେ ପଡ଼ିଗଲେ ?
ପୃଷ୍ଠା-୮ → ହାତୀ ସିଧା ହୋଇ ଠିଆ ହୋଇଯିବାରୁ ଠେକୁଆ ଆଉ ଗୁଣ୍ଡୁଚିମୂଷା କ'ଣ କରୁଛନ୍ତି ? / ଛେଳି କ'ଣ କରୁଛି ?
ପୃଷ୍ଠା-୯ → ଛେଳି ଏବେ କ'ଣ କରୁଛି ? / ହାତୀ ଛେଳି ଉପରେ ରାଗିଛି କି ? / ଠେକୁଆ ଆଉ ଗୁଣ୍ଡୁଚିମୂଷା ଦୂରରେ ଥାଇ କ'ଣ କରୁଛନ୍ତି ?

**ସାଧନକର୍ମୀଙ୍କ ଆଦର୍ଶ ପଠନ ପରେ ପ୍ରଶ୍ନ →**

ବଣରେ କିଏ ଶୋଇଥିଲା ? / ହାତୀ ପାଖରେ କେଉଁମାନେ ଖେଳୁଥିଲେ ? / ଠେକୁଆ ଓ ଗୁଣ୍ଡୁଚିମୂଷାଙ୍କୁ ଦେଖି ଛେଳି କ'ଣ କଲା ? ହାତୀର ନିଦ ଭାଙ୍ଗିଗଲାରୁ ସେ କ'ଣ କଲା ?

ବି.ଦ୍ର.- ଉପରୋକ୍ତ ଶିକ୍ଷଣ କାର୍ଯ୍ୟ ଶ୍ରେଣୀଗୃହରେ କରାଇବା ସମୟରେ – ସମସ୍ତ କାର୍ଯ୍ୟରେ (ପାଳିକରି) ସମସ୍ତ ପିଲାଙ୍କ ଅଂଶଗ୍ରହଣପାଇଁ ସୁଯୋଗ ସୃଷ୍ଟି କରିବା ଓ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କ କହୁଥିବା କଥାକୁ ଧୈର୍ଯ୍ୟର ଶୁଣି ସକାରାତ୍ମକ ମତାମତ ଦେବା ବା ପ୍ରଶଂସା କରିବା ।

ସାଧନକର୍ମୀ - ଆଲୋଚନା ପରେ ଏହି ଶିକ୍ଷଣ କାର୍ଯ୍ୟକୁ 'ଶ୍ରେଣୀଗୃହରେ ବିଗ୍ ବୁକ୍ ('ହାତୀ ପିଠିରେ ଛେଳି') ର ଚିତ୍ର ମାଧ୍ୟମରେ ମୌଖିକ ଭାଷା ବିକାଶର (ସେହି ବହି ଉପରେ) ପ୍ରଥମ ଦିନ କାର୍ଯ୍ୟ ବୋଲି ଅଂଶଗ୍ରହଣକାରୀଙ୍କୁ ଜଣାଇବେ ।

**ପ୍ରଶ୍ନ-୩) ଏହି ଶିକ୍ଷଣ କାର୍ଯ୍ୟକୁ କେଉଁସବୁ ସୋପାନରେ କରାଗଲା?**

- ଅର୍ଦ୍ଧ ବୃତ୍ତାକାରରେ ବସାଇବା
- ବିଗ୍ ବୁକ୍ କୁ ଆଗରେ ରଖିବା (ଯେପରି ବହିଟିର ଚିତ୍ର ଓ ଲେଖା ପିଲାମାନଙ୍କ ଆଡକୁ ସିଧା ପଟରେ ରହିବ) ।
- ବହି ଉପର ପୃଷ୍ଠାର ଚିତ୍ର ଓ ଶିରୋନାମା ଦେଖାଇବା । (ଲୋଗୋଗ୍ରାଫିକ ପଠନ)
- ଚିତ୍ର ଓ ଶିରୋନାମା ଉପରେ (ଦେଖୁଥିବା ଓ ଅନୁମାନମୂଳକ) ପ୍ରଶ୍ନ ପଚାରିବା/ ଆଲୋଚନା କରିବା ।
- ବିଗ୍ ବୁକ୍ ର ସମସ୍ତ ପୃଷ୍ଠାକୁ ଗୋଟିଏ ଗୋଟିଏ କରି ଓଲଟାଇବା
- ପ୍ରତି ପୃଷ୍ଠାରେ ଥିବା ଚିତ୍ରକୁ ଦେଖି ଗପ ବିଷୟରେ ଅନୁମାନ କରି କହିବା ପାଇଁ ସୁଯୋଗ ସୃଷ୍ଟି ।
- ଶେଷ ପୃଷ୍ଠାରେ ଥିବା 'ହାତୀ ପିଠିରେ ଛେଳି' ଗପଟିର ଆଦର୍ଶ ପଠନ
- ଗପ ସମ୍ପର୍କିତ ସରଳ ପ୍ରଶ୍ନ ପଚାରିବା ।
- ଗପ ସହ ଜଡ଼ିତ ଯେକୌଣସି ଚିତ୍ର କରି ରଙ୍ଗ ଦେବା
- ଚିତ୍ରକୁ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଦେଖାଇ ସେ ବିଷୟରେ ଆଲୋଚନା କରିବା

ଶିକ୍ଷଣ କାର୍ଯ୍ୟ :୩- ଆସ ଗପ ଶୁଣିବା (ଦ୍ୱିତୀୟ ଦିବସ) ପାରସ୍ପରିକ ପଠନ

**ପ୍ରଶ୍ନ ୧)** (ପ୍ରଥମ ଦିବସରେ) ଆମେମାନେ କାହା ବିଷୟରେ ଗପ ଶୁଣିଥିଲେ ?
**ପ୍ରଶ୍ନ ୨)** ଗପର ନାମ କ'ଣ ଥିଲା?
**ପ୍ରଶ୍ନ ୩)** ଗପରେ କିଏ କିଏ ଥିଲେ?
**ପ୍ରଶ୍ନ ୪)** ଗପଟିକୁ ମନେ ପକାଇ କୁହ ।

ପୃଷ୍ଠା ଅନୁଯାୟୀ ପ୍ରଶ୍ନ ସମୂହ →

- ବଣରେ କିଏ ଶୋଇଥିଲା?/ତୁମେ ହାତୀ ଦେଖିଛ? ହାତୀର କେତେଟା ଗୋଡ଼?/ ହାତୀ ପାଖରେ କିଏସବୁ ଖେଳୁଥିଲେ ?/ ତାପରେ ସେମାନେ କ'ଣ କରିଥିବେ?/ ଠେକୁଆ ଓ ଗୁଣ୍ଡୁଚିମୂଷା, ପିଠିରେ ଚଢ଼ି ଯାଇଥିବା କଥା ହାତୀ ଜାଣି ପାରିଥିବ କି?/ କାହିଁକି ଜାଣି ପାରି ନଥିବ?/ ଛେଳି ଆସି କ'ଣ ଦେଖିଲା ?/ ତାପରେ ସେ କ'ଣ କରିଥିବ?/ ଛେଳି ହାତୀ ପିଠି ଉପରକୁ

କାହିଁକି ଚଢ଼ିଲା?/ ହାତୀ ଗୋଟିଏ ଆଖି ବନ୍ଦ କରି କ'ଣ ଭାବୁଛି? / ହାତୀ ନିଦରୁ ଉଠି ପଡ଼ି କ'ଣ କଲା?/ ଠିଆ ହୋଇ ପଡ଼ିଥିବାରୁ କ'ଣ ହୋଇଥିବ? / ହାତୀ ଠିଆ ହୋଇ ପଡ଼ିବା ପରେ ଠେକୁଆ ଓ ଗୁଣ୍ଡୁଚିମୂଷା କ'ଣ କଲେ?/ ଛେଳିକୁ ଦେଖି ହାତୀ କ'ଣ କରିଥିବ?/ ଶେଷରେ ହାତୀ କ'ଣ କଲା?/ ହାତୀ, ଠେକୁଆ ଆଉ ଗୁଣ୍ଡୁଚିମୂଷାକୁ ନିଜ ପିଠିରେ ବସାଇ କାହିଁକି ବୁଲାଇଲା ନାହିଁ ?

ଆଦର୍ଶ ପଠନ ପରେ →

**ପ୍ରଶ୍ନ)** ହାତୀ ଉଠି ଠିଆ ହୋଇଗଲା ପରେ ଠେକୁଆ ଓ ଗୁଣ୍ଡୁଚିମୂଷା କାହିଁକି ଦୌଡ଼ିଲେ?

**ପ୍ରଶ୍ନ)** ତୁମେ କେବେ କୌଣସି ପଶୁପକ୍ଷୀଙ୍କ ସହ ଖେଳିଛ କି ?ଯଦି ହଁ- ତେବେ କାହା ସହ ଓ ଯଦି ନା- ତୁମେ ଦେଖିଥିବା ଦୁଇଟି ପଶୁଙ୍କ ନାମ କୁହ ।

**ପ୍ରଶ୍ନ)** ହାତୀ, ଛେଳିକୁ ପିଠିରେ ବସାଇ ବୁଲାଇବାର ଦେଖି ଠେକୁଆ ଓ ଗୁଣ୍ଡୁଚିମୂଷା କ'ଣ ଭାବିଥିବେ?

**ପ୍ରଶ୍ନ)** ତୁମେ ହାତୀ ଜାଗାରେ ଥିଲେ ଶେଷରେ କ'ଣ କରିଥାନ୍ତ ?

ବି.ଦ୍ର.- ଉପରୋକ୍ତ ଶିକ୍ଷଣ କାର୍ଯ୍ୟ ଶ୍ରେଣୀଗୃହରେ କରାଇବା ସମୟରେ – ସମସ୍ତ କାର୍ଯ୍ୟରେ (ପାଳିକରି) ସମସ୍ତ ପିଲାଙ୍କ ଅଂଶଗ୍ରହଣପାଇଁ ସୁଯୋଗ ସୃଷ୍ଟି କରିବା ଓ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କ କହୁଥିବା କଥାକୁ ଧୈର୍ଯ୍ୟର ଶୁଣି ସକାରାତ୍ମକ ମତାମତ ଦେବା ବା ପ୍ରଶଂସା କରିବା ।

ସାଧନକର୍ମୀ- ଆଲୋଚନା ପରେ ଏହି ଶିକ୍ଷଣ କାର୍ଯ୍ୟକୁ 'ଶ୍ରେଣୀଗୃହରେ ବିଗ୍ ବୁକ୍ ('ହାତୀ ପିଠିରେ ଛେଳି') ର ଚିତ୍ର ଓ ଗଳ୍ପର ପଠନ ମାଧ୍ୟମରେ ମୌଖିକ ଭାଷା ବିକାଶର (ସେହି ବହି ଉପରେ) ଦ୍ୱିତୀୟ ଦିନର କାର୍ଯ୍ୟ ବୋଲି ଅଂଶଗ୍ରହଣକାରୀଙ୍କୁ ଜଣାଇବେ ।

**<u>ପ୍ରଶ୍ନ ୪) ଏହି ଶିକ୍ଷଣ କାର୍ଯ୍ୟକୁ କେଉଁସବୁ ସୋପାନରେ କରାଗଲା ?</u>**

- ପୂର୍ବ ଶିକ୍ଷଣ କାର୍ଯ୍ୟର ଆଲୋଚନାକୁ ମନେ ପକାଇବା
- ଗପଟିକୁ ମନେ ପକାଇ କହିବା
- ବିଗ୍ ବୁକ୍ ର ପ୍ରତ୍ୟେକ ପୃଷ୍ଠାରେ ଥିବା ଗପର ଧାଡ଼ିକୁ ଉଚ୍ଚ ସ୍ୱରରେ ପଢ଼ିବା
- ପ୍ରତ୍ୟେକ ଶବ୍ଦରେ ଆଙ୍ଗୁଠି ମାରି ବହିର ବାମରୁ ଡାହାଣରୁ ପଢ଼ିବେ ।
- ସେହି ପୃଷ୍ଠାରେ ଥିବା ଚିତ୍ରକୁ ଦେଖାଇ ଓ ଧାଡ଼ିକୁ ନେଇ କିଛି ଅନୁମାନ କଲା ପରି ପ୍ରଶ୍ନ ପଚାରିବା ।
- ସମସ୍ତ ପୃଷ୍ଠା ସରିବା ପରେ ଶେଷ ପୃଷ୍ଠାରେ ଥିବା 'ହାତୀ ପିଠିରେ ଛେଳି' ଗପଟିର ଆଦର୍ଶ ପଠନ କରିବା ।
- ଗପ ସମ୍ପର୍କିତ ଉଚ୍ଚସ୍ତରୀୟ ପ୍ରଶ୍ନଗୁଡ଼ିକ ପଚାରିବା ।
- ଗପଟିକୁ ନିଜ ଭାଷାରେ କହିବା
- ଗପରେ ଥିବା ଗଛପରି ଗଛ ବା ମନରୁ ଦେଖିଥିବା ଗଛର ଚିତ୍ର କରି ରଙ୍ଗ ଦେବା ।
- ଚିତ୍ରକୁ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଦେଖାଇ ସେବିଷୟରେ ଆଲୋଚନା କରିବା ।

**ପ୍ରଶ୍ନ ୫) ହାତୀ ପିଠିରେ ଛେଳି'(ବିଗ୍ ବୁକ୍)ଆଧାରରେ ମୌଖିକ ଭାଷା ବିକାଶ ପାଇଁ କରାଯାଇଥିବା ପ୍ରଥମ ଶିକ୍ଷଣ କାର୍ଯ୍ୟର ପ୍ରଶ୍ନ ଓ ଦ୍ୱିତୀୟ ଶିକ୍ଷଣ କାର୍ଯ୍ୟର ପ୍ରଶ୍ନଗୁଡ଼ିକ ଭିତରେ କ'ଣ ପାର୍ଥକ୍ୟ ଦେଖୁଛନ୍ତି ?**

<u>ପ୍ରଥମ ଶିକ୍ଷଣ କାର୍ଯ୍ୟର ପ୍ରଶ୍ନ</u> - (Logographic Reading)

- ସରଳ/ ଅନୁମାନ ଓ ଅନୁଭୂତି ଆଧାରିତ/ ଚିତ୍ର ସମ୍ବଳିତ ଅନୁମାନ/ ଚିତ୍ର ଆଧାରିତ ତଥ୍ୟଗତ

<u>ଦ୍ୱିତୀୟ ଶିକ୍ଷଣ କାର୍ଯ୍ୟର ପ୍ରଶ୍ନ -</u> (Interactive Reading) ପାରସ୍ପରିକ ପଠନ

- ସମୃଦ୍ଧ (ପୂର୍ବ ଅପେକ୍ଷା ଉଚ୍ଚସ୍ତରୀୟ)/ ଅନୁମାନ ଓ ଅନୁଭୂତି ଆଧାରିତ/ ଚିନ୍ତା ଓ ତର୍କ ଆଧାରିତ/ ଆବେଗମୂଳକ/ ଜୀବନ ଓ ପରିବେଶ ସହ ଜଡ଼ିତ

**ଶିକ୍ଷଣ କାର୍ଯ୍ୟ :୩ ଆମ କାମ**

**ଶିକ୍ଷଣ କାର୍ଯ୍ୟ :୧ - କବିତା ଆବୃତ୍ତି**

- ପ୍ରଣାଳୀ- କବିତା / ଶିଶୁ ଗୀତରେ କାର୍ଯ୍ୟ କରିବାର ଉପାୟ →
  - ପିଲାମାନଙ୍କୁ ତାଳ ଓ ଲୟରେ ଥିବା ଛୋଟ ଗୀତ ଗାଇ ଶୁଣାଇବା ।
  - ନିଜେ କବିତା ପୁନରାବୃତ୍ତି କରିବା ସମୟରେ ପିଲାଙ୍କୁ ଗାଇବା ପାଇଁ କୁହିବା ।
  - କବିତାରେ ଥିବା ସମତାନ ଶବ୍ଦଗୁଡ଼ିକର ପୁନରାବୃତ୍ତି ଏବଂ ପିଲାମାନଙ୍କୁ ଏହି ପରି ଅନ୍ୟ ଶବ୍ଦ ଗଢ଼ିବାକୁ କହିବା ।
  - ଯଦି ପିଲାମାନେ କବିତାର ବିଷୟବସ୍ତୁ ଉପରେ ବା ଚରିତ୍ର ସମ୍ବନ୍ଧିତ ଅନ୍ୟ କବିତାକୁ ମନେ ରଖିଛନ୍ତି, ତେବେ ଏହାକୁ ଶୁଣାଇବାକୁ କୁହନ୍ତୁ ।
  - ଗୋଟିଏ କବିତାକୁ ୨-୩ ଦିନ ଯାଏ ପିଲାମାନଙ୍କ ସହିତ ପୁନରାବୃତ୍ତି କାର୍ଯ୍ୟ କରାଯାଇପାରିବ ।

.

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ (୨୦-୨୫ ମିନିଟ୍)
  - ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ ।
  - ପାଠ୍ୟ ପୁସ୍ତକ/ କବିତା ସଂକଳନ / କବିତା ପୋଷ୍ଟର ବ୍ୟବହାର କରି ପିଲାମାନଙ୍କୁ ଅନୁମାନ କରି ସେହି ବିଷୟରେ କହିବା ପାଇଁ କହିବେ ।
  - ଅନ୍ୟୁନ ୨ରୁ ୩ଥର ଉପଯୁକ୍ତ ସ୍ୱର ଓ ଅଙ୍ଗଭଙ୍ଗୀ ସହ କବିତାଟିକୁ ଗାଇ ଶୁଣାଇବେ ଓ ପିଲାମାନେ ତାଙ୍କୁ ଅନୁସରଣ କରି ତାଙ୍କ ସହ ଗୀତଟିକୁ ଗାଇବା ପାଇଁ କହିବେ ।
  - କବିତା ଆଧାରିତ ବିଭିନ୍ନ – ବିଷୟଗତ, ତଥ୍ୟଭିତ୍ତିକ, କଳ୍ପନା, ଅନୁମାନ ଓ ତର୍କ ଆଧାରିତ ପ୍ରଶ୍ନ ପଚାରିବେ ଓ ଆଲୋଚନା କରିବେ ।
  - କବିତାର ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ଶବ୍ଦଗୁଡ଼ିକୁ ବାରମ୍ବାର ପଢ଼ିବେ ଓ ପିଲାମାନଙ୍କୁ ପଢ଼ିବା ପାଇଁ କହିବେ ।

ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି –

  - ଶିକ୍ଷକ କବିତାରେ ଥିବା ମୁଖ୍ୟ ଶବ୍ଦକୁ ଚିହ୍ନଟ କରିବେ ।
  - ପିଲାମାନଙ୍କୁ ନୂତନ ଶବ୍ଦ ସହ ପରିଚିତ କରାଇ କଳାପଟାରେ ଲେଖିବା ଓ ପଢ଼ିବାକୁ କହିବେ ।
  - ଶବ୍ଦଗୁଡ଼ିକୁ ମୌଖିକ ଭାଷାରେ ବ୍ୟବହାର କରିବା ପାଇଁ ସୁଯୋଗ ସୃଷ୍ଟି କରିବେ ।
  - କବିତାରେ ଥିବା ସମତାନ ଶବ୍ଦଗୁଡ଼ିକୁ ଚିହ୍ନଟ କରାଇ ବ୍ୟବହାର କରିବାର ସୁଯୋଗ ପ୍ରଦାନ କରିବେ ।
- ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍)
  - ଶିକ୍ଷକ ପିଲାଙ୍କୁ ଯୋଡ଼ିରେ/ଦଳରେ କବିତା ଆଧାରିତ ଚିତ୍ର ଅଙ୍କନ କରି ରଙ୍ଗ ଦେବା ପାଇଁ କହିବେ ଓ ସେହି ଚିତ୍ର ଉପରେ ଆଲୋଚନା କରିବା ପାଇଁ କହିବେ ।
  - ଶିକ୍ଷକ ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ପିଲାମାନଙ୍କୁ ପଢ଼ିବା ପାଇଁ କହିବେ ।
- ସମୀକ୍ଷା ବିନ୍ଦୁ
  - ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରିବେ ।
  - ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ଅନୁସାରେ ଯୋଜନା ପ୍ରସ୍ତୁତ କରିବେ ଓ ଆଗାମୀ ଶିକ୍ଷଣ କାର୍ଯ୍ୟରେ ସେମାନଙ୍କୁ ଅଧିକ ଗୁରୁତ୍ୱ ଦେବେ ।

**ଶିକ୍ଷଣ କାର୍ଯ୍ୟ :୨- ଚିତ୍ର ପଠନ**

ପ୍ରଣାଳୀ- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ 'ଗାଁ ଖେଳପଡ଼ିଆ'ର ଚିତ୍ର ଚାର୍ଟ/ପୋଷ୍ଟର ଦେଖାଇବେ ଏବଂ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନାକୁ ଆଗେଇନେବେ । (ଚିତ୍ର ଚାର୍ଟ/ପୋଷ୍ଟର ଅନୁସାରେ ପ୍ରଶ୍ନ ଓ ଆଲୋଚନା କରାଯିବ । )

ପ୍ରଶ୍ନ: ୧) ଏହି ଚିତ୍ରରେ ତୁମେମାନେ କ'ଣ ଦେଖୁଛ?

ପ୍ରଶ୍ନ: ୨) ଏହା କେଉଁ ସ୍ଥାନର ଦୃଶ୍ୟ?

ପ୍ରଶ୍ନ: ୩) ଚିତ୍ରରେ ପିଲାମାନେ କେଉଁସବୁ ଖେଳ ଖେଳୁଛନ୍ତି?

ପ୍ରଶ୍ନ: ୪) ତୁମେ କେଉଁସବୁ ଖେଳ ଖେଳିଥାଅ? (ଖେଳଟି କିପରି ଖେଳିଥାଅ......... ଇତ୍ୟାଦି)

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ (୨୦-୨୫ ମିନିଟ୍)
  - ➔ ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ
  - ➔ ପିଲାମାନଙ୍କୁ ଗୋଲାକାରରେ ବସାଇ ଚିତ୍ର ଚାର୍ଟ/ପୋଷ୍ଟର ଦେଖିବାକୁ କହିବେ
  - ➔ ପିଲାମାନଙ୍କୁ ଚିତ୍ର ଆଧାରିତ ତଥ୍ୟଭିତ୍ତିକ ପ୍ରଶ୍ନ ପଚାରିବେ
  - ➔ କଳ୍ପନା, ଅନୁମାନ, ଅନୁଭୂତି ଓ ତର୍କ ଆଧାରିତ ପ୍ରଶ୍ନ ପଚାରିବେ
  - ➔ ପ୍ରତ୍ୟେକ ପିଲାଙ୍କୁ କହିବାର ସୁଯୋଗ ଦେବା ସହ ସେମାନଙ୍କର ଗୃହଭାଷାକୁ ଗ୍ରହଣ କରିବେ
  - ➔ ଚିତ୍ରରେ ଥିବା ମୁଖ୍ୟ ଶବ୍ଦଗୁଡ଼ିକର ଅର୍ଥକୁ ପ୍ରୟୋଗାତ୍ମକ ଭିତ୍ତିରେ (ପିଲାଙ୍କ ଘରଭାଷାକୁ ଆଖିରେ ରଖି) ବୁଝାଇବେ
  - ➔ ଶବ୍ଦ ଭଣ୍ଡାର ଅଭିବୃଦ୍ଧି ଆଧାରିତ କାର୍ଯ୍ୟ କରାଇବେ
  - ➔ ପ୍ରଶ୍ନ ପଚାରି ପିଲାମାନଙ୍କୁ ଯୋଡ଼ି/ଦଳରେ ଆଲୋଚନା କରିବା ପାଇଁ କହିବେ
  - ➔ ମୁକ୍ତ ଓ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପଚାରି ପାରିବେ
  - ➔ ପ୍ରତ୍ୟେକ ପିଲାକୁ ନିଜ କଥା ଉପସ୍ଥାପନା ପାଇଁ ୧ରୁ ୨ଥର ସୁଯୋଗ ଦେବେ (ଆବଶ୍ୟକତା ଅନୁସାରେ)
- ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍)
  - ➔ ଶିକ୍ଷକ ଚିତ୍ର ଆଧାରିତ ଚିତ୍ର ଅଙ୍କନ କରିବା ପାଇଁ  ପିଲାଙ୍କୁ କହିବେ
  - ➔ ପିଲାମାନେ ଚିତ୍ର କରି ନିଜ ସାଙ୍ଗକୁ ଦେଖାଇବେ ଓ ଆଲୋଚନା କରିବା ପାଇଁ କହିବେ
  - ➔ ଶିକ୍ଷକ ପିଲାଙ୍କୁ ଯୋଡ଼ିରେ/ଦଳରେ ସେହି ଚିତ୍ର ଆଧାରିତ ଆଲୋଚନା କରିବା ପାଇଁ କହିବେ ।
  - ➔ ପିଲାମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଚିତ୍ରକୁ ପ୍ରଶଂସା କରିବେ ।
  - ➔ କାନ୍ଥରେ ସେହି  ଚିତ୍ରଗୁଡ଼ିକ ଲଗାଇ ଦେବେ ।
- ସମୀକ୍ଷା ବିନ୍ଦୁ
  - ➔ ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରିବେ ।
  - ➔ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ଅନୁସାରେ ଯୋଜନା ପ୍ରସ୍ତୁତ କରି  ଆଗାମୀ ଶିକ୍ଷଣ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦେବେ ।

**ଶିକ୍ଷଣ କାର୍ଯ୍ୟ : ୩ - ଅନୁଭୂତି କଥନ**

ପ୍ରଣାଳୀ- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ 'ହୋଲି' ବିଷୟରେ ନିଜ ଅନୁଭୂତିରୁ ଗୋଟିଏ ଗୋଟିଏ ବାକ୍ୟ କହିବା ପାଇଁ କହିବେ । ଶିକ୍ଷକ ସମ୍ପର୍କିତ ପ୍ରଶ୍ନମାନ ପଚାରି ପିଲାମାନଙ୍କୁ ଅଧିକରୁ ଅଧିକ କହିବା ପାଇଁ ଉତ୍ସାହିତ କରିବେ । (ଯେକୌଣସି ଅନୁଭୂତି ଉପରେ କାର୍ଯ୍ୟ କରାଯାଇପାରିବ)

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ (୨୦-୨୫ ମିନିଟ୍)
  - ➔ ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ
  - ➔ ହୋଲି ଆଧାରିତ ଅନୁଭୂତି ପିଲାଙ୍କୁ କହିବେ

- ➔ ପ୍ରତ୍ୟେକ ପିଲାଙ୍କୁ ନିଜର ଅନୁଭୂତି କହିବା ପାଇଁ କହିବେ
- ➔ ଶିକ୍ଷକ ତର୍କ, ଅନୁମାନ ଆଧାରିତ ପ୍ରଶ୍ନ ପଚାରି ଆଲୋଚନା କରିବେ
- ➔ ପିଲାଙ୍କୁ 'ହୋଲି' ସମ୍ବନ୍ଧିତ ଅନୁଭୂତି ଆଧାରରେ ଅଭିନୟ କରିବା ପାଇଁ କହିବେ
- ➔ ପିଲାମାନଙ୍କୁ ୨ରୁ ୩ଟି ବାକ୍ୟ କହିବା ପାଇଁ ସୁଯୋଗ ପ୍ରଦାନ କରିବେ
- ➔ ପିଲାମାନଙ୍କୁ ନିଜର ଘରଭାଷାରେ କହିବାକୁ ସୁଯୋଗ ମଧ୍ୟ ଦେବେ

- ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍)
  - ➔ ଶିକ୍ଷକ ହୋଲି ପ୍ରସଙ୍ଗ ଆଧାରିତ ଚିତ୍ର ଅଙ୍କନ କରିବା ପାଇଁ  ପିଲାଙ୍କୁ କହିବେ
  - ➔ ପିଲାମାନେ ଚିତ୍ର କରି ନିଜ ସାଙ୍ଗଙ୍କୁ ଦେଖାଇବେ ଓ ଆଲୋଚନା କରିବା ପାଇଁ କହିବେ
  - ➔ ଶିକ୍ଷକ ୩ରୁ ୪ଟି  ପିଲାଙ୍କୁ ଦଳରେ ସେହି ପ୍ରସଙ୍ଗ ଆଧାରିତ ଆଲୋଚନା କରିବା ପାଇଁ କହିବେ ।
  - ➔ ପିଲାମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଚିତ୍ରକୁ ପ୍ରଶଂସା କରିବେ ।
  - ➔ କାନ୍ଥରେ ସେହି  ଚିତ୍ରଗୁଡ଼ିକ ଲଗାଇ ଦେବେ ।
- ସମୀକ୍ଷା ବିନ୍ଦୁ
  - ➔ ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରାଯିବ ।
  - ➔ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରାଯିବ ଓ ଆଗାମୀ ଶିକ୍ଷଣ କାର୍ଯ୍ୟରେ ସେମାନଙ୍କୁ  ଅଧିକ ଗୁରୁତ୍ୱ ଦିଆଯିବ ।

**<u>ଶିକ୍ଷଣ କାର୍ଯ୍ୟ :୪- ଗଳ୍ପ କଥନ</u>**

ପ୍ରଣାଳୀ-

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ  "ଚଢେଇ ଗଲା ଉଡ଼ି" (Big book) ଗପଟି କହି ଶୁଣାଇବେ ।
- ଗପଟି ଶୁଣାଇବା ସମୟରେ ଅନୁମାନ, କଳ୍ପନା, ତଥ୍ୟଭିତ୍ତିକ ଓ ଗପ ଆଧାରିତ ପ୍ରଶ୍ନ ପଚାରି ପିଲାମାନଙ୍କୁ ଉତ୍ସାହିତ କରାଇବେ।
- ଗପ ଶୁଣାଇବା ପରେ  ଗପ ଆଧାରିତ ପ୍ରଶ୍ନ ସହ ଅନୁମାନ, କଳ୍ପନା ଆଧାରିତ ପ୍ରଶ୍ନ ପଚାରିବେ ।

  ପ୍ରଶ୍ନ – ଏହି ଗପଟି କାହା ବିଷୟରେ?
  - କିଏ ପାଣିରେ ବୁଡ଼ିଗଲା?
  - ଚଢେଇ କାହାକୁ ସାହାଯ୍ୟ ମାଗିଲା?
  - ଚଢେଇ ନିଜକୁ ବିଲେଇଠାରୁ କେମିତି ବଞ୍ଚାଇଲା?
  - ତୁମେ ଚଢେଇ/ବିଲେଇ ହୋଇଥିଲେ କ'ଣ କରିଥାନ୍ତ?

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ (୨୦-୨୫ ମିନିଟ୍)
  - ➔  ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ
  - ➔ ପିଲାମାନଙ୍କୁ ଗୋଲାକାରରେ ବସାଇବେ
  - ➔ ଗଳ୍ପ କାର୍ଡ/ ପାଠ୍ୟ ପୁସ୍ତକ/ ଗପ ସଙ୍କଳନରୁ ଗପ ନିଜ ଭାଷାରେ ପିଲାମାନଙ୍କୁ କହିବେ (ଆବଶ୍ୟକତା ଅନୁସାରେ ଗପର ବିଷୟବସ୍ତୁକୁ କାଟି ପାରନ୍ତି ବା ଯୋଡ଼ି ପାରନ୍ତି)।
  - ➔ ଗପ ଶୁଣାଇବା ବେଳେ ଘର ଭାଷା ଓ ମାନକ ଭାଷା (ପିଲା ବୁଝି ପାରିବା ଭଳି) ବ୍ୟବହାର କରିବେ ।
  - ➔ ଗପ ଶୁଣାଇବା ସମୟରେ କଳ୍ପନା, ଅନୁମାନ, ଅନୁଭୂତି ଓ ତର୍କ ଆଧାରିତ ପ୍ରଶ୍ନ ପଚାରି ପିଲାମାନଙ୍କ ବ୍ୟକ୍ତ କରିବାର ସାମର୍ଥ୍ୟକୁ ଉତ୍ସାହିତ କରିବା ସହ ସମୃଦ୍ଧ କରାଇବେ ।
  - ➔ ଶେଷରେ ମୁକ୍ତ ଓ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ପଚାରିବେ
  - ➔ ଶୁଣିଥିବା ଗପଟିକୁ କହିବା ପାଇଁ ପିଲାମାନଙ୍କୁ ସୁଯୋଗ ଦେବେ ଓ ଧୈର୍ଯ୍ୟର ସହ ଶୁଣିବେ ।

- ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି-
  - ➔ ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ
  - ➔ ଗଳ୍ପ ଆଧାରିତ ମୁଖ୍ୟ ଶବ୍ଦଗୁଡ଼ିକୁ ଚିହ୍ନଟ କରିବେ
  - ➔ ମୁଖ୍ୟ ଶବ୍ଦଗୁଡ଼ିକର ଅର୍ଥକୁ ପ୍ରୟୋଗାତ୍ମକ ଭିତ୍ତିରେ (ପିଲାଙ୍କ ଘରଭାଷାକୁ ଆଖିରେ ରଖି) ବୁଝାଇବେ
  - ➔ ଗଳ୍ପରେ ବ୍ୟବହୃତ ଜିନିଷ/ ଚରିତ୍ରକୁ ବ୍ୟବହାର କରି କଥାବାର୍ତ୍ତା ଓ ୨ ବା ୩ଟି ବାକ୍ୟ ପିଲାମାନଙ୍କୁ କହିବା ପାଇଁ ସୁଯୋଗ ସୃଷ୍ଟି କରିବେ
- ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍)
  - ➔ ଶିକ୍ଷକ ଗପ ଆଧାରିତ ଚିତ୍ର ଅଙ୍କନ କରି ରଙ୍ଗ ଦେବା ପାଇଁ  ପିଲାଙ୍କୁ କହିବେ
  - ➔ ଶିକ୍ଷକ ପିଲାଙ୍କୁ ଯୋଡ଼ିରେ/ଦଳରେ ସେହି ଚିତ୍ର ଆଧାରିତ ଆଲୋଚନା କରିବା ପାଇଁ କହିବେ ।
  - ➔ ଶିକ୍ଷକ ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ପିଲାମାନଙ୍କୁ ପଢ଼ିବା ପାଇଁ କହିବେ ।
- ସମୀକ୍ଷା ବିନ୍ଦୁ
  - ➔ ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରିବେ ।
  - ➔ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ଅନୁସାରେ ଯୋଜନା ପ୍ରସ୍ତୁତ କରି  ଆଗାମୀ ଶିକ୍ଷଣ କାର୍ଯ୍ୟରେ ସେମାନଙ୍କୁ ଅଧିକ ଗୁରୁତ୍ୱ ଦେବେ ।

**ଶିକ୍ଷଣ କାର୍ଯ୍ୟ : ୫ - ଗପ ପଢ଼ି ଶୁଣାଇବା**

ସାମଗ୍ରୀ- Big book, ପାଠ୍ୟ ପୁସ୍ତକ, ଗପବହି

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ (୨୦-୨୫ ମିନିଟ୍)
  - ➔ ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ ।
  - ➔ ପିଲାଙ୍କୁ ଗୋଲକରି ବସାଇବେ ଓ ଚିତ୍ରଗୁଡ଼ିକ ଉପରେ ଆଲୋଚନା କରିବେ ।
  - ➔ Big bookର ଲେଖା ଉପରେ ଆଙ୍ଗୁଠି ରଖି ଗପଟିର ଉଚ୍ଚପଠନ କରିବେ । (ଅନ୍ୟୂନ ଦୁଇଥର)
  - ➔ ପଢ଼ିବା ସମୟରେ ଅନୁମାନ ଓ ସାଧାରଣ ତଥ୍ୟଭିତ୍ତିକ ପ୍ରଶ୍ନ ପଚାରିବେ
  - ➔ କଥୋପକଥନକୁ ସମୃଦ୍ଧ କରିବା ପାଇଁ କଳ୍ପନା, ଅନୁଭୂତି, ଅନୁମାନ ଓ ତର୍କ ଆଧାରିତ ପ୍ରଶ୍ନ ପଚାରିବେ ଓ ଆଲୋଚନା କରିବେ ।
  - ➔ ପିଲାମାନଙ୍କୁ ଗପ ପଢ଼ିବାକୁ କହିବେ ।
- ସାଙ୍କେତିକ ଶବ୍ଦ ପଠନ (Logographic reading)-
  - ➔ ଶିକ୍ଷକ ଗପରେ ଥିବା ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ପଢ଼ିବେ
  - ➔ ଶବ୍ଦଗୁଡ଼ିକୁ କହି ପିଲାମାନଙ୍କୁ ଚିହ୍ନିବା ପାଇଁ କହିବେ
  - ➔ ଶିକ୍ଷକ ଶବ୍ଦଗୁଡ଼ିକୁ ଶ୍ରେଣୀଗୃହ କାନ୍ଥରେ ଲେଖିବେ ଓ ୩ରୁ ୪ଥର ପଢ଼ିବେ ଓ ପିଲାଙ୍କୁ ସେହି ଶବ୍ଦଗୁଡ଼ିକୁ ପଢ଼ିବା ପାଇଁ କହିବେ
- ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି -
  - ➔ ଗଳ୍ପ ଆଧାରିତ ମୁଖ୍ୟ ଶବ୍ଦଗୁଡ଼ିକୁ ଚିହ୍ନଟ କରିବେ ।
  - ➔ ଅର୍ଥ କହିବେ ଓ ଘର ଭାଷାରେ ସେହି ଶବ୍ଦଗୁଡ଼ିକର ବ୍ୟବହାର କରିବେ ।
  - ➔ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ କହିବେ ।
  - ➔ ଶବ୍ଦଗୁଡ଼ିକୁ ବ୍ୟବହାର କରି କଥାବାର୍ତ୍ତା କରିବେ।
- ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍)

- ➔ ଶିକ୍ଷକ ପିଲାଙ୍କୁ ଯୋଡ଼ିରେ/ଦଳରେ ଗପ ଆଧାରିତ ଚିତ୍ର ଅଙ୍କନ କରି ରଙ୍ଗ ଦେବା ପାଇଁ  କହିବେ ଓ ସେହି ଚିତ୍ର ଉପରେ ଆଲୋଚନା କରିବା ପାଇଁ କହିବେ ।
- ➔ ଶିକ୍ଷକ ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ପିଲାମାନଙ୍କୁ ପଢ଼ିବା ପାଇଁ କହିବେ ।

- ସମୀକ୍ଷା ବିନ୍ଦୁ
  - ➔ ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରିବେ ।
  - ➔ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ଅନୁସାରେ ଯୋଜନା ପ୍ରସ୍ତୁତ କରି  ଆଗାମୀ ଶିକ୍ଷଣ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦେବେ ।

**ଶିକ୍ଷଣ କାର୍ଯ୍ୟ : ୬ - ମୌଖିକ ଖେଳ**

ସାମଗ୍ରୀ- ବିଗ୍ ବୁକ୍, ପାଠ୍ୟ ପୁସ୍ତକ, ସଂଗୃହିତ ଗପ

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ (୧୫-୨୦ ମିନିଟ୍)
  - ➔ ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ ।
  - ➔ ଗପ/ କବିତା/ ବିଗ୍ ବୁକ୍ ଆଧାରିତ ପ୍ରସଙ୍ଗକୁ ନେଇ ମୌଖିକ ଖେଳ କରାଇବେ ।ଶିକ୍ଷକ ଗୋଟିଏ ଝୁଡ଼ିରେ ଗୃହରେ ଉପଲବ୍ଧ ଜିନିଷଗୁଡ଼ିକୁ ରଖିବେ ଓ ଶ୍ରେଣୀରେ ବୁଲାଇବେ ।(ଝୁଡ଼ି ବଦଳରେ ମୁଣି ବା ଥଳୀ ମଧ୍ୟ ନିଆଯାଇପାରିବ)
  - ➔ ପ୍ରତ୍ୟେକ ପିଲା ଝୁଡ଼ିରୁ ଜିନିଷ ଉଠାଇବେ ଓ ସେହି ଜିନିଷର ନାମ ଓ ବ୍ୟବହାର କହିବେ ।
  - ➔ ଏହିପରି ଅନେକ ମୌଖିକ କାର୍ଯ୍ୟ କରାଯାଇପାରିବ ।
  - ➔ ମୌଖିକ ଖେଳ/ କାର୍ଯ୍ୟରେ ପିଲାମାନଙ୍କର ଘର ଭାଷାକୁ ଗୁରୁତ୍ୱ ଦିଆଯିବା ସହ ମାନକ ଭାଷାର ମଧ୍ୟ ବ୍ୟବହାର କରାଯିବ ।
- ମୌଖିକ ଶବ୍ଦ ଭଣ୍ଡାର କାର୍ଯ୍ୟ ( ୫- ୧୦ମି)
  - ➔ ଶିକ୍ଷକ ପିଲାମାନେ ଉଠାଇଥିବା ଜିନିଷର ନାମଗୁଡ଼ିକୁ କଳାପଟାରେ ଲେଖିବେ ଓ ପିଲାମାନଙ୍କୁ ପଢ଼ିବା ପାଇଁ କହିବେ ।
- ଲିଖନ କାର୍ଯ୍ୟ –(୧୦-୧୫ ମିନିଟ୍)
  - ➔ ଶିକ୍ଷକ ମୌଳିକ ଖେଳ ଆଧାରିତ ଜିନିଷ/ ଶବ୍ଦ/  ବସ୍ତୁ/ ଚରିତ୍ରକୁ ଆଧାର କରି ଚିତ୍ର ଅଙ୍କନ କରିବା ପାଇଁ କହିବେ।
  - ➔ ରଙ୍ଗ ଦେବା ପାଇଁ କହିବେ । ଯୋଡ଼ି/ଦଳରେ ଚିତ୍ର ଅଙ୍କନ ଓ ରଙ୍ଗ ଦେଇ ଆଲୋଚନା କରିବା ପାଇଁ କହିବେ।
- ସମୀକ୍ଷା ବିନ୍ଦୁ
  - ➔ ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରିବେ ।
  - ➔ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ଅନୁସାରେ ଯୋଜନା ପ୍ରସ୍ତୁତ କରି  ଆଗାମୀ ଶିକ୍ଷଣ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦେବେ ।

**ଶିକ୍ଷଣ କାର୍ଯ୍ୟ :୭- ସାମାଜିକ ଓ ଆବେଗିକ ବିକାଶ ପାଇଁ ମୌଖିକ କାର୍ଯ୍ୟ**

ସାମଗ୍ରୀ- କାଗଜର ବଲ୍

ଶ୍ରେଣୀ ପରିଚାଳନା –

- ମୌଖିକ ଭାଷା ବିକାଶ ଆଧାରିତ କାର୍ଯ୍ୟ
  - ➔ ଶିକ୍ଷକ ଶ୍ରେଣୀରେ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ ।
  - ➔ କବିତା/ ଗପ/ ଶିଶୁ କବିତା/ ଖେଳ ଆଧାରିତ କାର୍ଯ୍ୟ କରିବେ ।
  - ➔ ପିଲାମାନଙ୍କୁ ଗୋଲରେ ଠିଆ କରାଇ ବା ବସାଇ ବଲ୍ ଟିକୁ ଗୋଟିଏ ପିଲାକୁ ଦେବେ । ଶିକ୍ଷକ ଯାହାକୁ ବଲ୍ ଦେବେ ସେ ନିଜ ବିଷୟରେ ୩-୪ଟି ବାକ୍ୟ କହିବ ଓ ବଲ୍ କୁ ପାଖ ସାଥୀକୁ ଦେବ ।

- ➔ ନିଜ ପରିବାର, ସାଙ୍ଗ, ପସନ୍ଦର ଗୀତ, ଖେଳ, କାର୍ଟୁନ, ପର୍ବ ଇତ୍ୟାଦି ବିଷୟରେ କହିବା ପାଇଁ ସୁଯୋଗ ଦିଆଯିବ । ଜଣେ କହୁଥିବା ସମୟରେ ଅନ୍ୟ ପିଲାମାନେ ଶୁଣିବେ ଓ ଯାହାର କଥା ସହ କହୁଥିବା ପିଲାର କଥା ସମାନ ହେବ ସେ କହିବ 'ମୋ ଭଳି' ।
  - ➔ ସମସ୍ତ ପିଲା ଏହିପରି  କାର୍ଯ୍ୟଟିକୁ ଆଗେଇ ନେବେ ଓ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ ।
- ଲିଖନ କାର୍ଯ୍ୟ
  - ➔ ମୌଖିକ କାର୍ଯ୍ୟ ଆଧାରିତ ଚିତ୍ର କରିବେ ଓ ରଙ୍ଗ ଦେବେ । ଚିତ୍ର ବିଷୟରେ କହିବେ ।
  - ➔ ଅଙ୍କନ କରାଯାଇଥିବା ଚିତ୍ରକୁ କାନ୍ଥରେ ଲଗାଯିବ ଓ ସେହି ବିଷୟରେ ଆଲୋଚନା କରାଯିବ ।
- ସମୀକ୍ଷା ବିନ୍ଦୁ
  - ➔ ପ୍ରତ୍ୟେକ ପିଲା ଶିକ୍ଷଣ କାର୍ଯ୍ୟରେ ଯେପରି ସକ୍ରିୟ ଅଂଶଗ୍ରହଣ କରିବେ, ତାହା ସୁନିଶ୍ଚିତ କରିବେ ।
  - ➔ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପାରୁ ନଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ସମସ୍ୟା ଅନୁସାରେ ଯୋଜନା ପ୍ରସ୍ତୁତ କରି  ଆଗାମୀ ଶିକ୍ଷଣ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦେବେ ।

**ପ୍ରଶ୍ନ-୬) ଏହି ଅଧିବେଶନରୁ ଆପଣମାନେ କ'ଣ ଶିଖିଲେ?**

- ମୌଖିକ ଭାଷା ବିକାଶ ଆଧାରିତ ଶିକ୍ଷଣ କାର୍ଯ୍ୟସମୂହ
- ସେଗୁଡ଼ିକର ପ୍ରଣାଳୀ, ସୋପାନ ଓ ପ୍ରୟୋଗ
- ବିଭିନ୍ନ ମୌଖିକ ଭାଷା ବିକାଶ ପାଇଁ ଆଧାରିତ ଶିକ୍ଷଣ କାର୍ଯ୍ୟରେ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବା
- ଶିକ୍ଷାର୍ଥୀମାନଙ୍କ ଘରର ଭାଷାକୁ ଗ୍ରହଣ କରିବା
- ସେମାନଙ୍କୁ ଧୈର୍ଯ୍ୟର ସହ ଶୁଣି ସକାରାତ୍ମକ ମତାମତ ଦେବା
- ପ୍ରଶଂସା କରିବା
- ପିଲାମାନଙ୍କୁ ଧୈର୍ଯ୍ୟର ସହ ଶୁଣିବା
- ସେମାନଙ୍କ ଭୁଲ ନବାଛି କଥନରେ fluency ଓ communication skill ଉପରେ ଗୁରୁତ୍ୱ ଦେବା
- ସରଳ ପ୍ରଶ୍ନ ପଚାରି ଅଧିକ କହିବା ପାଇଁ ଉତ୍ସାହିତ କରିବା
- ଘରର ଭାଷାକୁ କ୍ରମଶଃ ମାନକ ଭାଷା ଦିଗକୁ ଗତିଶୀଳ କରାଇବା

**ପ୍ରଶ୍ନ-୭)ମୌଖିକ ଭାଷାର ବିକାଶ କାର୍ଯ୍ୟ ସମ୍ପାଦନ ପାଇଁ ଆପଣଙ୍କ ଭୂମିକା କ'ଣ ?**

- ଶୈକ୍ଷିକ ସହାୟତା
- ଲକ୍ଷ୍ୟ ପୂରଣ ଦିଗରେ ଉପୁଜୁଥିବା ସମସ୍ୟାକୁ ଜାଣିବା
- ସମସ୍ୟାକୁ ସମାଧାନ କରିବା ଦିଗରେ ଅଭିନବ ଉପାୟ ସ୍ଥିର କରିବା
- ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ବ୍ୟବହାରକୁ ଶିକ୍ଷଣ ଲକ୍ଷ୍ୟଭିତ୍ତିକ କରାଇବା
- ଶିକ୍ଷଣ ପରିବେଶ ଓ କାର୍ଯ୍ୟକୁ ଶିଶୁ ସୁଲଭ କରାଇ ସେମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଇବା

**ସାମଗ୍ରୀ:**

- 'ହାତୀ ପିଠିରେ ଛେଳି' ବିଗ୍ ବୁକ୍ - ଗୋଟିଏ
- Story card - ଗୋଟିଏ
- Picture poster/ card - ଗୋଟିଏ
- ଶିଶୁ କବିତା ଓ ଗଳ୍ପମାଳା/ ପଠନ ପୁସ୍ତକ - ଗୋଟିଏ
- ପାଠ୍ୟ ପୁସ୍ତକ (ପ୍ରଥମ/ ଦ୍ୱିତୀୟ ଶ୍ରେଣୀ) - ଗୋଟିଏ
- A4 size paper- ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅନୁସାରେ
- ମହମ/କ୍ରେୟନ ରଙ୍ଗ- ୨ ପ୍ୟାକେଟ

# ଡିକୋଡ଼ିଙ୍ଗ୍ (୧)

**ଦିବସ – ଦ୍ଵିତୀୟ** **ଅବଧି – ୧ ଘ. ୩୦ ମି.**

**ଅଧିବେଶନ – ତୃତୀୟ**

**ପ୍ରତ୍ୟାଶିତ ଫଳାଫଳ**

**ଏହି ଅଧିବେଶନରେ ଆଲୋଚନା ପରେ ଅଂଶଗ୍ରହଣକାରୀ ମାନେ :-**

- **ଡିକୋଡ଼ିଙ୍ଗ୍ ର ଅର୍ଥ ବୁଝାଇବେ**
- **ଡିକୋଡ଼ିଙ୍ଗ୍ ର ଆବଶ୍ୟକତା ଓ ଏହାର ଗୁରୁତ୍ଵ ବିଷୟରେ ବର୍ଣ୍ଣନା କରିବେ ।**
- **ଡିକୋଡ଼ିଙ୍ଗ୍ ର ବ୍ୟବସ୍ଥିତ ଶିକ୍ଷଣ ଦକ୍ଷତା ହାସଲ କରିବା ପାଇଁ ଉଦ୍ଦିଷ୍ଟ କୌଶଳ ହାସଲ କରିବେ ।**

**ପ୍ରଣାଳୀ -**

ସାମଗ୍ରୀ – ପଶୁପକ୍ଷୀଙ୍କ ଚିତ୍ର, ଗୀତଚାର୍ଟ, କାଗଜ ପ୍ଲାଷ୍ଟିକ ବଲ, ଚର୍ଚ୍ଚା ଫର୍ଦ୍ଦ, କାର୍ଯ୍ୟଫର୍ଦ୍ଦ

ସକ୍ରିୟାତ୍ମକ କାର୍ଯ୍ୟ – **ଆମରି ସ୍ଵର**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଗୋଲାକାରରେ / ଅର୍ଦ୍ଧବୃତ୍ତାକାରରେ ଠିଆ କରାଇ "**ଆମରି ସ୍ଵର**" ଖେଳଟି ଖେଳାଇବେ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

**ଶିକ୍ଷଣ କାର୍ଯ୍ୟ – ୧ (ଆସ ଗୀତ ଗାଇବା - ସମତାନ ବିଶିଷ୍ଟ ଶବ୍ଦ ଚିହ୍ନିବା)**

ସାଧନକର୍ମୀ ଅଙ୍ଗଭଙ୍ଗୀ ସହ କବିତାଟି ଆବୃତ୍ତି କରାଇବେ । ଅଂଶଗ୍ରହଣକାରୀ ମାନେ ମଧ୍ୟ ସାଧନକର୍ମୀଙ୍କ ସହ ଆବୃତ୍ତି କରିବେ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ) ଏହାପରେ ସାଧନକର୍ମୀ ଏହି କବିତାରୁ ଏକାଭଳି ଶୁଣାଯାଉଥିବା ଶବ୍ଦ ବାଛି କହିବା ପାଇଁ ଅଂଶଗ୍ରହଣକାରୀଙ୍କୁ ସୂଚନା ଦେବେ ।

ସାଧନକର୍ମୀ ନିଜ ମନରୁ ଗୋଟିଏ ଶବ୍ଦ କହିଲେ ଅଂଶଗ୍ରହଣକାରୀମାନେ ସେହିଭଳି ଶୁଣାଯାଉଥିବା ଆଉ ଗୋଟିଏ ବା ଦୁଇଟି ଶବ୍ଦ କହିବେ । (ଅର୍ଥବୋଧକ ବା ନିରର୍ଥକ ଶବ୍ଦ)

ଉଦାହରଣ :– ନଳ – ବଳ – କଳ – ଚଳ

ମଟର – ପଟର – କଟର

**ଏହି କାମ ପରେ ନିମ୍ନ ପ୍ରଶ୍ନ ଉପରେ ଖୋଲା ଆଲୋଚନା କରାଯିବ ।**

ପ୍ର. ୧ – ଏହି କାର୍ଯ୍ୟ କରିବା ଦ୍ଵାରା ପିଲାମାନଙ୍କର ଭାଷା ଶିକ୍ଷଣରେ କେଉଁ ଦକ୍ଷତା/ଧାରଣା ହାସଲ ହୋଇପାରିବ?

ପ୍ର. ୨ – ଧ୍ଵନି ସଚେତନତା ଦକ୍ଷତା ହାସଲ ପାଇଁ ଆମେ ଆଉ କେଉଁ କାର୍ଯ୍ୟ କରିପାରିବା ?

ପ୍ର. ୩ – ଏହି କବିତାରୁ ସମତାନ ବିଶିଷ୍ଟ ଶବ୍ଦଗୁଡ଼ିକୁ ବାଛିବା ପାଇଁ ଆପଣ କ'ଣ କଲେ ?

କ - କବିତାରେ କେତୋଟି ପାଦ/ଧାଡ଼ି ଅଛି ?

ଖ - ପ୍ରଥମ ପାଦ/ ଧାଡ଼ିରେ କେତୋଟି ଶବ୍ଦ ଅଛି ?

ଗ - ପ୍ରଥମ ଧାଡ଼ିର ଦ୍ଵିତୀୟ ଶବ୍ଦରେ କେତୋଟି ଅକ୍ଷର ଅଛି ?

ଘ - ଏହି ଅକ୍ଷରଗୁଡ଼ିକୁ ନେଇ ଆମେ କେଉଁ ସବୁ ଶବ୍ଦ ଗଢ଼ିପାରିବା ?

ପ୍ର. ୪ – ଡିକୋଡ଼ିଙ୍ଗ୍ କହିଲେ ଆମେ କ'ଣ ବୁଝୁଛେ ?

ଖୋଲା ଆଲୋଚନା ପରେ ଉତ୍ତର ସଂଗ୍ରହ କରାଯିବ । ସାଧନକର୍ମୀ ସ୍ଲାଇଡ଼ ଦେଖାଇ ଡିକୋଡ଼ିଙ୍ଗ୍ କାହାକୁ କହନ୍ତି ଆଲୋଚନା କରିବେ।

**<u>ଶିକ୍ଷଣକାର୍ଯ୍ୟ – ୨ (ଚର୍ଚ୍ଚାପତ୍ର)</u>**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ୫ ଟି ଦଳରେ ଭାଗ କରି ପ୍ରତି ଦଳରେ
ଚର୍ଚ୍ଚାଫର୍ଦ୍ଦ ଦେବେ । ଅଂଶଗ୍ରହଣକାରୀମାନେ ପରସ୍ପର ମଧ୍ୟରେ ଆଲୋଚନା କରି ଠିକ୍ ଥିବା ଉତ୍ତର ପାଖରେ ଠିକ୍ ଚିହ୍ନ ଓ ଭୁଲ ଉତ୍ତର ପାଖରେ ଭୁଲ ଚିହ୍ନ ଦେବେ । ଅଂଶଗ୍ରହଣକାରୀମାନେ ସେମାନଙ୍କ ଉତ୍ତର ସପକ୍ଷରେ ନିଜର ଯୁକ୍ତି ଉପସ୍ଥାପନା କରିବେ । ଚର୍ଚ୍ଚାପତ୍ର ଆଧାରରେ ଆଲୋଚନା କରାଯିବ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ପ୍ରଶ୍ନ: ଏହି ଚର୍ଚ୍ଚା ପତ୍ରର ଆଲୋଚନାରୁ ଆମେ କ'ଣ ଜାଣିଲେ ?

ଏହି ପ୍ରଶ୍ନର ଉତ୍ତର ଆଦାୟ କରିବା ପରେ ସାଧନକର୍ମୀ ଖୋଲା ଆଲୋଚନା ମାଧ୍ୟମରେ ସଂକ୍ଷେପଣ କରିବେ ।

**<u>ଶିକ୍ଷଣକାର୍ଯ୍ୟ – ୩ (ମୋତେ ନେଇ ଶବ୍ଦ ଗଢ଼)</u>**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ପାଞ୍ଚଟି ଦଳରେ ଭାଗ କରିବେ। । ପ୍ରତିଦଳରେ ଗୋଟିଏ ଲେଖାଏଁ କାର୍ଯ୍ୟଫର୍ଦ୍ଦ ଦେଇ ଅର୍ଥପୂର୍ଣ୍ଣ ଶବ୍ଦ ଗଢ଼ିବାକୁ କହିବେ । ପ୍ରତ୍ୟେକ ଦଳ ନିଜ ଦଳରେ ଲେଖିଥିବା ଶବ୍ଦକୁ ଉପସ୍ଥାପନା କରିବା ପରେ ନିମ୍ନୋକ୍ତ ପ୍ରଶ୍ନ ଆଧାରରେ ଆଲୋଚନା କରାଯିବ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ପ୍ର. ୧ – କେଉଁ ଦଳ ସବୁଠାରୁ ଅଧିକ ଶବ୍ଦ ଗଢ଼ିପାରିଛନ୍ତି ?

ପ୍ର. ୨ – ଏହାର କାରଣ କ'ଣ ବୋଲି ଆପଣ ଭାବୁଛନ୍ତି ?

ପ୍ର. ୩ – ବିଦ୍ୟାଳୟ ସ୍ତରରେ ଏହି କାର୍ଯ୍ୟ ଆମେ ପିଲାମାନଙ୍କ ପାଇଁ କରିପାରିବା କି ?

ପ୍ର. ୪ – ଏହା ପିଲାମାନଙ୍କୁ ଭାଷା ଶିକ୍ଷଣ ର କେଉଁ ଦକ୍ଷତା / ଜ୍ଞାନ ହାସଲ କରିବାରେ ସାହାଯ୍ୟ କରିବ?

## ସୂଚନା ଫର୍ଦ୍ଦ

## ଡିକୋଡ଼ିଙ୍ଗ୍ ର ବ୍ୟବସ୍ଥିତ ଶିକ୍ଷଣ

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ୫ଟି ଦଳରେ ଭାଗ କରିବେ । ସ୍ଲାଇଡରେ ଦେଖାଯାଇଥିବା ସାରଣୀ ଆଧାରରେ ନିମ୍ନ ପ୍ରଶ୍ନମାନ ପଚାରିବେ -

**ପ୍ରଥମ ସାରଣୀ -**

ପ୍ରଶ୍ନ - କ - ଏହି ସାରଣୀରୁ ଆପଣମାନେ କ'ଣ ବୁଝୁଛନ୍ତି ?

ପ୍ରଶ୍ନ - ଖ - ଏହି ପ୍ରତୀକ/ସଙ୍କେତ ଗୁଡ଼ିକ କାହାର ପ୍ରତିନିଧିତ୍ୱ କରୁଛି ବୋଲି ଆପଣମାନେ ଭାବୁଛନ୍ତି ?

**୨ୟ ସାରଣୀ ଦେଖାଇ -**

ପ୍ରଶ୍ନ - କ - ଏହି ସାରଣୀରୁ ଆପଣମାନେ କ'ଣ ବୁଝୁଛନ୍ତି ?

ପ୍ରଶ୍ନ - ଖ - ଏହି ପ୍ରତୀକ/ସଙ୍କେତ ଗୁଡ଼ିକ କାହାର ପ୍ରତିନିଧିତ୍ୱ କରୁଛି ବୋଲି ଆପଣମାନେ ଭାବୁଛନ୍ତି ?

ପ୍ରଶ୍ନ - ଗ - ଏହି ଦୁଇଟି ସାରଣୀର ପରିସ୍ଥିତିରୁ କେଉଁଠି ଡିକୋଡ଼ିଙ୍ଗ୍ ପାଇଁ ଅଧିକ ଫଳପ୍ରଦ ହେବ ଓ କାହିଁକି ?

ପ୍ରଶ୍ନ – ଏହି ଅଧିବେଶନରୁ ଆଲୋଚନାରୁ ଆମେ କ'ଣ ଶିଖିଲେ ?

ପ୍ରଶ୍ନ – ପିଲାମାନଙ୍କ ମଧ୍ୟରେ ଡିକୋଡ଼ିଙ୍ଗ୍ ଦକ୍ଷତାର ବୃଦ୍ଧି ପାଇଁ ଆପଣଙ୍କର ଭୂମିକା କ'ଣ ?

## ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ – ଆମରି ସ୍ୱର**

ସାଧନକର୍ମୀ ନିଜ ପାଖରେ କେତୋଟି ପଶୁ ପକ୍ଷୀଙ୍କ ଚିତ୍ର ରଖିବେ ।

ପ୍ରଥମେ ସାଧନକର୍ମୀ ଗୋଟିଏ ବଲ୍ ଜଣେ ଅଂଶଗ୍ରହଣକାରୀଙ୍କ ପାଖକୁ ପକାଇବେ । ସାଧନକର୍ମୀ ଗୋଟିଏ ବଲ୍ ଜଣେ ଅଂଶଗ୍ରହଣକାରୀଙ୍କ ପାଖକୁ ପକାଇବେ ସେ ଆଉ ଜଣଙ୍କୁ ପାଖକୁ ପକାଇବେ । ଯେତେବେଳେ ସାଧନକର୍ମୀ ଗୋଟିଏ ତାଳି ମାରିବେ ବଲ୍ ଟି ଯାହାପାଖରେ ଥିବ ସେ ଆଗକୁ ଆସିବେ । ସାଧନକର୍ମୀ ଦେଖାଉଥିବା ପଶୁ ପକ୍ଷୀର ସ୍ୱର ଅଭିନୟ ସହ କରିବେ । ଏହି ପରି ଖେଳଟି ଚାଲିବ । ଅଂଶଗ୍ରହଣକାରୀ ମଧ୍ୟ ଖେଳଟି ଖେଳାଇପାରନ୍ତି ।

**ଶିକ୍ଷଣକାର୍ଯ୍ୟ – ୧**

**କବିତା -**

ଝୁମୁରୁ ଝାଇଁ, ଝୁମୁରୁ ଝାଇଁ
ପିଠା କରୁଥିଲେ ଆମରି ମାଈଁ ।
ଝୁମୁରୀ, ଠୁମୁରୀ ମାଈଁଙ୍କ ଝିଅ
ମାଆକୁ ମାଗିଲେ କାକରା ଦିଅ ।
ଦୁଇ ଝିଅ ସବୁ କାକରା ନେଲେ
ବାହାରେ କୁକୁର ଛୁଆଙ୍କୁ ଦେଲେ ।
ଖୁସି ହେଲେ ସବୁ କୁକୁର ଛୁଆ
କୁଁ କୁଁ ହୋଇ ମାରିଲେ ଡ଼ିଆଁ ।

**ଖୋଲା ଆଲୋଚନା**

ପ୍ର. ୧ – କଥନ ଦକ୍ଷତା, ଧ୍ୱନି ସମ୍ବନ୍ଧରେ ଜ୍ଞାନ, ଶବ୍ଦ ଭଣ୍ଡାର ବୃଦ୍ଧି, ଏକାଭଳି ଶବ୍ଦ କହିବା ଆଦି

ପ୍ର. ୨ – ସରେ ଯେଉଁଟିରେ ଆରମ୍ଭ ସେଇଟିରେ, ପ୍ରଥମ – ମଧ୍ୟ – ଶେଷ ଧ୍ୱନି ଚିହ୍ନଟି ଇତ୍ୟାଦି

ପ୍ର. ୩ – L (Listening) D(Differentiating) A (Associating) C (Concluding)

- ଧ୍ୱନିକୁ ଶୁଣିଲେ → ଅନ୍ୟ ଧ୍ୱନି ଠାରୁ ପୃଥକ କଲେ → ଦୁଇ ଶବ୍ଦର ସମାନ ଧ୍ୱନିକୁ ସମ୍ପର୍କିତ କଲେ → ସିଦ୍ଧାନ୍ତରେ ଉପନୀତ ହେଲେ

ପ୍ର. ୪ ଅକ୍ଷର ଓ ମାତ୍ରାକୁ ଚିହ୍ନିବା ଏବଂ ଏହାକୁ ଯୋଡ଼ି ଶବ୍ଦ ପଢ଼ିପାରିବାକୁ ଡିକୋଡ଼ିଙ୍ଗ୍ କୁହାଯାଏ ।

- **ଏଥିରେ ଦୁଇ ପ୍ରକାର କୌଶଳ ନିହିତ :**
  - ଅକ୍ଷର ଓ ମାତ୍ରାକୁ ଚିହ୍ନିବା
  - ଅକ୍ଷର ଓ ମାତ୍ରାକୁ ଯୋଡ଼ିକରି ଶବ୍ଦ ପଢ଼ିବା
- **ଡିକୋଡ଼ିଙ୍ଗ୍ ଶିକ୍ଷାଦାନର ଦୁଇ ପ୍ରକାରର ଉପାୟ ଅଛି :**
  - ପାରମ୍ପରିକ ଉପାୟରେ ପ୍ରଥମେ ପିଲାଙ୍କୁ ସବୁ ଅକ୍ଷର ଓ ମାତ୍ରା ଶିକ୍ଷା ଦିଆଯାଏ ଓ ସେଗୁଡ଼ିକ ଯୋଡ଼ି ଶବ୍ଦ ଓ ବାକ୍ୟ ଗଠନ କରାଯାଏ ।
  - ବ୍ୟବସ୍ଥିତ ଉପାୟରେ ପ୍ରଥମେ ଏପରି ସବୁ ଅକ୍ଷର ଓ ମାତ୍ରା ସମୂହର ଶିକ୍ଷା ଦିଆଯାଏ । ଯାହା ଦ୍ୱାରା ବହୁତ ପ୍ରକାର ଶବ୍ଦ ଗଠନ ହୋଇପାରିବ ଓ ପିଲାମାନଙ୍କ ଦ୍ୱାରା ଶବ୍ଦ ପଠନ ଅଭ୍ୟାସ ମଧ୍ୟ କରାଯାଇ ପାରିବ ।
- ଏହି ଉପାୟରେ ଶବ୍ଦ ପଢ଼ିବାର ପ୍ରକ୍ରିୟା ସମସ୍ତ ଅକ୍ଷରମାଳା ଶିଖିବା ପରେ ଆରମ୍ଭ କରା ନ ଯାଇ ତା ସହିତ ଏକା ସାଙ୍ଗରେ ଚାଲିଥାଏ । ତେଣୁ ଏହା ପିଲାମାନଙ୍କ ପାଇଁ ଉପଯୋଗୀ । ପିଲାମାନେ ପ୍ରଥମ ଡିକୋଡ଼ିଙ୍ଗ୍ ଶିକ୍ଷାଦାନ ପ୍ରକ୍ରିୟା ସହିତ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ି ହୋଇଥାନ୍ତି ।

## ଧ୍ୱନି ସଚେତନତାର କ୍ରମ

କବିତା ଆବୃତ୍ତି କରିବା ଯେଉଁଥିରେ ଶବ୍ଦ ଓ ଧ୍ୱନିଗୁଡ଼ିକର ବାରମ୍ବାରତା ଥିବ

↓

ଏକାପରି ଶୁଭାଯାଉଥିବା ଶବ୍ଦର ଅଭ୍ୟାସ

↓

ବାକ୍ୟରେ ଶବ୍ଦକୁ ଗଣିବା

↓

ଶବ୍ଦକୁ ଭାଙ୍ଗିବା

↓

ଶବ୍ଦର ପ୍ରଥମ ଧ୍ୱନିକୁ ଚିହ୍ନିବା ଓ ତାକୁ ଅଲଗା କରି କହିବା

↓

ଶବ୍ଦର ମଧ୍ୟମ ଓ ଅନ୍ତିମ ଧ୍ୱନିକୁ ଚିହ୍ନିବା

↓

ଶବ୍ଦର ପ୍ରଥମ ଧ୍ୱନିକୁ ବଦଳି କହିବା

**ଶିକ୍ଷଣକାର୍ଯ୍ୟ – ୨**

**ଚର୍ଚ୍ଚା ଫର୍ଦ୍ଦ**

୧ –ଅକ୍ଷର / ଧ୍ୱନି ସମ୍ବନ୍ଧୀୟ ଜ୍ଞାନକୁ ଡିକୋଡ଼ିଙ୍ଗ୍ କୁହାଯାଏ

୨ – ଡିକୋଡ଼ିଙ୍ଗ୍ ମୌଖିକ ଭାଷା ଶିକ୍ଷଣର ଏକମାତ୍ର  ପ୍ରମୁଖ ଆବଶ୍ୟକତା

୩ – ଡିକୋଡ଼ିଙ୍ଗ୍ ପଠନକୁ ଶୁଦ୍ଧ ଓ ତ୍ୱରାନ୍ୱିତ କରିଥାଏ

୪ – ଡିକୋଡ଼ିଙ୍ଗ୍ କୌଶଳ ଦ୍ୱାରା ପିଲାଟିଏ ଅକ୍ଷର/ମାତ୍ରାର ଧ୍ୱନି ଓ ପ୍ରତୀକ ଚିହ୍ନିବାରେ ସକ୍ଷମ ହୁଏ

୫ – ଡିକୋଡ଼ିଙ୍ଗ୍ ଶିଖିବା ଦ୍ୱାରା ପିଲାର ହସ୍ତାକ୍ଷର ସୁନ୍ଦର ହୁଏ

୬ – ଏହି ପ୍ରକ୍ରିୟାରେ ପିଲାମାନଙ୍କୁ ଶବ୍ଦ ଓ ବାକ୍ୟ ପଠନର ସୁଯୋଗ ରହିଛି

୭ – ଡିକୋଡ଼ିଙ୍ଗ୍ ଶିଖିବା ଦ୍ୱାରା ପଢ଼ିବା ପାଇଁ ପିଲାକୁ ଅନେକ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ

୮ – ଧ୍ୱନି ଚେତନା ଓ ଛପାଲେଖା ସାମଗ୍ରୀ ବିଷୟରେ ଧାରଣା ଡିକୋଡ଼ିଙ୍ଗ୍ ପାଇଁ ଆବଶ୍ୟକ ନୁହେଁ

୯ – ବ୍ୟବସ୍ଥିତ  ଡିକୋଡ଼ିଙ୍ଗ୍ କାର୍ଯ୍ୟରେ ପ୍ରଥମେ ସମସ୍ତ ଅକ୍ଷର ଶିଖିବାକୁ ପଡ଼େ

୧୦ – ପିଲାମାନେ ଯେତେବେଳେ ଉଚିତ୍ ଗତି, ସ୍ପଷ୍ଟ ଓ ନିର୍ଭୁଲ ଭାବରେ ପଢନ୍ତି ସେତେବେଳେ ସେମାନେ ଠିକ୍ ଭାବରେ ବୁଝିପାରନ୍ତି

ପ୍ରଶ୍ନ: ଚର୍ଚ୍ଚା ପତ୍ରର ଆଲୋଚନରୁ ଆମେ ଡିକୋଡ଼ିଙ୍ଗ୍ ର ଅର୍ଥ, ଆବଶ୍ୟକତା ଓ ଗୁରତ୍ୱ ବିଷୟରେ ଜାଣିଲେ ।

**ଶିକ୍ଷଣକାର୍ଯ୍ୟ – ୩**

## ମୋତେ ନେଇ ଶବ୍ଦ ଗଢ

**କାର୍ଯ୍ୟ ଫର୍ଦ୍ଦ**

ଦଳ ୧ –

ଦଳ ୨ –

ଦଳ ୩ –

ଦଳ ୪ –

ଦଳ ୫ –

ପ୍ର. ୧ – ସବୁଠାରୁ ଅଧିକ ପଞ୍ଚମ ଦଳ

ପ୍ର. ୨ – ସେମାନେ ଅକ୍ଷର ସହ ଅଧିକ ମାତ୍ରା ଯୋଡ଼ିବାର ସୁଯୋଗ ପାଇଥିବାରୁ

ପ୍ର. ୩ – ହଁ, କରିପାରିବା

ପ୍ର. ୪ – ଖୋଲା ଆଲୋଚନା ମାଧ୍ୟମରେ ଅଂଶଗ୍ରହଣକାରୀଙ୍କ ଠାରୁ ଉତ୍ତର ସଂଗ୍ରହ କରାଯିବ

**ଶିକ୍ଷଣକାର୍ଯ୍ୟ – ୪ ଡିକୋଡ଼ିଙ୍ଗ୍ ର ବ୍ୟବସ୍ଥିତ ଶିକ୍ଷଣ ସୂଚନାଫର୍ଦ୍ଦ**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ୫ ଟି ଦଳରେ ଭାଗ କରିବେ । ସ୍ଲାଇଡରେ ଦେଖାଯାଇଥିବା ସାରଣୀ ଆଧାରରେ ନିମ୍ନ ପ୍ରଶ୍ନମାନ ପଚାରିବେ -

**ପ୍ରଥମ ସାରଣୀ -**

ପ୍ରଶ୍ନ - କ - ଏହି ସାରଣୀରୁ ଆପଣମାନେ କ'ଣ ବୁଝୁଛନ୍ତି ?

ପ୍ରଶ୍ନ - ଖ - ଏହି ପ୍ରତୀକ/ସଙ୍କେତ ଗୁଡ଼ିକ କାହାର ପ୍ରତିନିଧିତ୍ୱ କରୁଛି ବୋଲି ଆପଣମାନେ ଭାବୁଛନ୍ତି ?

**୨ୟ ସାରଣୀ ଦେଖାଇ -**

ପ୍ରଶ୍ନ - କ - ଏହି ସାରଣୀରୁ ଆପଣମାନେ କ'ଣ ବୁଝୁଛନ୍ତି ?

ପ୍ରଶ୍ନ - ଖ - ଏହି ପ୍ରତୀକ/ସଙ୍କେତ ଗୁଡ଼ିକ କାହାର ପ୍ରତିନିଧିତ୍ୱ କରୁଛି ବୋଲି ଆପଣମାନେ ଭାବୁଛନ୍ତି ?

ପ୍ରଶ୍ନ - ଗ - ଏହି ଦୁଇଟି ସାରଣୀର ପରିସ୍ଥିତିରୁ କେଉଁଠି ଡିକୋଡ଼ିଙ୍ଗ୍ ପାଇଁ ଅଧିକ ଫଳପ୍ରଦ ହେବ ଓ କାହିଁକି ?

- ବାରମ୍ବାର ବ୍ୟବହୃତ ହେଉଥିବା ଅକ୍ଷର ଉପରେ ଗୁରୁତ୍ୱ
- ଅର୍ଥପୂର୍ଣ୍ଣତା
- ପ୍ରାସଙ୍ଗିକତା
- ବ୍ୟବହାର ପାଇଁ ସହଜ
- ସଙ୍କେତ ସହ ଅକ୍ଷର ଧ୍ୱନିର ସମ୍ବନ୍ଧ
- ଶବ୍ଦ ପଠନ ପାଇଁ ତ୍ୱରିତ ଓ ବ୍ୟାପକ ସୁଯୋଗ




ପ୍ରଶ୍ନ – ଏହି ଅଧିବେଶନରୁ ଆଲୋଚନାରୁ ଆମେ କ'ଣ ଶିଖିଲେ ?

- ଡିକୋଡ଼ିଙ୍ଗ୍ ର ଅର୍ଥ ଓ ଭାଷା ଶିକ୍ଷଣରେ ଏହାରେ ଆବଶ୍ୟକତା
- ପାରମ୍ପରିକ ଓ ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ ମାଧ୍ୟମରେ ପାର୍ଥକ୍ୟ
- ଭାଷା ଶିକ୍ଷଣର ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ ର ଉପାଦେୟତା
- ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ ନିମିତ୍ତ ଶ୍ରେଣୀ ପରିଚାଳନାର କୌଶଳ
- ଡିକୋଡ଼ିଙ୍ଗ୍ ଶିକ୍ଷଣ ପ୍ରକ୍ରିୟାରେ ପିଲାମାନଙ୍କର ଅଂଶଗ୍ରହଣ ନିମିତ କୌଶଳ

ପ୍ରଶ୍ନ – ପିଲାମାନଙ୍କ ମଧ୍ୟରେ ଡିକୋଡ଼ିଙ୍ଗ୍ ଦକ୍ଷତାର ବୃଦ୍ଧି ପାଇଁ ଆପଣଙ୍କର ଭୂମିକା କ'ଣ ?

- ସବୁ ଅକ୍ଷରମାଳା ଏକା ସହ ନ ଶିଖାଇ, ଅକ୍ଷର ସମୂହ ଦ୍ୱାରା ଅକ୍ଷରକୁ ଶିଖାଇବା ।
- ଅକ୍ଷର ଚିହ୍ନିବା, ଅକ୍ଷର ଯୋଡ଼ିବା ଓ ଶବ୍ଦ ପଢ଼ିବା (ଡିକୋଡ଼ିଙ୍ଗ୍ ର କୌଶଳ)
- ଦ୍ରୁତ ଗତିରେ ଶିଖିବା ପାଇଁ ପିଲାଙ୍କୁ ଅଧିକରୁ ଅଧିକ ଓ ଜଲଦି-ଜଲଦି ଶବ୍ଦ ପଢ଼ିବାର ସୁଯୋଗ ଦେବା
- ଡିକୋଡ଼ିଙ୍ଗ୍ ର ପ୍ରତିଦିନ ଅଭ୍ୟାସ କରାଇବା
- ଅକ୍ଷର ଶିଖିବା ପୂର୍ବରୁ ଧ୍ୱନିରେ ଥିବା ଅନ୍ତରକୁ ଜାଣିବା
- ଡିକୋଡ଼ିଙ୍ଗ୍ ଚାରୋଟି ସୋପାନ ଉପରେ ଅହରହ କାର୍ଯ୍ୟ ହେବା ଉଚିତ
- ନିମ୍ନୋକ୍ତ କ୍ରମରେ ଶ୍ରେଣୀ ପରିଚାଳନା କରିବା

**ଅକ୍ଷର ପରିଚୟ** → **ଅକ୍ଷର ଯୋଡ଼ିବା** → **ଶବ୍ଦ ପଠନ**

## ପାଠ ଯୋଜନା

**ଶିକ୍ଷଣକାର୍ଯ୍ୟ – ଧ୍ୱନି ସଚେତନତା**

**ମୌଖିକ କାର୍ଯ୍ୟ – (୨୦ ରୁ ୨୫ ମି.)**

- କାଗଜ ବଲ୍ ଟିଏ ଗୋଟିଏ ପିଲା ଅନ୍ୟପିଲାକୁ ପକାଉଥିବ, ଯେତେବେଳେ ଶିକ୍ଷକ ତାଳି ବଜାଇବେ, ସେହି ସମୟରେ ବଲଟି ଯାହା ହାତରେ ଥିବା ସେ ଶିକ୍ଷକ କହିଥିବା ପଶୁର ଶବ୍ଦ କରିବ ।(ପରିଚିତ ପଶୁ)
- ସେହିପରି କିଛି ଯାନ ବାହାନର ଶବ୍ଦ ମଧ୍ୟ କରିପାରିବେ,
  ଯେପରି ରେଳଚାଲେ – ଛୁକ୍ ଛୁକ୍ ଛୁକ୍
  ଉଡାଜାହାଜ – ଭୁଁ ଭୁଁ ଭୁଁ
- ପ୍ରତ୍ୟେକ ପିଲା ସେହିଭଳି ଖେଳରେ ଭାଗନେବା ପାଇଁ ସୁଯୋଗ ପାଇବେ ଏବଂ ବିଭିନ୍ନ ଧ୍ୱନି ସୃଷ୍ଟି କରିପାରିବେ।
- ପିଲାମାନେ କିଭଳି ଉତ୍ତର ଦେବେ ତାହା ସେମାନଙ୍କୁ ବୁଝାଇ ଦିଆଯିବ
- ଏହିପରି ଭାବରେ ଗଳ୍ପ, କବିତା ଆଦି ନେଇ କାମ କରାଯାଇପାରିବ
- କାର୍ଯ୍ୟ ଶେଷରେ ପିଲାମାନଙ୍କ ସହିତ ସେ ସମ୍ବନ୍ଧରେ କଥାବାର୍ତ୍ତା କରାଯିବ, ଯେପରିକି – ତୁମେ କେବେ ଏହି ଜୀବକୁ ଦେଖିଛ କି ? ତା' ବିଷୟରେ କୁହ

**ଲିଖନ କାର୍ଯ୍ୟ (୧୦ – ୧୫ ମି.)– ପିଲାମାନେ କାର୍ଯ୍ୟ ପୁସ୍ତିକା ପୂରଣ କରିବେ**

**ସମୀକ୍ଷା**

- ସମସ୍ତ ପିଲା କାର୍ଯ୍ୟ ପୁସ୍ତିକା ପୂରଣ କରିବା ଉପରେ ଗୁରୁତ୍ୱ ଦିଆଯିବ
- ଯେଉଁ ପିଲାମାନେ କାର୍ଯ୍ୟ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ ଶିକ୍ଷକ ତାଙ୍କୁ କାମ କରିବା ପାଇଁ ପ୍ରୋତ୍ସାହିତ କରିବେ

**ସମତାନ ଶବ୍ଦ (୫ – ୭ ମି.)**

**ମୌଖିକ କାର୍ଯ୍ୟ :-**

- ଅଙ୍ଗଭଙ୍ଗୀ ସହ ସ୍ଥାନୀୟ ଗୀତ ଆବୃତ୍ତି କରିବା
- କବିତାର ସମତାନ ଶବ୍ଦ ପ୍ରତି ପିଲାଙ୍କ ଦୃଷ୍ଟି ଆକର୍ଷଣ କରିବା
- ସେହିଭଳି ଛୋଟ ଛୋଟ କବିତାରୁ ସମତାନ ଶବ୍ଦ ବାଛିବା
- ସେହି ଶବ୍ଦ ସମ୍ପର୍କିତ ସମତାନ ଶବ୍ଦ ପିଲାମାନେ କହିବେ
- ପ୍ରଥମେ ଶିକ୍ଷକ କିଛି ଉଦାହରଣ ଦେଇପାରନ୍ତି

# ଡିକୋଡ଼ିଙ୍ଗ୍ (୨)

**ଦିବସ – ଦ୍ୱିତୀୟ** **ସମୟ -୧. ୩୦ ମିନିଟ୍**

**ଅଧିବେଶନ – ଚତୁର୍ଥ**

**ପ୍ରତ୍ୟାଶିତ ଫଳାଫଳ -**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ :-**

- **ଡିକୋଡ଼ିଙ୍ଗ୍ ର ବିଭିନ୍ନ ସୋପାନ ପାଇଁ କରାଯାଉଥିବା କାର୍ଯ୍ୟର ନମୁନା ପ୍ରଦର୍ଶନ କରିପାରିବେ।**
- **ଡିକୋଡ଼ିଙ୍ଗ୍ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଶିକ୍ଷଣ ସାମଗ୍ରୀ (ଚିତ୍ରକାର୍ଡ, ଶବ୍ଦକାର୍ଡ଼, ସାରଣୀ ) ଆଦିର ବ୍ୟବହାର କରିପାରିବେ ।**
- **କାର୍ଯ୍ୟପୁସ୍ତିକା ଓ ପଠନପୁସ୍ତିକାରେ ଡିକୋଡେବଲ୍ ପାଠ ପାଇଁ ଥିବା ସୁଯୋଗ ବିଷୟରେ କହିପାରିବେ ।**
- **ପ୍ରବାହପୂର୍ଣ୍ଣ  ଡିକୋଡ଼ିଙ୍ଗ୍ କୌଶଳ ବିଷୟରେ ବର୍ଣ୍ଣନା କରିପାରିବେ ।**

**ପ୍ରଣାଳୀ -**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ନିମ୍ନୋକ୍ତ ପ୍ରଶ୍ନ ପଚାରିବେ ।

୧- ପ୍ରଥମ ଅଧିବେଶନର ଅଲୋଚନାରୁ ଆମେମାନେ କ'ଣ ଶିଖିଲେ ?

୨- ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ କହିଲେ କ'ଣ ବୁଝିବା ?

୩- ଏହାକୁ ଆଧାର କରି ଶ୍ରେଣୀଗୃହରେ ଶିକ୍ଷଣକାର୍ଯ୍ୟ କିପରି ପରିଚାଳନା କରିବା ?

**ସକ୍ରିୟାତ୍ମକ କାର୍ଯ୍ୟ – (ଚିହ୍ନିଲ ମୁଁ କିଏ ?)**

ଆସ ଖେଳିବା ଶବ୍ଦ ଖେଳ

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଠିଆ କରାଇ ଉପରୋକ୍ତ ଖେଳଟି କରାଇବେ ।**(ସାଧନକର୍ମୀ ସୂଚନା ଫର୍ଦ୍ଦ ଦେଖନ୍ତୁ)**

**ଶିକ୍ଷଣ କାର୍ଯ୍ୟ – ୧ (ଆସ ଖେଳିବା ଅକ୍ଷର ଖେଳ)**

(ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ)

ଏହି କାର୍ଯ୍ୟ ଶେଷରେ ନିମ୍ନୋକ୍ତ ପ୍ରଶ୍ନ ଆଲୋଚନା କରାଯିବ ।

ପ୍ର୧- ଏହିପରି କାର୍ଯ୍ୟ କରିବା ଦ୍ୱାରା ବିଦ୍ୟାଳୟସ୍ତରରେ ପିଲାମାନଙ୍କର କେଉଁ ଦକ୍ଷତା ବୃଦ୍ଧି ପାଇବ ?

ପ୍ର୨- ଅକ୍ଷର ପରିଚୟ ପାଇଁ ଆଉ କେଉଁସବୁ କାମ କରାଯାଇପାରିବ ?

ପ୍ର୩- ଉପରୋକ୍ତ କାର୍ଯ୍ୟ ଆମେ କେଉଁସବୁ ସୋପାନ ଦେଇ କରିଥିଲେ ?(ଦଳରେ ଆଲୋଚନା କରି କୁହନ୍ତୁ)

ପ୍ର୪- ପ୍ରକୃତରେ ଅକ୍ଷର ପରିଚୟର ସୋପାନ ଗୁଡ଼ିକ କ'ଣ ? (ସ୍ଲାଇଡ୍ ଦେଖାଇ ଆଲୋଚନା କରାଯିବ- ସ୍ଲାଇଡ୍ ସଂଖ୍ୟା - ୫, ୬, ୭ ଓ ୮)

**ଶିକ୍ଷଣ କାର୍ଯ୍ୟ – ୨ (ଅକ୍ଷର ସାରଣୀ ପଢ଼ିବା)**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଚିତ୍ରକାର୍ଡ ଓ ଶବ୍ଦକାର୍ଡ ଦେବେ । ପ୍ରତି ଦଳରେ ଦିଆଯାଇଥିବା ଶବ୍ଦ ଓ ଅକ୍ଷର ପଢ଼ିବା ପାଇଁ କହିବେ । ଦିଆଯାଇଥିବା ସୋପାନ ଅନୁସାରେ କାର୍ଯ୍ୟ ହେବ ।

ଏହି କାର୍ଯ୍ୟ ଶେଷରେ ନିମ୍ନୋକ୍ତ ପ୍ରଶ୍ନ ଆଲୋଚନା କରାଯିବ ।

ପ୍ରଶ୍ନ -୧ – ଉପରୋକ୍ତ ଶିକ୍ଷଣ କାର୍ଯ୍ୟଟି କରିବାର ଉଦ୍ଦେଶ୍ୟ କ'ଣ ?

ପ୍ରଶ୍ନ – ୨ – ଏହି ଉଦ୍ଦେଶ୍ୟ ସାଧନ ପାଇଁ ଆମେ କ'ଣ କଲେ ?

ପ୍ରଶ୍ନ – ୩ – ଏଠାରେ ଆମେ କେଉଁ ପ୍ରକାରର ଅକ୍ଷର ସାରଣୀ ବ୍ୟବହାର କଲେ ?

ପ୍ରଶ୍ନ – ୪ – ଆମେ କେଉଁସବୁ ସୋପାନ ଦେଇ ଏହି ଶିକ୍ଷଣକାର୍ଯ୍ୟ କଲେ ? ((ସ୍ଲାଇଡ୍ ଦେଖାଇ ଆଲୋଚନା କରାଯିବ- ସ୍ଲାଇଡ ସଂଖ୍ୟା - ୯ ଓ ୧୦)

**<u>ଶିକ୍ଷଣକାର୍ଯ୍ୟ – ୩</u>** **(ଅକ୍ଷର ଯୋଡ଼ ଶବ୍ଦ ଗଢ)**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦଳରେ ଭାଗ କରି ପ୍ରତିଦଳରେ ନିମ୍ନୋକ୍ତ କାମ କରିବାକୁ ଦେବେ ।

ଦଳ -୧ ଓ ୨ - ଅକ୍ଷର ଯୋଡ଼ି ଶବ୍ଦ ଗଠନ ।

ଦଳ -୩ - ଶବ୍ଦ ଗଢ଼, ପଢ଼ ଓ ଲେଖ ।(Blending )

ଦଳ- ୪ - ଅକ୍ଷର ଅଲଗା କରି ଲେଖ । (Segmentation)

ଦଳ ୫ – ସାରଣୀରୁ ଶବ୍ଦ ଗଢ ।

ଦଳ - ୬ - ଅକ୍ଷର ଯୋଡ଼ି ଶବ୍ଦ ତିଆରି କର ଓ ସାରଣୀରେ ସଜାଅ

କାର୍ଯ୍ୟଶେଷରେ ପ୍ରତିଦଳ ଯେଉଁସବୁ କାମଗୁଡ଼ିକ କଲେ ତାହା ଉପସ୍ଥାପନା କରିବେ । ନିମ୍ନୋକ୍ତ ପ୍ରଶ୍ନ ଆଧାରରେ ଆଲୋଚନା କରାଯିବ।

ପ୍ରଶ୍ନ – ୧ – ଉପରୋକ୍ତ କାର୍ଯ୍ୟ ଦ୍ୱାରା ପିଲାର କେଉଁ ଦକ୍ଷତା/ଧାରଣାର ବିକାଶ ହେବ ?

ପ୍ରଶ୍ନ – ୨ – ଶବ୍ଦ ଗଠନ ଓ ପଠନ ଦକ୍ଷତା ପିଲାପାଇଁ କାହିଁକି ଆବଶ୍ୟକ ?

ପ୍ରଶ୍ନ – ୩ – ଆଉ କେଉଁ ସବୁ ଉପାୟରେ ପିଲାର ଶବ୍ଦ ଗଠନ ଓ ପଠନ ଅଭ୍ୟାସ କରାଯାଇପାରିବ ?

ପ୍ରଶ୍ନ – ୪ – ଶବ୍ଦ ଗଠନ ଓ ପଠନ ଅଭ୍ୟାସର ପ୍ରକ୍ରିୟାଗୁଡ଼ିକ କ'ଣ ?

(ସ୍ଲାଇଡ୍ ଦେଖାଇ ଆଲୋଚନା କରାଯିବ - ସ୍ଲାଇଡ୍ ସଂଖ୍ୟା - ୧୧ ,୧୨, ୧୩)

**<u>ଶିକ୍ଷଣ କାର୍ଯ୍ୟ – ୪</u>** **(ଡିକୋଡେବଲ୍ ପାଠ ଓ ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍)**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦଳରେ ଭାଗ କରି ପ୍ରତି ଦଳରେ ସୂଚନା ଫର୍ଦ୍ଦ ପ୍ରଦାନ କରିବେ । ଅଂଶଗ୍ରହଣକାରୀମାନେ ଉତ୍ତମରୂପେ ସୂଚନା ଫର୍ଦ୍ଦ ପଢ଼ିବା ପରେ ନିମ୍ନୋକ୍ତ ପ୍ରଶ୍ନ ଆଧାରରେ ସ୍ଲାଇଡ୍ ଦେଖାଇ ଆଲୋଚନା କରାଯିବ । (ସ୍ଲାଇଡ୍ ସଂଖ୍ୟା - ୧୫ ,୧୬ , ୧୭ ଓ ୧୮)

ପ୍ର. ୧ – ଡିକୋଡେବଲ୍ ପାଠ କହିଲେ କ'ଣ ବୁଝାଯାଏ ?

ପ୍ର. ୨ – ଡିକୋଡେବଲ୍ ପାଠ କିପରି ତିଆରି କରିବା ?

ପ୍ର. ୩ – ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ କହିଲେ କ'ଣ ବୁଝିବା ?

ପ୍ର. ୪ – ଶିକ୍ଷାର୍ଥୀ ର ପଠନ ନିମନ୍ତେ ପ୍ରବାହ ପୂର୍ଣ୍ଣ ଡିକୋଡ଼ିଙ୍ଗ୍ କାହିଁକି ଆବଶ୍ୟକ ?

**<u>ଶିକ୍ଷଣ କାର୍ଯ୍ୟ – ୫</u>** **(କାର୍ଯ୍ୟପୁସ୍ତିକା ଓ ପଠନ ପୁସ୍ତିକା ଆଧାରରେ କାମ)**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଛଅଟି ଦଳରେ ଭାଗ କରିବେ, ପ୍ରତି ଦଳରେ କାର୍ଯ୍ୟପୁସ୍ତିକା ଓ ପଠନ ପୁସ୍ତିକା ଦିଆଯିବ । ନିମ୍ନୋକ୍ତ ପ୍ରଶ୍ନ ଆଧାରରେ କାମ କରିବାକୁ ଦିଆଯିବ ଓ ସେହି ଅନୁସାରେ ଆଲୋଚନା କରାଯିବ । (ସ୍ଲାଇଡ୍ ଦେଖାଇ ଆଲୋଚନା କରାଯିବ - ସ୍ଲାଇଡ୍ ସଂଖ୍ୟା - ୨୦ ଓ ୨୧ )

ଦଳ ୧- କାର୍ଯ୍ୟପୁସ୍ତିକାରେ ପଠନ ପାଇଁ ରହିଥିବା ସୁଯୋଗ

ଦଳ ୨- ପଠନ ପୁସ୍ତିକାରେ ଶବ୍ଦ, ଖଣ୍ଡବାକ୍ୟ, ଓ ବାକ୍ୟପଠନ ପାଇଁ ଥିବା ସୁଯୋଗ

ଦଳ ୩- କାର୍ଯ୍ୟପୁସ୍ତିକାର ପ୍ରଶ୍ନଗୁଡ଼ିକ ଡିକୋଡ଼ିଙ୍ଗ୍ ର କେଉଁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ?

ଦଳ ୪ - କାର୍ଯ୍ୟପୁସ୍ତିକାରେ ଆକଳନର କି ପ୍ରକାର ବ୍ୟବସ୍ଥା ରହିଛି ?

ଦଳ ୫- କାର୍ଯ୍ୟପୁସ୍ତିକା ସହ ପଠନ ପୁସ୍ତିକାର କ'ଣ ସମ୍ପର୍କ ରହିଛି ?

ଦଳ ୬ - ବିଦ୍ୟାଳୟର ପାଠ୍ୟ ପୁସ୍ତିକା ଓ କାର୍ଯ୍ୟପୁସ୍ତିକାରେ କ'ଣ ସାମଞ୍ଜସ୍ୟ ଓ ପାର୍ଥକ୍ୟ ରହିଛି ?

**ସଂକ୍ଷେପଣ :-**

- ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ ?
- ଶିକ୍ଷାର୍ଥୀର ଡିକୋଡ଼ିଙ୍ଗ୍ ଦକ୍ଷତା ବୃଦ୍ଧି ନିମନ୍ତେ ଆପଣଙ୍କର ଭୂମିକା କ'ଣ ହେବା ଉଚିତ ?

**ଅଧିବେଶନ ପାଇଁ ଆବଶ୍ୟକ ସାମଗ୍ରୀ :-** ଚିତ୍ରକାର୍ଡ଼, ଅକ୍ଷରକାର୍ଡ, ଚୁମକି, ମଞ୍ଜି, ଶାମୁକା, ମାଳି, ରଙ୍ଗ ଓ ବ୍ରସ,ରଙ୍ଗୀନ କାଗଜ, ଅଠା

- କ୍ରମିକ ସାରଣୀ, ଅନିୟମିତ ସାରଣୀ
- କାର୍ଯ୍ୟପର୍ଦ୍ଧ

**ଶିକ୍ଷଣ ସାମଗ୍ରୀର କିଛି ନମୂନା -**

**ଅକ୍ଷର ପରିଚୟ**







**ଅକ୍ଷର ଓ ମାତ୍ରା ପରିଚୟ**

**ଚିତ୍ର ଓ ଶବ୍ଦ କାର୍ଡ**









**ଅକ୍ଷର ଯୋଡ଼ି ଶବ୍ଦ ଗଢ ଓ ପଢ (Blending)**

**ସାରଣୀ**





ଅକ୍ଷର ଅଲଗା କରି ପଢ (segmetation)

## ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦ

୧- ପ୍ରଥମ ଅଧିବେଶନର ଆଲୋଚନାରୁ ଆମେମାନେ କ'ଣ ଶିଖିଲେ ?

- ଡିକୋଡ଼ିଙ୍ଗ୍ କହିଲେ କ'ଣ ବୁଝିବା ?
- ଏହାର ଆବଶ୍ୟକତା କ'ଣ ଅଛି ?
- ଧ୍ୱନି ସଚେତନତା ଡିକୋଡ଼ିଙ୍ଗ୍ ପାଇଁ କାହିଁକି ଆବଶ୍ୟକ ?
- ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ କ'ଣ ଓ ଏହାର ଆବଶ୍ୟକତା ?

୨- ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ କହିଲେ କ'ଣ ବୁଝିବା ?

୩-ଏହାକୁ ଆଧାର କରି ଶ୍ରେଣୀଗୃହରେ ଶିକ୍ଷଣକାର୍ଯ୍ୟ କିପରି ପରିଚାଳନା କରିବା ?

- ଅକ୍ଷର ପରିଚୟ
- ଅକ୍ଷର ଚିହ୍ନଟ
- ଶବ୍ଦ ତିଆରି କରିବା ଓ ପଢ଼ିବା ଇତ୍ୟାଦି ।

**<u>ସକ୍ରିୟାତ୍ମକ କାର୍ଯ୍ୟ –</u> ଚିହ୍ନିଲ ମୁଁ କିଏ ?**

ସାଧନକର୍ମୀ ପାଞ୍ଚଟି ଅକ୍ଷରକୁ (ଉଦାହରଣ- ମ,ଗ,ଚ,ତ ,ନ ) ନେଇ ଶବ୍ଦ କାର୍ଡ (ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅନୁସାରେ) ପୂର୍ବରୁ ପ୍ରସ୍ତୁତ କରି ରଖିଥିବେ । ସେହି ଶବ୍ଦକାର୍ଡ ଗୁଡ଼ିକ ସାଧନକର୍ମୀ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବାଣ୍ଟିଦେବେ । ସାଧନକର୍ମୀ ଆଜିର କାମରେ ନେଇଥିବା ଅକ୍ଷରର କାର୍ଡକୁ ଶିବିରର ଅଲଗା ଅଲଗା ଜାଗାରେ ଲଗାଇବେ । ଏହାପରେ ଅଂଶଗ୍ରହଣକାରୀମାନେ ପାଇଥିବା ଶବ୍ଦ କାର୍ଡର ମୂଳ ଅକ୍ଷର ଅନୁସାରେ ଚିହ୍ନଟ ସ୍ଥାନରେ ବସିବେ ।

**ଶିକ୍ଷଣକାର୍ଯ୍ୟ – ୧ (ଆସ ଖେଳିବା ଅକ୍ଷର ଖେଳ)**

- ସାଧନକର୍ମୀ ଗୋଟିଏ ଲେଖାଏ ଦଳକୁ ଶବ୍ଦକାର୍ଡ ପଢ଼ିବା ପାଇଁ କହିବେ ଓ ତାର ମୂଳ ଅକ୍ଷର କଳାପଟାରେ ଲେଖିବେ ।
- ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ 'ମଟର' ଚିତ୍ର ଦେଖାଇ ତାର ନାମ ପଚାରିବେ ।
- ଶବ୍ଦକାର୍ଡ଼ରେ 'ମଟର' ଦେଖାଇବେ ଓ କଳାପଟାରେ ଲେଖିବେ ।
- ଶବ୍ଦକୁ ଅଲଗା ଅଲଗା କରି କହିବେ (ମ/ଟ/ର) ଓ ମିଶାଇ କହିବେ (ମଟର) ।
- ଶବ୍ଦର ପ୍ରଥମ ଧ୍ୱନି ପଚାରିବେ ଓ କଳାପଟାରେ ପ୍ରଥମଧ୍ୱନି 'ମ' ଅକ୍ଷରରେ ଗୋଲ ବୁଲାଇବେ ।
- ପ୍ରଥମ ଅକ୍ଷର ଅଲଗା କରି ବଡ ଅକ୍ଷରରେ ଲେଖିବେ ।
- ସାଧନକର୍ମୀ ୩/୪ ଥର ଅକ୍ଷରଟି ଉଚ୍ଚାରଣ କରି ପଢ଼ିବେ । ଅଂଶଗ୍ରହଣକାରୀ ମଧ୍ୟ ପଢ଼ିବେ ।
- ଅଂଶଗ୍ରହଣକାରୀ 'ମ' ଅକ୍ଷରରେ କିଛି ଶବ୍ଦ କହିବେ । ତାହା କଳାପଟାରେ ଲେଖାହେବ ।
- ଯେଉଁମାନଙ୍କ ନାମ 'ମ' ରେ ଆରମ୍ଭ, ସେମାନେ ହାତ ଟେକିବେ ।
- ଅଂଶଗ୍ରହଣକାରୀମାନେ ଜଣ ଜଣ କରି ଆସି 'ମ' ଅକ୍ଷରରେ (ପ୍ରଥମ ଅକ୍ଷରରେ) ଗୋଲ ବୁଲାଇବେ ।
- ଅଂଶଗ୍ରହଣକାରୀଙ୍କୁ 'ମ' ଅକ୍ଷରରେ ସ୍କେଚ, ପେନସିଲ ଆଦିରେ ରଙ୍ଗ ଦେବାକୁ କୁହାଯିବ( ତୀର ଚିହ୍ନ ଅନୁସାରେ ) ଅଠା ବ୍ୟବହାର କରି ଚୁମକି ବା ମାଳିରେ ସଜାଇବାକୁ କୁହାଯାଇପାରେ ।

- ଅଂଶଗ୍ରହଣକାରୀମାନେ କାର୍ଯ୍ୟପୁସ୍ତିକା ବା ପଠନ ପୁସ୍ତିକାର ଗୋଟିଏ ପୃଷ୍ଠା ଖୋଲି ପେନସିଲରେ 'ମ' ଅକ୍ଷର ଉପରେ ଗୋଲ ବୁଲାଇବେ ।

**ଶିକ୍ଷଣକାର୍ଯ୍ୟ – ୨ (ଅକ୍ଷର ସାରଣୀ ପଢ଼ିବା)**

- ସାଧନକର୍ମୀ ଚିତ୍ରକାର୍ଡ ଓ ଶବ୍ଦକାର୍ଡ ଦେଖାଇବେ ।
- ପ୍ରଥମେ ଶବ୍ଦ କହିବେ ଓ ପରେ ତାହାର ପ୍ରଥମ ଧ୍ୱନି କହିବେ ଓ କଳାପଟାରେ ଲେଖିବେ ।
- ସାଧନକର୍ମୀ ପ୍ରତିଦିଳରେ / କଳାପଟାରେ କ୍ରମିକ ସାରଣୀ କରି ଅକ୍ଷରର ବାରମ୍ବାର ଉଚ୍ଚାରଣ କରାଇବେ ।
- ଡ୍ରଇଁସିଟରେ ଅନିୟମିତ ସାରଣୀ ( Random Grid )କରି ଅକ୍ଷର ଚିହ୍ନିବାକୁ ସାଧନକର୍ମୀ କହିବେ ।
- ମଝିରେ ମଝିରେ ଯେକୌଣସି ଅକ୍ଷର ଉପରେ ଆଙ୍ଗୁଳି ରଖି ତାହାକୁ ପଢ଼ିବା ପାଇଁ ସାଧନକର୍ମୀ କହିବେ ।
- କାର୍ଯ୍ୟପୁସ୍ତିକାର ଗୋଟିଏ ପୃଷ୍ଠା ଖୋଲି 'ଆ' କାର ଥିବା ଶବ୍ଦରେ ଗୋଲ କରିବାକୁ ସାଧନକର୍ମୀ କହିବେ ।

ପ୍ର-୧- ଉପରୋକ୍ତ ଶିକ୍ଷଣକାର୍ଯ୍ୟଟି କରିବାର ଉଦ୍ଦେଶ୍ୟ କ'ଣ ?

- ଅକ୍ଷରର (ମାତ୍ରା ବ୍ୟବହାର ହେଲା ପରେ ) ଉଚ୍ଚାରଣଗତ ପାର୍ଥକ୍ୟ ବୁଝିବା ।
- ଅକ୍ଷର ସାରଣୀରୁ ଅକ୍ଷର ଚିହ୍ନିବା ଓ ଦେଖାଇପାରିବ ।
- ସେହି ଅକ୍ଷରକୁ ପଢ଼ିପାରିବା ।

ପ୍ର-୨- ଏହି ଉଦ୍ଦେଶ୍ୟ ସାଧନ ପାଇଁ ଆମେ କ'ଣ କଲେ ?

- ଅକ୍ଷର ସାରଣୀ ବ୍ୟବହାର କଲେ ।

ପ୍ର-୩- ଏଠାରେ ଆମେ କେଉଁ ପ୍ରକାରର ଅକ୍ଷର ସାରଣୀ ବ୍ୟବହାର କଲେ ?

- କ୍ରମିକ ସାରଣୀ ଓ ଅନିୟମିତ ସାରଣୀ ।

ପ୍ର-୪- ଏହି କାମ ଆମେ କେଉଁସବୁ ସୋପାନ ଦେଇ କଲେ ?

- slide ଦେଖାଇ ଆଲୋଚନା କରାଯିବ ।

**ଶିକ୍ଷଣକାର୍ଯ୍ୟ – ୩ (ଅକ୍ଷର ଯୋଡ଼ ଶବ୍ଦ ଗଢ)**

ପ୍ର. ୧ – ଅକ୍ଷର ଓ ମାତ୍ରା ଯୋଡ଼ି ଶବ୍ଦ ଗଠନ, ପଠନ ଓ ଲିଖନ, ଅକ୍ଷର ଅଲଗା କରି ପଢ଼ିବା ଓ ଲେଖିବା, ଅକ୍ଷର ଯୋଡ଼ି ଶବ୍ଦ ଲିଖନ ଇତ୍ୟାଦି

ପ୍ର. ୨ – ଡିକୋଡ଼ିଙ୍ଗ୍ କରି ପଢ଼ିବା, ଲେଖିବା, ବୁଝିକରି ପଢ଼ିବା, ଭାବଗ୍ରହଣ କରିବା ଇତ୍ୟାଦି

ପ୍ର. ୩ – ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା

ପ୍ର. ୪ – Slide ଦେଖାଇ ଆଲୋଚନା କରାଯିବ ।

ପ୍ର. ୫ – Slide ଦେଖାଇ ଆଲୋଚନା କରାଯିବ ।

**ଶିକ୍ଷଣକାର୍ଯ୍ୟ -୪ - (ଡିକୋଡେବଲ୍ ଓ ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ )**

**ସାଧନକର୍ମୀ ସ୍ଲାଇଡ୍ ଆଧାରରେ ଆଲୋଚନା କରିବେ ।**

**ଶିକ୍ଷଣକାର୍ଯ୍ୟ – ୫ (କାର୍ଯ୍ୟପୁସ୍ତିକା ଓ ପଠନ ପୁସ୍ତିକା ଆଧାରରେ କାମ)**

ପ୍ର-୧- କାର୍ଯ୍ୟପୁସ୍ତିକାରେ ପଠନ ପାଇଁ କେଉଁସବୁ ସୁଯୋଗ ରହିଛି ?

*ପ୍ରତ୍ୟାଶିତ ଉତ୍ତର -*

- ପ୍ରତି ସପ୍ତାହ ଶେଷରେ ପଠନ ଅଭ୍ୟାସ ପାଇଁ ଶବ୍ଦ, ଖଣ୍ଡବାକ୍ୟ, ବାକ୍ୟ ରହିଛି ।

- ଏଗୁଡ଼ିକ ଡ଼ିକୋଡେବଲ ପାଠ ପାଇଁ ଉଦ୍ଦିଷ୍ଟ ।
- ପଠନ ଅଭ୍ୟାସ ପାଇଁ ଛୋଟ ଛୋଟ ଗପ ମଧ୍ୟ ରହିଛି ।

- ଗପ ଆଧାରରେ ପ୍ରଶ୍ନ ରହିଛି ।

ପ୍ର-୨-ପଠନ ପୁସ୍ତିକାରେ ଶବ୍ଦ, ଖଣ୍ଡବାକ୍ୟ, ଓ ବାକ୍ୟପଠନ ପାଇଁ କ'ଣ ସବୁ ସୁଯୋଗ ରହିଛି ।

*ପ୍ରତ୍ୟାଶିତ ଉତ୍ତର-*

- ଚିତ୍ର ମାଧ୍ୟମରେ ପଠନ (ଉଭୟ ଶବ୍ଦ, ଖଣ୍ଡବାକ୍ୟ, ଓ ବାକ୍ୟ)
- ଡ଼ିକୋଡେବଲ ପାଠ ପଢ଼ିବା
- ଛୋଟ ଛୋଟ ଗଳ୍ପ ପଢ଼ିବା
- ପ୍ରଥମେ କମ ଶବ୍ଦ ଥିବା ଗଳ୍ପ ଓ ପରେ ଅଧିକ ଶବ୍ଦଥିବା ଗଳ୍ପ ପଢ଼ିବା

ପ୍ର-୩- କାର୍ଯ୍ୟପୁସ୍ତିକାରେ ଯାଇଥିବା ପ୍ରଶ୍ନଗୁଡ଼ିକ ଡିକୋଡ଼ିଙ୍ଗ୍ ର କେଉଁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ?

*ପ୍ରତ୍ୟାଶିତ ଉତ୍ତର-*

- ଅକ୍ଷର ପରିଚୟ
- ଅକ୍ଷର ପଠନ, ଲିଖନ
- ଶବ୍ଦ ପଠନ, ଲିଖନ
- ଶବ୍ଦ ଗଢ଼ିବା(Blending)
- ଅକ୍ଷର ଅଲଗା କରି ପଢ଼ିବା
- ଅଭ୍ୟାସ

ପ୍ର-୪- କାର୍ଯ୍ୟପୁସ୍ତିକାରେ ଆକଳନର କି ପ୍ରକାର ବ୍ୟବସ୍ଥା ରହିଛି ?

*ପ୍ରତ୍ୟାଶିତ ଉତ୍ତର -*

- ପ୍ରତି ସପ୍ତାହରେ -ଷଷ୍ଠ ଦିନରେ
- ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ - ସପ୍ତାହ-୧୦, ୧୯ , ୨୮
- ସପ୍ତାହ -୧୨ ପରେ ତିନି ସପ୍ତାହର ଅତିରିକ୍ତ ଅଭ୍ୟାସ
- ସପ୍ତାହ -୨୪ ରେ ୧ ସପ୍ତାହର ପୁନରାଲୋଚନା

ପ୍ର-୫- କାର୍ଯ୍ୟପୁସ୍ତିକା ସହ ପଠନ ପୁସ୍ତିକାର କ'ଣ ସମ୍ପର୍କ ରହିଛି ?

*ପ୍ରତ୍ୟାଶିତ ଉତ୍ତର -*

- ଉଭୟ ପୁସ୍ତିକାରେ ପଠନ ପାଇଁ ଡ଼ିକୋଡେବଲ ପାଠର ବ୍ୟବସ୍ଥା ।
- ସପ୍ତାହର ଆଲୋଚିତ ଅକ୍ଷର ଓ ମାତ୍ରାକୁ ନେଇ ଶବ୍ଦ, ଖଣ୍ଡବାକ୍ୟ, ବାକ୍ୟପଠନ ନିମନ୍ତେ ଉଭୟ ପୁସ୍ତକରେ ସୁଯୋଗ ।
- କାର୍ଯ୍ୟପୁସ୍ତିକାରେ ଉଭୟ ପଠନ ଓ ଲିଖନ ଅଭ୍ୟାସ ପାଇଁ ବ୍ୟବସ୍ଥା ।
- ପଠନ ପୁସ୍ତିକାରେ କେବଳ ପଠନ ଅଭ୍ୟାସ ପାଇଁ ବ୍ୟବସ୍ଥା ।

ପ୍ର-୬- ବିଦ୍ୟାଳୟର ପାଠ୍ୟ ପୁସ୍ତିକା ଓ କାର୍ଯ୍ୟପୁସ୍ତିକାରେ କ'ଣ ସାମଞ୍ଜସ୍ୟ ଓ ପାର୍ଥକ୍ୟ ରହିଛି ?

| **ପ୍ରଚଳିତ ପାଠ୍ୟ ପୁସ୍ତକ -** | **କାର୍ଯ୍ୟପୁସ୍ତିକା/ପଠନ ପୁସ୍ତିକା -** |
|---|---|
| • ବହିରେ ବିଷୟ ପଠନ ପରେ ଅଭ୍ୟାସ<br>• ଉଭୟ ପଠନ ଓ ଲିଖନ ପାଇଁ ସୁଯୋଗ<br>• ଭାଷା, ପରିବେଶ ଓ ଗଣିତ ଏକାଠି<br>• ଆଲୋଚିତ ଅକ୍ଷରର ଅଭ୍ୟାସ<br>• ପ୍ରଥମ ଶ୍ରେଣୀରେ ଫଳା ଓ ଯୁକ୍ତାକ୍ଷର ଅଭ୍ୟାସ | • ଅଧିକ ଅଭ୍ୟାସ<br>• ଉଭୟ ପଠନ/ ଲିଖନ<br>• କେବଳ ଭାଷା<br>• ଗଣିତ କାର୍ଯ୍ୟପୁସ୍ତିକା ଅଲଗା ଭାବରେ ରଖାଯାଇଛି<br>• ଆଲୋଚନା ଓ ପୁନରାଲୋଚନା ପାଇଁ ଡ଼ିକୋଡେବଲ ପାଠ<br>• ପ୍ରଥମ ଶ୍ରେଣୀରେ ଅକ୍ଷର<br>• ଦ୍ୱିତୀୟ ଶ୍ରେଣୀରେ ଫଳା ଓ ଯୁକ୍ତାକ୍ଷର |

# ଶ୍ରେଣୀଗୃହ ଶିକ୍ଷଣ ଯୋଜନାର ନମୂନା

**ଶିକ୍ଷଣ କାର୍ଯ୍ୟ - ୧ - ଅକ୍ଷର ପରିଚୟ**

**ସମୟ – ୪୦ ମିନିଟ୍**

ସାମଗ୍ରୀ – ପୁରୁଣା ଖବର କାଗଜ, ସ୍କେଚ, 'କ' ଅକ୍ଷର ଆରମ୍ଭରେ ଥାଇ ଶବ୍ଦଚାର୍ଟ

ମୌଖିକ କାର୍ଯ୍ୟ (୨୦ – ୨୫ ମିନିଟ୍) – ଶିକ୍ଷକ 'କ' ଅକ୍ଷରକୁ ନେଇ ଏକ ସ୍ଥାନୀୟ କବିତା ଅଙ୍ଗଭଙ୍ଗୀ ସହ ଆବୃତ୍ତି କରିବେ ଓ ପିଲାମାନେ ଶିକ୍ଷକଙ୍କ ସହ ଆବୃତ୍ତି କରିବେ ।

- ଶିକ୍ଷକ 'କ' ଅକ୍ଷରରେ ଗୋଟିଏ ଶବ୍ଦ କହିବେ – କମଳା
- ଅକ୍ଷରକୁ ମିଶାଇ ଶବ୍ଦ ଓ ଶବ୍ଦକୁ ଅଲଗା କରି ଅକ୍ଷର ଗୁଡ଼ିକ କହିବେ
  ଉଦାହରଣ – କମଳା = କ / ମ / ଳା
  କ / ମ / ଳା = କମଳା
- ଶିକ୍ଷକ ଶବ୍ଦଟି(କମଳା ) କଳାପଟାରେ ଲେଖିବେ । ପ୍ରଥମ ଅକ୍ଷରରେ (କ) ଗୋଲ ବୁଲାଇବେ ।
- ପ୍ରଥମ ଅକ୍ଷରଟି ବଡ଼ ଆକାରରେ କଳାପଟାରେ ଲେଖିବେ ।
- ଶିକ୍ଷକ ୩ / ୪ ଥର ସେହି ଅକ୍ଷରଟିକୁ ଉଚ୍ଚାରଣ କରି ପଢ଼ିବେ, ପିଲାମାନେ ତାଙ୍କ ସହ ପଢ଼ିବେ
- 'କ' ଅକ୍ଷରରେ ଆରମ୍ଭ ହେଉଥିବା କିଛି ଶବ୍ଦ ପିଲାମାନେ କହିବେ
- ଯେଉଁ ପିଲାମାନଙ୍କ ନାମ 'କ' ଅକ୍ଷରରେ ଆରମ୍ଭ ହୋଇଥିବ ସେମାନେ ଠିଆହେବେ / ହାତ ଟେକିବେ ।
- ପିଲାମାନେ କହିଥିବା ଶବ୍ଦଗୁଡ଼ିକ କଳାପଟାରେ ଲେଖା ହେବ ।
- ପିଲାମାନେ ଜଣକ ପରେ ଜଣେ ଆସି ପ୍ରଥମ 'କ' ଅକ୍ଷରରେ ଗୋଲ ବୁଲାଇବେ ।
- ଶ୍ରେଣୀର କାନ୍ଥରେ ଲଗାଯାଇଥିବା ଗଳ୍ପ ଓ କବିତା ପୋଷ୍ଟର, ଶବ୍ଦ ଓ ବାକ୍ୟ ଚାର୍ଟରୁ 'କ' ଅକ୍ଷରକୁ ପିଲାମାନେ ଖୋଜି ଚିହ୍ନାଇବେ ।
- ଶିକ୍ଷକ ପିଲାମାନଙ୍କୁ ନିଜ ବହିରୁ ଗୋଟିଏ ପୃଷ୍ଠା ଖୋଲିବାକୁ କହିବେ । ସେମାନେ ବହିର ସେହି ପୃଷ୍ଠାରେ ଥିବା 'କ' ଅକ୍ଷରରେ ପେନସିଲରେ ଗୋଲ ବୁଲାଇବେ ।
- ଶୂନ୍ୟରେ / ଅଣ୍ଟା / କହୁଣି / ମୁହଁ / ପାଦ / ଆଙ୍ଗୁଠି ହଲାଇ 'କ' ଅକ୍ଷରଟି ଲେଖିବେ ।
- ବାଲି / ମାଟିରେ କାଠି ଓ ଆଙ୍ଗୁଳି ସାହାଯ୍ୟରେ 'କ' ଅକ୍ଷରଟି ଲେଖିବେ

**ଲିଖନ କାର୍ଯ୍ୟ (୧୦ – ୧୫ ମି.)**

- ସ୍କେଚ / ମାର୍କରରେ ପୁରୁଣା ଖବର କାଗଜରେ ଅଭ୍ୟାସ କରାଯିବ
- ଶିକ୍ଷାର୍ଥୀମାନେ କଳାପଟାରେ / ଚଟାଣରେ ଅକ୍ଷର ଲିଖନ କରିବେ
- ନିଜ ନିଜ ଖାତାରେ ଲେଖା ଅଭ୍ୟାସ କରିବେ
- ସର୍ବଶେଷରେ କାର୍ଯ୍ୟପୁସ୍ତିକା ପୂରଣ କରାଯିବ

**ସମୀକ୍ଷା**

- ପ୍ରତ୍ୟେକ ପିଲା ଉଭୟ ମୌଖିକ ଓ ଲିଖିତ କାର୍ଯ୍ୟ ନିଶ୍ଚୟ କରିବେ
- ଏଥିପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିବେ

**ଶିକ୍ଷଣ କାର୍ଯ୍ୟ -୨ - ଅକ୍ଷର ସହ ମାତ୍ରା ଯୋଡ଼ି କାର୍ଯ୍ୟ**

**ସମୟ – ୪୦ ମିନିଟ୍**

ସାମଗ୍ରୀ – କେତେଗୁଡ଼ିଏ କ୍ରମିକ ଓ ଅନିୟମିତ (Random) ସାରଣୀ

ମୌଖିକ କାର୍ଯ୍ୟ – (୨୦ – ୨୫ ମିନିଟ୍)

କ୍ରମିକ ସାରଣୀ :

- ଶିକ୍ଷକ 'ଆ' କାର ମାତ୍ରା (I) ଶିଖାଇବା ପାଇଁ ଗୋଟିଏ ଛୋଟ କବିତା ଆବୃତ୍ତି କରାଇବେ ବା ସ୍ଥାନୀୟ କାହାଣୀଟିଏ ପିଲାଙ୍କୁ ଶୁଣାଇବେ ।
- ଶିକ୍ଷକ କଳାପଟାରେ ଗୋଟିଏ ଅକ୍ଷର ଲେଖିବେ ।

  ଉଦାହରଣ - ମ
- ପିଲାମାନେ ଏହାକୁ ପଢ଼ିବେ ।
- ଏହାପରେ ଶିକ୍ଷକ ସେହି ଅକ୍ଷରରେ ମାତ୍ରା ଲଗାଇ ଲେଖିବେ

  ଉଦାହରଣ – ମ, ମା

  (ଏଠାରେ ମାତ୍ରା ବିଷୟରେ କିଛି କୁହାଯିବ ନାହିଁ । ପିଲାମାନେ କେବଳ ଧ୍ୱନି / ଉଚ୍ଚାରଣର ପାର୍ଥକ୍ୟ ଶୁଣି ବୁଝିବେ)
- ସେହିପରି ଅନ୍ୟ କେତୋଟି ଅକ୍ଷର ଓ ମାତ୍ରାର ଅଭ୍ୟାସ ୪ / ୫ ଥର ଲେଖାଏଁ କରାଯିବ (କ୍ରମିକ ସାରଣୀ ମାଧ୍ୟମରେ)
- ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ କଳାପଟାରେ / ଡ୍ରଇଂ ସିଟରେ ଅନିୟମିତ ସାରଣୀ (Random Grid) କରିବେ ।
- ଏଥିରୁ ଶିକ୍ଷାର୍ଥୀମାନଙ୍କୁ ଅକ୍ଷର ଚିହ୍ନିବାକୁ କୁହାଯିବ ।
- ଶିକ୍ଷାର୍ଥୀମାନେ ସେହି ସାରଣୀରୁ ଅକ୍ଷର ଚିହ୍ନି ପଢ଼ିବେ (ଦଳରେ / ବ୍ୟକ୍ତିଗତ)
- ପିଲାମାନେ ଶବ୍ଦ ମଧ୍ୟ ପଢ଼ିପାରନ୍ତି ।
- ଶିକ୍ଷକ ପିଲାମାନଙ୍କୁ କାର୍ଯ୍ୟପୁସ୍ତିକାରେ ନିର୍ଦ୍ଦିଷ୍ଟ ପୃଷ୍ଠା / ଯେକୌଣସି ପୃଷ୍ଠା ଖୋଲିବାକୁ କହିବେ । ସେଥିରେ ପିଲାମାନେ ଆ କାର ମାତ୍ରା ଥିବା ଅକ୍ଷରରେ ପେନସିଲରେ ଗୋଲ କରିବେ ।

ଲିଖିତ କାର୍ଯ୍ୟ – (୧୦ - ୧୫ ମିନିଟ୍) ଏହି କାର୍ଯ୍ୟ ପରେ ପିଲାମାନେ ଆ' କାର ମାତ୍ରା ସମ୍ପର୍କିତ କାର୍ଯ୍ୟଫର୍ଦ୍ଦ ପୂରଣ କରିବେ।

**ଶିକ୍ଷଣ କାର୍ଯ୍ୟ - ୩ -ଅକ୍ଷର ଓ ମାତ୍ରା ମିଶାଇ ଶବ୍ଦ ତିଆରି**

ଶିକ୍ଷାର୍ଥୀ ଅଙ୍ଗଭଙ୍ଗୀ ସହ ଏକ ଛୋଟ ସ୍ଥାନୀୟ କବିତା ଆବୃତ୍ତି କରିବେ

ଅକ୍ଷର ପରିଚୟ – ପିଲାମାନେ କାନ୍ଥରେ ପ୍ରଦର୍ଶିତ ସାମଗ୍ରୀ / ପାଠ୍ୟ ପୁସ୍ତକରୁ କିଛି ଶବ୍ଦ ଲେଖିବେ

ବ୍ଲେଣ୍ଡିଙ୍ଗ – ଶିକ୍ଷକ ପ୍ରତି ପିଲାକୁ ଜଣ ଜଣ କରି କଳାପଟା ପାଖକୁ ଡାକିବେ । ସେମାନେ କଳାପଟାରେ ଥିବା ବାକ୍ସରେ ଅକ୍ଷର ଗୁଡ଼ିକୁ ଅଲଗା ଅଲଗା କରି ଲେଖିବେ ।

ପିଲାଙ୍କୁ ଛୋଟ ଦଳରେ ଭାଗ କରାଯିବ, ସେମାନଙ୍କୁ କିଛି ଅକ୍ଷର ଓ ମାତ୍ରା କାର୍ଡ ଦିଆଯିବ । ପିଲାମାନେ ସେହି କାର୍ଡକୁ ଯୋଡ଼ି ସାର୍ଥକ ଓ ନିରର୍ଥକ ଶବ୍ଦ ଗଢ଼ିବେ ।

କାର୍ଯ୍ୟପୁସ୍ତିକାର ପୁନରାବୃତ୍ତି କରାଯିବ ।

ଲିଖନ – ଶେଷରେ କାର୍ଯ୍ୟପୁସ୍ତିକାର ଲିଖନ କାର୍ଯ୍ୟ କରାଯିବ ।

**ଶିକ୍ଷଣ କାର୍ଯ୍ୟ - ୪- ଅକ୍ଷର ପରିଚୟ, ମାତ୍ରା, ବ୍ଲେଣ୍ଡିଙ୍ଗ (Blending) ଶବ୍ଦପଠନ, ଖଣ୍ଡବାକ୍ୟ ଓ ବାକ୍ୟପଠନ**

- ଶିକ୍ଷକ ଶ୍ରେଣୀ କାର୍ଯ୍ୟର ଆରମ୍ଭ ସ୍ଥାନୀୟ କବିତା / ଗଳ୍ପରୁ କରିବେ ।
- ନିର୍ଦ୍ଦିଷ୍ଟ ଅକ୍ଷରର ଶିକ୍ଷଣ ପୂର୍ବରୁ ଆଲୋଚନା କରାଯାଇଥିବା ସୋପାନ ହିସାବରେ କରିବେ ।
- ସେହିପରି ମାତ୍ରା ଓ ଶବ୍ଦ ପଠନ ଏବଂ ଲିଖନ ଅଭ୍ୟାସ କରାଯିବ
- Blending ଏବଂ Segmentationର ଆଲୋଚିତ ସୋପାନ ଅନୁସାରେ ନୂଆ ଅକ୍ଷରରୁ ଶବ୍ଦ ପଠନ କରାଯିବ ଏବଂ ପଢ଼ିବାର ଅଭ୍ୟାସ କରାଯିବ ।
- ସାରଣୀ ଗଠନ କରି ଶିକ୍ଷାର୍ଥୀମାନଙ୍କୁ ପଢ଼ିବା ପାଇଁ ଦିଆଯିବ ଓ ଲିଖନ କାର୍ଯ୍ୟ କରାଯିବ ।
- ପଠନ ପୁସ୍ତିକା ଓ କାର୍ଯ୍ୟପୁସ୍ତିକାରେ ଦିଆଯାଇଥିବା ଖଣ୍ଡବାକ୍ୟକୁ ଶିକ୍ଷକ କଳାପଟାରେ ଲେଖିବେ । ପ୍ରତି ଖଣ୍ଡବାକ୍ୟକୁ ଶିକ୍ଷକ ୨ / ୩ ଥର ପଢ଼ିବେ । ପିଲାମାନେ ତାଙ୍କ ସହ ପଢ଼ିବେ ।

- ଶିକ୍ଷାର୍ଥୀଗଣ ଦୁଇଜଣ ସାଥି ହୋଇ ଖଣ୍ଡବାକ୍ୟ ପଢ଼ିବେ । ଶେଷରେ ପିଲାମାନେ ସ୍ୱାଧୀନ ଭାବରେ ଉପଯୁକ୍ତ ଗତିରେ ପଢ଼ିବେ।
- ଏହିଭଳି ବାକ୍ୟପଠନ ମଧ୍ୟ କରାଯିବ ।
- କଳାପଟାରେ କିଛି ସରଳ ବାକ୍ୟ ଶିକ୍ଷକ ଲେଖିବେ ।
- ଶିକ୍ଷକ ଏହି ବାକ୍ୟକୁ ଉପଯୁକ୍ତ ଭାବରେ ୨ / ୩ ଥର ପଢ଼ିବେ, ପିଲାମାନେ ଶିକ୍ଷକଙ୍କ ସହ ପଢ଼ିବେ ।
- ପିଲାମାନେ କଳାପଟା ପାଖକୁ ଆସି ଜଣକ ପରେ ଜଣେ ପଢ଼ିବେ ।
- ପିଲାମାନେ ଛୋଟ ଛୋଟ ଦଳରେ ବସି କାର୍ଯ୍ୟପୁସ୍ତିକାରେ ଥିବା ବାକ୍ୟ ପଢ଼ିବେ

ସମୀକ୍ଷା – ଶିକ୍ଷକ ଚାରିଆଡେ ବୁଲି ବୁଲି ଶିକ୍ଷାର୍ଥୀଗଣଙ୍କୁ ନିରୀକ୍ଷଣ କରିବେ ଓ ଆବଶ୍ୟକ ସ୍ଥଳେ ସହାୟତା ପ୍ରଦାନ କରିବେ ।

## ଶିକ୍ଷଣ କାର୍ଯ୍ୟ – ୫ - ଯୁକ୍ତାକ୍ଷର ପରିଚୟ

**ସମୟ – ୩୦ - ୪୦ ମିନିଟ୍**

କାର୍ଯ୍ୟପ୍ରଣାଳୀ –

ଉକ୍ତ ଶିକ୍ଷଣକାର୍ଯ୍ୟ ପାଇଁ ଶିକ୍ଷକ / ଶିକ୍ଷିକା ନିମ୍ନ ସୋପାନ ଅନୁସରଣ କରିବେ -

- ପରିଚିତ ଶବ୍ଦରୁ ଯୁକ୍ତାକ୍ଷର ଚିହ୍ନଟ ପାଇଁ ଶବ୍ଦକୁ କଳାପଟାରେ ଲେଖିବେ ଓ ସମ୍ପର୍କିତ ଚିତ୍ର ଦେଖାଇବେ ।
- ଯୁକ୍ତାକ୍ଷର ଥିବା ଶବ୍ଦକୁ ସ୍ପଷ୍ଟ ଭାବରେ ଉଚ୍ଚାରଣ କରି ପଢ଼ିବେ ।
- ଶବ୍ଦରୁ ଯୁକ୍ତାକ୍ଷରକୁ ଚିହ୍ନଟ କରି ଗୋଲ ବୁଲାଇବେ ।
- ଯୁକ୍ତାକ୍ଷରକୁ ଅଲଗା କରି କଳାପଟାରେ ଲେଖିବେ ଓ ସେହି ଯୁକ୍ତାକ୍ଷର ଆଧାରିତ ଶବ୍ଦ ପିଲାଙ୍କୁ ପଚାରିବେ ଓ କଳାପଟାରେ ଲେଖିବେ ।
- ପାଠ୍ୟପୁସ୍ତକରେ ଥିବା ଯୁକ୍ତାକ୍ଷର ଆଧାରିତ ଶବ୍ଦକୁ କଳାପଟାରେ ଶିକ୍ଷକ ଲେଖିପାରିବେ ଓ ଶବ୍ଦ ପଠନ ସୋପାନ ଅନୁସାରେ ଶିକ୍ଷଣକାର୍ଯ୍ୟ କରିବେ ।
- କଳାପଟାରେ ଏକ ସାରଣୀ ତିଆରି କରିବେ ଓ ୪ – ୫ ଜଣ ପିଲାଙ୍କୁ ଦଳରେ ଅକ୍ଷର ସହ ଯୁକ୍ତାକ୍ଷର ଯୋଡ଼ି ଶବ୍ଦ ଗଠନ କରିବାକୁ କହିବେ ଓ ଉଚ୍ଚାରଣ କରିବେ ଏବଂ ପଢ଼ିବା ପାଇଁ କହିବେ ।

**ପୁନରାବୃତ୍ତି** –

- ଶିକ୍ଷକ ଶ୍ରେଣୀ କାର୍ଯ୍ୟର ଆରମ୍ଭ ସ୍ଥାନୀୟ କବିତାରୁ ଅଭିନୟ ଓ ଆବୃତ୍ତି ସହ ଆରମ୍ଭ କରିବେ । ଗଳ୍ପକଥନ, ଖେଳ ମାଧ୍ୟମରେ ମଧ୍ୟ ଏହି କାମ କରାଯାଇପାରିବ ।

ଅକ୍ଷର **ପରିଚୟ** –

- ପୂର୍ବପରି ଅକ୍ଷର ପଠନ ଓ ଲିଖନ କରାଇବେ ,
- ଶ୍ରେଣୀରେ ଥିବା ସାମଗ୍ରୀ, ପାଠ୍ୟପୁସ୍ତକ , କାର୍ଯ୍ୟପୁସ୍ତିକା , ପଠନପୁସ୍ତକ ମାଧ୍ୟମରେ ଏହି ଅଭ୍ୟାସ କରାଇବେ ।

Blending –

- ପୂର୍ବରୁ ଆଲୋଚିତ ସମସ୍ତ ଅକ୍ଷର ଓ ମାତ୍ରାକୁ ନେଇ ପୁନରଲୋଚନା କରାଯିବ । ଶିକ୍ଷକ ନିଜେ ସାରଣୀ ପ୍ରସ୍ତୁତ କରି ପିଲାଙ୍କୁ ଅଭ୍ୟାସ କରାଇପାରିବେ ।

**ଶବ୍ଦ ଓ ବାକ୍ୟ ପଠନ** –

- ଶିକ୍ଷକ ପ୍ରତି ଛାତ୍ରଛାତ୍ରୀର ପ୍ରବାହପୂର୍ଣ୍ଣ ପଠନ (Fluent reading) ପ୍ରତି ଦୃଷ୍ଟିଦେବେ, ସେହି ଅନୁସାରେ ଅଭ୍ୟାସ କରାଇବେ ।

**ସାପ୍ତାହିକ ଆକଳନ** –

- ଶିକ୍ଷକ ଶିକ୍ଷାର୍ଥୀଗଣଙ୍କୁ କାର୍ଯ୍ୟପୁସ୍ତିକା ପଢ଼ିବାକୁ କହିବେ ।
- ଏହି କାର୍ଯ୍ୟ ପାଇଁ ଶିକ୍ଷକ ପିଲାଙ୍କୁ ସହାୟତା ପ୍ରଦାନ କରିବେ ନାହିଁ କେବଳ ସେମାନଙ୍କୁ ପ୍ରୋତ୍ସାହିତ କରିବେ ।

- ପିଲାମାନେ  ପଢ଼ିପାରୁଥିବା ଅକ୍ଷର / ଶବ୍ଦ ପାଖରେ ଶିକ୍ଷକ ଠିକ୍ ଚିହ୍ନ ଦେବେ ।
- ପିଲାଟି ଭୁଲ କରୁଥିବା ଆକଳନ ପତ୍ରରେ (୦ ) ନୁହେଁ (__) ଚିହ୍ନ ଦେବେ ।
- ଯେଉଁ ପିଲାର ଆକଳନ ସମାପ୍ତ ହୋଇଯିବ ତାକୁ ଅନ୍ୟକାମ ଦିଆଯିବ (ଯେପରି – ବହିପଢ଼ିବା, ଦେଖିକରି  ଲେଖିବା) ।
- ଆକଳନ ଅନୁସାରେ ନିର୍ଦ୍ଧାରିତ ସ୍ତର ହାସଲ କରିନଥିବା ଶିକ୍ଷାର୍ଥୀଙ୍କ  ନିମନ୍ତେ ଶିକ୍ଷକ ଅଧିକ ପୁନରାବୃତ୍ତି କରିବେ ।
- ଶେଷରେ ଯେଉଁ ଶିକ୍ଷାର୍ଥୀଙ୍କର  ଆକଳନ କରାଯିବ  ସହ ୫ – ୭ ମିନିଟ୍ ଅଧିକ କଥା ହୋଇ ତା'ର ପଢ଼ିବା / ଲେଖିବା କଥା ଶିକ୍ଷକ ବୁଝିପାରନ୍ତି ।
- ସର୍ବଶେଷରେ ଗୃହକାର୍ଯ୍ୟ କରିବାକୁ ଦିଆଯିବ  ।

# ପାଠଯୋଜନା (Periodic Assessment)

**ପର୍ଯ୍ୟାୟଭିତ୍ତିକ ଆକଳନ -**

- ଶିକ୍ଷାର୍ଥୀଙ୍କର ପର୍ଯ୍ୟାୟଭିତ୍ତିକ ଆକଳନ ଫର୍ଦ୍ଦ ବ୍ୟବହାର କରି ଶିକ୍ଷକ ପ୍ରତି ପିଲାଙ୍କ ଆକଳନ କରିବେ
- ଆକଳନ ଅନୁସାରେ ପିଲାଙ୍କୁ ୨ ଭାଗରେ ବିଭକ୍ତ କରିବେ ।
  ଦଳ ୧ – ଯେଉଁମାନେ ୫୦% ରୁ ଅଧିକ ନମ୍ବର ହାସଲ କରିଛନ୍ତି ।
  ଦଳ ୨ – ଯେଉଁମାନେ ୫୦% ରୁ କମ୍ ନମ୍ବର ହାସଲ କରିଛନ୍ତି ।
- ଶିକ୍ଷାର୍ଥୀଙ୍କର ସ୍ତର ଅନୁସାରେ ଶିକ୍ଷକ ପୁନରାବୃତ୍ତିର ଯୋଜନା କରିବେ ।
- ଦ୍ୱିତୀୟ ଦଳର ଶିକ୍ଷାର୍ଥୀଙ୍କ ପ୍ରତି ଶିକ୍ଷକ ସ୍ୱତନ୍ତ୍ର ଦୃଷ୍ଟି ଦେବେ ।
- ଆକଳନ ପରେ ୮–୧୦ ଦିନ ପର୍ଯ୍ୟନ୍ତ ପୁନରାବୃତ୍ତି କାର୍ଯ୍ୟ କରାଯିବ, ଏହା ଦ୍ୱିତୀୟ ଓ ତୃତୀୟ ପିରିୟଡରେ କରାଯିବ, ପ୍ରଥମ ପିରିୟଡରେ ମୌଖିକ ଭାଷା ଦକ୍ଷତାର ଆକଳନ କରାଯିବ ।
- ଏହା ପିଲାଙ୍କ ପାଇଁ ନିର୍ଦ୍ଧାରିତ  ଟ୍ରାକରରେ ଲେଖାଯିବ ।
- ଯେଉଁ ଶିକ୍ଷାର୍ଥୀମାନେ ଠିକ୍ ଦକ୍ଷତା ହାସଲ କରିଛନ୍ତି ସେମାନଙ୍କୁ ଚିହ୍ନିତ କରାଯିବ ।
- ଶିକ୍ଷକ ପ୍ରତି ଶିକ୍ଷାର୍ଥୀର ସ୍ତର ଅଧାରରେ ପିଲାଟିର ଶିକ୍ଷଣ ପ୍ରଗତି ପାଇଁ ପାଠ ଯୋଜନା ପ୍ରସ୍ତୁତ କରିବେ ।
- ପିଲାମାନେ  ପରସ୍ପରର ସାହାଯ୍ୟ ନେଇ ଆଗେଇବା ପାଇଁ ଶିକ୍ଷକ ଚେଷ୍ଟା କରିବେ ।
- ଶିକ୍ଷାର୍ଥୀର ସ୍ତରକୁ କେବଳ ଶିକ୍ଷକ ହିଁ ଜାଣିବେ ଓ ସମୀକ୍ଷା କରିବେ ।  ଅନ୍ୟ ପିଲାଙ୍କୁ ସେ ବିଷୟରେ ଜାଣିବାକୁ ଦେବା ଉଚିତ ନୁହେଁ, ସେହି ଅନୁସାରେ ଶିକ୍ଷକ ଯୋଜନା ପ୍ରସ୍ତୁତ କରିବେ ।

## ତଥ୍ୟ ଫର୍ଦ୍ଦ – ୧

## ପଠନର ବୋଧଗମ୍ୟତାରେ ପଠନ ଅଭ୍ୟାସର ଭୂମିକା

ଆମେ ପ୍ରଥମ ଶ୍ରେଣୀ ଆଲୋଚନା କରିଥିଲେ ଯେ କୌଣସି ପାଠକୁ ପଢ଼ି ବୁଝିବା ପାଇଁ ଭାଷାକୁ ବୁଝିବା ଓ ଶବ୍ଦକୁ ଚିହ୍ନିବା, ଦୁଇଟିଯାକ କୌଶଳ ଶିଖିବା ଜରୁରୀ। ଶ୍ରେଣୀରେ ଭାଷାଶିକ୍ଷଣ ପାଇଁ ଏହି ଦୁଇଟି କୌଶଳ ମଧରେ ସାମଞ୍ଜସ୍ୟ ରହିବା ଆବଶ୍ୟକ ଓ ଏହି ଦୁଇଟି କୌଶଳ ଆଧାରରେ ଶ୍ରେଣୀରେ ଭାଷା ଶିକ୍ଷଣ ହୋଇଥାଏ । ସନ୍ତୁଳିତ ଭାଷା ଶିକ୍ଷଣ ପଦ୍ଧତି ଆଧାରିତ ଭାଷାର ଚାରିବର୍ଗ ରୂପ ଯଥା ମୌଖିକ ଭାଷା ବିକାଶ, ପଠନ, ଡିକୋଡ଼ିଙ୍ଗ୍ ଓ ଲିଖନ ପାଇଁ ଭିନ୍ନ ଭିନ୍ନ ଶିକ୍ଷଣ କାର୍ଯ୍ୟ କରାଯାଏ ।

ଏବେ ପିଲାମାନଙ୍କର ମୌଖିକ ଭାଷା କୌଶଳରେ ଅନେକ ପରିବର୍ତ୍ତନ ଦେଖାଗଲାଣି ଯାହାକି ସେମାନଙ୍କୁ ଉତ୍ତମ ବୋଧଗମ୍ୟତା ଓ ମୌଖିକ ଅଭିବ୍ୟକ୍ତି ଦିଗରେ ସହାୟକ ହେବ । କିଛି ନୂଆ ଶିକ୍ଷଣ କାର୍ଯ୍ୟ ମାଧମରେ / ସହାୟତାରେ ମୌଖିକ ଭାଷା କାର୍ଯ୍ୟକୁ ଅଧିକ ସମୃଦ୍ଧ କରିବାର ଯୋଜନା ଅଛି । ଡିକୋଡ଼ିଙ୍ଗ୍ ର ଉଚ୍ଚସ୍ତରରେ ଏବେ ଆମେ ପିଲାମାନଙ୍କ ଆତ୍ମବିଶ୍ୱାସର ସହ ଶବ୍ଦ

ପଢୁଥିବାର ଦେଖିବାକୁ ପାଇବା । ନୂଆ ଅକ୍ଷର ଶିଖାଇବା ସହ ଏବେ ପିଲାମାନଙ୍କୁ ଶବ୍ଦ ଚିହ୍ନିବା କୌଶଳକୁ ମଜବୁତ କରିବା ପାଇଁ ଛୋଟ ଛୋଟ ପାଠ ପଢ଼ିବାକୁ ସୁଯୋଗ ଦେବା ଆବଶ୍ୟକତା ଅଛି । ଏହା ସହିତ ପିଲାମାନଙ୍କର ଶବ୍ଦ ସ୍ତରରେ ଲିଖନକୁ ସମୃଦ୍ଧ କରିବା ପାଇଁ ଛୋଟ ଛୋଟ ଅଭ୍ୟାସର ଆବଶ୍ୟକତା ରହିଛି । ଶ୍ରେଣୀରେ ଏହି କାର୍ଯ୍ୟଗୁଡ଼ିକୁ ଉତ୍ତମ ଢଙ୍ଗରେ କରିବା ପାଇଁ ଆମେ ବିସ୍ତୃତ ଭାବେ ଏହି କାର୍ଯ୍ୟ ସହ ଜଡ଼ିତ ଅବଧାରଣାଗୁଡ଼ିକୁ ବୁଝିବା ଉଚିତ ।

## ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ -

ପିଲାମାନଙ୍କ ମଧ୍ୟରେ ଡିକୋଡ଼ିଙ୍ଗ୍ କୌଶଳ ବିକଶିତ ହୋଇଛି ବୋଲି ଆମେ ସେତେବେଳେ କହିବା, ଯେତେବେଳେ ସେମାନେ କୌଣସି ପାଠକୁ ପ୍ରବାହପୂର୍ଣ୍ଣ ଭାବେ ପଢ଼ିପାରିବେ । ଅଥବା ଯେକୌଣସି ପାଠକୁ ସଠିକ ଭାବେ, ଉଚିତ ଗତି ଓ ଆବଶ୍ୟକ ହାବଭାବ ସହ ପଢ଼ିପାରିବେ ଏହି ସ୍ତରର କୌଶଳ ହାସଲ ପରେ ହିଁ କୌଣସି ପାଠକୁ ସମ୍ପୂର୍ଣ୍ଣ ଭାବେ ବୁଝିହେବ । ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ପାଇଁ ଏହା ଜରୁରୀ ଅଟେ କି, ପଢ଼ିବା ବାଲାକୁ ଯେପରି ଶବ୍ଦ ଚିହ୍ନଟ କରିବାରେ ସଚେତନ ରୂପେ ଚେଷ୍ଟା କରିବାକୁ ନପଡ଼େ । ଏହି ବିଷୟରେ ଅନେକ ଗବେଷଣା କରାଯାଇ ଏହା ସାବ୍ୟସ୍ତ କରାଯାଇଛି କି ଯେଉଁ ପିଲାମାନେ ପାଠର ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ କରିପାରନ୍ତି ସେହିମାନେ ହିଁ ପାଠକୁ ଭଲ ଭାବେ ବୁଝିପାରନ୍ତି । ଏଠାରେ ଏହା ମନେ ରଖିବାକୁ ହେବ ଯେ କୌଣସି ପାଠକୁ ବୁଝିବା ପାଇଁ କେବଳ ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ଯଥେଷ୍ଟ ନୁହେଁ ଏହା ସହ ଭାଷା କୌଶଳ ମଧ୍ୟ ଏକ ଆବଶ୍ୟକ ସର୍ତ୍ତ ଅଟେ ।

## ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ର ଅଭ୍ୟାସ -

ଅକ୍ଷର ଚିହ୍ନଟ କରିବାରେ ସତର୍କତା ଓ ଗତି ପାଇଁ ଅଭ୍ୟାସ → ଯୋଡ଼ିକି ଶବ୍ଦ ବନାଇବା, ପଢ଼ିବାରେ ସଠିକତା ଓ ଗତି ପାଇଁ ଅଭ୍ୟାସ → ଡିକୋଡେବଲ୍ ପାଠ ପାଇଁ ଶବ୍ଦ ପଠନର ଅଭ୍ୟାସ → ପ୍ରସଙ୍ଗ ଆଧାରିତ ଛୋଟ ଛୋଟ ପାଠ ପଢ଼ିବାର ଅଭ୍ୟାସ

← ମୌଖିକ ଭାଷାର ଦକ୍ଷତା (ବୁଝିବା, ପୂର୍ବଜ୍ଞାନ, ଶବ୍ଦାବଳୀ ଇତ୍ୟାଦି) →

ଏଥିପାଇଁ ଦୁଇ ସ୍ତରରେ ଶିକ୍ଷଣକୁ ସୁନିଶ୍ଚିତ କରିବାର ଆବଶ୍ୟକତା ଅଛି । ଅକ୍ଷରକୁ ଚିହ୍ନଟକୁ ଶବ୍ଦ ପଠନ ରୂପରେ ସୁଦୃଢ଼ କରିବା ଓ ପିଲାମାନଙ୍କୁ ସେମାନଙ୍କର ସ୍ତର ଅନୁସାରେ ଛୋଟ ଛୋଟ ପାଠ ଦେଇ ପଢ଼ିବାର ଗତି ଓ ସଠିକତାକୁ ବୃଦ୍ଧି କରାଇବା ।

## ଅକ୍ଷର ଚିହ୍ନଟକୁ ଶବ୍ଦ ପଠନ ରୂପରେ ଉପଯୋଗ କରିବା -

ଡିକୋଡ଼ିଙ୍ଗ୍ ର ଆରମ୍ଭରେ ଯେତେବେଳେ ପିଲାମାନେ ଶବ୍ଦ ପଢ଼ିବା ଆରମ୍ଭ କରନ୍ତି ସେତେବେଳେ ସେମାନେ ଭିନ୍ନ ଭିନ୍ନ ଅକ୍ଷରକୁ ଚିହ୍ନି ଓ ଯୋଡ଼ି ଶବ୍ଦ କୁହନ୍ତି । ଶବ୍ଦ ପଠନରେ ଦୁଇଟି ପ୍ରକ୍ରିୟା ଯଥା ଅକ୍ଷରକୁ ଚିହ୍ନିବା ଓ ତାକୁ ଯୋଡ଼ି ଉଚ୍ଚାରଣ କରିବା ଏକା ସାଙ୍ଗରେ ଚାଲେ । ଦୁଇଟିଯାକ ପ୍ରକ୍ରିୟାରେ କୁଶଳତା ପାଇଁ ଅଧିକ ଅଭ୍ୟାସର ଆବଶ୍ୟକତା ରହିଛି, ଯାହା ଫଳରେ ପିଲାମାନେ ଶବ୍ଦ ପଢ଼ିବା ଶିଖିପାରନ୍ତି । ଶବ୍ଦକୁ ସଠିକ ଭାବେ ପଢ଼ିବା ପାଇଁ ଅକ୍ଷରକୁ ଚିହ୍ନିବା କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱଚାଳିତ ହେବା ଉଚିତ । ଭିନ୍ନ ଭିନ୍ନ ଉପାୟରେ ଅକ୍ଷରକୁ ଚିହ୍ନିବା କାର୍ଯ୍ୟ ସହିତ ଏହାଦ୍ୱାରା ଗଠନ ହୋଇଥିବା ଶବ୍ଦକୁ ପଢ଼ିବା ପାଇଁ ପର୍ଯ୍ୟାପ୍ତ ଅଭ୍ୟାସ କରାଇବା ଉଚିତ । ଶବ୍ଦ ପଠନରେ କୁଶଳତା ପାଇଁ ଶବ୍ଦକୁ ସିଧା ପଢ଼ିବା ବ୍ୟତୀତ ଛୋଟ ଛୋଟ ଅର୍ଥପୂର୍ଣ୍ଣ ଅନୁଚ୍ଛେଦ ମଧ୍ୟରେ ପଢ଼ିବାକୁ ଦିଆଯାଇପାରେ । ଏହିଭଳି ପାଠକୁ ଡ଼ିକୋଡେବୁଲ୍ ପାଠ ମଧ୍ୟ କୁହାଯାଏ । ପିଲାମାନଙ୍କୁ ସ୍ୱତନ୍ତ୍ର ଭାବେ ଓ ଶିକ୍ଷକଙ୍କ ସହ ଏପରି ଛୋଟ ଛୋଟ ଓ ସରଳ ପାଠ ପଢ଼ିବାର ସୁଯୋଗ ମିଳିବା ଆବଶ୍ୟକ ।

## ପିଲାମାନଙ୍କୁ ସେମାନଙ୍କ ପଠନ ସ୍ତର ଅନୁଯାୟୀ ଛୋଟ ଛୋଟ ପାଠ ଦେଇ ସେମାନଙ୍କର ପଠନର ଗତି ଓ ସଠିକତାକୁ ସୁଦୃଢ଼ କରାଇବା -

ଡିକୋଡେବଲ୍ ପାଠର ଅଭ୍ୟାସ ଫଳରେ ଯେଉଁଠାରେ କି ଅକ୍ଷରର ଚିହ୍ନଟୀକରଣ ଓ ପଠନ କୌଶଳ ସୁଦୃଢ଼ ହୋଇଥାଏ । ସେଠାରେ ଛୋଟ ଛୋଟ କାହାଣୀ, ଯାହାକି ଆକର୍ଷକ ଚିତ୍ର ସହ କୌଣସି ପୁସ୍ତକ ବା କାର୍ଡ ରୂପରେ ଉପଲବ୍ଧ ହେଲେ ତାହାକୁ ପଢ଼ି ପିଲାମାନେ ପଢ଼ି ବୁଝିବାର ଅଭ୍ୟାସ କରିପାରନ୍ତି । ଏହିଭଳି ଅଭ୍ୟାସ ଦ୍ୱାରା ସେମାନଙ୍କୁ ପଢ଼ିବାରେ ଆନନ୍ଦ ଅନୁଭବ ହୋଇଥାଏ । ଏହା ପଢ଼ିବା  ଶିଖୁଥିବା ପିଲାମାନଙ୍କ ପାଇଁ ଅତ୍ୟନ୍ତ ପ୍ରଭାବୀ ଅଟେ । ଏଭଳି କାହାଣୀ ପିଲାମାନଙ୍କର ପଠନ ସ୍ତରର ଆଗ୍ରହ, ରୁଚି ଇତ୍ୟାଦିକୁ ଦୃଷ୍ଟିରେ ରଖି ତିଆରି କରିବା ଉଚିତ । ପିଲାମାନେ ଏଭଳି କାହାଣୀକୁ ଆରମ୍ଭରୁ  ଶିକ୍ଷକଙ୍କ ମାର୍ଗଦର୍ଶନରେ ପଢ଼ିବା ଅଭ୍ୟାସ କରିବା ଆବଶ୍ୟକ ଓ ପରେ ସ୍ୱତନ୍ତ୍ର ଭାବେ ପଢ଼ିବା ଉଚିତ ।

## ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ଓ ବୁଝି କରି ପଢ଼ିବା -

ଆମେ ପୂର୍ବରୁ ଅନେକ ଥର ଏହା ଆଲୋଚନା କରିସାରିଛେ ଯେ ଯେତେବେଳେ ପାଠକ କୌଣସି ପାଠକୁ ସହଜ ଓ ସ୍ୱାଭାବିକ ଭାବେ ପଢ଼ି ସେତେବେଳେ ତାର ଧ୍ୟାନ ପାଠରୁ ଅର୍ଥ ଖୋଜିବା ଉପରେ କେନ୍ଦ୍ରଭୂତ ହୋଇଥାଏ ।  ସହଜ ଓ ସ୍ୱାଭାବିକ ଭାବେ ପଢ଼ିବାର ଅର୍ଥ ପାଠକୁ ସଠିକ ଭାବେ, ଗତି ସହ ଓ ହାବଭାବ ସହ ପଢ଼ିବା ଅଟେ । ଯଦି କେଉଁ ପାଠକର ଶବ୍ଦକୁ ଡ଼ିକୋଡ କରିବାରେ ସମସ୍ୟା ହେଉଥାଏ, ତେବେ ସେ ଶବ୍ଦ ପଢ଼ିବା ବେଳେ ସଚେତନ ରୂପେ ଅଧିକ ଧ୍ୟାନ ଦିଏ । ଏହି କାରଣରୁ ସେ ପାଠକୁ ବୁଝିବାରେ ଅଧିକ ଧ୍ୟାନ ଦେଇପାରେ ନାହିଁ । ଏହିଭଳି ଭାବେ ପାଠକକୁ ବାରମ୍ବାର ନିଜର ଧ୍ୟାନ କେବେ ଶବ୍ଦ ଚିହ୍ନିବାରେ ବା କେତେ ଅର୍ଥ-ନିର୍ମାଣ କରିବା ମଧ୍ୟରେ ଅଦଳ ବଦଳ କରିବାକୁ ପଡ଼ିଥାଏ । ଏହି କାରଣରୁ ଦୁଇଟି ମଧ୍ୟରୁ କୌଣସି ଗୋଟିଏ ପ୍ରକ୍ରିୟା ସଠିକ୍ ଭାବେ ପୂରା ହୋଇପାରେ ନାହିଁ । ଏଥିରୁ ଏପରି ପରିସ୍ଥିତି ସୃଷ୍ଟି ହୁଏ ଯେଉଁଥିରେ ପଢୁଥିବା ପାଠକୁ ପିଲାଟି ବୁଝିପାରେ ନାହିଁ ।
ପ୍ରଥମ ଶ୍ରେଣୀରେ ପିଲାମାନଙ୍କର ଯେପରି ଡିକୋଡ଼ିଙ୍ଗ୍ କୌଶଳ ଭଲଭାବେ ବିକଶିତ ହେବ ସେଥିପାଇଁ ଶିକ୍ଷକଙ୍କୁ ଧ୍ୟାନ ଓ ସମୟ ଦେବା ଉଚିତ। ଏହା ଆଗକୁ ପ୍ରବାହପୂର୍ଣ୍ଣ ପଠନର ଆଧାର ଭାବେ କାର୍ଯ୍ୟ କରିବ ।

## ତଥ୍ୟ ଫର୍ଦ୍ଦ – ୨

## ଧ୍ୱନି ସଚେତନତା

ପିଲାମାନେ ଯେତେବେଳେ ବିଦ୍ୟାଳୟ ଆସିବା ଆରମ୍ଭ କରନ୍ତି  ସେତେବେଳେ ସେମାନେ ନିଜ ମାତୃଭାଷାରେ କଥା ହୋଇ ନିଜକୁ  ଅଭିବ୍ୟକ୍ତ କରିବାରେ ସମର୍ଥଥାନ୍ତି । ସେମାନେ ନିଜ ପରିବେଶରୁ କହିବାଭଳି ଦକ୍ଷତାକୁ ଅତି ସ୍ବାଭାବିକ ଢଙ୍ଗରେ ଶିଖିଥାନ୍ତି । ସେଥିପାଇଁ ପିଲାମାନଙ୍କୁ କଥା  କହିବାର  ଦକ୍ଷତା ହାସଲ କରିବା ପାଇଁ  ଚେଷ୍ଟା କରିବାର ଆବଶ୍ୟକତା ପଡ଼ି ନଥାଏ।
ଆପଣମାନେ ଅନୁଭବ କରିଥିବେ ଯେ , ବଡ ହୁଅନ୍ତୁ କି  ଛୋଟ ପିଲା ଆମେ ଆମ କଥାକୁ ଗୋଟେ ନିଶ୍ୱାସରେ  କହିଥାଉ  । ପିଲାମାନେ ଜାଣି ପାରନ୍ତି ନାହିଁ  ଯେ , ପ୍ରତ୍ୟେକ   ବାକ୍ୟ କିଛି କ୍ଷୁଦ୍ର ଏକକ ଯଥା ଶବ୍ଦର ସମଷ୍ଟୀରେ  ଗଠିତ  । ଏହା ମଧ୍ୟ ପିଲାମାନେ  ଜାଣିପାରନ୍ତି ନାହିଁ ଯେ, ପ୍ରତ୍ୟେକ ଶବ୍ଦ କିଛି ଧ୍ୱନିର କ୍ଷୁଦ୍ରତମ ଅଂଶକୁ ନେଇ ଗଠିତ ହୋଇଥାଏ ।

ତେଣୁ ଧ୍ୱନି ସଚେତନତାର ଅର୍ଥ ଏହି ଯେ, ପିଲାମାନେ ଯେତେବେଳେ ବୁଝିପାରନ୍ତି ନାହିଁ କି , ବାକ୍ୟ ଓ ଶବ୍ଦ ଗୁଡ଼ିକ  ଛୋଟ ଛୋଟ ଧ୍ୱନି ଏକକ ନେଇ ଗଠିତ । ଅଲଗା ଅଲଗା ଶବ୍ଦ ଗଠନ କ୍ଷୁଦ୍ର ଧ୍ୱନିକୁ ଯୋଡ଼ିବା ଦ୍ୱାରା  ହୋଇଥାଏ  । ଧ୍ୱନିଚେତନା ଦକ୍ଷତା ବିକଶିତ ହେବା ଦ୍ୱାରା  ପିଲାଟି ଗୋଟିଏ ଶବ୍ଦରେ ଥିବା ବିଭିନ୍ନ ଧ୍ୱନି ଗୁଡ଼ିକ ଚିହ୍ନଟ କରିପାରେ । ଭିନ୍ନ ଭିନ୍ନ ଧ୍ୱନିକୁ ଯୋଡ଼ି ପିଲାଟି ନୂଆ ଶବ୍ଦ ଗଢ଼ିପାରେ ।

## ଧ୍ୱନିଚେତନା ଶିକ୍ଷଣ କାର୍ଯ୍ୟର ନିମ୍ନଲିଖିତ ବିଶେଷତ୍ୱ ଅଛି –

ଧ୍ୱନି ଚେତନା ଜଡ଼ିତ ଶିକ୍ଷଣ କାର୍ଯ୍ୟ ମୌଖିକ ରୂପେ କରାଯାଏ । ଏଥିରେ ପଠନ ଓ ଲିଖନର ଜଡ଼ିତ କୌଣସି ପକ୍ଷ ସାମିଲ ନଥାଏ । ଧ୍ୱନି ଚେତନା କୌଶଳ ବିକାଶ କରିବା ସମୟରେ ଶବ୍ଦର ଅର୍ଥ ଉପରେ ମଧ୍ୟ ଅଧିକ ଧ୍ୟାନ ଦିଆଯାଇଥାଏ ।

## ଧ୍ୱନି ଚେତନାର ଆବଶ୍ୟକତା କ'ଣ ?

ପିଲାମାନଙ୍କୁ ଧ୍ୱନି ପ୍ରତୀକର ସମ୍ବନ୍ଧ ଶିଖାଇବା ସେତେବେଳ ଯାଏ ସମ୍ଭବ ନୁହେଁ ଯେଉଁ ଯାଏ ପିଲାମାନଙ୍କ ମଧ୍ୟରେ ଶବ୍ଦର କ୍ଷୁଦ୍ର ଅଂଶକୁ ଚିହ୍ନଟ କରିବାର କ୍ଷମତା ବିକଶିତ ହୋଇ ନଥାଏ । ପିଲାମାନେ ଥରେ ଧ୍ୱନିର କ୍ଷୁଦ୍ର ଅଂଶ ସହ ପରିଚିତ ହୋଇଗଲେ ସେମାନେ ଧ୍ୱନିର ଏକକଗୁଡ଼ିକୁ ନିର୍ଦ୍ଦିଷ୍ଟ ପ୍ରତୀକ / ଚିହ୍ନ ସହ ଯୋଡ଼ିବା ଆରମ୍ଭ କରିଦିଅନ୍ତି । ଥରେ ପିଲାମାନେ "ପ" ଧ୍ୱନିକୁ ଜାଣିବା ଆରମ୍ଭ କରିଦେଲେ ସେମାନଙ୍କ 'ପ' ପ୍ରତୀକକୁ ଶିଖିବା ସହଜ ହୋଇଥାଏ । ଏହା ସର୍ବଦା ଦେଖାଯାଇଥାଏ ଯେ ଯେଉଁ ପିଲାମାନଙ୍କ ସହ ଆରମ୍ଭରୁ ଧ୍ୱନି ଚେତନା ଆଧାରିତ କାର୍ଯ୍ୟ କରାଯାଇ ନଥାଏ ସେହି ପିଲାମାନଙ୍କ କ୍ଷେତ୍ରରେ ଅକ୍ଷର ବିନ୍ୟାସ /ବନାନ (ସ୍ପେଲିଙ୍ଗ ) ଓ ଲିଖନରେ ସମସ୍ୟା ଉପୁଜିଥାଏ ।

**ଧ୍ୱନି ଚେତନା ଦକ୍ଷତା ବିକାଶ ପାଇଁ ନିମ୍ନଲିଖିତ ସୋପାନଗୁଡ଼ିକ ସାମିଲ –**

- ଛନ୍ଦକୁ ବୁଝିପାରିବା ଦକ୍ଷତା ( ଯେପରି – ତାରା , ପାରା , କଳ , ବଳ )
- ଶବ୍ଦଗୁଡ଼ିକୁ ଅଲଗା ଅଲଗା କରି ଚିହ୍ନଟ କରିପାରିବାର ଦକ୍ଷତା ( ଯେପରି - କାଉଟି ଘର ଉପରେ ବସିଛି । )
- ଶବ୍ଦରେ ଥିବା ଧ୍ୱନିଗୁଡ଼ିକୁ ଅଲଗା ଅଲଗା କରି ଚିହ୍ନଟ କରିବା (ଯେପରି – ଖ / ରା , ବ / ର , ଗ /ଛ )
- ଅକ୍ଷର ସହ ଜଡ଼ିତ ଧ୍ୱନିକୁ ଚିହ୍ନଟ କରିବା ( ଯେପରି – ନ , ପ , ଗ , ଟ )

**ଧ୍ୱନିଚେତନା ଶିକ୍ଷଣ କାର୍ଯ୍ୟ ସମୟରେ ନିମ୍ନ ଦିଗଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପଡ଼ିବ –**

- ଅକ୍ଷର ଚିହ୍ନଟ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେହି ଅକ୍ଷର ସହିତ ଧ୍ୱନିକୁ ନେଇ ଧ୍ୱନିଚେତନାର କାର୍ଯ୍ୟ କରିବା ଆବଶ୍ୟକ ।
- ଗୋଟିଏ ଦିନରେ ୨ - ୩ ପ୍ରକାରର ଖେଳ ଖେଳାନ୍ତୁ । ବହୁତ ଗୁଡ଼ିକ ଶିକ୍ଷଣ କାର୍ଯ୍ୟ ଏକା ସାଙ୍ଗରେ ନିଅନ୍ତୁ ନାହିଁ ।
- ଶିକ୍ଷଣ କାର୍ଯ୍ୟର କ୍ରମ / ଶୃଙ୍ଖଳା ସରଳରୁ ଜଟିଳ ହେବା ଆବଶ୍ୟକ ।
- କୌଣସି ନିର୍ଦ୍ଦିଷ୍ଟ କ୍ଷମତା ଆଧାରିତ ଖେଳକୁ ସେ ଯାଏ ଜାରି ରଖନ୍ତୁ, ଯେଉଁ ପର୍ଯ୍ୟନ୍ତ ପିଲାଟି ପୁରା ଭାବେ ଶିଖି ଯାଇନାହିଁ ।

# ପଠନ ବିକାଶ

**ଦିବସ- ତୃତୀୟ** **ସମୟ – ୧ ଘ. ୩୦ ମି.**

**ଅଧିବେଶନ- ପ୍ରଥମ**

**ପ୍ରତ୍ୟାଶିତ ଫଳାଫଳ :**

**ଏହି ଅଧିବେଶନର ଆଲୋଚନା ପରେ ଅଂଶ ଗ୍ରହଣକାରୀମାନେ -**

- **ପଠନ ବିକାଶ ପାଇଁ ଆଧାରିତ ବିଭିନ୍ନ ସୋପାନ ଗୁଡ଼ିକ ସମ୍ପର୍କରେ ଜାଣି ଶ୍ରେଣୀ ପରିଚାଳନା କରିବେ**
- **ପଠନ ବିକାଶ ପାଇଁ ଆଧାରିତ ଶିକ୍ଷଣକାର୍ଯ୍ୟ ଗୁଡ଼ିକ ବିଷୟରେ ଅବଗତ ହୋଇ ଶ୍ରେଣୀରେ ପ୍ରୟୋଗ କରିବେ**
- **ପଠନ ବୋଧଗମ୍ୟତା ହାସଲ ନିମନ୍ତେ ଶ୍ରେଣୀରେ ଆବଶ୍ୟକ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ସମ୍ପାଦନା କରିବା କୌଶଳ ହାସଲ କରିବେ**

**ପ୍ରଣାଳୀ -**

ସକ୍ରିୟାତ୍ମକ କାର୍ଯ୍ୟ - "କାମର ନାମ" (ସାଧନକର୍ମୀଙ୍କ ପାଇଁ ସୂଚନା ଦେଖନ୍ତୁ)

ପ୍ରଶ୍ନ ୧ - ଏହି ସକ୍ରିୟାତ୍ମକ କାର୍ଯ୍ୟର ସମ୍ପର୍କ ଭାଷା ଶିକ୍ଷଣ ସହ କ'ଣ ରହିଛି ?

ପ୍ରଶ୍ନ ୨ - ଭାଷା ଶିକ୍ଷଣରେ କେତୋଟି ମୁଖ୍ୟ କୌଶଳ ରହିଛି ?

ପ୍ରଶ୍ନ ୩ - ଏହି କୌଶଳ ଗୁଡ଼ିକର ପରସ୍ପର ମଧ୍ୟରେ ସମ୍ପର୍କ ଅଛି କି ?

ପ୍ରଶ୍ନ ୪ - ପଠନ କହିଲେ କ'ଣ ବୁଝାଏ ?

ସାଧନକର୍ମୀ ଏହି ପ୍ରଶ୍ନର ଉତ୍ତର PPT ଆଧାରରେ କରିବେ ।

PPT ର Slide No. - 3, 4, 5, 6, 7, 8, 9, 10 ଦେଖାଇ ଏହି ଆଲୋଚନା କରାଯିବ ।

ସଂକ୍ଷେପଣ ସାମଗ୍ରୀ- PPT Slide No. - 3, 4, 5, 6, 7, 8, 9, 10

ପ୍ରଶ୍ନ ୫ - ପଠନ ଦକ୍ଷତାର ଶିକ୍ଷଣ, କଥନ ଦକ୍ଷତାର ଶିକ୍ଷଣଠାରୁ କିପରି ଭିନ୍ନ ଅଟେ ?

ସାଧନକର୍ମୀ PPT ର slide no 1 ଓ 2 ଆଧାରରେ ଏହି ପ୍ରଶ୍ନଟିକୁ ଆଲୋଚନା କରିବେ ।

ସଂକ୍ଷେପଣ ସାମଗ୍ରୀ- PPT ର slide no 1 ଓ 2

ପ୍ରଶ୍ନ ୬ - ପଠନର ବିଭିନ୍ନ ସୋପାନ ଗୁଡ଼ିକ କ'ଣ ?

(ସାଧନକର୍ମୀଙ୍କ ସୂଚନା ଆଧାରରେ ଆଲୋଚନା କରାଯିବ)

ସଂକ୍ଷେପଣ-

ପ୍ରଶ୍ନ ୭ - ଶ୍ରେଣୀଗୃହରେ ଶିକ୍ଷଣ କାର୍ଯ୍ୟଗୁଡ଼ିକର ପରିଚାଳନା ନିମନ୍ତେ କେଉଁ ସବୁ ଦିଗ ଗୁଡ଼ିକୁ ଦୃଷ୍ଟି ଦେବେ ?

ପଠନର ବିଭିନ୍ନ ସୋପାନ ଆଧାରରେ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତି କରାଯାଇଛି

(ସାଧନକର୍ମୀଙ୍କ ପାଇଁ ସୂଚନା ଦେଖନ୍ତୁ)

ସଂକ୍ଷେପଣ ସାମଗ୍ରୀ- ବଡ ବହି

ପ୍ରଶ୍ନ ୮ - ପଠନ ବୋଧଗମ୍ୟତା ହାସଲ ନିମନ୍ତେ ଆମେ ଶ୍ରେଣୀରେ କେଉଁ କେଉଁ କାର୍ଯ୍ୟଗୁଡ଼ିକ କରିପାରିବା ?

(ସାଧନକର୍ମୀଙ୍କ ସୂଚନା ଆଧାରରେ ଆଲୋଚନା କରାଯିବ)

ସଂକ୍ଷେପଣ-

ପ୍ରଶ୍ନ ୯ - ଏହି ଅଧିବେଶନର ଆଲୋଚନାରୁ ଆମେ କ'ଣ ଶିଖିଲେ, ଅଂଶ ଗ୍ରହଣକାରୀ ମାନଙ୍କ ଉତ୍ତର ଆଧାରରେ ଆଲୋଚନା କରାଯିବ ।

ସଂକ୍ଷେପଣ-

ପ୍ରଶ୍ନ ୧୦ - ପଠନ ଦକ୍ଷତାର ଅଭିବୃଦ୍ଧି ପାଇଁ ଆପଣଙ୍କ ଭୂମିକା କ'ଣ ?

(ସାଧନକର୍ମୀଙ୍କ ସୂଚନା ଆଧାରରେ ଆଲୋଚନା କରାଯିବ)

ସଂକ୍ଷେପଣ-

## ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ –**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ବୃତ୍ତାକାରରେ ଠିଆ କରାଇ ପ୍ରତ୍ୟେକ ଗୋଟିଏ ଗୋଟିଏ କ୍ରିୟାପଦ କହିବା ପାଇଁ ନିର୍ଦ୍ଦେଶ ଦେବେ । କୌଣସି 'କ୍ରିୟାପଦ' ର ପୁନରାବୃତ୍ତି ହେବନାହିଁ । ସକ୍ରିୟାତ୍ମକ କାର୍ଯ୍ୟ ସହ ଶିକ୍ଷଣର ସମ୍ପର୍କ - ବାକ୍ୟ ଗଠନ ପାଇଁ ବିଭିନ୍ନ ପଦର ଆବଶ୍ୟକତା ରହିଛି, ପଠନରେ ବାକ୍ୟ ପଢ଼ି ବୁଝିବା ପାଇଁ କ୍ରିୟାପଦ ବିଷୟରେ ଜାଣିବା ଆବଶ୍ୟକ ।

ପ୍ରଶ୍ନ ୧ ଓ ୨- ଖୋଲା ଆଲୋଚନା କରାଯିବ

ପ୍ରଶ୍ନ ୩- PPT ଆଧାରରେ ଆଲୋଚନା କରାଯିବ (slide no – 3, 4, 5, 6, 7, 8, 9, 10 ଦେଖାଇ ସାଧନକର୍ମୀ ଏହି ଆଲୋଚନାକୁ ଆଗେଇ ନେବେ)

ପ୍ରଶ୍ନ ୪- PPT ର slide no 1 ଓ 2 ଆଧାରରେ ଆଲୋଚନା ହେବ ।

ପ୍ରଶ୍ନ ୫- ପଠନର ବିଭିନ୍ନ ସୋପାନ

୧. ଶିକ୍ଷକଙ୍କ ଆଦର୍ଶ ପଠନ (ମୌଖିକ ଭାଷା ବିକାଶରେ ଏହି ସମ୍ପର୍କରେ ଆଲୋଚନା କରାଯାଇଛି)
୨. ସହଭାଗୀ ପଠନ
୩. ଲୋଗୋ ଗ୍ରାଫିକ ପଠନ / ସାଙ୍କେତିକ ପଠନ (ପ୍ରଥମ ୪ ସପ୍ତାହ)
୪. ମାର୍ଗଦର୍ଶୀ ପଠନ
୫. ପଠନ ଅଭିନୟ
୬. ସ୍ୱାଧୀନ ପଠନ

- ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ଶିକ୍ଷଣକାର୍ଯ୍ୟ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେବେ ।
- ଏହା ପୂର୍ବରୁ ସାଧାନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ପଠନ ଓ ପଠନର ସୋପାନଗୁଡ଼ିକ ସମ୍ପର୍କରେ ସବିଶେଷ ଧାରଣା ଦେବେ ।
- ସାଧାନକର୍ମୀ ପଠନର ବିଭିନ୍ନ ସୋପାନଗୁଡ଼ିକ ମଧ୍ୟରୁ ଗୋଟିକୁ ନେଇ ଶିକ୍ଷଣ କାର୍ଯ୍ୟ ପ୍ରଦର୍ଶନ କରିବେ ।

## ଶିକ୍ଷକଙ୍କ ଆଦର୍ଶ ଉଚ୍ଚ ପଠନ "ବେଲୁନ"

**ଶିକ୍ଷଣ କାର୍ଯ୍ୟ - ୧ (ବିଗ ବୁକ ରୁ ପଠନ)**

- ସକ୍ରିୟାତ୍ମକ କାର୍ଯ୍ୟ - ଯେ କୌଣସି ଛୋଟ କବିତା ନେଇ କାର୍ଯ୍ୟଟି କରିବେ
- ପିଲାମାନଙ୍କୁ ଗୋଲାକାରରେ ବସାଇ ପୂର୍ବଦିନ ପଢାଯାଇଥିବା କାହାଣୀର ପୁନରାଲୋଚନା କରିବେ
- ଆଜି ପଢ଼ାଇବାକୁ ଥିବା କାହାଣୀ ଟିକୁ ଦୁଇଥର ପଢ଼ିବେ । ଶୁଦ୍ଧ ଉଚ୍ଚାରଣ, ସ୍ୱରର ଉତଥାନ ପତନ ସହ କାହାଣୀଟିକୁ ପଢ଼ିବେ
- ପଢ଼ିବା ସମୟରେ ପ୍ରତ୍ୟେକ ପୃଷ୍ଠାର ଶବ୍ଦଗୁଡ଼ିକ ଉପରେ ବାମରୁ ଡାହାଣ ଆଡକୁ ଆଙ୍ଗୁଳି ଚାଳନା କରିବେ
- କଠିନ / ନୂତନ / ଅପରିଚିତ ଶବ୍ଦଗୁଡ଼ିକର ଅର୍ଥ ଉଦାହରଣ ସହ ସରଳ ବାକ୍ୟରେ ଦେବେ
- ନୂତନ ଶବ୍ଦ ଗୁଡ଼ିକର ବାକ୍ୟ ଗଠନ କରିବା ପାଇଁ କହିବେ
- ପୁନର୍ବାର ଶିକ୍ଷକ କାହାଣୀଟିକୁ ପଢ଼ିବେ, ପିଲାମାନେ ଶିକ୍ଷକଙ୍କ ସହ ପଢ଼ିବେ । ଏହି ପ୍ରକ୍ରିୟା ୨/୩ ଥର ଚାଲିବ
- ପଢ଼ିବା ସମୟରେ ମଝିରେ ମଝିରେ ବିରାମ ଦେବେ
- ମୁଖ୍ୟ ଶବ୍ଦ ଗୁଡ଼ିକ ଡ୍ରଇଂ ସିଟ ରେ ଲେଖି ଶ୍ରେଣୀରେ ଟାଙ୍ଗିବେ
- ଶେଷରେ କାହାଣୀର ମୁଖ୍ୟ ଶବ୍ଦଗୁଡ଼ିକ କଳାପଟାରେ ଲେଖିବେ ଏବଂ ଏହାକୁ ୩/୪ ଥର ପଢନ୍ତୁ । ଏବେ ପିଲାମାନଙ୍କୁ ଏହି ଶବ୍ଦଗୁଡ଼ିକର ପଠନ ଅଭ୍ୟାସ କରାଇବେ । ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନାକୁ ଆଗେଇ ନେବେ ।

ପ୍ରଶ୍ନ ୧- ଗପ ପଢ଼ି ଶୁଣାଇବା ଓ ଆଲୋଚନା ଭାଷା ବିକାଶରେ କିପରି ସାହାଯ୍ୟ କରିବେ ?

ଉତ୍ତର – ନୂତନ ଶବ୍ଦ ଶିଖିବ, ଅର୍ଥ ଜାଣିବ, ଶବ୍ଦର ପ୍ରୟୋଗ ବିଧି ଜାଣିବ ।
ପ୍ରଶ୍ନ ୨- ଗପ ପଢ଼ି ଶୁଣାଇବା ପାଇଁ ଆମେ କେଉଁ ଉପାୟ ଅବଲମ୍ବନ କରିବା ?
ଉତ୍ତର – ପରିସ୍ଥିତି ଅନୁଯାୟୀ ସ୍ୱରର ଉତ୍ଥାନ ପତନ । ମଝିରେ ମଝିରେ ଛୋଟ ଛୋଟ ପ୍ରଶ୍ନ ପଚାରିବେ ।
ପ୍ରଶ୍ନ ୩- ବଡ ବହି ପଢ଼ିବା ସମୟରେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟିଦେବା ବା ଉପାୟ ଅବଲମ୍ବନ କରିବା ?
ଉତ୍ତର – ଶିକ୍ଷଣ କାର୍ଯ୍ୟ ଅନୁଯାୟୀ କରିବେ ।
ପ୍ରଶ୍ନ ୪- ଏହି କାର୍ଯ୍ୟକୁ ଶ୍ରେଣୀରେ କିପରି ପରିଚାଳନା କରିବା ?
ଉତ୍ତର – ପାଠଯୋଜନା ଅନୁଯାୟୀ କରିବେ ।
ସାମଗ୍ରୀ - ବିଗ ବୁକ
ସଂକ୍ଷେପଣ- ଅଂଶଗ୍ରହଣକାରୀମାନେ ଗପ ପଢ଼ି ଶୁଣାଇବାର ଉଦ୍ଦେଶ୍ୟ, ଶୈଳୀ, ବିଗବୁକ ବ୍ୟବହାର କରିବାର ଉପାୟ, ଗପ ପଢ଼ି ଶୁଣାଇବାର ସୋପାନ, ଶ୍ରେଣୀଗୃହରେ ଗପ ପଢ଼ି ଶୁଣାଇବାର ପାଠ ଯୋଜନା ବର୍ଣ୍ଣନା କରିବେ ।

## ପାଠଯୋଜନା (ସମୟ-୪୦ ମିନିଟ୍)

**ମୌଖିକ ଭାଷା ବିକାଶ କାର୍ଯ୍ୟ (୨୦-୨୫ ମିନିଟ୍)**

- ସକ୍ରିୟାତ୍ମକ କାର୍ଯ୍ୟ ଛୋଟ କବିତାଟିଏ ନେଇ କରିବା ।
- ବଡ଼ବହିର ନିର୍ଦ୍ଦିଷ୍ଟ କାହାଣୀ ଉଚ୍ଚ ପଠନ କରିବେ (ଅନୁନ୍ୟ ଦୁଇଥର) ।
- ପଢ଼ିବା ସମୟରେ ଅନୁମାନ ଓ ସାଧାରଣ ତଥ୍ୟଭିତ୍ତିକ ପ୍ରଶ୍ନ ପଚାରିବେ ।
- କଳ୍ପନା, ଅନୁଭୂତି, ଅନୁମାନ ଓ ତର୍କ ଆଧାରିତ ପ୍ରଶ୍ନ ପଚାରି ପିଲାମାନଙ୍କୁ ସମୃଦ୍ଧ କରିବେ ।
- ପିଲାଙ୍କୁ କାହାଣୀଟିକୁ ପଢ଼ିବା ପାଇଁ କହିବେ ।

**ସାଙ୍କେତିକ ଶବ୍ଦ ପଠନ (Logographic Reading)**

- କାହାଣୀରେ ଥିବା ମୁଖ୍ୟ ଶବ୍ଦକୁ ଶିକ୍ଷକ କଳାପଟାରେ ଲେଖିବେ ଓ ପଢ଼ିବେ ।
- ଶବ୍ଦଗୁଡ଼ିକୁ କହି ପିଲାମାନଙ୍କୁ କହିବା ପାଇଁ କହିବେ ।
- ଶିକ୍ଷକ ଶବ୍ଦଗୁଡ଼ିକୁ ଶ୍ରେଣୀଗୃହର କାନ୍ଥରେ ଡ୍ରଇଂ ସିଟରେ ଲେଖି ମାରିବେ ଓ ୩ରୁ ୪ ଥର ପଢ଼ିବେ । ପିଲାଙ୍କୁ ସେହି ଶବ୍ଦଗୁଡ଼ିକୁ ପଢ଼ିବା ପାଇଁ କହିବେ ।

**ମୌଖିକ ଶବ୍ଦଭଣ୍ଡାର ଅଭିବୃଦ୍ଧି -**

- କାହାଣୀ ଆଧାରିତ ମୁଖ୍ୟ ଶବ୍ଦଗୁଡ଼ିକୁ ଚିହ୍ନଟ କରିବେ ।
- ଅର୍ଥ କହିବେ ଓ ଘର ଭାଷାରେ ସେହି ଶବ୍ଦର ବ୍ୟବହାର କରିବେ ।
- ଶବ୍ଦ ଗୁଡ଼ିକୁ ବ୍ୟବହାର କରି ବାକ୍ୟ କହିବେ ।
- ଶବ୍ଦ ଗୁଡ଼ିକୁ ବ୍ୟବହାର କରି କଥାବାର୍ତ୍ତା କରିବେ ।

**ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍ )**

- ପିଲାମାନଙ୍କୁ କାହାଣୀ ଆଧାରିତ ଚିତ୍ର ଅଙ୍କନ କରି ରଙ୍ଗ ଦେବା ପାଇଁ ଶିକ୍ଷକ କହିବେ ।
- ଯୋଡ଼ି / ଦଳରେ ଚିତ୍ର କରି ରଙ୍ଗଦେବେ ଓ ଦଳରେ ଆଲୋଚନା କରିବେ ।
- ଶେଷରେ ଶିକ୍ଷକ କାହାଣୀରେ ଥିବା ମୁଖ୍ୟ ଶବ୍ଦ ଗୁଡ଼ିକୁ ଲେଖିବା ପାଇଁ କହିବେ ।

**ସଂକ୍ଷେପଣ:**

- ଶିକ୍ଷକ ପ୍ରତ୍ୟେକ ପିଲାଙ୍କୁ ଅଂଶ ଗ୍ରହଣର ସୁଯୋଗ ଦେବେ ।

- ପିଲାମାନଙ୍କର ପଠନ ପାଇଁ ପର୍ଯ୍ୟାପ୍ତ ପରିମାଣର ଶିକ୍ଷଣ ସାମଗ୍ରୀ ଓ ସୁଯୋଗ ସୃଷ୍ଟି କରିବେ ।

## ସହଭାଗୀ ପଠନର ଶିକ୍ଷଣକାର୍ଯ୍ୟ

### ଶିକ୍ଷଣକାର୍ଯ୍ୟ-୨ (କାଉ କାହିଁକି କଳା)

ଶିକ୍ଷକ ବଡବହିର ବ୍ୟବହାର କରି ସହଭାଗୀ ପଠନର ପ୍ରଦର୍ଶନ କରିବେ ।

- ଏଥିପାଇଁ ଦ୍ୱିତୀୟ ଶ୍ରେଣୀର ୧ନ ପାଠ (ବଡ଼ବହି) ରୁ "କାଉ କାହିଁକି କଳା" ପାଠଟିକୁ ପିଲାମାନଙ୍କ ସହିତ ପଢ଼ିବେ ।
- କାହାଣୀଟିକୁ ପଢ଼ିବା ପୂର୍ବରୁ ସାଧାନକର୍ମୀ ଗପଟିକୁ ଆଲୋଚନା ପ୍ରକ୍ରିୟାରେ ପିଲାମାନଙ୍କୁ କହିଥିବେ ।
- କାହାଣୀଟିକୁ ପୂର୍ବରୁ ଶୁଣିଥିବାରୁ କାଉ କାହିଁକି କଳା ହେଲା ପିଲା ସେ ବିଷୟରେ ଅନୁମାନ କରିବ ।
- କାହାଣୀଟିରେ ଥିବା ପ୍ରତ୍ୟେକ ଚିତ୍ର ସମ୍ପର୍କରେ ପିଲାମାନଙ୍କୁ ଧାରଣା ଦିଆଯିବ ।
- କାହାଣୀଟିରେ ଥିବା ଶବ୍ଦ ଯଥା: ଅଙ୍ଗାର, ପାଉଁଶ, କଳି, ଚୁଲି ପ୍ରଭୃତି ସହିତ ପରିଚିତ କରାଇବେ ।
- କାହାଣୀର ପରବର୍ତ୍ତୀ ଘଟଣା ସମ୍ପର୍କରେ ଅନୁମାନ କରିବା ପାଇଁ ପିଲାଙ୍କୁ କୁହାଯିବ ।

ଏହାପରେ ପ୍ରଶିକ୍ଷକ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନା କରିବେ ।

ପ୍ରଶ୍ନ ୧- ସହଭାଗୀ ପଠନ ସମୟରେ ଶିକ୍ଷକ କେଉଁସବୁ ଦିଗପ୍ରତି ଦୃଷ୍ଟି ଦେବେ ?

ଉତ୍ତର - ପୂର୍ବରୁ କାହାଣୀଟିକୁ କହିବେ, ନୂତନ ଚିତ୍ର ନୂତନ ଶବ୍ଦ ପ୍ରତି ଗୁରୁତ୍ୱ ଦେବେ ଅର୍ଥ ନିର୍ମାଣ କାର୍ଯ୍ୟ ପ୍ରତି ଦୃଷ୍ଟି ଦେବେ ।

ପ୍ରଶ୍ନ ୨- ସହଭାଗୀ ପଠନର ଆବଶ୍ୟକତା କ'ଣ ?

ଉତ୍ତର - ଶବ୍ଦ ସହ ଧ୍ୱନିରା ସମ୍ପର୍କ, ଶୁଦ୍ଧ ଉଚ୍ଚାରଣ, ଚିତ୍ର ଧ୍ୱନି ସମ୍ପର୍କ, କାହାଣୀର ଶୁଦ୍ଧ ପଠନ ସହିତ ପିଲାର ଅନୁମାନ, ଅନୁକରଣ ଓ ଅବଧାରଣ ଶକ୍ତିର ଅଭିବୃଦ୍ଧି ଘଟିବ ।

ପ୍ରଶ୍ନ ୩ - ଶ୍ରେଣୀଗୃହରେ ସହଭାଗୀ ପଠନ ଆଧାରିତ ଶିକ୍ଷକକାର୍ଯ୍ୟ କିପରି କରାଯିବ ?

ଉତ୍ତର- ଶିକ୍ଷଣ କାର୍ଯ୍ୟ ଆଧାରରେ ଆଲୋଚନା କରାଯିବ । ସୂଚନା ଫର୍ଦ୍ଦରେ ପ୍ରଦତ୍ତ ।

## ସହଭାଗୀ ପଠନ

## ପାଠଯୋଜନା (ସମୟ - ୪୦ ମିନିଟ୍ )

### ମୌଖିକ କାର୍ଯ୍ୟ - ୨୦ ରୁ ୨୫ ମିନିଟ୍

- ଗୋଟିଏ ଛୋଟ କବିତାକୁ ନେଇ ସକ୍ରିୟାତ୍ମକ କାର୍ଯ୍ୟ କରିବେ ।
- କାହାଣୀଟିକୁ ପିଲାମାନେ ପୂର୍ବରୁ ଶୁଣିଥିବା ଆବଶ୍ୟକ ।
- ପୁସ୍ତକ ବିଷୟରେ କହି ଓ ପିଲାଙ୍କୁ ଦେଖେଇ ପଢା ହେବା ଆବଶ୍ୟକ ।
- କାହାଣୀରେ ଥିବା ଚିତ୍ର ସମ୍ପର୍କରେ ପିଲାଙ୍କ ସହ ଶିକ୍ଷକ କଥାବାର୍ତ୍ତାକରିବେ ।
- ଅନୁମାନ କରିବା ପାଇଁ ପିଲାଙ୍କୁ ସୁଯୋଗ ଦିଆଯିବ ।
- କାହାଣୀରେ ଥିବା ଗୋଟିଏ ଦୁଇଟି ଶବ୍ଦ ଉପରେ ଅଧିକ ଗୁରୁତ୍ୱ ଦେବେ ଯାହା ଫଳରେ ପିଲା ଏହାକୁ ଚିହ୍ନିପାରିବ ।

### ଶବ୍ଦଭଣ୍ଡାର ଅଭିବୃଦ୍ଧି

- ପରଦିନ ପଠନ ସମୟରେ ପିଲା ଓ ଶିକ୍ଷକ ବାକ୍ୟଗୁଡ଼ିକ ଏକ ସଙ୍ଗେ ପଢ଼ିବେ ।
- ପିଲାମାନେ କିଛିକିଛି ଶବ୍ଦ ପଢ଼ିବା ପାଇଁ ସୁଯୋଗ ଦିଆଯିବ ।
- ବାକ୍ୟଗୁଡ଼ିକୁ ବାମରୁ ଡାହାଣ ଏବଂ ଉପରୁ ତଳ ପଢ଼ିବା ସମୟରେ ଗୋଟିଏ ଦୁଇଟି ଶବ୍ଦକୁ ଗୁରୁତ୍ୱର ସହିତ ପଢ଼ିବେ ଯେପରି ପିଲା ଏହାକୁ ଚିତ୍ରପରି ଚିହ୍ନି ପାରିବେ ।

### ଲିଖନ ଆଧାରିତ କାର୍ଯ୍ୟ (୧୦-୧୫ ମିନିଟ୍)

- ଲିଖିତ ପାଠ ଓ ଚିତ୍ରର ସମ୍ପର୍କ ଅନୁଯାୟୀ କାର୍ଯ୍ୟ ହେବ ।
- ଗୋଟିଏ କାହାଣୀ ଉପରେ ସର୍ବନିମ୍ନ ଦୁଇଦିନ କାର୍ଯ୍ୟ କରାଯିବ ।
- ଲିଖିତ ପାଠର ଅର୍ଥ ସମ୍ପର୍କରେ ଧାରଣା ଦେବେ ।

ସାମଗ୍ରୀ – ବଡ଼ବହି

**ସଂକ୍ଷେପଣ :**

- ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ ନିଶ୍ଚିତ କରାଯିବ ।
- ମୌଖିକ କାର୍ଯ୍ୟ, ଶବ୍ଦଭଣ୍ଡାର ଅଭିବୃଦ୍ଧି ଓ ଲିଖନ ଆଧାରିତ କାର୍ଯ୍ୟ ଗୁଡ଼ିକ କରିବାକୁ ଉତ୍ସାହିତ କରିବେ ।

## <u>ଲୋଗୋଗ୍ରାଫିକ ପଠନ / ସାଙ୍କେତିକ ପଠନ</u>

**ଶିକ୍ଷଣ କାର୍ଯ୍ୟ - ୩ (ପ୍ରଥମ ଦିନର କାମ)**

**ସାମଗ୍ରୀ- ବଡ଼ବହି**

**<u>ଭେଣ୍ଡିର ବାହାଘର</u>**

- ଏକ ଛୋଟ କବିତାକୁ ସକ୍ରିୟାତ୍ମକ କାର୍ଯ୍ୟ ଭାବରେ ନିଆଯିବ ।
- ପିଲାମାନଙ୍କୁ ଗୋଲାକାରରେ ବସାଯିବା ।
- କାଲି ଆମେ କ'ଣ ପଢ଼ିଥିଲେ ? କାହାଣୀର ନାମ କ'ଣ ଥିଲା ? କାହାଣୀରେ କ'ଣ ଘଟିଥିଲା ?
- ଶିକ୍ଷକ 'ଭେଣ୍ଡିର ବାହାଘର' ପାଠଟିକୁ ପରିସ୍ଥିତି ଅନୁଯାୟୀ ସ୍ୱରର ଉତଥାନ ପତନ ଅନୁଯାୟୀ ପଢ଼ିବେ । ପଢ଼ିବା ସମୟରେ ପୃଷ୍ଠାରେ ଥିବା ଶବ୍ଦଗୁଡ଼ିକ ଉପରେ ବାମରୁ ଡାହାଣକୁ ଆଙ୍ଗୁଳି ଦେଇ ଚିହ୍ନଟ କରି ପଢ଼ିବେ ।
- କାହାଣୀରେ ଥିବା କଠିନ / ନୂତନ ଶବ୍ଦ ଗୁଡ଼ିକର ଅର୍ଥ ପିଲାମାନଙ୍କର ପରିବେଶ ଓ କାହାଣୀକୁ ସମ୍ପର୍କିତ କରି ବୁଝାଇବେ ।
- ଶବ୍ଦଗୁଡ଼ିକର ଅର୍ଥ ସରଳ ବାକ୍ୟରେ ବୁଝାଇବେ ।
- ପିଲାମାନଙ୍କ ମଧ୍ୟରେ ସେହି ଶବ୍ଦକୁ ବ୍ୟାବହାର କରି ବାକ୍ୟ ଗଠନ କରିବାକୁ କହିବେ ।
- ଶିକ୍ଷକ ଦ୍ୱିତୀୟଥର କାହାଣୀଟିକୁ ପଢ଼ିବେ ଓ ପିଲାମାନେ ଶିକ୍ଷକଙ୍କ ସହ ପଢ଼ିବାକୁ ନିର୍ଦ୍ଦେଶ ଦେବେ ।
- ପିଲାମାନେ ଚିତ୍ର / କାହାଣୀ ସମ୍ପର୍କିତ ନିଜସ୍ୱ ଶବ୍ଦ କହିବା ବେଳେ ଶିକ୍ଷକ ବିରାମଦେବେ ।
- ଏହି ପ୍ରକ୍ରିୟା ଦୁଇ / ତିନିଥର ଚାଲିବ ।
- ଶେଷରେ କିଛି ମୁଖ୍ୟ ଶବ୍ଦ ଯେପରି ଭେଣ୍ଡି, ବାହାଘର, ବାଇଗଣ, ପରିବା, ଆଳୁ,କଖାରୁ, ପୋଟଳ, କଲରା, ଭୋଜି ଆଦି ଶବ୍ଦକୁ ଶିକ୍ଷଣ ବୋର୍ଡ଼ରେ ଲେଖିବେ ଓ ତିନି ଚାରିଥର ପଢ଼ିବେ ଓ ପିଲାଙ୍କ ଦ୍ୱାରା ପଠନ ଅଭ୍ୟାସ କରାଇବେ । ଡ୍ରଇଂ ସିଟରେ ଏହି ଶବ୍ଦଗୁଡ଼ିକୁ ଲେଖି ଶ୍ରେଣୀରେ ଝୁଲାଇବେ ।

**(ପ୍ରଥମ ଦିନର କାମ)**

**<u>ଲୋଗୋଗ୍ରାଫିକ ପଠନ / ସାଙ୍କେତିକ ପଠନ</u>**

- ବଡ ଅକ୍ଷରରେ ଶ୍ରେଣୀର ପ୍ରତ୍ୟକ ପିଲାଙ୍କ ନାମ ଶିକ୍ଷକ ପୂର୍ବରୁ ଲେଖି କାର୍ଡ ଆଣିଥିବେ । ଶ୍ରେଣୀରେ 'ନିଜ ନାମ ଖୋଜ' ରୁ କାର୍ଯ୍ୟ ଆରମ୍ଭ କରିବେ, ଛୋଟଛୋଟ ଦଳରେ ବାଣ୍ଟି କାର୍ଡ ଦେଇ ନିଜ କାମ ଖୋଜିବାକୁ କହିବେ ।
- ପୂର୍ବଦିନର କାହାଣୀ ସମ୍ପର୍କରେ କିଛି ପ୍ରଶ୍ନ ପଚାରିବେ ।
- ପୁନର୍ବାର ଶିକ୍ଷକ କାହାଣୀଟିକୁ ଆଦର୍ଶ ପଠନ କରିବେ । ଶୁଦ୍ଧ ଉଚ୍ଚାରଣ, ପରିସ୍ଥିତି ଅନୁଯାୟୀ କଥନ ଭଙ୍ଗୀ ସହ ପଠନ କରିବେ । ବାମରୁ ଡାହାଣକୁ ପଢ଼ିବେ ।
- ପିଲାମାନଙ୍କୁ ଶିକ୍ଷକଙ୍କ ସହ ପଢ଼ିବାପାଇଁ କହିବେ । କାହାଣୀ ଓ ଏଥିରେ ଥିବା ଚିତ୍ର ସମ୍ପର୍କିତ ନିଜସ୍ୱ ଶବ୍ଦ କହିବା ବେଳେ ଶିକ୍ଷକ ବିରାମ ଦେବେ । ଏହି ପ୍ରକ୍ରିୟା ଦୁଇତିନି ଥର ଚାଲିବ ।

- ଶିକ୍ଷକ ପିଲାମାନଙ୍କୁ କାହାଣୀ ସମ୍ପର୍କିତ ପ୍ରଶ୍ନ ପଚାରିବେ । କିଛି ସମୟ ପରେ ପ୍ରଶ୍ନ ପଚାରିବେ । ପ୍ରଶ୍ନ ଗୁଡ଼ିକ ଏପରି ହୋଇପାରେ :

ପ୍ରଶ୍ନ ୧ - ଏହି କାହାଣୀରେ ଆଗକୁ କ'ଣ ଘଟିବ ?

ପ୍ରଶ୍ନ ୨ - ତୁମେ 'ଭେଣ୍ଡିର ବାହାଘର' ବିଷୟରେ କ'ଣ ଭାବୁଛ ?

ଡ୍ରଇଂସିଟରେ ଶିକ୍ଷକ ପୂର୍ବଦିନରୁ ଲେଖାଥିବା ଶବ୍ଦଗୁଡ଼ିକୁ ଦେଖାଇ ପିଲାଙ୍କ ପଠନ ଅଭ୍ୟାସ କରାଇବେ । କଳାପଟାରେ ଏହି ଶବ୍ଦ ମଧ୍ୟ ଲେଖି ପାରନ୍ତି ?

(ସହଭାଗୀ ପଠନରେ ମଧ୍ୟ ଏପରି କରାଯାଇପାରେ)

## ପାଠଯୋଜନା

### ଲୋଗୋଗ୍ରାଫିକ ପଠନ

- ପିଲାଙ୍କ ନାମରୁ ଆରମ୍ଭ କରାଯାଇପାରେ ।
- ଶିକ୍ଷକ ଆଦର୍ଶ ପଠନ କରିବାପରେ କାହାଣୀରେ ଥିବା କଠିନ / ନୂତନ ଶବ୍ଦ ଗୁଡ଼ିକୁ ପିଲାଙ୍କ ପରିବେଶ ଓ କାହାଣୀ ସହ ସମ୍ପର୍କିତ କରି ବୁଝାଇବେ ।
- ଶବ୍ଦଗୁଡ଼ିକର ଅର୍ଥ ସରଳ ବାକ୍ୟ ମାଧ୍ୟମରେ ବୁଝାଇବା ଏବଂ ସେହି ଶବ୍ଦ କୁ ନେଇ ବାକ୍ୟ ଗଠନ କରିବାକୁ ପିଲାଙ୍କୁ ସୂଚନା ଦେବେ ।
- ଶିକ୍ଷକ ଦ୍ୱିତୀୟ ଥର କାହାଣୀଟିକୁ ପଢ଼ିବେ ଓ ପିଲାମାନେ ଶିକ୍ଷକଙ୍କ ସହ ପଢ଼ିବେ ।
- କାହାଣୀ ସମ୍ପର୍କିତ ନୂତନ / ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଶିକ୍ଷକ ଲେଖିବେ ଓ ବାରମ୍ବାର ପଢ଼ିବେ
- ଦ୍ୱିତୀୟ ଦିନ ଶିକ୍ଷକ କାହାଣୀର ପୁନରାଲୋଚନା କରିସାରିବା ପରେ ପାଠଟିକୁ ପୁନର୍ବାର ପଢ଼ିବେ । (ଆଦର୍ଶ ପଠନ)
- ଶିକ୍ଷକ କାହାଣୀ ସମ୍ପର୍କିତ ପ୍ରଶ୍ନ ପିଲାଙ୍କୁ ପଚାରିବେ । ଏଥିରେ ମୁଖ୍ୟତଃ ଅନୁମାନ ଭିତ୍ତିକ ପ୍ରଶ୍ନ ରହିବ ।
- କଳାପଟା / ଡ୍ରଇଂସିଟରେ ଶବ୍ଦଗୁଡ଼ିକୁ ଲେଖି ବାରମ୍ବାର ପିଲାଙ୍କ ପଠନ ଅଭ୍ୟାସ କରାଇବେ ।

### ଶିକ୍ଷଣ କାର୍ଯ୍ୟ -୪

## ଶିକ୍ଷକଙ୍କ ମାର୍ଗଦର୍ଶନରେ ପଠନ

**(ଦୁଇଦିନରେ କାର୍ଯ୍ୟ ହେବ) (ଡିକୋଡେବଲ୍ / ସରଳୀକୃତ ପାଠ ଉପରେ କାର୍ଯ୍ୟ)**

**(ସାମଗ୍ରୀ - ବଡ଼ବହି / ପଠନ)**

**"ସିଂହର ଗୁମ୍ଫା"**

- ବଡ଼ବହିରୁ ' ସିଂହର ଗୁମ୍ଫା' କିମ୍ବା ଯେକୌଣସି ପାଠର କାର୍ଡ ର ଶୀର୍ଷକ ଓ ଚିତ୍ର ଉପରେ ଶିକ୍ଷକ ଆଲୋଚନା କରିବେ।
- ଶିକ୍ଷକ ପରିସ୍ଥିତି ଅନୁଯାୟୀ ସ୍ୱରର ଉତଥାନ ପତନ ସହ ପାଠଟିକୁ ପଢ଼ିବେ ।
- ପିଲାମାନେ ନିଜ ନିଜ ବହିରେ / କାର୍ଡରେ ଏହାକୁ ଦେଖିବେ ।
- ଶିକ୍ଷକ ପାଠରେ ଥିବା ନୂତନ ଓ କଷ୍ଟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ପଢ଼ିବେ ।
- ପିଲାମାନେ ଯୋଡ଼ିରେ ବସି ପାଠଟିକୁ ପଢ଼ିବେ ।
- ଏବେ ପିଲାମାନେ ସ୍ୱାଧୀନ ଭାବରେ ପାଠଟିକୁ ପଢ଼ିବେ ।

ଏହାପରେ ପ୍ରଶିକ୍ଷକ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନା କରିବେ ।

ପ୍ରଶ୍ନ ୧ - ଶିକ୍ଷକଙ୍କ ମାର୍ଗଦର୍ଶନରେ ପଠନ ସମୟରେ ଶିକ୍ଷକ କେଉଁ ସବୁ ଦିଗପ୍ରତି ଦୃଷ୍ଟି ଦେବେ ।

ଉତ୍ତର - ଶୀର୍ଷକ ଓ ଚିତ୍ର ଉପରେ ପୂର୍ବରୁ ଆଲୋଚନା ହେବ । ନୂତନ ଓ କଠିନ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଓ ପଢ଼ିବେ।

ପ୍ରଶ୍ନ ୨ – ମାର୍ଗଦର୍ଶୀ ପଠନର ଆବଶ୍ୟକତା କ'ଣ ?

ଉତ୍ତର - ଶୀର୍ଷକର ଅର୍ଥ ଜାଣିବେ, ଚିତ୍ର ସହ ଧ୍ୱନିର ସମ୍ପର୍କ ଜାଣିବେ । ଶୁଦ୍ଧ ଉଚ୍ଚାରଣ, ବନାନ ପ୍ରଭୃତି ଜାଣିବେ ।

ପ୍ରଶ୍ନ ୩ - ଶ୍ରେଣୀଗୃହରେ ମାର୍ଗଦର୍ଶୀ ପଠନ ଆଧାରିତ ଶିକ୍ଷଣ କାର୍ଯ୍ୟ କିପରି କରାଯିବ ?

ଉତ୍ତର - ଶିକ୍ଷଣ କାର୍ଯ୍ୟ ଆଧାରରେ ଆଲୋଚନା କରାଯିବ ।

## ପାଠଯୋଜନା

### ଶିକ୍ଷକଙ୍କ ମାର୍ଗଦର୍ଶନରେ ପଠନ

- ଶିକ୍ଷକ ପିଲାମାନଙ୍କୁ ଦଳରେ ବା ଯୋଡ଼ିରେ ବସିବେ ।
- ପ୍ରତି ଦଳକୁ ବା ଯୋଡ଼ିକୁ ଏକା ପ୍ରକାରର ପଠନ କାର୍ଡ ଦିଆଯିବ ଏବଂ ପଢ଼ିବାକୁ କୁହାଯିବ । ଅଲଗା ଅଲଗା ଯୋଡ଼ିରେ ଅଲଗା କାର୍ଡ ମଧ୍ୟ ଦିଆଯାଇପାରେ ।
- କୌଣସି ଏକ ଦଳରେ (ଯେଉଁଠି ପଠନ ପାଇଁ ସାହାଯ୍ୟର ଆବଶ୍ୟକତା ଥିବ) ଶିକ୍ଷକ ଯାଇ କାର୍ଡ ବିଷୟରେ ଅଳ୍ପ ସମୟ ଆଲୋଚନା କରିବେ ଓ କାର୍ଡକୁ ପଢ଼ି ଶୁଣାଇବେ । ତା'ପରେ ସେମାନଙ୍କୁ କାର୍ଡ ପଢ଼ିବାକୁ କହିବେ ।
- ଶିକ୍ଷକ ଗଭୀର ଭାବରେ ଶୁଣିବେ ଯେ ପିଲାମାନେ କିପରି ପଢୁଛନ୍ତି ଓ ସେମାନଙ୍କୁ ଆବଶ୍ୟକତା ଅନୁସାରେ ସାହାଯ୍ୟ କରିବେ।
- ପଢ଼ିବା ପରେ ପିଲାଙ୍କ ସହ କାର୍ଡ ବିଷୟରେ ଆଲୋଚନା କରାଯିବ ।
- ଏହି ଭଳି ଅନ୍ୟ ଯୋଡ଼ି / ଦଳକୁ ଯାଇ ଉପରୋକ୍ତ ସୋପାନ ଭଳି ସେମାନଙ୍କ ସହିତ କାର୍ଯ୍ୟ କରିବେ, ଗୋଟିଏ ଦିନରେ ୨-୩ ଯୋଡ଼ି / ଦଳ ରେ କାର୍ଯ୍ୟ କରିବେ । ବାକି ରହିଯାଇଥିବାଦଳରେ ଅନ୍ୟ ଦିନ କାମ କରିବେ ।
- ସରଳୀକୃତ ପାଠରେ ଡିକୋଡେବଲ୍ ପାଠ ଭଳି  କାର୍ଯ୍ୟ ହେବ, ଯେହେତୁ ସରଳୀକୃତ ପାଠ ଲମ୍ବା ତେଣୁ ପ୍ରତ୍ୟେକ ପାଠ ୨ ଦିନ ହେବ ।
- କାର୍ଡର ସଂଖ୍ୟା ଅନୁସାରେ ଯୋଡ଼ି ବା ଦଳ ତିଆରି କରାଯିବ ।

### ଶିକ୍ଷଣ କାର୍ଯ୍ୟ – ୫

## ପଠନ ଅଭିନୟ

**(ସାମଗ୍ରୀ - ବଡ଼ବହି)**

- ଏକ ଛୋଟ କବିତାକୁ ସକ୍ରିୟାତ୍ମକ କାର୍ଯ୍ୟଭାବରେ ନିଆଯିବ ।
- ପିଲାମାନଙ୍କୁ ଗୋଲାକାରରେ ବସାଇ ପୂର୍ବଦିନ ହୋଇଥିବା ଆଲୋଚନାରୁ କିଛି ପ୍ରଶ୍ନ ପଚାରିବେ ।
- ଶିକ୍ଷକ ପିଲାମାନଙ୍କ ସହିତ କାହାଣୀଟିକୁ ସହଭାଗୀ ପଠନ କରିବେ ।
- ପଠନ ସମୟରେ ଚିତ୍ର / କାହାଣୀ ଆଧାରରେ ପିଲାମାନେ ନିଜସ୍ୱ ଶବ୍ଦ କହିବା ବେଳେ ଶିକ୍ଷକ ବିରାମ ନେବେ । ଏହି ପ୍ରକ୍ରିୟା ଦୁଇ / ତିନି ଥର ଚାଲିବ ।
- ଶିକ୍ଷକ ପିଲାମାନଙ୍କ ସହିତ କାହାଣୀ ସମ୍ପର୍କରେ ଆଲୋଚନା କରିବେ ।
- ଉଚ୍ଚ ସ୍ତରୀୟ ଚିନ୍ତନ ପାଇଁ ପିଲାଙ୍କୁ ସୁଯୋଗ ଦେବେ ଓ କିଛି ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ ।
- ପୂର୍ବଦିନ ଆଲୋଚନା କରାଯାଇଥିବା କଠିନ / ଅପରିଚିତ ଶବ୍ଦ ସମ୍ପର୍କରେ ଶିକ୍ଷକ ପୁନର୍ବାର ପିଲାଙ୍କ ସହ ଆଲୋଚନା କରିବେ। କିଛି ପିଲାଙ୍କୁ ସେହି ଶବ୍ଦ କୁ ବାକ୍ୟ ଗଠନ କରିବାକୁ ନିର୍ଦ୍ଦେଶ ଦେବେ ।
- ଶ୍ରେଣୀରେ ୫/୬ ଜଣ ପିଲାଙ୍କୁ ଡାକି ବିଗବୁକକୁ ପଢ଼ିବା ପାଇଁ କହିବେ, ବରଂ ଛାପା ଲେଖାକୁ ବୁଝିପାରିବା, ବହିକୁ ଠିକ ରୂପେ ଓଲଟାଇବା, ବାମରୁ ଡାହାଣକୁ ପଢ଼ିବା ଏହାର ଉଦ୍ଦେଶ୍ୟ ମାତ୍ର ବିଗବୁକକୁ ଠିକ ରୂପେ ପଢ଼ିବା ଏହି କାମର ଉଦ୍ଦେଶ୍ୟ ନୁହେଁ।
- ଡ୍ରଇଂସିଟରେ ଲେଖା ଯାଇଥିବା ଶବ୍ଦଗୁଡ଼ିକୁ ପିଲାମାନେ ପଢ଼ିବା ପାଇଁ ଶିକ୍ଷକ ନିର୍ଦ୍ଦେଶ ଦେବେ । କଳାପଟାରେ ମଧ୍ୟ ଏହା ଲେଖାଯାଇପାରେ, ଏହାଦ୍ୱାରା ଶିକ୍ଷକ ପିଲାଙ୍କ ପଠନ ଅଭ୍ୟାସ କରାଇବେ ।

ପ୍ରଶ୍ନ ୧ – ପଠନ ଅଭିନୟର ଆବଶ୍ୟକତା କ'ଣ ?

ଉତ୍ତର – ଛାପାଲେଖାକୁ ବୁଝିବା, ବହିକୁ ଠିକ ରୂପେ ଓଲଟାଇବା, ବାମରୁ ଡାହାଣକୁ ପଢ଼ିବା କାମ ସହିତ ପିଲାମାନେ ପରିଚିତ ହେବେ।

ପ୍ରଶ୍ନ ୨ – 'ପଠନ ଅବିନୟ' ସମୟରେ ଶିକ୍ଷକ ବହି ପଢ଼ି ପାରୁନଥିବା ପିଲାମାନଙ୍କୁ ଚିହ୍ନଟ କରିବେ ଓ ଆବଶ୍ୟକ ସହାୟତା ଯୋଗାଇବେ।

## ପାଠଯୋଜନା

### ପଠନ ଅଭିନୟ

- ଏହି ସୋପାନରେ ଶିକ୍ଷକ ଶୁଦ୍ଧ ପଠନ ବା ପ୍ରବାହପୂର୍ଣ୍ଣ ପଠନ ଉପରେ ଗୁରୁତ୍ୱ ଦେବେ ନାହିଁ ।
- ପିଲାଙ୍କ ଦ୍ୱାରା ବହିକୁ ଓଲଟପାଲଟ କରି ଦେଖିବାକୁ ସୂଚନା ଦେବେ ।
- ଶବ୍ଦ କାନ୍ଥରେ ପୂର୍ବରୁ ଲେଖା ଥିବ ଶବ୍ଦକୁ ବଡ ବହିରୁ ଖୋଜିବା ପାଇଁ କହିବେ ଏବଂ ପିଲାମାନେ ସେହି ଶବ୍ଦକୁ ଶବ୍ଦ କାନ୍ଥରେ ଚିହ୍ନାଇବା ପାଇଁ କହିବେ ।
- ଶବ୍ଦ କାନ୍ଥରେ ଅତିବେଶୀରେ ଆଠଟି ଶବ୍ଦ ରହିବ ।
- ପିଲାମାନେ ବ୍ୟକ୍ତିଗତ ଭାବେ ଅଲଗା ଅଲଗା ବସି ବହି ପଢ଼ିବେ ।
- ଯେଉଁ ପିଲାମାନେ କାହାଣୀ / ଗଳ୍ପ ପଢ଼ି ପାରିବେ ନାହିଁ ସେମାନଙ୍କୁ ବହି ଧରିବା, ଚିତ୍ର ଦେଖିବା ପାଇଁ ସୁଯୋଗ ଦେବେ ।
- ପିଲାଙ୍କୁ ବହି ଧରିବା ପାଇଁ ସ୍ୱତନ୍ତ୍ର ସମୟ ଦିଆଯିବ, ଯେଉଁମାନେ ବହି ପଢ଼ିପାରିବେ ନାହିଁ ସେମାନେ ବହି ଧରିବା, ଚିତ୍ର ଦେଖିବା କାମ କରିବେ ।

### ଶିକ୍ଷଣ କାର୍ଯ୍ୟ – ୬

## ସ୍ୱାଧୀନ ପଠନ

**(ସାମଗ୍ରୀ - ବହି / କାର୍ଡ)**

- ସାଧାନକର୍ମୀ / ଶିକ୍ଷକ ପିଲାମାନଙ୍କୁ ବହି / କାର୍ଡ ଦେଇ ପଢ଼ିବାକୁ କହିବେ, ଏଥିପାଇଁ ୧୦/୧୨ ମିନିଟ୍ ସମୟ ଦିଆଯିବ ।
- ସମସ୍ତ ପିଲାଙ୍କୁ ଶିକ୍ଷକ କାହାଣୀର ଚରିତ୍ର, ଚିତ୍ର, ଘଟଣା ବିଷୟରେ ପଚାରିବେ ।
- ଯେଉଁପିଲାମାନେ ପଢ଼ିବା ପାଇଁ ଅସୁବିଧା / କଷ୍ଟ ର ସମ୍ମୁଖୀନ ହେଉଛନ୍ତି ସେମାନଙ୍କୁ ମଧ କାର୍ଡ ଦିଆଯିବ, ଯେଉଁପିଲାମାନେ ଏମାନଙ୍କୁ ସାହାଯ୍ୟ କରିପାରିବେ ତାଙ୍କ ସହ ବସିବାର ବ୍ୟବସ୍ଥା କରାଯିବ ।
- ପଢ଼ିସାରିବା ପରେ ଶିକ୍ଷକ କାହାଣୀର କୌଣସି ଚରିତ୍ରକୁ ଅଭିନୟ କରିବାକୁ କହିବେ ଓ ପରେ ସମ୍ପୂର୍ଣ କାହାଣୀକୁ କହିବାକୁ କହିବେ ।
- କୌଣସି ଏକ ବହିର ନାମ କହି ସେହି ବହିରେ ଥିବ କାହାଣୀ ସମ୍ପର୍କରେ ପିଲାମାନଙ୍କୁ କହିବାକୁ କହିବେ ।
- ପିଲାମାନଙ୍କୁ କୌଣସି କାହାଣୀର ଚରିତ୍ର ବିଷୟରେ କହିବେ ଓ ପିଲାମାନଙ୍କୁ ସେହି ଚରିତ୍ର ଥିବ ବହି ଖୋଜି ଆଣିବା ପାଇଁ କହିବେ ଓ କାହାଣୀକୁ ସମସ୍ତଙ୍କୁ କହିବାକୁ କହିବେ ।

ପ୍ରଶ୍ନ ୧ – ସ୍ୱାଧୀନ ପଠନ ସମୟରେ ଶିକ୍ଷକ ପିଲାମାନଙ୍କର ନିପୁଣତା ଜାଣିବା ପାଇଁ କେଉଁ କେଉଁ କାମ କରିବେ ?

ଉତ୍ତର – କାହାନିରୁ ଚରିତ୍ର, ଚିତ୍ର, ଘଟଣା ସମ୍ପର୍କରେ ପଚାରିବେ, କୌଣସି ଚରିତ୍ରରେ ଅଭିନୟ କରିବାକୁ କହିବେ, ସମ୍ପୂର୍ଣ୍ଣ କାହାଣୀ କହିବାକୁ କହିବେ, ଚରିତ୍ର ନାମ କହି ବହି ଖୋଜିବାକୁ କହିବେ ।

## ପାଠଯୋଜନା

### ସ୍ୱାଧୀନ ପଠନ

- ସମସ୍ତ ପିଲାଙ୍କୁ ଶିକ୍ଷକ ଗୋଟିଏ ସ୍ଥାନକୁ ଡାକି କାହାଣୀ / ଚରିତ୍ର / ଚିତ୍ର ସମ୍ପର୍କରେ କଥାବାର୍ତ୍ତା କରିବେ ।
- କାହାଣୀର ଘଟଣା / ଚରିତ୍ର / ଚିତ୍ର ସମ୍ପର୍କରେ ପିଲାଙ୍କ ଠାରୁ ଜାଣିବାକୁ ଚେଷ୍ଟା କରିବେ ।

- ଏହି କଥାବାର୍ତ୍ତା / ଆଲୋଚନା ର ଉଦ୍ଦେଶ୍ୟ - ପିଲାମାନଙ୍କୁ ପଢ଼ିବା ପାଇଁ ଉତ୍ସାହିତ କରିବା, ସେମାନଙ୍କର ରୁଚି ଓ ଆଗ୍ରହକୁ ବଜାୟ ରଖିବା ଓ ପଢ଼ିବାରେ ଆସୁଥିବା କଷ୍ଟ / ଅସୁବିଧାକୁ ବୁଝିବା - ତେଣୁ ଶିକ୍ଷକ ତଦନୁଯାୟୀ ସୁଯୋଗ ସୃଷ୍ଟିକରିବେ ।

ପ୍ରଶ୍ନ ୭ - ପଠନ ବୋଧଗମ୍ୟତା ପାଇଁ ବଡ ବହିରୁ ଉଦାହରଣ ସ୍ୱରୂପ ଗୋଟିଏ ଛୋଟ ଅନୁଛେଦ ଦିଆଯିବ । ଶିକ୍ଷକ ପିଲାମାନଙ୍କୁ ଅନୁଛେଦଟି ପଢ଼ିବାକୁ ଦେଇ ସେଥିରୁ କେତୋଟି ପ୍ରଶ୍ନ ତିଆରି କରିବା ପାଇଁ କହିବେ, ପ୍ରଶ୍ନର ସଂଖ୍ୟା ଉପରେ ଗୁରୁତ୍ୱ ଦେବେ ନାହିଁ, ପିଲାମାନେ ନିଜର ସାମର୍ଥ୍ୟ ଅନୁଯାୟୀ ଏହା କରିବା ପାଇଁ ଉତ୍ସାହିତ କରିବେ ।

**ଅନୁଛେଦ – "ଚଢେଇ ଗଲା ଉଡ଼ି"**

ଚଢେଇଟିଏ ପୋଖରୀରୁ ପାଣି ପିଇବାକୁ ଗଲା, ପାଣି ପିଉପିଉ ସେ ପୋଖରୀରେ ବୁଡ଼ିଗଲା । ଏତିକିବେଳେ ସେଠାକୁ ବିଲେଇଟିଏ ଆସିଲା । ଚଢେଇଟି ବିଲେଇକୁ ସାହାଯ୍ୟ ମାଗିଲା । ବିଲେଇ କହିଲା - ଠିକ ଅଛି, ହେଲେ ମୁଁ ତତେ ଖାଇବି ।

**ଉପରେ ଦିଆଯାଇଥିବା ଅନୁଛେଦଟି ପଢ଼ିବା ପରେ ପିଲାମାନଙ୍କୁ ପ୍ରଶ୍ନ ତିଆରି କରିବା ପାଇଁ ସମୟ ଦିଆଯିବ ।**

- ପଠନ ବୋଧଗମ୍ୟତା ପାଇଁ କୌଶଳ / ପ୍ରଣାଳୀ ସମ୍ପର୍କରେ Handouts ରେ ବିଷଦ ଭାବରେ ଆଲୋଚନା କରାଯାଇଛି।

ପ୍ରଶ୍ନ ୮- ଏହି ଅଧିବେଶନରେ ଆଲୋଚନାରୁ ଆମେ କ'ଣ ଶିଖିଲେ ?

ଉତ୍ତର - ଅଂଶଗ୍ରହଣକାରୀ ମାନଙ୍କ ଉତ୍ତର ଆଧାରରେ ଆଲୋଚନା କରାଯିବ ।

ପ୍ରଶ୍ନ ୯- ପଠନ କୌଶଳର ଅଭିବୃଦ୍ଧି ପାଇଁ ଆପଣଙ୍କ ଭୂମିକା କ'ଣ ?

ଉତ୍ତର -

- ପଠନ ସାମଗ୍ରୀର ପର୍ଯ୍ୟାପ୍ତ / ଉପଯୁକ୍ତ ବ୍ୟବହାର ।
- ପଠନ ବୋଧଗମ୍ୟତା ପାଇଁ ପର୍ଯ୍ୟାପ୍ତ କାର୍ଯ୍ୟ ।
- ବିଭିନ୍ନ ପ୍ରକାର ପଠନ କାର୍ଯ୍ୟ ର ସଫଳ ପରିଚାଳନା ପାଇଁ ପରିଦର୍ଶନ ସମୟରେ ସହାୟତା ।
- ପଠନ ସହାୟତା ପାଇଁ ଶିକ୍ଷକଙ୍କୁ ମାର୍ଗଦର୍ଶନ / ପ୍ରଶିକ୍ଷଣ ।
- ବିଦ୍ୟାଳୟ ପରିଦର୍ଶନ ସମୟରେ ଶ୍ରେଣୀରେ ଉପୁଜୁଥିବା ପଠନ ସମସ୍ୟାର ଚିହ୍ନଟ ଓ ନିରାକରଣ ବ୍ୟବସ୍ଥା ।
- ମାସିକ ବୈଠକ ସମୟରେ ପଠନ ସମସ୍ୟାର ବିନିମୟ ।

## ତଥ୍ୟ ଫର୍ଦ୍ଦ – ୧

## ପଠନ

### ପଠନର ବୋଧଗମ୍ୟତା ପାଇଁ କୌଶଳ/ପ୍ରଣାଳୀ :-

ଶ୍ରେଣୀରେ ପିଲାମାନଙ୍କର ପଠନ ଦକ୍ଷତାର ବିକାଶ ଏକ ସୁବ୍ୟବସ୍ଥିତ ଢଙ୍ଗରେ ହେବା ଉଚିତ । ଏଥିପାଇଁ ଏକ ଯୋଜନାର ଆବଶ୍ୟକତା ରହିଛି । କେବଳ ଅକ୍ଷର ଚିହ୍ନି ଗଲେ ଯେ ପଠନ ହୋଇଗଲା ତାହା ଭାବିବା ଭୁଲ । ପଠନ ପାଇଁ ବହୁ ପ୍ରକାରର ସହାୟତା ପିଲାଟି ପାଇଁ ଆବଶ୍ୟକ । ପିଲାଙ୍କର ବହି ପ୍ରତି କିପରି ଆଗ୍ରହ ବିକଶିତ ହେବ, ଆଗ୍ରହର ସହ ବହିଟିକୁ ପଢ଼ିବେ, ସେଥିପାଇଁ ଏକ ଶୃଙ୍ଖଳିତ ଯୋଜନା କରାଯିବା ଉଚିତ ଏବଂ ତା ଉପରେ କାର୍ଯ୍ୟ କରାଯିବା ଉଚିତ । ବିଦ୍ୟାଳୟକୁ ଆସିବା ପୂର୍ବରୁ ପିଲାମାନେ ଚିତ୍ର ଦେଖି କରିବା / ଚିତ୍ର ପଠନ, ଇତ୍ୟାଦି କାମ କରିଥାନ୍ତି । ମାତ୍ର ଛପା ଅକ୍ଷର ସହ ପିଲାମାନେ ବେଶୀ ପରିଚିତ ହୋଇନଥାନ୍ତି । ଏଣୁ ଭାଷା ଜ୍ଞାନ ଆହରଣରେ ପଠନର ଯଥେଷ୍ଟ ଆବଶ୍ୟକତା ରହିଛି । ଲିଖିତ ଭାଷାକୁ ପିଲାମାନେ ବୁଝିବା ସହ ପଠନ କିପରି କରିବେ ତାହା ହିଁ ପ୍ରକୃତରେ ଆମ ମାନଙ୍କ ପାଇଁ ଏକ ଆହ୍ୱାନ । ପିଲାମାନଙ୍କୁ ପଠନରେ ଆଗ୍ରହ ବଢାଇବା ପାଇଁ ବିଭିନ୍ନ ପ୍ରକାରର ଗପର ଚିତ୍ର ଥିବା ବହି ଏବଂ ବହିକୁ ଓଲଟ ପାଲଟ କରି ଦେଖିବାକୁ ବାରମ୍ବାର ସୁଯୋଗ ଦେବା ଉଚିତ । ବହିକୁ ବାରମ୍ବାର ଦେଖିବା ଫଳରେ କିଛି ଶବ୍ଦ ଚିହ୍ନିବା ଆରମ୍ଭ କରଥାନ୍ତି । ଧୀରେ ଧୀରେ ପିଲାମାନେ ଶବ୍ଦରୁ ବାକ୍ୟ ଆଡକୁ ପଠନ ପାଇଁ ଆଗେଇଥାନ୍ତି । ସେତେବେଳେ ତାକୁ ଆବଶ୍ୟକ ସାହଯ୍ୟର ଆବଶ୍ୟକତା ରହିଛି, ଏ ବାବଦରେ ଶିକ୍ଷକ ମାନେ ଯତ୍ନବାନ ହେବା ଉଚିତ ।

ବିଦ୍ୟାଳୟର ପ୍ରାରମ୍ଭିକ ସ୍ତରରେ ପ୍ରଥମରୁ ତୃତୀୟ ଶ୍ରେଣୀ ମଧରେ ଶିଶୁଟି ପ୍ରବାହପୂର୍ଣ୍ଣ ପଠନର କୌଶଳ ଶିଖିଥାନ୍ତି । ସେମାନଙ୍କ ସହ ପ୍ରତ୍ୟକ୍ଷ ଓ ସଚେତନ ଭାବେ ପଠନ ନିମନ୍ତେ କାର୍ଯ୍ୟ କରିବା ଆବଶ୍ୟକ । ଏଥିପାଇଁ ସେମାନଙ୍କୁ ଅଭ୍ୟାସ କାର୍ଯ୍ୟର ସୁଯୋଗ ଦେବା ଉଚିତ । ନିମ୍ନରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟ ଉକ୍ତ ବିଷୟ ପାଇଁ ପ୍ରଯୁଜ୍ୟ ଅଟେ ।

| | | |
|---|---|---|
| ଅନୁମାନ କରିବା | ଚିତ୍ର ସଂଯୋଜନା କରିବା | ପ୍ରଶ୍ନ ପଚାରିବା ସହ ଆଲୋଚନା କରିବା |
| ପାଠର ମୁଖ୍ୟ କଥାବସ୍ତୁ ବାହାର କରିବା | ସାର ସଂକଳନ / ପୁନଃ ଶୁଣାଇବା | |

**୧. ଅନୁମାନ କରିବା :-**

ଅନୁମାନ କରିବା ଅର୍ଥ ପାଠଟିକୁ ପଢ଼ିବା ସମୟରେ ପାଠ ବିଷୟକୁ ନିଜ ଜ୍ଞାନାନୁଭୂତି ସହ ଚିନ୍ତା କରି ପାଠ ଉପରେ ନିଜସ୍ୱ ଟିପ୍ପଣୀ ଦେବା । ଏକ ଭଲ ପାଠକ ପାଠଟିକୁ ପଢ଼ିବା ପୂର୍ବରୁ ଏବଂ ପଢ଼ିବା ସମୟରେ ଅନୁମାନ କରିଚାଲନ୍ତି । ଶିଶୁମାନଙ୍କୁ ଶୀର୍ଷକ, ଚିତ୍ର ଦେଖି ପାଠ ବିଷୟରେ ଅନୁମାନ କରିବା ଇତ୍ୟାଦି କଳାକୁ ଶିଖାଯିବା ଉଚିତ ।

ଉଦାହରଣସ୍ୱରୂପ: ୨ୟ ଶ୍ରେଣୀର 'କହିଲ ଦେଖି' ବିଷୟରେ ଦିଆଯାଇଥିବା ଚିତ୍ର, ବିଷୟବସ୍ତୁ ଇତ୍ୟାଦିକୁ କାହାଣୀ ପଢ଼ିବା ପୂର୍ବରୁ ଓ ପଢ଼ିବା ସମୟରେ ଅନୁମାନ କିପରି କରିବା ତା'ର ଆଲୋଚନା ନିମ୍ନରେ ଦିଆଯାଇଛି ।

କାହାଣୀ ପଢ଼ିବା ପୂର୍ବରୁ ଅନୁମାନ କରିବା: ଏଥିପାଇଁ ଆବଶ୍ୟକ ପ୍ରଶ୍ନଗୁଛ-

- ପାଠର ଶୀର୍ଷକକୁ ପଢ଼ି ଅନୁମାନ କରିପାରୁଛ କି ବିଷୟରେ କ'ଣ ଥାଇପାରେ ।
- ଚିତ୍ର ଦେଖି ଅନୁମାନ କର କାହାଣୀରେ ସେମାନଙ୍କ ବିଷୟରେ କ'ଣ କୁହାଯାଇଥିବ ।
- ଚିତ୍ରରେ ଥିବା ପଶୁ, ପକ୍ଷୀଗୁଡ଼ିକର ନାମ କୁହ ।
- ଚିତ୍ରରେ ଥିବା ପଶୁ, ପକ୍ଷୀଗୁଡ଼ିକ ଆମକୁ କିପରି ସାହାଯ୍ୟ କରନ୍ତି ।

କାହାଣୀ ପଢ଼ିବା ସମୟରେ ଅନୁମାନ କରିବା :

ବିଷୟକୁ ପଢୁଥିବା ସମୟରେ ମଝିରେ ଅନୁମାନ କରିବା । ପ୍ରତି ପଦ୍ୟାଂଶକୁ ପଢ଼ି ସେମାନଙ୍କର ନାମ କହିବାକୁ ପଚାରିବା ।

କା' କା' କରି ସିଏ ରାବଇ<br>
ନିଦରୁ ଆମକୁ ଦିଏ ଉଠାଇ<br>
କିଏ ସେ କହିବ ତା' ନାମ ଭାଇ ?

- ଏହି ପଦ୍ୟାଂଶରେ କାହା ବିଷୟରେ କୁହାଯାଇଛି ?
- ତା'ର ରଙ୍ଗ କିପରି ?
- ସେ କେଉଁଠି ରହେ ଇତ୍ୟାଦି ।

ଏହି ପ୍ରକ୍ରିୟା ଦ୍ୱାରା ଏହା ଭାବିବା ଆବଶ୍ୟକ ଯେ ଯାହା ଅନୁମାନ କରାଯାଉଛି, ତାହା କାହିଁକି କଲେ, ଏହା ଦ୍ୱାରା ଶିଶୁଟିର ଉତ୍ତର ବିଷୟରେ ଗଭୀରତାର ସହ ଚିନ୍ତା କରିବ ଓ ବିଚାର କରିବ ।

**୨. ଚିତ୍ର ସଂଯୋଜନା କରିବା :-**

ଯେକୌଣସି ସୂଚନାକୁ ଆମେ ଯେବେ ଚିତ୍ର ମାଧ୍ୟମରେ ସଂଗଠିତ କରୁ । ତା'ର ଦୃଶ୍ୟାତ୍ମକ ଛବି ନିରୂପଣ କରୁ ତେବେ ତାହା ଚିତ୍ର ସଂଯୋଜନା ଦ୍ୱାରା ସଂଗଠିତ ହୋଇଥାଏ ।

- ଏହା ଦ୍ୱାରା ପିଲାମାନେ ସୂଚନା ଅନୁସାରେ ନିଜ ମନରେ ଚିତ୍ର ସଂଯୋଜନା ଗଠନ କରନ୍ତି ଓ ଘଟଣାକୁ ଦୃଷ୍ଟିପାତ କରନ୍ତି।
- ଏହା ଦ୍ୱାରା ପିଲାମାନେ ସେହି କଥାବସ୍ତୁର ଆକର୍ଷଣୀୟ ଓ ମହତ୍ତ୍ୱପୂର୍ଣ୍ଣ ଅଂଶଟି ବାଛି ପାରନ୍ତି ।
- ପିଲାମାନେ ପାଠ/ଗଳ୍ପର ଭିନ୍ନ ଭିନ୍ନ ଅବଧାରଣା/ଘଟଣାକୁ କ୍ରମରେ ତା' ସହ ସମ୍ବନ୍ଧ ସ୍ଥାପନ କରି ବୁଝିବାକୁ ଚେଷ୍ଟା କରନ୍ତି
- ଚିତ୍ର ସଂଯୋଜନା ଏହି ପ୍ରକାର ହୋଇଥାଏ । ତଳେ "ଚିତ୍ର ଦେଖି ଗପ କୁହ" ଆଧାରରେ ଚିତ୍ର ସଂଯୋଜନା ଦିଆଯାଇଛି

**ଶୋଷିଲା କାଉ ଗପର ବିଭିନ୍ନ ଅଂଶ –**



(ଉତ୍ସ - ୨ୟ ଶ୍ରେଣୀ 'ଚିତ୍ର ଦେଖି ଗପ କୁହ')

ଦିନେ ଗୋଟିଏ କାଉକୁ ପ୍ରବଳ ଶୋଷ କରୁଥିଲା ।

↓

ସେ ଚାରିଆଡ଼େ ବୁଲି ବୁଲି ଗୋଟିଏ କୂଅ ପାଖରେ ପହଞ୍ଚିଲା ।

↓

କୂଅ ପାଖରେ ଗୋଟିଏ ମାଠିଆରେ ଅଳ୍ପ ପାଣି ଥିବାର ଦେଖିଲା ।

↓

ପାଣି ପିଇବାକୁ ଚେଷ୍ଟା କଲା ।

↓

କିନ୍ତୁ ତା' ଥଣ୍ଟ ପାଇଲା ନାହିଁ ।

↓

ଏକ ଉପାୟ ଚିନ୍ତା କଲା ।

↓

ପାଖରେ ଥିବା ଗୋଡ଼ିକୁ ଆଣି ମାଠିଆରେ ପକାଇଲା ।

↓

ପାଣି ଉପରକୁ ଉଠିଗଲା ।

↓

ପାଣି ପିଇ ଆନନ୍ଦରେ କାଉ ଉଡ଼ିଗଲା ।

ଚିତ୍ର ସଂଯୋଜନା ଅନେକ ପ୍ରକାରର ହୋଇଥାଏ । ଏହା ତୁଳନା କରିବା, କାରଣ ଓ ପ୍ରଭାବ ବୁଝାଇବା ପାଇଁ ସହାୟକ ହୋଇଥାଏ ।

## ୩. ପ୍ରଶ୍ନ ପଚାରିବା ଓ ଆଲୋଚନା କରିବା :-

ବୋଧଗମ୍ୟତାକୁ ବଢ଼ାଇବା ପାଇଁ ଶିଶୁକୁ ଉଚ୍ଚସ୍ତରୀୟ ପ୍ରଶ୍ନ ପଚାରିବା ଏବଂ ତା' ଉପରେ ଆଲୋଚନା କରି ବୁଝିବା ପ୍ରକ୍ରିୟାରେ ସବୁଠାରୁ ବଡ଼ ଅସ୍ତ୍ର ଅଟେ । ଯଦି ପ୍ରଶ୍ନ କେବଳ ହଁ ବା ନାହିଁ ରେ ଉତ୍ତର ଆଧାରିତ ହୁଏ ତା'ହେଲେ ଏହି ପ୍ରଶ୍ନର ମୂଲ୍ୟ ନାହିଁ କହିଲେ ଚଳେ । ପ୍ରଶ୍ନ ଏପରି ହେବା ଆବଶ୍ୟକ, ଯାହାର ବହୁମୁଖୀ ଉତ୍ତର ହୋଇପାରୁଥିବ । ଶିଶୁକୁ ଚିନ୍ତା କରିବା ପାଇଁ ପ୍ରବର୍ତ୍ତାଉଥିବ । ଯେଉଁଥିରେ ଶିଶୁର ବୋଧଗମ୍ୟତା ଦକ୍ଷତା ବିକଶିତ ହେବ ।

"କହିଲ ଦେଖି" ବିଷୟରୁ କେତେଗୁଡ଼ିଏ ପ୍ରଶ୍ନର ଉଦାହରଣ ଦିଆଗଲା :-

**କ) ପୂର୍ବଜ୍ଞାନ ଆଧାରିତ ପ୍ରଶ୍ନ -**

- ଆମ ଚତୁଃପାର୍ଶ୍ୱରେ କେଉଁସବୁ ପଶୁପକ୍ଷୀଙ୍କୁ ଦେଖୁଛେ ?
- ସେମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଗୃହପାଳିତ ଓ କେଉଁ ଗୁଡ଼ିକ  ବଣରେ ରୁହନ୍ତି ?

**ଖ) ତଥ୍ୟ ଆଧାରିତ ପ୍ରଶ୍ନ -**

- କେଉଁ ପଶୁ ଘର ଜଗେ ?
- କେଉଁ ପକ୍ଷୀ ଆମକୁ ନିଦରୁ ଉଠାଏ ?
- କୁହୁକୁହୁ କେଉଁ ପକ୍ଷୀ ରାବେ ?

**ଗ) ଶବ୍ଦ ଭଣ୍ଡାର ଆଧାରିତ ପ୍ରଶ୍ନ -**

- ନୀଡ଼, ଅମୃତ, ମନୋହର ଶବ୍ଦ ବ୍ୟବହାର କରି ବାକ୍ୟ ଗଠନ କର ।
- କୁହୁକୁହୁ ଶବ୍ଦ ପରି ଆଉ ଦୁଇଟି ଶବ୍ଦ ଲେଖ ।
- ମଧୁର, ଅଜଣା, ରଚନା ଶବ୍ଦର ଅର୍ଥ ଲେଖ ।

**ଘ) ଜୀବନ ସହିତ ଜଡ଼ିତ ପ୍ରଶ୍ନ -**

- କାଉ ଆମକୁ ଆଉ କିପରି ସାହାଯ୍ୟ କରେ ?
- କୁକୁର ଘରେ ରଖାଯାଏ କାହିଁକି ?
- ଗାଈଠାରୁ ଆମେ କ'ଣ ପାଉ ?

ଏହିପରି ଭାବେ ଉପସଂହାର ଆଧାରିତ ପ୍ରଶ୍ନ, ବିଶ୍ଳେଷଣ / ଯୁକ୍ତି କରିବା ପାଇଁ ପ୍ରଶ୍ନ, ଚିନ୍ତାଶୀଳ ପ୍ରଶ୍ନ ପଚରାଯାଇପାରେ । ଯାହାକି ପିଲାକୁ ଗଭୀର ଭାବେ ଚିନ୍ତା କରିବାର ସୁଯୋଗ ଦିଏ ଓ ଭାଷା ଶିକ୍ଷଣର କୌଶଳ ବୃଦ୍ଧି କରିବାରେ ସହାୟତା କରେ ।

## ୪. ପାଠର ମୁଖ୍ୟ କଥାବସ୍ତୁ ବାହାର କରିବା: (ମୁଖ୍ୟାଂଶକୁ ଜାଣିବା)

ପାଠଟି ପଢ଼ିବା ପରେ ଅବା କହିବା ପରେ ତାକୁ ଶୁଣି ମନେରଖି ପୁଣି କହିବା ଏକ କଳା । ପିଲାମାନେ ବେଳେବେଳେ ଗଳ୍ପଟିକୁ ଶୁଣି ସେଥିରେ ମଜିଯାନ୍ତି, ସବୁ ଘଟଣାକୁ କହିଯାଆନ୍ତି । ବେଳେବେଳେ ସେମାନେ ତାଙ୍କୁ ଭଲ ଲାଗିଥିବା କଥାଟିକୁ କରନ୍ତି, ମନେ  ରଖନ୍ତି ଓ କୁହନ୍ତି । କେହି କେହି କେବଳ ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଗଳ୍ପଟିର ସାରମର୍ମ ବା ମୂଲ୍ୟବୋଧକୁ କହନ୍ତି । ଯେଉଁଥିରେ ଗପଟି ଆଧାରିତ। ଏହାକୁ ମୁଖ୍ୟାଂଶ ବର୍ଣ୍ଣନା କୁହାଯାଏ ।

**୫. ସାରାଂଶ ନିର୍ଣ୍ଣୟ/ପୁନଃ ବର୍ଣ୍ଣନା :**

ଦ୍ୱିତୀୟଥର ଗଳ୍ପ ଶୁଣାଇବା ତଥା ସାରାଂଶ ବର୍ଣ୍ଣନା କରିବା ଧାରାପ୍ରବାହ ଭାଷା ଶିକ୍ଷଣ ଉପରେ ଗୁରୁତ୍ୱ ଦିଏ । ଏହାଦ୍ୱାରା ଗଳ୍ପର ସଂରଚନା ବୋଧରେ ଶିଶୁ ପାରଙ୍ଗମତା ହାସଲ କରେ । ଗଳ୍ପର  ବିଷୟ ଚିନ୍ତନ, ବିଶ୍ଳେଷଣ କ୍ରମାନ୍ୱୟ କଥନ/ବଚନର ଅଭ୍ୟାସ ଆସିଥାଏ। ଏହାଦ୍ୱାରା ବ୍ୟକ୍ତିଗତ ପଠନ ଦୃଢ଼ୀଭୂତ ହୁଏ । ପିଲାମାନଙ୍କୁ ସାରାଂଶ କହିବା ଏବଂ ଶୁଣାଇବା ପାଇଁ ସୁଯୋଗ ପ୍ରାପ୍ତ ହେବା ଆବଶ୍ୟକ। ଶିଶୁ ମଧ୍ୟରେ ଗଳ୍ପର ସାରାଂଶ ନିର୍ଣ୍ଣୟର କ୍ରମ ନିମ୍ନୋକ୍ତ ପ୍ରକାର ହୋଇପାରେ ।

୧) ପ୍ରଥମେ ଶିକ୍ଷକ ନିଜେ ଗଳ୍ପକୁ ଶିଶୁମାନଙ୍କୁ ଶୁଣାଇବା ଆରମ୍ଭ କରନ୍ତୁ, ଗଳ୍ପକୁ କିପରି ସୁଗଠିତ ରୂପେ କହିବେ ।

୨) ସେ ଚାର୍ଟ ଏବଂ କାହାଣୀ ମାନଚିତ୍ରକୁ କ୍ରମରେ ପ୍ରଦର୍ଶନ କରି ଗଳ୍ପର ମୁଖ୍ୟ ବିଷୟବସ୍ତୁକୁ ଦର୍ଶାଇପାରିବେ । ଶୀର୍ଷକ ଓ ଚିତ୍ର ଗଳ୍ପର ପୃଷ୍ଠଭୂମି ଉପରେ ସମ୍ୟକ ଧାରଣା ଦେଇପାରିବେ । ମୁଖ୍ୟ ଚରିତ୍ର, ସମସ୍ୟା, ଘଟଣାର କ୍ରମ, ସମସ୍ୟାର ସମାଧାନ ଏବଂ କାହାଣୀର ଶେଷାଂଶକୁ ବର୍ଣ୍ଣନା କରିବା ଶିଖାଇବେ ।

୩) ଗଳ୍ପଟି ଶିକ୍ଷକ ଶିଶୁମାନଙ୍କୁ ଶୁଣାଇବା ସମୟରେ ନିଜେ ମଝିରେ ମଝିରେ ରହିଯାଇ, ଶିଶୁକୁ ଗଳ୍ପର ପରିସର ମଧ୍ୟକୁ ଟାଣି ଆଣିପାରିବେ ।

୪) ଧୀରେ ଭାବରେ ଶିଶୁମାନଙ୍କୁ ଚିତ୍ର ସଂଯୋଜନା ସହାୟତାରେ ଗଳ୍ପକୁ ପୁଣି ଶୁଣାଇବା ପାଇଁ କହିବେ । ଏହା ସହିତ ଆବଶ୍ୟକତା ଅନୁସାରେ ପୁନଃବର୍ଜନ ହେବା ଆବଶ୍ୟକ । ଯାହା ଫଳରେ ସେମାନେ ତାଙ୍କ ଦକ୍ଷତା ଓ କୌଶଳ ହାସଲ ଦିଗରେ ଆହୁରି ଭଲ କରିପାରିବେ ।

# ଲିଖନ ଦକ୍ଷତାର ବିକାଶ

**ଦିବସ : ତୃତୀୟ** **ଅବଧି – ୧ ଘଣ୍ଟା ୩୦ ମିନିଟ୍**

**ଅଧିବେଶନ : ଦ୍ୱିତୀୟ**

**ପ୍ରତ୍ୟାଶିତ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ –

- ଲିଖନ ଦକ୍ଷତାକୁ ବୁଝି ଭାଷା ଶିକ୍ଷଣରେ ଏହାର ଆବଶ୍ୟକତା ବିଷୟରେ ବର୍ଣ୍ଣନା କରିବେ ।
- ଲିଖନ ଦକ୍ଷତା ବିଖାସର ବିଭିନ୍ନ ସୋପାନ ବିଷୟରେ ଅବଗତ ହେବେ ଓ ଶ୍ରେଣୀଗୃହରେ ଲିଖନ କାର୍ଯ୍ୟ ପରିଚାଳନା କରିବେ।
- ସନ୍ତୁଳିତ ଲିଖନ ପାଇଁ କୌଶଳଗୁଡ଼ିକ ବୁଝି ସେଗୁଡ଼ିକୁ ଲିଖନ କାର୍ଯ୍ୟରେ ପ୍ରୟୋଗ କରିବେ ।
- ବିଭିନ୍ନ ପ୍ରକାର ଲିଖନ ସମ୍ପର୍କରେ ଅବଗତ ହେବେ ଓ ଶ୍ରେଣୀରେ ତତ୍ ସମ୍ପର୍କିତ ଲିଖନ କାର୍ଯ୍ୟ କରିବେ।

**ପ୍ରଣାଳୀ :**

**ଶିକ୍ଷଣ କାର୍ଯ୍ୟ -୧ – ଲିଖନ ଦକ୍ଷତା ଓ ଏହାର ଆବଶ୍ୟକତା ।**

( ବିସ୍ତୃତ ବିବରଣୀ ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦରେ ଦିଆଯାଇଛି)

ପ୍ରଶ୍ନ – ୧. ଲିଖନ କହିଲେ ଆମେ କ'ଣ ବୁଝୁ ?

୧.୧ ଆପଣ ଏହି ପ୍ରଶିକ୍ଷଣ ଗୃହର ଯେକୌଣସି ଗୋଟିଏ ବସ୍ତୁ / ପଦାର୍ଥ ବିଷୟରେ ୫ ରୁ ୬ ଟି ବାକ୍ୟ ଲେଖନ୍ତୁ ।

୧.୨ ପ୍ରଶ୍ନ - ଏହି ଲିଖନରେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରତିଫଳିତ ହୋଇଥିଲା ?

୨. ଭାଷା ଶିକ୍ଷଣରେ ଏହାର କ'ଣ ଆବଶ୍ୟକତା ରହିଛି ?

୩. ଲିଖନର ବିକାଶ ପାଇଁ କେଉଁ ସବୁ କୌଶଳଗୁଡ଼ିକ ହାସିଲ୍ କରିବା ଆବଶ୍ୟକ ।

ସଂକ୍ଷେପଣ – ସାଧନକର୍ମ PPT.1 & 2,3 ଆଧାରରେ ଖୋଲା ଆଲୋଚନାକରି ସଂକ୍ଷେପଣ କରିବେ ।

ସାମଗ୍ରୀ – PPT/ ଅନୁଚ୍ଛେଦ ଲେଖାଥିବା କାର୍ଡ଼/ ଚିତ୍ର କାର୍ଡ଼ / ସଂଳାପ ଲେଖିବା ପାଇଁ କାର୍ଡ଼/ ବନାନଗତ ତ୍ରୁଟି ଥିବା ଶବ୍ଦ କାର୍ଡ଼/ ବିରାମ ଚିହ୍ନ ସହିତ ଅନୁଚ୍ଛେଦ ।

**ଶିକ୍ଷଣ କାର୍ଯ୍ୟ – ୨ – ଲିଖନ ଦକ୍ଷତା ବିକାଶର ବିଭିନ୍ନ ସୋପାନ ( ବିସ୍ତୃତ ବିବରଣୀ ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦରେ ଦିଆ ଯାଇଛି ।)**

ପ୍ରଶ୍ନ – ୧. ପ୍ରତି ଦଳର କାର୍ଯ୍ୟ ସମାନ ଥିଲା କି ?

୨. କାର୍ଯ୍ୟଗୁଡ଼ିକ ସରଳରୁ ଜଟିଳ ଥିଲା କି ?

୩. ତେବେ ଏଥିପାଇଁ କାର୍ଯ୍ୟଗୁଡ଼ିକୁ କେଉଁ କ୍ରମରେ ରଖିବା ?

ସଂକ୍ଷେପଣ : ସାଧନକର୍ମୀ PPT- 4 ମାଧ୍ୟମରେ ଆଲୋଚନା କରି ସଂକ୍ଷେପଣ କରିବେ ।

ସାମଗ୍ରୀ – ଦଳଗତ କାର୍ଯ୍ୟ ଆଧାରିତ ଫ୍ଲାସକାର୍ଡ଼/ଚିତ୍ରକାର୍ଡ଼/ ଅକ୍ଷର ସାରଣୀ

( ବିଭିନ୍ନ ସୋପାନରେ ଥିବା ଲିଖନ କାର୍ଯ୍ୟର କେତେକ ପାଠଯୋଜନା ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦରେ ଦିଆଯାଇଛି)

**ଶିକ୍ଷଣ କାର୍ଯ୍ୟ – ୩ : ସନ୍ତୁଳିତ ଲିଖନ ପାଇଁ ଶୈକ୍ଷିକ କୌଶଳ ( ବିସ୍ତୃତ ବିବରଣୀ ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦରେ ଦିଆ ଯାଇଛି)**

ପ୍ରଶ୍ନ – ୧.ସନ୍ତୁଳିତ ଲିଖନ କହିଲେ ଆପଣ କ'ଣ ବୁଝନ୍ତି ?

୨.ଶ୍ରେଣୀଗୃହରେ ସନ୍ତୁଳିତ ଲିଖନର ବିକାଶ ପାଇଁ ଆମେ କି କି କୌଶଳ ଅବଲମ୍ବନ କରିପାରିବା ?

ସଂକ୍ଷେପଣ : ସାଧନକର୍ମୀ PPT 5, 6, 7 ସାହାଯ୍ୟରେ ଖୋଲା ଆଲୋଚନା କରି ସଂକ୍ଷେପଣ କରିବେ ।

ସାମଗ୍ରୀ : PPT/ Handout/ ଚର୍ଚ୍ଚାପତ୍ର

**ଶିକ୍ଷଣ କାର୍ଯ୍ୟ – ୪ ଲିଖନର ପ୍ରକାରଭେଦ**

(ବିସ୍ତୃତ ବିବରଣୀ ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦରେ ଦିଆଯାଇଛି)

ପ୍ରଶ୍ନ – ୧. ଦିଆଯାଇଥିବା ପରିସ୍ଥିତିଗୁଡ଼ିକ କେଉଁ ପ୍ରକାର ଲିଖନକୁ ସୂଚିତ କରୁଛି ?

୨. ବିଭିନ୍ନ ପ୍ରକାର ଲିଖନ ଦକ୍ଷତାର ବିକାଶ ପାଇଁ ଶିକ୍ଷକ ଶ୍ରେଣୀଗୃହରେ କେଉଁ ଦିଗ ପ୍ରତି ଧ୍ୟାନ ଦେବେ ।

ସଂକ୍ଷେପଣ : ବିଭିନ୍ନ ପ୍ରକାର ଲିଖନ ଯଥା ପ୍ରାରମ୍ଭିକ, ସହଭାଗୀ, ଶିକ୍ଷକଙ୍କ ସହାୟତା ଜନିତ ଓ ସ୍ୱାଧୀନ ଭାବରେ ଲିଖନ ଉପରେ ସୂଚନା ଦିଆଯିବ ଓ ତତ୍ ସମ୍ପର୍କିତ ଲିଖନ କାର୍ଯ୍ୟ ପରିଚାଳନା କରାଯିବ ।

ସାମଗ୍ରୀ : ୪ ଟି ପରିସ୍ଥିତି ( ଲିଖନ ଆଧାରିତ କାର୍ଯ୍ୟଫର୍ଦ୍ଦ)

- ଏହି ଅଧିବେଶନର ଆଲୋଚନାରେ ଆମେ କ'ଣ ଶିଖିଲେ ?
  (ସାଧନକର୍ମୀଙ୍କ ସୂଚନା ଆଧାରରେ)
- ଲିଖନ କୌଶଳର ବିକାଶ ନିମିତ୍ତ ଆପଣଙ୍କ ଭୂମିକା କ'ଣ ?
  (ସାଧନକର୍ମୀଙ୍କ ସୂଚନା ଆଧାରରେ)

## ସାଧନକର୍ମୀଙ୍କ ପାଇଁ ସୂଚନା

**ଶିକ୍ଷଣ କାର୍ଯ୍ୟ – ୧ – ଲିଖନ କ'ଣ ଓ ଏହାର ଆବଶ୍ୟକତା**

(ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଛୋଟଛୋଟ ଦଳରେ/ ଯୋଡ଼ିରେ ଭାଗ କରିବେ । ପ୍ରତ୍ୟେକ ଦଳକୁ ଲିଖନ ସମ୍ବନ୍ଧୀୟ ଭିନ୍ନଭିନ୍ନ ପ୍ରସଙ୍ଗ ଆଧାରିତ କାର୍ଯ୍ୟ ଦେବେ । ) ଯଥା –

- ଦେଖିକରି ଲେଖିବା- ଅନୁଚ୍ଛେଦ / ଢଗଢମାଳି
- ବନାନ ଶୁଦ୍ଧ କରି ଲେଖିବା
- ଉପଯୁକ୍ତ ବିରାମ ଚିହ୍ନ ଲଗାଇ ଲେଖିବା
- ପାରିବାବାଲା ସହ ମୂଲଚାଲ କରିବାର ସଂଳାପ ଲେଖିବା
- ଚିତ୍ର / ପୋଷ୍ଟରକୁ ଦେଖି ମନକୁ ଆସୁଥିବା କଥାକୁ ଲେଖିବା

ଉପରୋକ୍ତ କାର୍ଯ୍ୟ ସମାପ୍ତି ପରେ ଅଂଶଗ୍ରହଙ୍କାରୀଙ୍କ କାର୍ଯ୍ୟ ସମ୍ପର୍କିତ ଅନୁଭୂତିକୁ ସାଧନକର୍ମୀ ପ୍ରଶ୍ନ/ ଆଲୋଚନା ମାଧ୍ୟମରେ ଆଦାୟ କରିବେ । ଅନୁଭୂତିର ମୁଖ୍ୟ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିବେ ଯେପରି :

- ମଜା ଲାଗିବା
- ଆହୁରି ଜଟିଳ ହୋଇ ପାରି ଥାନ୍ତା
- ବୁଝି ହେଉ ନ ଥିଲା
- ଶୀଘ୍ର କାମ ସରିଗାଲା
- ଯନ୍ତ୍ରବତ୍ ଥିଲା
- ନୀରସ/ ଅନାଗ୍ରହ ବିଷୟବସ୍ତୁ ଥିଲା

ପ୍ରଶ୍ନ – ୧ ଲିଖନ କହିଲେ ଆମେ କ'ଣ ବୁଝୁ ?

ସମ୍ଭାବ୍ୟ ଉତ୍ତର - ଠିକ୍ ବନାନ ଲେଖିବା/ ବିରାମ ଚିହ୍ନ ଦେବା/ ବାକ୍ୟ ସଂରଚନା କରିବା ଓ ଦେଖି କରି ଲେଖିବା ଇତ୍ୟାଦି । ଏଗୁଡ଼ିକ ଲିଖନର ସହାୟକ ମାତ୍ର କିନ୍ତୁ ଲିଖନ ନୁହେଁ ।

ତେବେ ପ୍ରକୃତରେ ଲିଖନ କହିଲେ କ'ଣ ବୁଝ ? (ସ୍ଲାଇଡ ୯ ଅନୁଯାୟୀ ସାଧନକର୍ମୀ ଆଲୋଚନା ଓ ସଂକ୍ଷେପଣ କରିବେ)

ପ୍ରଶ୍ନ ୧.୧ ଆପଣ ଏହି ପ୍ରଶିକ୍ଷଣ ଗୃହର ଯେକୌଣସି ଗୋଟିଏ ବସ୍ତୁ / ପଦାର୍ଥ ବିଷୟରେ ୫ ରୁ ୬ ଟି ବାକ୍ୟ ଲେଖନ୍ତୁ । (ସ୍ଲାଇଡ ୧୧ ଅନୁଯାୟୀ ସାଧନକର୍ମୀ ଆଲୋଚନା ଓ ସଂକ୍ଷେପଣ କରିବେ)

**ପ୍ରଫେସର କୃଷ୍ଣ କୁମାରଙ୍କ ଆଲେଖ -**

ଲେଖିବା ହେଉଛି ଏକ ପ୍ରକାର କଥା ହେବା । ଲେଖିବା ସମୟରେ ଆମେ ଜଣକ ସହିତ ଭାବ ବିନିମୟ କରିଚାଲିଥାନ୍ତି । କିନ୍ତୁ ସେ ସମୟରେ ଆ କଥା ହେଉଥିବା ଲୋକ ଜଣକ ଆମ ସାମ୍ନାରେ ନଥାନ୍ତି । ସେ ଏକା ସମୟରେ ଏହା ବି ସତ ଯେ ଲେଖା ମାଧ୍ୟମରେ ଆମେ କେତେକ କଥାକୁ ସାଇତି ରଖିପାରୁ, ଯେପରି: କିଛି ତଥ୍ୟ, ନୂଆ ଚଇତନ, ଏକ ଅନୁଭବ, କିନ୍ତୁ ଏହି ଭୂମିକାରେ ଲେଖା ଏକ କଥା ପରି ହେଇଥାଏ । ଏହା ନିଜ ସହିତ କଥା ହେଲା ପରି ।

"ଲିଖନ ପିଲାମାନଙ୍କୁ ଏକ ଯାନ୍ତ୍ରିକ କୌଶଳ ରୂପେ ଶିଖାଯାଉଛି । ପ୍ରଥମେ ସେମାନଙ୍କୁ ଅକ୍ଷର ଲେଖି ଶିଖିବାକୁ ବାଧ କରାଯାଏ । ଏହି ଉପାୟରେ ସବୁ ବର୍ଣ୍ଣମାଳାକୁ ଲେଖି ଶିଖିବା ପାଇଁ ଅନେକ ସମୟ ଲାଗି ଯାଇଥାଏ । ଏହି ଅବଧି ମଧ୍ୟରେ ପିଲାମାନଙ୍କ ଦୃଷ୍ଟି କୋଣରୁ ଲିଖନର କୌଣସି ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ପରେ ସେମାନଙ୍କୁ କିଛି ଶବ୍ଦ ଓ ବାକ୍ୟ ଲେଖିବାକୁ କୁହାଯାଏ । ସେହି ସମୟରେ ସେମାନେ କ'ଣ ଲେଖିବେ ବୋଲି ଅଧ୍ୟାପକ ମୁହଁକୁ ଚାହିଁ ରହିଥାନ୍ତି । ସେମାନେ ଲେଖିବାରେ ନିଜର ଭାବନକୁ ଠିକ ଭାବେ ଅଭିବ୍ୟକ୍ତ କରି ପାରନ୍ତି ନାହିଁ ।

(ଉତ୍ସ- 'ପିଲାଙ୍କ ଭାଷା ଓ ଶିକ୍ଷକ' - ଅଧ୍ୟାୟ ୪)

୧.୨ ପ୍ରଶ୍ନ - ଏହି ଲିଖନରେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରତିଫଳିତ ହୋଇଥିଲା ?

(ସ୍ଲାଇଡ ୧୦ ଅନୁଯାୟୀ ସାଧନକର୍ମୀ ଆଲୋଚନା ଓ ସଂକ୍ଷେପଣ କରିବେ)

- ବର୍ଣ୍ଣନାତ୍ମକ
- ସୂଚନାତ୍ମକ
- ଅନୁଭୂତି ଆଧାରିତ

**ନୋଟ:** ଅଂଶଗ୍ରହଣକାରୀଙ୍କ ଉପସ୍ଥାପନା ଆଧାରରେ ସାଧନକର୍ମୀ ଆଲୋଚନା କରିବେ ? ସାଧାରଣତଃ ଉପସ୍ଥାପନା କରାଯାଇଥିବା ଲିଖନଗୁଡ଼ିକ ସୂଚନାତ୍ମକ ବା ବର୍ଣ୍ଣନାତ୍ମକ ଥିଲା । କିନ୍ତୁ ଶିକ୍ଷାବିତଙ୍କ ମତରେ ପିଲାଙ୍କ ସହ ଅନୁଭୂତ ଆଧାରିତ ଲିଖନ କାର୍ଯ୍ୟ ନିମିତ୍ତ ପ୍ରଥମରୁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ଫଳରେ ପିଲାମାନେ ନିଜର ଅନୁଭୂତିକୁ ବ୍ୟକ୍ତ କରିବା ସଙ୍ଗେସଙ୍ଗେ ଉଚ୍ଚସ୍ତରୀୟ ଲିଖନ ଦିଗରେ ଅଗ୍ରସର ହେଇପାରିବେ ।

ପ୍ରଶ୍ନ – ୨  ଭାଷା ଶିକ୍ଷଣରେ  ଲିଖନର  କ'ଣ ଆବଶ୍ୟକତା  ରହିଛି ?

(PPT  ୧୨ ଆଧାରରେ ଆଲୋଚନା ଓ ସଂକ୍ଷେପଣ କରାଯିବ ।)

ପ୍ରଶ୍ନ -୩ ଲିଖନର ବିକାଶ ପାଇଁ କେଉଁ ସବୁ କୌଶଳର ଆବଶ୍ୟକତା ରହିଛି ?

(PPT Slide ୧୩ ଆଧାରରେ ଆଲୋଚନା ଓ ସଂକ୍ଷେପଣ ହେବ ।)

**ଶିକ୍ଷଣ କାର୍ଯ୍ୟ -୨  ଲିଖନ ଦକ୍ଷତା ବିକାଶର ବିଭିନ୍ନ ସୋପାନ**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ 6 ଟି ଦଳରେ ଭାଗ କରିବେ ଏବଂ ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ କାର୍ଯ୍ୟ ଦେବେ । (ଫ୍ଲାସକାର୍ଡ଼ରେ ଲେଖା ଥିବ)  (ସ୍ଲାଇଡ ୧୪ ରୁ ୧୯)

| | |
|---|---|
| ଦଳ – ୧ | ଚିତ୍ର କାର୍ଡ଼ / ପୋଷ୍ଟର କୁ ଦେଖି ୧୦ ଟି ଶବ୍ଦ ଲେଖା |
| ଦଳ – ୨ | ପ୍ରସଙ୍ଗକୁ ନେଇ ଚିତ୍ର କର |
| ଦଳ – ୩ | ବିନ୍ଦୁ ଯୋଡ଼ି  ଚିତ୍ର କର |
| ଦଳ – ୪ | ଚିତ୍ରରେ ରଙ୍ଗ ଦିଅ |
| ଦଳ – ୫ | ଚିତ୍ର ଦେଖି ମନରୁ  କାହାଣୀ / ଅନୁଚ୍ଛେଦ ଲେଖ |
| ଦଳ – ୬ | ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ |

ସାଧନକର୍ମୀ ପୂର୍ବରୁ ଏହି କାର୍ଡ ଗୁଡ଼ିକୁ ପ୍ରସ୍ତୁତ କରି ରଖିଥିବେ ।

ପ୍ରତ୍ୟେକ ଦଳ ନିଜ ଭିତରେ ଆଲୋଚନା କରି ଉପସ୍ଥାପନା କରିବେ । ଏହାପରେ ସାଧନକର୍ମୀ ଗୃହରେ ଖୋଲା ଆଲୋଚନା କରି ନିମ୍ନୋକ୍ତ ପ୍ରଶ୍ନ ପଚାରିବେ ।

ପ୍ରଶ୍ନ - ୧ ପ୍ରତି ଦଳର କାର୍ଯ୍ୟ ସମାନ ଥିଲା କି ?

୨ କାର୍ଯ୍ୟଗୁଡ଼ିକ ସରଳ ରୁ ଜଟିଳ କ୍ରମରେ ଥିଲା କି ?

୩ ତେବେ ଏଥିପାଇଁ କାର୍ଯ୍ୟ ଗୁଡ଼ିକୁ କେଉଁ କ୍ରମରେ ରଖିବା ?

ଏହାର ଆଲୋଚନା ପରେ PPT ର ସ୍ଲାଇଡ ୨୧ ଆଧାରରେ ସାଧନକର୍ମୀ ସଂକ୍ଷେପଣ କରିବେ ।

## ଲିଖନ ଦକ୍ଷତା ବିକାଶର ସୋପାନ ବା ସ୍ତର

**ପ୍ରଥମ ସୋପାନ** ପ୍ରାରମ୍ଭିକ / ପ୍ରାକ ଲିଖନ ସ୍ତର

- ଶିଶୁ ଅକ୍ଷର ଓ ମାତ୍ରା ଆଦି ଚିହ୍ନି ନଥାଏ, କିନ୍ତୁ ଲିଖନର ଅର୍ଥ କ'ଣ ଜାଣେ ।
- ଅଙ୍କା-ବଙ୍କା ଗାର ଟାଣିବା, ବିନ୍ଦୁ ଯୋଡ଼ିବା, ଚିତ୍ର କରିବା, ରଙ୍ଗ ଦେବା ଆଦି ପ୍ରାରମ୍ଭିକ ବା ପ୍ରାକ ଲିଖନର କାର୍ଯ୍ୟ କରିଥାଏ ।

**ଦ୍ୱିତୀୟ ସୋପାନ** (ମଧ୍ୟବର୍ତ୍ତୀ – ସଂରଚନାତ୍ମକ ଲିଖନ ସ୍ତର)

- ଚିହ୍ନିପାରିଥିବା ଅକ୍ଷର ଓ ଶବ୍ଦଗୁଡ଼ିକୁ ଲେଖିପାରିବା ।
- ଦିଆଯାଇ ଥିବା ଶବ୍ଦ ବା ପ୍ରସଙ୍ଗ ଉପରେ ଚିତ୍ର ତିଆରି କରିବା ।
- ଶୁଣିକରି ଅକ୍ଷର ଓ ଶବ୍ଦଗଡ଼ିକୁ ଲେଖି ପାରିବା ।

**ତୃତୀୟ ସୋପାନ** (ପରିପକ୍ୱ ଲିଖନ ବା ସ୍ୱାଧୀନ ଲିଖନ ସ୍ତର)

- କୌଣସି ଚିତ୍ର, କାହାଣୀ, ଘଟଣା ଇତ୍ୟାଦି ବିଷୟରେ ଶବ୍ଦ ବା ବାକ୍ୟରେ ଲେଖିପାରିବ ।
- ଶିଶୁ ନିଜର ଅନୁଭବ, ଘଟଣା ବା ପରିଚିତ ଜିନିଷ ବିଷୟରେ ସଂପ୍ରସାରଣୀୟ ପାଠ ଲେଖିପାରିବ ।
- ଉଭୟ ମୌଳିକ ଓ ରଚନାତ୍ମକ ଲିଖନ ଶିଶୁର ଆୟତ୍ତରେ ଆସିଥାଏ ।

**ପାଠଯୋଜନା – ୧**

### ଅଙ୍କାବଙ୍କା ଗାର ଟାଣିବା

**ସମୟ** – ୮ ରୁ ୧୦ ମିନିଟ୍

**ସାମଗ୍ରୀ** – କାଗଜ, ପେନସିଲ, ପେନ

**ପ୍ରଣାଳୀ :-**

**ଏହି ଶିକ୍ଷଣ କାର୍ଯ୍ୟ କରିବା ପାଇଁ ନିମ୍ନ ସୋପାନଗୁଡ଼ିକୁ ସାଧନକର୍ମୀ ଅନୁସରଣ କରିବେ ।**

- ପିଲାଙ୍କୁ ବଙ୍କା ସିଧା ଗାର ଟାଣିବାକୁ କହିବେ । ପିଲାମାନଙ୍କୁ ଗାର ଟାଣିବାରେ ସୁଯୋଗ ଦେବେ
- ଭିନ୍ନଭିନ୍ନ ସାଧାରଣ ଆକୃତିର ଚିତ୍ର କରିବାକୁ କହିବେ (ଉଦାହରଣ – ଗୁଡ଼ି, ମାଠିଆ)
- ହସ୍ତ କୌଶଳ ବିକାଶ ପାଇଁ ସଂପୂର୍ଣ୍ଣ କରିବାକୁ କହିବେ (ଅଙ୍କାବଙ୍କା ଗାରକୁ ଚିତ୍ରରେ ପରିବର୍ତ୍ତନ କରିବେ)
- ସାଧନକର୍ମୀ ପ୍ରଥମେ ଆକୃତିର ନମୁନା ଦେବେ
- ତା' ପରେ ପିଲାମାନଙ୍କୁ କରିବାକୁ କହିବେ
- ଗୋଟିଏ ଦିନରେ ଦୁଇଟି ପ୍ରକାରର ଆକୃତି (ଚିତ୍ର) କରିବାକୁ ଦେଇପାରନ୍ତି

**ପାଠଯୋଜନା – ୨**

### ଚିତ୍ରାଙ୍କନ ଶିକ୍ଷଣ କାର୍ଯ୍ୟ

**ସମୟ** – ୧୦ ରୁ ୧୫ ମିନିଟ୍

**ସାମଗ୍ରୀ** – ପେନସିଲ, ରବର, କାଗଜ, ରଙ୍ଗ

**ପ୍ରଣାଳୀ :-**

**ସାଧନକର୍ମୀ ନିମ୍ନ ସୋପାନଗୁଡ଼ିକୁ ଅନୁସରଣ କରି କାର୍ଯ୍ୟ ସମ୍ପନ୍ନ କରିବେ**

- ପିଲାମାନଙ୍କୁ ଚିତ୍ର କରିବାକୁ କହିବେ
- ଚିତ୍ରରେ ରଙ୍ଗ ଦେବାକୁ କହିବେ
- ପିଲାମାନେ ଅଙ୍କନ କରିଥିବା ଚିତ୍ରର ନାମ ଲେଖିବାକୁ ନିର୍ଦ୍ଦେଶ ଦେବେ
- ପିଲାମାନେ ଆଙ୍କିଥିବା ଚିତ୍ର ବିଷୟରେ ଆଲୋଚନା କରିବେ

- ପିଲାମାନଙ୍କୁ ଚିତ୍ର କରିବାକୁ ସୁଯୋଗ ଦେବେ
- ପିଲାମାନେ କିପରି ଚିତ୍ର ଆଙ୍କିବେ, କେଉଁ ରଙ୍ଗ ଦେବେ – ଏ ଧାରଣ ଦେବେ ନାହିଁ
- ଚିତ୍ରର ସମ୍ପର୍କ ପିଲାମାନେ ସେଦିନ ଶୁଣିଥିବା / ପଢ଼ିଥିବା କାହାଣୀ ସହ ସଂପର୍କିତ ହୋଇଥାଇ ପାରେ । ମାତ୍ର ପିଲାମାନେ ଯେଉଁ ଚିତ୍ର ଅଙ୍କନ କରିଥିବେ ତାହା ସଂପର୍କରେ ଆଲୋଚନା / କଥାବାର୍ତ୍ତା କରିବେ ।

**ପାଠଯୋଜନା – ୩**

## ପିଲାମାନଙ୍କୁ ଅନୁଭୂତି / ବର୍ଣ୍ଣନା / କାହାଣୀ ଲିଖନ ଶିକ୍ଷଣ କାର୍ଯ୍ୟ

**ସମୟ** – ୮ ରୁ ୧୦ ମିନିଟ୍

**ସାମଗ୍ରୀ** – କାଗଜ, ପେନସିଲ, କଲମ

**ପ୍ରଣାଳୀ :-**

**ପିଲାଙ୍କ ଅନୁଭୂତି / ବର୍ଣ୍ଣନା / କାହାଣୀ ଲିଖନ କାର୍ଯ୍ୟ ପାଇଁ ସାଧନକର୍ମୀ ନିମ୍ନ ସୋପାନଗୁଡ଼ିକ ଅନୁସରଣ କରିବେ**

- ଅନୁଭୂତି / ବର୍ଣ୍ଣନା / କାହାଣୀ ଲିଖନ ପାଇଁ ସାଧନକର୍ମୀ ପିଲାମାନଙ୍କ ସହିତ ସେହି ବିଷୟରେ କଥାବାର୍ତ୍ତା କରିବେ
- ପିଲାମାନେ କୌଣସି ଘଟଣା / କାହାଣୀ / ଅନୁଭୂତି କହିବ ପାଇଁ ନିର୍ଦ୍ଦେଶ ଦେବେ
- ପିଲାମାନେ ନିଜ କାହାଣୀ / ଅନୁଭୂତି / ବର୍ଣ୍ଣନାକୁ ଶ୍ରେଣୀରେ କହିବେ
- ସାଧନକର୍ମୀ ସେହି ବର୍ଣ୍ଣନାଗୁଡ଼ିକ କାଳପଟାରେ ଲେଖିବେ
- ଲେଖିସାରିବା ପରେ ସାଧନକର୍ମୀ ପିଲାଙ୍କ ସହ ମିଶି ସେଗୁଡ଼ିକ ପଢ଼ିବେ

**ଦ୍ରଷ୍ଟବ୍ୟ :** ଏହି ଶିକ୍ଷଣ କାର୍ଯ୍ୟକୁ ଆରମ୍ଭରେ ୪ ସପ୍ତାହ ପର୍ଯ୍ୟନ୍ତ, ସପ୍ତାହରେ ୨ ଦିନ ଓ ପରେ ସପ୍ତାହରେ ଗୋଟିଏ ଦିନ କରାଯିବ ।

**ଶିକ୍ଷଣ କାର୍ଯ୍ୟ – ୩   ସନ୍ତୁଳିତ ଲିଖନ ପାଇଁ ଶୈକ୍ଷିକ କୌଶଳ**

**ଖୋଲା ଆଲୋଚନା – ଚର୍ଚ୍ଚାପତ୍ର ମାଧ୍ୟମରେ**

**(ଦଳରେ ଦିଆଯିବ, ଦଳଗତ ଉପସ୍ଥାପନା କରାଯାଇ ଖୋଲା ଆଲୋଚନା କରାଯିବ)**

**ଚର୍ଚ୍ଚା ପତ୍ର:-**

ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କୁ ନିମ୍ନ ଚର୍ଚ୍ଚା ପତ୍ର ଦେଇ ଏଥିରେ ଥିବା ଉକ୍ତି ସମ୍ପର୍କରେ ସେମାନଙ୍କର ମତାମତ ଆଦାୟ କରି ଖୋଲା ଆଲୋଚନା କରିବେ ଓ ସଂକ୍ଷେପଣ କରିବେ ।

- **ମୌଳିକ ଓ ଉଚ୍ଚସ୍ତରୀୟ ଲିଖନ କୌଶଳର ବିକାଶ ସମତାଳରେ ଗତି କରିଥାଏ ।** (ହଁ / ନାହିଁ )
- **ଉଚ୍ଚସ୍ତରୀୟ ଲିଖନ ମୌଳିକ ଲିଖନର ପୂର୍ବ ସର୍ତ୍ତ ଅଟେ ।** (ହଁ / ନାହିଁ )
- **ଉଚ୍ଚସ୍ତରୀୟ ଲିଖନ ବିକାଶ ସାରା ଜୀବନ ଚାଲିଥାଏ ।** (ହଁ / ନାହିଁ )
- **ମୌଳିକ ଲିଖନରେ କେବଳ ଅକ୍ଷର ଓ ମାତ୍ରା ପରିଚୟ ଉପରେ ଗୁରୁତ୍ୱ ଦିଆଯାଏ ।** (ହଁ / ନାହିଁ )
- **ଉଚ୍ଚସ୍ତରୀୟ ଲିଖନ କୌଶଳ ପିଲାମାନେ କେବଳ ବିଦ୍ୟାଳୟରେ ହାସଲ କରନ୍ତି ।** (ହଁ / ନାହିଁ )
- **ଉଚ୍ଚ ଶ୍ରେଣୀଗୁଡିକରେ ଆବଶ୍ୟକ ହେଉଥିବା ଲିଖନ କୌଶଳକୁ ଉଚ୍ଚସ୍ତରୀୟ କୌଶଳକୁ କୁହାଯାଏ ।** (ହଁ / ନାହିଁ )
- **ପ୍ରାଥମିକ ଶ୍ରେଣୀରେ ସୃଜନାତ୍ମକ ଲିଖନ ଅଭ୍ୟାସ ସମୟରେ ମୌଳିକ ଲିଖନ ତ୍ରୁଟିକୁ ଅଣଦେଖା କରାଯାଇ ପାରେ ।** (ହଁ / ନାହିଁ )
- **ସନ୍ତୁଳିତ ଭାଷାଶିକ୍ଷଣ କ୍ରମରେ ଡିକୋଡିଂ କାର୍ଯ୍ୟ ସମ୍ପର୍କିତ ଲିଖନ ପିଲାମାନେ କରିବାର ଆବଶ୍ୟକତା ନାହିଁ ।** (ହଁ / ନାହିଁ )

**ପ୍ରଶ୍ନ –**

୧. ସନ୍ତୁଳିତ ଲିଖନ କହିଲେ ଆପଣ କ'ଣ ବୁଝନ୍ତି ? (ସାଧନକର୍ମୀ ଅଂଶଗ୍ରହଣକାରୀମାନଙ୍କ ଠାରୁ ଆଲୋଚନା ମାଧ୍ୟମରେ ଉତ୍ତର ଆଦାୟ କରି ସାରିବା ପରେ ସ୍ଲାଇଡ ନମ୍ବର ୨୩ ର ୨୫ ଆଧାରରେ ଆଲୋଚନା ଓ ସଂକ୍ଷେପଣ କରିବେ)

୨. ଶ୍ରେଣୀଗୃହରେ ସନ୍ତୁଳିତ ଲିଖନର ବିକାଶ ପାଇଁ ଆମେ କିକି କୌଶଳ ଅବଲମ୍ବନ କରିପାରିବା? (ସ୍ଲାଇଡ ୨୭ ଆଧାରରେ ସଂକ୍ଷେପଣ କରିବେ)

**ସନ୍ତୁଳିତ ଲିଖନ ପାଇଁ ଆମେ କେଉଁ ଦିଗ ପ୍ରତି ଧ୍ୟାନ ଦେବା ?**

- ମୌଳିକ ଓ ଉଚ୍ଚସ୍ତରୀୟ ଉଭୟ ପ୍ରକାର ଲିଖନ କୌଶଳର ବିକାଶ ସମତାଳରେ ଗତି କରିବା ଆବଶ୍ୟକ
- ଅକ୍ଷର, ବିରାମ ଚିହ୍ନ, ବାକ୍ୟ ଉପରେ ନିୟନ୍ତ୍ରଣ ଆସିଯିବା ପରେ ଉଚ୍ଚସ୍ତରୀୟ ଲିଖନ ସମାନ ସମୟରେ ଆରମ୍ଭ କରାଯିବ
- ପ୍ରସଙ୍ଗ ସଂପର୍କରେ ଚିନ୍ତା କରିବା, ଶୀର୍ଷକ ଦେବା, ନିଜର ମତ ଉପସ୍ଥାପନା କରିବା, ସଂଶୋଧନ କରିବା ଆଦି ଲିଖନ କୌଶଳର ବିକାଶ ନିରନ୍ତର ଚାଲିବ ଆବଶ୍ୟକ
- ଲିଖନ ବିକାଶ ପାଇଁ ଉଭୟ ପ୍ରକାର କୌଶଳ ଉପରେ କାର୍ଯ୍ୟ କରାଯିବ ଜରୁରୀ
- ସନ୍ତୁଳିତ ଭାଷା ଶିକ୍ଷଣ କ୍ରମରେ ଡିକୋଡ଼ିଙ୍ଗ୍ କାର୍ଯ୍ୟ ସଂପର୍କିତ ଲିଖନ ପିଲାମାନେ କରିବା ଆବଶ୍ୟକ
- ମୌଖିକ ଭାଷା, ପଠନ ଉପରେ କାର୍ଯ୍ୟ କରିବା ସମୟରେ ଲିଖନ କୁ ଯୋଡାଯିବା ଆବଶ୍ୟକ । ଏହି ସମୟରେ ପିଲାମାନଙ୍କ ଅଭିବ୍ୟକ୍ତି ଉପରେ କାର୍ଯ୍ୟ କରାଯିବ ଆବଶ୍ୟକ ।
- ଅଭିବ୍ୟକ୍ତିକୁ ଲେଖିବା ସମୟରେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ବଙ୍କା, ତେଢା ଅକ୍ଷର ଠାରୁ ଆରମ୍ଭ କରି ଚିତ୍ର, ଶବ୍ଦ, ବାକ୍ୟ, ଅନୁଚ୍ଛେଦ ପ୍ରଭୃତି ସାମିଲ କରାଯିବ ।

**ଶିକ୍ଷଣ କାର୍ଯ୍ୟ – ୪ ଲିଖନର ପ୍ରକାର ଭେଦ**

**ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ୮ ଟି ଦଳରେ ବିଭକ୍ତକରି ପ୍ରତି ଦୁଇ ଦଳକୁ ଲିଖନର ଗୋଟିଏ ପରିସ୍ଥିତି ଫର୍ଦ୍ଦ ଦେବେ (ସ୍ଲାଇଡ ନମ୍ବର ୨୮ ଆଧାରରେ) ଓ ସେମାନେ ଦଳଭିତରେ ଆଲୋଚନା କରିସାରିବା ପାରେ ପରିସ୍ଥିତି ଉପରେ ଦଳଗତ ମତାମତ ସାଧନକର୍ମୀ ନିମ୍ନ ପ୍ରଶ୍ନ ମାଧ୍ୟମରେ ଆଦାୟ କରିବେ ।**

**ପ୍ରଥମ ପରିସ୍ଥିତି -**

- ପିଲାଟି ଅଙ୍କାବଙ୍କା ରେଖା ଟାଣି ନିଜକୁ ପରିପ୍ରକାଶ କରୁଛି
- ପିଲାଟି ନିଜ ପସନ୍ଦର ଚିତ୍ର ତିଆରି କରୁଛି
- ପଢ଼ିଥିବା ଓ ଶୁଣିଥିବା ଗଳ୍ପ ଆଧାରରେ ପିଲାଟି ଚିତ୍ର ତିଆରି କରୁଛି
- ପିଲାଟି ଚିତ୍ରରେ ରଙ୍ଗ ଦେଉଛି
- ପିଲାଟି ବିନ୍ଦୁ ଯୋଡ଼ି ଚିତ୍ର ତିଆରି କରୁଛି

**ଦ୍ୱିତୀୟ ପରିସ୍ଥିତି -**

- ପିଲାମାନେ କହୁଛନ୍ତି ଓ ଶିକ୍ଷକ ବଡବଡ ଅକ୍ଷରରେ କଳାପଟାରେ ଲେଖୁଛନ୍ତି
- ଶିକ୍ଷକ ପିଲାମାନଙ୍କର ବାକ୍ୟ ସଂରଚନା ସୁଧାରୁଛନ୍ତି ଓ ଲିଖନ ସଂଶୋଧନ କରୁଛନ୍ତି
- ଶିକ୍ଷକ ପିଲାମାନଙ୍କୁ ବିରାମ ଚିହ୍ନ ବ୍ୟବହାର କରିବା ଦେଖାଉଛନ୍ତି
- କ୍ରମଶଃ ପିଲାମାନେ କଳାପଟାରେ କିଛି ଶବ୍ଦ ଓ ବାକ୍ୟ ଲେଖୁଛନ୍ତି

**ତୃତୀୟ ପରିସ୍ଥିତି -**

- ଶିକ୍ଷକ ପିଲାଙ୍କୁ ଦଳରେ ସାମିଲ କରି ସ୍ୱତନ୍ତ୍ର ରୂପେ ଲିଖନ କାର୍ଯ୍ୟ କରିବାକୁ ଦେଉଛନ୍ତି
- ଶିକ୍ଷକ ପିଲାମାନଙ୍କର ଲିଖନ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ଓ ଉପଯୁକ୍ତ ସହାୟତା ପ୍ରଦାନ କରୁଛନ୍ତି
- ପିଲାମାନେ ଉଭୟ ମୌଳିକ ଓ ଉଚ୍ଚସ୍ତରୀୟ ଲିଖନ ଉପରେ କାର୍ଯ୍ୟ କରୁଛନ୍ତି

- ଶିକ୍ଷକଙ୍କ ସହାୟତାରେ ସନ୍ତୁଳନ ବଜାୟ ରଖୁଛନ୍ତି, ବଡବଡ ଅକ୍ଷରରେ ଲେଖୁଛନ୍ତି, ନିଜ ଚିନ୍ତା ବା କଥାକୁ ଠିକ୍ ଭାବେ ଲେଖିବା ପାଇଁ ଶବ୍ଦ ଚୟନ କରୁଛନ୍ତି ଇତ୍ୟାଦି

**ଚତୁର୍ଥ ପରିସ୍ଥିତି -**

- ଠେକୁଆ ଓ କଇଁଛ ଗପରେ – ଠେକୁଆର ଭାବନାକୁ ଲେଖିବା
- ବିରାମ ଚିହ୍ନର ବ୍ୟବହାର
- ପରିବା କିଣିବା ପାଇଁ ବିକୁଥିବା ଲୋକ ସହ ମୂଲଚାଲ କରିବା
- ଚିତ୍ର ବା ପୋଷ୍ଟର ସଂପର୍କରେ ଲେଖିବା
- କାହାଣୀକୁ ଲେଖିବା

**ପ୍ରଶ୍ନ –**

୧. ଦିଆଯାଇଥିବା ପରିସ୍ଥିତିଗୁଡ଼ିକ କେଉଁ ପ୍ରକାର ଲିଖନକୁ ସୂଚିତ କରୁଛି?

୨. ବିଭିନ୍ନ ପ୍ରକାର ଲିଖନ ଦକ୍ଷତାର ବିକାଶ ପାଇଁ ଶିକ୍ଷକ ଶ୍ରେଣୀଗୃହରେ କେଉଁ ଦିଗ ପ୍ରତି ଧ୍ୟାନ ଦେବେ ?

ଉପରୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତରଗୁଡ଼ିକୁ ସାଧନକର୍ମୀ ଆଦାୟ କରିବା ପରେ ଖୋଲା ଆଲୋଚନା କରିବେ । ଏଥି ସହ ବିଭିନ୍ନ ଶିକ୍ଷଣ ପାଇଁ ନିମ୍ନରେ ଦିଆଯାଇଥିବା ଦିଗ ପ୍ରତି ଧ୍ୟାନ ଦେବେ ଓ ଅଂଶଗ୍ରହଣକାରୀମାନଙ୍କୁ ତତ ସଂପର୍କିତ ପାଠ୍ୟ ଯୋଜନା ବିଷୟରେ ଅବଗତ କରାଇବେ ।

**ଶିକ୍ଷଣ କାର୍ଯ୍ୟ – ୧**

## ପ୍ରାରମ୍ଭିକ ଲିଖନ (Emergent Writing)

- ଶିକ୍ଷକ କାନ୍ଥ ଉପରେ କବିତା, କାହାଣୀର ପୋଷ୍ଟର ପ୍ରଦର୍ଶନ କରିବେ
- ଶ୍ରେଣୀ ଗୃହରେ ପିଲାମାନଙ୍କ ସ୍ତର ଅନୁସାରେ କାହାଣୀ ଏବଂ କବିତା ରଖିବେ
- ପିଲାମାନଙ୍କୁ କାହାଣୀ ଶୁଣାଇବେ, ତା ଉପରେ ଚର୍ଚ୍ଚା କରିବେ ଏବଂ ଚିତ୍ର ତିଆରି ପାଇଁ କହିବେ
- ପିଲାମାନଙ୍କୁ ତାଙ୍କର ରୁଚି ହିସାବରେ ଅଲଗା ଅଲଗା କାମ ଦେବେ
- ପିଲାମାନଙ୍କୁ କାହାଣୀ ର ଚରିତ୍ର ଉପରେ ଚିତ୍ର ତିଆରି ପାଇଁ କହିବେ
- ଚିତ୍ର ଉପରେ ତା' ର ନାମ ଲେଖିବା ପାଇଁ କହିବେ
- ପିଲାମାନେ ଚିତ୍ର ସଂପର୍କରେ ଯାହା କହିବେ ତାକୁ ଶିକ୍ଷକ ଗୋଟିଏ ବାକ୍ୟରେ ଲେଖିବେ, ପିଲାମାନଙ୍କୁ ଲେଖା ବିଷୟରେ କହିବେ

### ପାଠ ଯୋଜନା

**ସମୟ** – ୪୦ ମିନିଟ୍

**ସାମଗ୍ରୀ** – କଳାପଟା, ଡ୍ରଇଁ ସିଟ୍, କଲମ, ପେନସିଲ

ଶିକ୍ଷକ ପ୍ରତ୍ୟେକ ଦଳରେ ଗୋଟିଏଗୋଟିଏ ଚିତ୍ର ଚାର୍ଟ ଦେଇ ଚିତ୍ରରେ ଦର୍ଶା ଯାଇଥିବା ଘଟଣାକୁ ଅନୁଧ୍ୟାନ କରିବା ସହ କିଏ, କ'ଣ, କାହିଁକି ଓ କିପରିକୁ ଆଧାର କରି  ଆଲୋଚନା କରିବାକୁ ପିଲାଙ୍କୁ କହିବେ

- ଦଳଦଳ ମଧ୍ୟରେ ସରଳ ପ୍ରଶ୍ନ ଆଧାରରେ (କିଏ କ'ଣ, କାହିଁକି ଓ କିପରି) ଇତ୍ୟାଦି ଆଲୋଚନା କରିବେ
- ଚିତ୍ରରେ ଦର୍ଶାଯାଇଥିବା / ସମ୍ପର୍କିତ ଶବ୍ଦଗୁଡ଼ିକୁ ପଚାରି ସେଗୁଡ଼ିକୁ ଶିକ୍ଷଣ ପଟା / କାନ୍ଥରେ ଲେଖିବା ସହ, ପିଲାଙ୍କୁ ଉଚ୍ଚସ୍ୱରରେ ପଠନ କରାଇବେ
- ଚିତ୍ର ଓ ଆଲୋଚନା ଆଧାରରେ ଆସୁଥିବା ବିଭିନ୍ନ ଶବ୍ଦଗୁଡ଼ିକୁ ଲେଖିବାକୁ କିମ୍ବା ଚିତ୍ର ଅଙ୍କିବାକୁ ପିଲାଙ୍କୁ କହିବେ

**ଶିକ୍ଷଣ କାର୍ଯ୍ୟ – ୨**

## ସହଭାଗୀ ଲିଖନ

**ସାମଗ୍ରୀ - ବଡବହି (ମାଆ ଓ ଛୁଆ)**

- ସାଧନକର୍ମୀ ଓ ପିଲାମାନେ ଏକାଠି ମିଶି "ମାଆ ଓ ଛୁଆ" ପାଠ ଟିକୁ ପଢ଼ିବେ
- ସାଧନକର୍ମୀ କୁକୁର, ବିଲେଇ, ପହଁରି, ଦୌଡ଼ିବା ପ୍ରଭୃତି ଶବ୍ଦଗୁଡ଼ିକୁ କଳାପଟାରେ ବଡ଼ବଡ଼ ଅକ୍ଷରରେ ଲେଖିବେ
- ସାଧନକର୍ମୀ ଅନ୍ୟ କେତେକ ଶବ୍ଦ କୁ ନେଇ ପିଲାମାନଙ୍କ ଠାରୁ ବାକ୍ୟ ଆଦାୟ କରିବେ ଓ କଳାପଟାରେ ଲେଖିବେ
- ପିଲାମାନେ ବ୍ୟକ୍ତିଗତ ଭାବରେ ଯେଉଁ ବାକ୍ୟ ଲେଖିଥିବେ ଅନ୍ୟପିଲାଙ୍କ ଦ୍ୱାରା ତାହାର ସଂଶୋଧନ କରିବେ
- ବନାନ ଅଶୁଦ୍ଧି, ବିରାମ ଚିହ୍ନର ପ୍ରୟୋଗରେ ସଂଶୋଧନ ନିଜେ କରିବେ
- କିଛି ସମୟରେ ପିଲାମାନଙ୍କୁ କଳାପଟାକୁ ଡାକି ଶବ୍ଦ / ଖଣ୍ଡବାକ୍ୟ / ବାକ୍ୟ ଆଦି ଲେଖିବା ପାଇଁ ନିର୍ଦ୍ଦେଶ ଦେବେ
- ପିଲାମାନେ ଯାହା ଲେଖୁଛନ୍ତି, ଡାକିଡାକି ଉଚ୍ଚସ୍ୱରରେ କହିବେ ଓ ଲେଖିବେ

## ପାଠ ଯୋଜନା

**ସମୟ** – ୪୦ ମିନିଟ୍

**ସାମଗ୍ରୀ** – ପ୍ରଥମ ଶ୍ରେଣୀ ବଡ଼ବହି

**ସହଭାଗୀ ଲିଖନ ପାଇଁ ସାଧନକର୍ମୀ ତିନିଟି ସୋପାନ ଦେଇ ଶିକ୍ଷଣ କାର୍ଯ୍ୟର ପରିଚାଳନା କରିବେ**

୧. ପିଲାଙ୍କ ଦ୍ୱାରା କୁହାଯାଇଥିବା ଶବ୍ଦ କିମ୍ବା ବାକ୍ୟ ଲିଖନ ଏକ ଉପଯୋଗୀ ଶିକ୍ଷଣ କାର୍ଯ୍ୟ

୨. ଡିକୋଡ଼ିଙ୍ଗ୍ ସମ୍ପର୍କିତ ଶିକ୍ଷଣ କାର୍ଯ୍ୟ (ଲିଖନ)

୩. ଶ୍ରୁତିଲିଖନ ଶିକ୍ଷଣ କାର୍ଯ୍ୟ

**ମୌଖିକ କାର୍ଯ୍ୟ**

- ଶିକ୍ଷକ ପିଲାମାନଙ୍କ ସହ କଥାବାର୍ତ୍ତା କରି ସେମାନେ କହିଥିବା ଶବ୍ଦ / ବାକ୍ୟକୁ କଳାପଟାରେ ଲେଖିବେ
- ସେହି ଶବ୍ଦ / ବାକ୍ୟକୁ ପଢ଼ି ପିଲାମାନଙ୍କୁ ଶୁଣାଇବେ
- ଶିକ୍ଷକ ପିଲାମାନଙ୍କୁ ଗୋଟିଏ କାହାଣୀକୁ କହି ଶୁଣାଇବେ
- ପରେ ସେହି କାହାଣୀ ବିଷୟରେ ପିଲାମାନଙ୍କ ସହ କଥାବାର୍ତ୍ତା କରିବେ

**ଲିଖନ କାର୍ଯ୍ୟ**

- ପିଲାମାନେ କହିଥିବା ଶବ୍ଦ / ବାକ୍ୟକୁ କଳାପଟାରେ ଲେଖିବେ
- ଶବ୍ଦ ବା ବାକ୍ୟକୁ ପିଲାଙ୍କୁ ପଢ଼ି ଶୁଣାଇବେ
- ପିଲାଙ୍କ ସହ ମିଶି ଛୋଟ କାହାଣୀ / ଘଟଣା / ବର୍ଣ୍ଣନା କୁ କଳାପଟାରେ ଲେଖିବେ
- କଳାପଟାରେ ଲେଖିଥିବା କାହାଣୀ ପିଲାଙ୍କୁ ପଢ଼ି ଶୁଣାଇବେ
- ପିଲା ଓ ଶିକ୍ଷକ ଉଭୟ ମିଶି ଏହାକୁ ପଢ଼ିବେ

**ଶିକ୍ଷଣ କାର୍ଯ୍ୟ – ୩**

## ଶିକ୍ଷକଙ୍କ ସହାୟତାରେ ଲିଖନ

ସଂଳାପ ମାଧ୍ୟମରେ ଶିକ୍ଷକ କାର୍ଯ୍ୟଟିକୁ କରିବେ

ଶିକ୍ଷକ - ଏହି ଝିଅଟି କୁଆଡେ ଯାଉଛି ?

ପିଲା - ସେ ନିଜ ସାଥୀ ସହ ମିଶିବାକୁ ଯାଉଛି

ଶିକ୍ଷକ - ଆଚ୍ଛା, ତୁମେ ଏହାର କୌଣସି ନାମ ଚିନ୍ତା କରିଛ କି ?

ପିଲା -   ମୁଁ ତା'ର ନାମ 'ରୂପା' ବୋଲି ଭାବିଛି

ଶିକ୍ଷକ -  ଏବେ ଲେଖ, ଛୁଟି ଦିନ ରୁପା  ତାର ସାଙ୍ଗ ନୀତି ସହ ଖେଳିଲା

ପିଲା -   ହଁ ମୁଁ ଏହା ଲେଖି ପାରିବି

ଅନ୍ୟ ଜଣେ ପିଲା ଶିକ୍ଷକଙ୍କୁ କହିଲା ମୋତେ ବହୁତ ଜୋରରେ ବର୍ଷା ହେଉଥିବାର ଲେଖିବାକୁ ଅଛି । କ'ଣ ଲେଖିବି ?

ଶିକ୍ଷକ -  "ମୂଷଳଧାରାରେ ବର୍ଷା ହେଉଛି" । ମୂଷଳ ଧାରା କିପରି ଲେଖିବା, ଏଠାରେ ଧ୍ୱନି କୁ ଭାଙ୍ଗି ଲେଖିବା

ମୂ / ଷ / ଳ / ଧା / ରା

ପୁନଶ୍ଚ ଶିକ୍ଷକ ଯେଉଁ ପିଲାମାନଙ୍କର ଲେଖିବାରେ ଅସୁବିଧା ହେଉଥିଲା ସେମାନଙ୍କୁ ଠିକ୍ ଲେଖିବାରେ ସାହାଯ୍ୟ କରିବେ

## ପାଠ ଯୋଜନା

**ସମୟ – ୪୦ ମିନିଟ୍**

- ଲେଖିବା ପୂର୍ବରୁ ଶିକ୍ଷକ ପିଲାମାନଙ୍କ ସହ ବିଷୟ ସଂପର୍କରେ ଆଲୋଚନା କରିବେ
- ଲେଖାକୁ କିଏ ପଢ଼ିବେ ତାହା ସ୍ଥିର କରିବେ
- ପିଲାମାନଙ୍କୁ ସ୍ୱତନ୍ତ୍ର ଭାବରେ ବା ଦଳରେ ଲିଖନ କାର୍ଯ୍ୟ ଦିଆଯିବ
- ପିଲାମାନେ ଲେଖିବା ସମୟରେ ଶିକ୍ଷକ ବୁଲିବୁଲି ଦେଖିବେ ଓ ଆବଶ୍ୟକତା ଅନୁସାରେ ସହାୟତା ପ୍ରଦାନ କରିବେ
- ଯେଉଁ ପିଲାମାନଙ୍କର ସରିଗଲା, ସର୍ବପ୍ରଥମେ ସେମାନଙ୍କ ଲିଖନରେ କ'ଣ ଭଲ ଅଛି, ଦୁଇ ତିନିଟି କଥା ସେମାନଙ୍କୁ କହିବେ
- ସେମାନଙ୍କ ଲିଖନରେ କୌଣସି ଗୋଟିଏ କଥା ଅଛି ଯାହାକୁ ସେମାନେ ଅଧିକ ଭଲ କରି ପାରି ଥାନ୍ତେ

### ଏହି ଅଧିବେଶନରେ ଆଲୋଚନାରୁ ଆମେ କ'ଣ ଶିଖିଲେ ?

**ସାଧନକର୍ମୀ ଅଂଶଗ୍ରହଣକାରୀ ମାନଙ୍କ ଠାରୁ ଉତ୍ତର ଆଦାୟ କାରୀ ସଂକ୍ଷେପଣ କରିବେ ଯେପରି -**

- ଲିଖନର ଦକ୍ଷତା କେବଳ ଚିହ୍ନ ବା ସଙ୍କେତ ଲେଖିପାରିବା ଜ୍ଞାନ ମାଧ୍ୟମରେ ସୀମିତ ହୋଇ ନଥାଏ ବରଂ ଭାବିବା, ଚିନ୍ତା କରିବା ଓ ନିଜ କଥାକୁ କ୍ରମବଦ୍ଧ ଓ ଅର୍ଥପୂର୍ଣ୍ଣ ଭାବେ ଲେଖିପାରିବା ଆଦି ଅନ୍ତର୍ଭୁକ୍ତ କରିଥାଏ ।
- ପିଲାଙ୍କର ଲିଖନ ଦକ୍ଷତାର ବିକାଶ ପାଇଁ ପ୍ରତିଦିନ ଅଭ୍ୟାସ କାର୍ଯ୍ୟ କରାଇବା ଓ ଏଥି ନିମନ୍ତେ ଶ୍ରେଣୀରେ ପର୍ଯ୍ୟାପ୍ତ ସୁଯୋଗ ଦେବାର ଆବଶ୍ୟକତା ରହିଛି । ଲିଖନ ବିକାଶରେ ଉଭୟ ମୌଳିକ ଓ ଉଚ୍ଚସ୍ତରୀୟ ଲିଖନ କୌଶଳର ସମନ୍ୱୟ ଉପରେ ପର୍ଯ୍ୟବସିତ ।
- ପିଲାମାନେ ବିଭିନ୍ନ ସ୍ତରରେ ଲିଖନର ଦକ୍ଷତା ହାସଲ କରିଥାନ୍ତି । ପ୍ରଥମେ ଅଙ୍କା ବଙ୍କା ରେଖା ଟାଣି ନିଜକୁ ପରିପ୍ରକାଶ କରନ୍ତି । ଧୀରେଧୀରେ ସେମାନଙ୍କର ଭାଷାଗତ କୌଶଳ ବଢ଼ିଥାଏ ଓ ସେମାନେ ସମୟ ସହ ସ୍ୱତନ୍ତ୍ର ଭାବେ ଲେଖିବା ପାଇଁ ସମର୍ଥ ହୁଅନ୍ତି ।
- ଲିଖନ ଦକ୍ଷତାର ବିକାଶ ନିମିତ୍ତ ଶିକ୍ଷଣ କାର୍ଯ୍ୟ ପିଲାଙ୍କ ଅନୁଭୂତି ଓ ପରିବେଶ ସହ ସମ୍ପର୍କିତ ହେବା ଆବଶ୍ୟକ । ପିଲାଙ୍କୁ ଚିନ୍ତା କରି ଭାବି କିଛି ଲେଖିବାର ସୁଯୋଗ ମିଳିବା ଦରକାର । ଏହା ଦ୍ୱାରା ସେମାନେ ଲିଖନ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଅଭିପ୍ରେରିତ ହେବେ ।
- ପିଲାଙ୍କ ଦ୍ୱାରା ଲେଖାଯାଇଥିବା ସାମଗ୍ରୀକୁ ଶିକ୍ଷକ ଶ୍ରେଣୀ ଗୃହରେ ପ୍ରଦର୍ଶିତ କରିବେ । ଫଳରେ ସେମାନେ ଅଧିକରୁ ଅଧିକ ବିଭିନ୍ନ ପ୍ରକାର ଲେଖା ଲେଖିବାକୁ ଅନୁପ୍ରାଣିତ ହେବେ ଓ ସେମାନଙ୍କ ମଧ୍ୟରେ ଲିଖନ ନିମିତ୍ତ ଏକ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇପାରିବ ।
- ପ୍ରତ୍ୟେକ ପିଲାକୁ ତାର ଦକ୍ଷତା ଅନୁସାରେ ଲିଖନ କାର୍ଯ୍ୟ ଦେଇ ନିୟୋଜିତ କରିବା ।
- ଶିକ୍ଷକ ନିୟମିତ ରୂପେ ପିଲାଙ୍କ ଲିଖନ କାର୍ଯ୍ୟ ସଂଶୋଧନ କରିବେ ଓ ନିଜର ମତାମତ ଦେବା ଆବଶ୍ୟକ ।
- ଲିଖନ କାର୍ଯ୍ୟ ମୌଖିକ ଭାଷା, ଡିକୋଡ଼ିଙ୍ଗ୍ ଓ ପଠନ କାର୍ଯ୍ୟ ସମ୍ପର୍କିତ ହେବ ଆବଶ୍ୟକ ।
- ପିଲାଙ୍କ ଲିଖନ ଦକ୍ଷତାର ବିକାଶ ପର୍ଯ୍ୟାୟ କ୍ରମେ ନିମ୍ନଲିଖିତ ଭାବେ ହେବ ଉଚିତ ।

**ମୁଁ କରୁଛି (ଆଦର୍ଶ ଲିଖନ – ଶିକ୍ଷକ ନିଜେ ଲେଖିକି ଦେଖାଇବେ)**
**ଆମେ କରୁଛୁ (ସହଭାଗୀ ଲିଖନ – ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟ ଲେଖିବେ)**
**ତୁମେ କର (ସ୍ୱତନ୍ତ୍ର ଲିଖନ – ପିଲା ନିଜେ ଲେଖିବେ)**

**ଲିଖନ କୌଶଳର ବିକାଶ ନିମିତ୍ତ ଆପଣଙ୍କ ଭୂମିକା କ'ଣ ?**

- ଲିଖନ ସାମଗ୍ରୀର ଉପଯୁକ୍ତ ବ୍ୟବହାର
- ଲିଖନ ଦକ୍ଷତା ସଂପର୍କିତ ବୋଧଗମ୍ୟତା ପାଇଁ ପର୍ଯ୍ୟାପ୍ତ କାର୍ଯ୍ୟ ପ୍ରଦାନ
- ବିଭିନ୍ନ ପ୍ରକାର ଲିଖନ କାର୍ଯ୍ୟର ସଫଳ ପରିଚାଳନା ପାଇଁ ପରିଦର୍ଶନ ସମୟରେ ସହାୟତା ପ୍ରଦାନ
- ଲିଖନ ପାଇଁ ଶ୍ରେଣୀରେ ସୁଯୋଗ ଦେବା ପାଇଁ ଶିକ୍ଷକଙ୍କୁ ଉପଯୁକ୍ତ ପ୍ରୋତ୍ସାହନ
- ବିଦ୍ୟାଳୟ ପରିଦର୍ଶନ ସମୟରେ ଶ୍ରେଣୀରେ ଉପୁଜୁଥିବା ଲିଖନ ସମସ୍ୟାର ଚିହ୍ନଟ ଓ ସମାଧାନ
- ମାସିକ ବିଦ୍ୟାଳୟ ବୈଠକରେ ଲିଖନ ସମସ୍ୟା ସଂପର୍କିତ ଅନୁଭୂତିର ବିନିମୟ ଓ ତତ ସଂପର୍କିତ କାର୍ଯ୍ୟ ପ୍ରଦର୍ଶନ

## ତଥ୍ୟ ଫର୍ଦ୍ଦ - ୧

## ଲିଖନ



ଆମେ ଲିଖନ କଥା ଚିନ୍ତା କଲାବେଳେ ସାଧାରଣତଃ ଆମ ମନରେ ଶବ୍ଦ, ବାକ୍ୟ ଲେଖିବା ଓ ବିରାମ ଚିହ୍ନ ବ୍ୟବହାର ଆଦିର କଥା ଆସିଥାଏ । ସେଥିପାଇଁ ଆମେ ପିଲାଙ୍କୁ ବହିରୁ ଦେଖି ଲେଖିବାକୁ ଦେଇ ଥାଉ । ଆମେ ଲିଖନକୁ ଠିକ ଭାବେ ବୁଝି ନ ଥିବାରୁ ବହିରୁ ଦେଖି ଲେଖିବା ଭଳି ଏକ ତ୍ରୁଟିପୂର୍ଣ୍ଣ ଅଭ୍ୟାସ ପିଲାଙ୍କୁ କରାଇ ଥାଉ ।

ଲିଖନ କେବଳ ଅକ୍ଷର, ମାତ୍ରା ଓ ବିରାମ ଚିହ୍ନ ବ୍ୟବହାର କରି ଲେଖିବା ନୁହେଁ ବରଂ ଲେଖିବା କହିଲେ ଆମକୁ ବୁଝିବାକୁ ହେବ ଯେ -

- ଲିଖନ ମାଧ୍ୟମରେ ଆମେ ମନର ଭାବନା, ନିଜର ବିଚାର, ମତ ଓ ସୂଚନାକୁ ଅନ୍ୟ ଆଗରେ ପ୍ରକାଶ କରିଥାଉ ।
- ଅଲଗାଅଲଗା ଉଦ୍ଦେଶ୍ୟ ପୂରଣ ପାଇଁ ଆମେ ବିଭିନ୍ନ ପ୍ରକାର ଲେଖାର ବ୍ୟବହାର କରିଥାଉ । ଯେପରି ଆମେ ବିଜ୍ଞାପନ ଦ୍ୱାରା ଲୋକମାନଙ୍କୁ ନିଜ ସାମଗ୍ରୀ ପ୍ରତି ଧ୍ୟାନ ଆକର୍ଷଣ କରିଥାଉ ।
- ପାଠକକୁ ଆଖି ଆଗରେ ରଖି ଲେଖିବାକୁ ପଡ଼େ, ଯେପରି ପିଲାଙ୍କ ପାଇଁ ଲେଖା ଯାଉଥିବା କାହାଣୀ ଓ କବିତା ଅନ୍ୟ ବର୍ଗର ପାଠକଙ୍କ ଲେଖା ଠାରୁ ଅଲଗା ହୋଇଥାଏ ।
- ଲିଖନ ପାଇଁ ଆମକୁ ଭାବିବାକୁ ପଡ଼େ । ଆମେ ବିଚାରକୁ ଠିକ ରୂପେ ବୁଝି, ସମୀକ୍ଷା କରି ଲିଖନ ମାଧ୍ୟମରେ ନୂଆ ରୂପ ଦେଇଥାଉ । ଲିଖନ ଦ୍ୱାରା ଅନ୍ୟକୁ ସୂଚନା ପ୍ରଦାନ କରିବା ସହଜ ହୋଇଥାଏ ।
- ଲିଖନ ଏପରି ଏକ ପ୍ରକ୍ରିୟା ଯାହା ଏକାଥରେ ଶେଷ ହୋଇଯାଏ ନାହିଁ । ଲେଖିବା ପରେ ପୁଣି ଭାବିବା, ସଂଶୋଧନ କରିବା ନୂଆ କିଛି ଲେଖିବା ଆଦି ଚାଲୁ ରହିଥାଏ । ନିଜେ ଲେଖି ସାରିବା ପରେ ଅନ୍ୟକୁ ସଂଶୋଧନ ପାଇଁ ଦେବା ଓ ଲେଖା ଉପରେ ଅନ୍ୟର ମତ ଲୋଡ଼ିବା ଆଦି ପ୍ରକ୍ରିୟା ଜାରି ରହେ।



ଲିଖନକୁ ବୁଝିବା ପାଇଁ ଆମକୁ ଏହି ଚିତ୍ରକୁ ଦେଖି ବୁଝିବାକୁ ହେବ –

## ଲିଖନର କୌଶଳ




| ଲେଖିବା ପାଇଁ ନିମ୍ନ କୌଶଳର ଆବଶ୍ୟକତା ହୁଏ, ଯଥା - | |
|---|---|
| ⊙ **ଅକ୍ଷର ଓ ଧ୍ୱନିର ସମ୍ବନ୍ଧକୁ ବୁଝିବା** | ⊙ ଲେଖିଥିବା ପାଠର ଶୀର୍ଷକ ଦେବା |
| ⊙ **ଅକ୍ଷର ଓ ଧ୍ୱନିକୁ ନେଇ ଶବ୍ଦ ଲେଖିବା** | ⊙ ଲେଖିବାକୁ ଥିବା ବିଷୟ ଉପରେ ଚିନ୍ତା କରିବା |
| ⊙ **ଠିକ ଭାବରେ ଅକ୍ଷରକୁ ଲେଖିପାରିବା** | ⊙ ଲେଖିବା ପରେ ତାହାକୁ ସଂଶୋଧନ ଓ ସମ୍ପାଦନା କରିବା |
| ⊙ **ବାକ୍ୟ ଗଠନକୁ ବୁଝିବା** | ⊙ କ'ଣ ଲେଖିବାକୁ ହେବ ଓ  ନିଜର ଭାବନାକୁ କ୍ରମବଦ୍ଧ ଢଙ୍ଗରେ ଲେଖିବା |
| ⊙ **ବିରାମ ଚିହ୍ନର ପ୍ରୟୋଗକୁ ଜାଣିବା** | |

### ଲିଖନର ବିଭିନ୍ନ ଉପାଦାନ –

**ପ୍ରାରମ୍ଭିକ ଲିଖନ**

- ଏହି ସ୍ତରରେ ପିଲାଟି ଅକ୍ଷର ଓ ମାତ୍ରା ଆଦି ଶିଖେ ନାହିଁ । କିନ୍ତୁ ଲେଖିବାର ଅର୍ଥକୁ ସେ ଜାଣିପାରେ । ବଙ୍କା ତେଢା ଗାର ଟାଣିବା, ବିନ୍ଦୁ ଯୋଡ଼ିବା, ଚିତ୍ର କରିବା ଓ ଚିତ୍ରରେ ରଙ୍ଗ ଦେବା ଆଦି ପ୍ରାରମ୍ଭିକ ଲିଖନର କାର୍ଯ୍ୟ ଅଟେ ।



**ଡିକୋଡ଼ିଙ୍ଗ୍  ଆଧାରିତ ଲିଖନ**

- ଏହି ସ୍ତରରେ ଶିକ୍ଷକ ପିଲାଟିକୁ ଅକ୍ଷର ଓ ମାତ୍ରା ସହ ପରିଚୟ କରାଇଥାନ୍ତି ।
- ଏହି ସ୍ତରରେ ପିଲାଟି ଅକ୍ଷର ଓ ମାତ୍ରାକୁ ନେଇ ଶବ୍ଦ ଲେଖିବା ଶିଖିଥାଏ ।

**ବାକ୍ୟ ଲିଖନ**

- ଏହି ସ୍ତରରେ ପିଲାଟି ନିଜ ଶବ୍ଦ ଲେଖିବାର ଦକ୍ଷତାକୁ ଆଧାର କରି ସରଳ ବାକ୍ୟ ଲେଖିବା ଆରମ୍ଭ କରେ । ନିଜର ଭାବନାକୁ ବାକ୍ୟରେ ପ୍ରକାଶ କରିବାକୁ ଚେଷ୍ଟା କରେ । କିନ୍ତୁ ଏହି ବାକ୍ୟ ଲିଖନର ସ୍ତରରେ ଶିକ୍ଷକଙ୍କୁ ପିଲାଙ୍କ ସହ ଅଧିକ କାମ କରିବାକୁ ହୁଏ ।

**ସ୍ୱତନ୍ତ୍ର ଲିଖନ**

- ଏହି ସ୍ତରରେ ପିଲାଟି ଲେଖିବାର ଦକ୍ଷତା ହାସଲ କରି ସାରିଥାଏ ।
- ପିଲାଟି ନିଜର ଅନୁଭୂତି, ଘଟଣା ଓ ପରିଚିତ ବିଷୟ ଉପରେ ସହଜରେ ଲେଖିପାରେ ।
- ଏହି ସ୍ତରରେ ପିଲାଟିର ଲେଖିବା ପାଇଁ ଆତ୍ମବିଶ୍ୱାସ ଆସି ଯାଇଥାଏ ।

**ପିଲାଙ୍କ ଲିଖନ ଦକ୍ଷତା ବଢାଇବା ପାଇଁ ଶିକ୍ଷକଙ୍କ ଭୂମିକା**

⊙ ନିୟମିତ ପିଲାଙ୍କ ସହ ଲେଖିବାର କାର୍ଯ୍ୟ କରନ୍ତୁ

⊙ ପଢ଼ିବା ଓ ଲେଖିବା ଏକା ସାଥେ ଜାରି ରହିବା ଦରକାର

⊙ ସହଭାଗୀ ଓ ମାର୍ଗଦର୍ଶୀ ଲିଖନ ଉପରେ ଗୁରୁତ୍ୱ ଦିଆଯିବା ଦରକାର ।

## ଭାଷାର ଦକ୍ଷତା ବଢାଇବା ପାଇଁ ଲିଖନ ଉପରେ କିଛି କାର୍ଯ୍ୟ

### ୧. ଠିକ ଶବ୍ଦ ଚୟନ କରିବା

ଠିକ ଭାବରେ ଶବ୍ଦକୁ ଚୟନ କରିବା ପାଇଁ ଅଲଗାଅଲଗା ସ୍ତରର ଲିଖନ କାର୍ଯ୍ୟ ଦିଆଯାଇପାରିବ । ଆରମ୍ଭରୁ ଏପରି ବାକ୍ୟ ଲେଖିବା ପାଇଁ ଦିଆଯିବ ଯେଉଁଥିରେ କେବଳ ଗୋଟିଏ ଶବ୍ଦ ଲେଖିବାକୁ ପଡ଼ିବ । ସେହି ଶବ୍ଦଟି କ'ଣ ହେବ ତାହା ଚିତ୍ର ଆକାରରେ ଦିଆଯାଇପାରିବ । ଆଗକୁ କଠିନ ସ୍ତରକୁ ଗଲାବେଳକୁ ଚିତ୍ର ନଦେଇ କିଛି ଶବ୍ଦ ଶବ୍ଦ ଦେବାକୁ ପଡ଼ିବ ଯାହାକୁ ପିଲା ବାଛି ବାକ୍ୟରେ ଥିବା ଖାଲି ଜାଗାରେ ଲେଖିବ।

**ଉଦାହରଣ – ୧**

**ଚିତ୍ର ଦେଖି ଅଧା ବାକ୍ୟ ପୂରଣ କର ।**

କ) ରାହୁଲ ____________  ଚଳାଇ ବଜାର ଗଲା ।

ଖ) ରତନ ଜୋରରେ ____________  ଅଛି ।

**ଉଦାହରଣ – ୨**

**ଠିକ ଶବ୍ଦ ଚୟନ କରି ଅଧା ବାକ୍ୟ ପୂରଣ କର ।**

କ) ମାଛ ____________ ରେ ରହେ । (ପାଣି / ଗଛ)

ଖ) ବିଲେଇଟି ____________ ପଛରେ ଦୌଡୁଛି । (ମୂଷା / ହାତୀ )

ଗ) ଗାଈ ____________ ଖାଏ ନାହିଁ । ( ଘାସ / ସିମେଣ୍ଟ)

ଘ) ମୁଁ ମାମୁ ____________ ରହେ । ( ଗାଁ / ଘରେ )

**ଉଦାହରଣ – ୩**

**ଅଧା ବାକ୍ୟକୁ ପୁରା କରି ଲେଖନ୍ତୁ ।**

କ) ଆମ ନୂଆ ଘର ବଡ, କିନ୍ତୁ ପୁରୁଣା ଘର ____________ ଥିଲା ।

ଖ) ଗାଁରେ ଆମର ଗୋଟିଏ ବଡ ____________ ଅଛି ।

ଗ) ଆମେ ଭୋଜି ପାଇଁ ____________ କିଣିଲୁ ।

ଘ) ଆମେ ସବୁବେଳେ ____________ ଖେଳୁ ।

୨. ବାକ୍ୟ ଲିଖନ

**ଉଦାହରଣ – ୧**

**ଚିତ୍ରର ସହାୟତାରେ ବାକ୍ୟ ଲେଖନ୍ତୁ ।**

   

ଅପା କପଡ଼ା ________ ।  ଭାଲୁ ବଂଶୀ ________ ।  ଦୀପଟି ________ ।  ପିଲାମାନେ ________ ।

**ଉଦାହରଣ – ୨**

**ଦିଆ ଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କରନ୍ତୁ ।**

କ) ପିଲାଟି ସ୍କୁଲକୁ ___________ (ପଢ଼ିବାକୁ)

ଖ) ସୀମା ସବୁଦିନ ସ୍କୁଲରୁ ଆସି ___________ (ଖେଳିବାକୁ)

୩. ପାଠ ଆଧାରିତ ଲିଖନ

**ଉଦାହରଣ – ୧**

**ଠିକ ଶବ୍ଦ ଚୟନ କରିବାର ଅଭ୍ୟାସ ।**

ଶ୍ରେଣୀରେ ପଢାଯାଇଥିବା ପାଠ ଉପରେ ଶିକ୍ଷକ ପିଲାକୁ ବାକ୍ୟ ଦେଇ ଶୂନ୍ୟ ସ୍ଥାନ ପୂରଣ କରିବାକୁ କହି ପାରିବେ । ଶିକ୍ଷକ ବିଷୟ ଆଧାରିତ ପ୍ରଶ୍ନ କରିପାରନ୍ତି ଯାହା ଦ୍ୱାରା ପିଲାଟି ଗୋଟିଏ ଶବ୍ଦରେ ଉତ୍ତର ଦେଇପାରିବ । ପିଲାର ସ୍ତର ଦେଖି ପ୍ରଶ୍ନ ମଧ୍ୟ ବଦଳିବା ଦରକାର ।

**ଉଦାହରଣ – ୨**

**ବାକ୍ୟ ଗଠନର ଅଭ୍ୟାସ ।**

ପାଠରେ ପଢାଯାଇଥିବା ଶବ୍ଦକୁ ନେଇ ବାକ୍ୟ ଲେଖିବାକୁ ଦିଆଯାଇପାରିବ ।

( କୁମ୍ଭୀର, ମାଙ୍କଡ଼, ନଦୀ, ଜାମୁକୋଳି, କଲିଜା, ସାଙ୍ଗ, କୋରଡ଼, ମିଠା )

ଉପରେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର ।

**ଉଦାହରଣ – ୩**

**ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅନ୍ତୁ ।**

କ) ମାଙ୍କଡ କେଉଁଠି ରହୁଥିଲା ?

ଖ) ଜାମୁକୋଳି କେମିତି ଲାଗେ ?

ଗ) କିଏ ମାଙ୍କଡ଼ର କଲିଜା ଖାଇବାକୁ ଇଚ୍ଛା କରିଥିଲା ?

ଘ) ମାଙ୍କଡ଼ କ'ଣ ପାଇଁ କୁମ୍ଭୀର ଘରକୁ ଯାଇଥିଲା ?

ଙ) ତୁମେ ମାଙ୍କଡ ହୋଇଥିଲେ କ'ଣ କରିଥା'ନ୍ତ ?

**ଉଦାହରଣ – ୪**

**ଅନୁଚ୍ଛେଦରେ ଚିତ୍ରର ପ୍ରୟୋଗ ।**

ଯେଉଁଦିନ ମୋର ସ୍କୁଲ ଯିବାକୁ ଥାଏ ସେଦିନ ମୁଁ ଶୀଘ୍ର ___________  ପଡେ ।

ଏହାପରେ ବ୍ରସ ଓ ପେଷ୍ଟ ନେଇ ___________  ।

ଦାନ୍ତ ଘଷିସାରି ମୁଁ ___________  ।

ଏହାପରେ ସ୍କୁଲ ୟୁନିଫର୍ମ ___________  ଓ ମୁଣ୍ଡ ___________  ।

ଶେଷରେ ମୁଁ ___________  ଆଉ କ୍ଷୀର ___________  ସାରି,

ବାପାଙ୍କ ସହ ସ୍କୁଲ ___________  ।

## ତଥ୍ୟ ଫର୍ଦ୍ଦ -୨

### <u>ସହଭାଗୀ ଲିଖନ</u>

ସହଭାଗୀ ଲିଖନ ଏପରି ଏକ କୌଶଳ ଯେଉଁଥିରେ ଶିକ୍ଷକ ଓ ପିଲାମାନେ ମିଶିକରି ଲେଖିଥାନ୍ତି । ଏହି ପ୍ରକ୍ରିୟାରେ ଉଭୟ ହିଁ ପ୍ରସଙ୍ଗ ବିଷୟରେ ଚିନ୍ତା କରନ୍ତି ଓ ନିଜ ନିଜ ବିଚାର ଉପସ୍ଥାପିତ କରନ୍ତି । ମିଳିତ ରୂପରେ ରଚିତ ପାଠରେ ଲେଖିବା କାମ ଶିକ୍ଷକ କରିଥାନ୍ତି ।

**ଏଥିରେ :-**

- ସମ୍ପୂର୍ଣ୍ଣ ଶ୍ରେଣୀ ସାମିଲ ହୋଇଥାନ୍ତି ।
- ଶିକ୍ଷକ ଓ ପିଲା ଉଭୟେ ମିଶିକରି ପାଠ ଚିନ୍ତା କରନ୍ତି । ଶିକ୍ଷକ ବଡ଼ ବଡ଼ ଅକ୍ଷରରେ ଲେଖନ୍ତି ଫଳରେ ସମସ୍ତଙ୍କୁ ସ୍ପଷ୍ଟ ରୂପେ ଦେଖାଯିବା ଦରକାର । ପିଲାମାନେ ବୋର୍ଡ଼ର ଆଖପାଖରେ ଏକଜୁଟ ହୋଇକରି ଦେଖନ୍ତି।
- ଶିକ୍ଷକ ବାକ୍ୟ ଗଠନ ଓ ପାଠରେ ସଂଶୋଧନ କରିବାର କାମରେ ପିଲାମାନଙ୍କୁ ସାମିଲ କରିଥାନ୍ତି ।
- ଶିକ୍ଷକ ଉପଯୁକ୍ତ ଲିଖନ ଓ ବିରାମ ଚିହ୍ନର ବ୍ୟବହାର ଆଦିରେ ସଂଶୋଧନ କରିଥାନ୍ତି ।
- କିଛି ସମୟ ପରେ ପିଲାମାନେ ବୋର୍ଡ଼ ଉପରେ କିଛି ଶବ୍ଦ/ବାକ୍ୟ ଲେଖିବା ଆରମ୍ଭ କରନ୍ତି ।

**କାହିଁକି ?**

ଲିଖନ ଶିଖୁଥିବା ପିଲାମାନେ ଲେଖିବା ସମୟରେ ଅକ୍ଷର, ମାତ୍ରା, ଠିକ ବନାନ ଲେଖିବା ଓ ଉପଯୁକ୍ତ ବାକ୍ୟ ସଂରଚନାରେ ହିଁ ଲାଗିରହିଥାନ୍ତି । ଏମାନେ କେବଳ ନିମ୍ନ ସ୍ତରୀୟ ଲିଖନ କୌଶଳ ଯେପରି ପ୍ରସଙ୍ଗ ବିଷୟରେ ଚିନ୍ତା କରିବା, କ୍ରମରେ ଲେଖିବା, ସଂଶୋଧନ କରିବା ଆଦି ବିକଶିତ ହୋଇପାରେ ନାହିଁ ।

ସହଭାଗୀ ଲିଖନ ଏହି ଅଭାବକୁ ଦୂର କରିଥାଏ । ସହଭାଗୀ ଲିଖନ ସମୟରେ ପିଲା ଉପରେ ଲିଖନର ଚାପ ରହି ନଥାଏ । ଏହି ଚାପରୁ ମୁକ୍ତ ହୋଇ ଉଚ୍ଚସ୍ତରୀୟ ଲିଖନ ଦକ୍ଷତାଗୁଡ଼ିକ ଉପରେ ଧ୍ୟାନ ଦେଇ ପାରିଥାଏ । ଏହି କାର୍ଯ୍ୟରେ ଭାଗ ନେଉଥିବା ପିଲାମାନଙ୍କୁ ଯେକୌଣସି ବିଷୟରେ ବିଭିନ୍ନ ଦିଗ ଉପରେ ନିଜକୁ ଚିନ୍ତା କରିବା, ନିଜର ସହପାଠୀ ତଥା ଶିକ୍ଷକଙ୍କ ବିଚାରକୁ ଶୁଣିବାର ଅବସର ମିଳିଥାଏ । ଏହା ସ୍ୱତନ୍ତ୍ର ଲିଖନ ସମୟରେ ସାହାଯ୍ୟ କରିଥାଏ ।

**କିପରି କରିବା ?**

ସହଭାଗୀ ଲିଖନରେ ଶିକ୍ଷକ ଓ ପିଲାମାନେ ମିଶିକରି ଲେଖିବାର ବିଷୟ ତିଆରି କରନ୍ତି ଓ କଥାବାର୍ତ୍ତା ଦ୍ୱାରା ଚିନ୍ତା - ବିଚାର କରି  ଲେଖିବା ସ୍ଥିର କରନ୍ତି । ଏହାର ଉଦ୍ଦେଶ୍ୟ ଲେଖିବା ସମୟରେ ଚାଲୁଥିବା ବିଚାର ପ୍ରକ୍ରିୟାକୁ କରି  ଦେଖାଇବା, ଫଳରେ ପିଲାମାନେ ଏଥିରେ ମଧ୍ୟ ଭାଗିଦାର ହୋଇପାରିବେ ।




ଏହି ତିନି ଚରଣ ବିଷୟରେ ବିସ୍ତାର ରୂପେ ଜାଣିବା  ।

**୧.  ଲିଖନ ପୂର୍ବରୁ -**

କ) ଲିଖନ ପୂର୍ବରୁ ପିଲାମାନଙ୍କ ସହ ମିଶିକରି ବିଷୟ ସ୍ଥିର କରନ୍ତୁ । ବିଷୟ ଏପରି ସ୍ଥିର ହେବା ଦରକାର ଯାହା ପିଲାଟିର ଜୀବନ ସହ ସମ୍ବଧିତ ହୋଇଥିବ ବା ସେମାନଙ୍କ ପାଇଁ ଆଗ୍ରହପୂର୍ଣ୍ଣ ହୋଇଥିବ ।
ଉଦାହରଣ -

- ଶୁଣିଥିବା କାହାଣୀକୁ ନିଜ ଶବ୍ଦରେ ଲେଖିବା
- ପୂର୍ବଦିନଗୁଡ଼ିକରେ ଘଟିଥିବା ଯେକୌଣସି ଘଟଣାର ବିବରଣୀ ଲେଖିବା
- ନିଜର କୌଣସି ସାଥି/ସମ୍ପର୍କୀୟଙ୍କୁ ପତ୍ର ଲେଖିବା
- କୌଣସି ସ୍ୱତନ୍ତ୍ର ପର୍ବ ବା ମୌସୁମୀ ବିଷୟରେ ପିଲାମାନଙ୍କର ଅନୁଭବ ଲେଖିବା
- କୌଣସି ପରିଚିତ ବିଷୟ, ଯେପରି- କୌଣସି ନିର୍ଦ୍ଦିଷ୍ଟ ପଶୁ, ଗଛ ଆଦି ବିଷୟରେ ଲେଖିବା
- କିଛି କାଳ୍ପନିକ ଲେଖିବା

ଖ) ବିଷୟ ସ୍ଥିର ହୋଇସାରିବା ପରେ ଏଥି ସହ ସମ୍ବନ୍ଧିତ କ'ଣ ଲେଖାଯିବ ଏହା ଉପରେ ପିଲାମାନଙ୍କ ସହିତ ମିଶିକରି ଚର୍ଚ୍ଚା କରନ୍ତୁ । ଆସନ୍ତୁ ଦେଖିବା ଏଠାରେ ଶିକ୍ଷକ ଲେଖିବା ପୂର୍ବରୁ ପିଲାମାନଙ୍କ ସହିତ କେଉଁ ପ୍ରକାରରେ ଆଲୋଚନା କରୁଛନ୍ତି ।

**୨.  ଲିଖନ ସମୟରେ -**

କ) ଲେଖିବା ସମୟରେ ନିରନ୍ତର ଭାବରେ ପିଲାମାନଙ୍କ ସହିତ ଭିନ୍ନଭିନ୍ନ ଦିଗ ଉପରେ ଆଲୋଚନା କରନ୍ତୁ ଯେପରି-

- ଶବ୍ଦର ବନାନ, ବିରାମ ଚିହ୍ନର ବ୍ୟବହାର
- ଲେଖିବା ସମୟରେ ନୂଆ ବିଚାରକୁ ଯୋଡ଼ିବା
- ଉପଯୁକ୍ତ ଶବ୍ଦର ପ୍ରୟୋଗ କରିବା
- କ୍ରମବଦ୍ଧ ଉପାୟରେ ଲେଖିବା
- ଉପଯୁକ୍ତ ବାକ୍ୟ ସଂରଚନା

ଖ) ମଝିରେ ମଝିରେ ପିଲାମାନଙ୍କୁ ଡାକି, କୌଣସି ତ୍ରୁଟି ସୁଧାରିବା ବା କୌଣସି ଶବ୍ଦ/ଛୋଟ ବାକ୍ୟ ଲେଖିବା ପାଇଁ ଅଭିପ୍ରେରିତ କରିବା।
ଗ) ପ୍ରତି ୨-୩ ବାକ୍ୟ ଲେଖି ସାରିବା ପରେ ନିଜ ଲିଖନକୁ ଯାଞ୍ଚ କରିବା ଓ ପିଲାମାନଙ୍କୁ ମଧ୍ୟ ଯାଞ୍ଚ କରିବା ପାଇଁ ଅଭିପ୍ରେରିତ କରିବା।
ଘ) ଲେଖିବା ସମୟରେ ଯାହା ଲେଖୁଛନ୍ତି ଉଚ୍ଚ ସ୍ୱରରେ କହି କହି ଲେଖିବା ।
ଆସନ୍ତୁ, ଏହି ଶ୍ରେଣୀରେ ଉଦାହରଣ ଦେଖିବା -
ଏହି ପ୍ରକାରରେ ଶିକ୍ଷକ ପିଲାମାନଙ୍କ ସହିତ ଆଲୋଚନା କରିବେ ଓ ସେମାନଙ୍କ ସହ ମିଶିକରି ଲେଖିବେ ।

**୩. ଲେଖିବା ପରେ -**

କ) ଲେଖିବା ପରେ ଆଉଥରେ ପଢ଼ିକରି ନିଜର ଲେଖାକୁ ଯାଞ୍ଚ କରନ୍ତୁ ।  ନିଜ ସହିତ ପିଲାମାନଙ୍କୁ ମଧ୍ୟ କୌଣସି ଶବ୍ଦ ବା ବାକ୍ୟ ପଢ଼ିବାକୁ ପ୍ରେରିତ କରନ୍ତୁ ।

ଖ) ଯଦି କୌଣସି ସଂଶୋଧନ ଆବଶ୍ୟକତା ଥାଏ, ତାହା ଠିକ କରନ୍ତୁ, ତ୍ରୁଟି ସୁଧାରିବାରେ ପିଲାମାନଙ୍କୁ ସାମିଲ କରନ୍ତୁ ।

ଆସନ୍ତୁ ଶ୍ରେଣୀର ଉଦାହରଣ ଦେଖିବା

**ଧ୍ୟାନ ଦିଅନ୍ତୁ -**

- ଏକ ଏକ ଶବ୍ଦକୁ ଧୀରେ ଧୀରେ ସାବଧାନର ସହ କୁହନ୍ତୁ ।
- ପିଲାମାନଙ୍କ ଠାରୁ ଶବ୍ଦର ବନାନ, ଠିକ ଶବ୍ଦର ପ୍ରୟୋଗ, ବାକ୍ୟ ସଂରଚନା ଆଦି ସମ୍ବନ୍ଧିତ ବିଚାର ନିଅନ୍ତୁ ।
- ପିଲାମାନଙ୍କୁ ମଝିରେ ମଝିରେ ବୋର୍ଡ଼ ଉପରେ ଲେଖିବାର ସୁଯୋଗ ଦିଅନ୍ତୁ ।
- ପିଲାମାନଙ୍କୁ ଏପରି ପ୍ରଶ୍ନ ପଚାରନ୍ତୁ ଯାହା ସେମାନଙ୍କୁ ନିଜ କଥା ଉପଯୁକ୍ତ ଢଙ୍ଗରେ କହିବା ପାଇଁ ଅଭିପ୍ରେରିତ କରିବ ।
- ପିଲାମାନଙ୍କ ଭିତରେ ଆପଣ ଯେଉଁ ବିଶେଷ କୌଶଳ ବିକଶିତ କରିବାକୁ ଚାହୁଁଛନ୍ତି, ଏହାକୁ ସ୍ପଷ୍ଟ ରୂପରେ ପ୍ରଦର୍ଶନ କରନ୍ତୁ ଓ ପିଲାମାନଙ୍କୁ ମଧ୍ୟ ଏହା ସମ୍ବନ୍ଧିତ ଅଭ୍ୟାସ ପାଇଁ ସୁଯୋଗ ଦିଅନ୍ତୁ ।

## ତଥ୍ୟ ଫର୍ଦ୍ଦ - ୩

## ଶିକ୍ଷକଙ୍କ ସହାୟତାରେ ଲିଖନ

ଶିକ୍ଷକଙ୍କ ସହାୟତାରେ ଲିଖନ, ଏପରି ଏକ କୌଶଳ ଯେଉଁଠି ପିଲାମାନଙ୍କ ଠାରୁ ନିଜେ ଲେଖିବା ପାଇଁ ଅପେକ୍ଷା କରାଯାଇଥାଏ । ଶିକ୍ଷକ ଏଥିରେ ସେମାନଙ୍କୁ ସହାୟତା କରନ୍ତି । ଏହି ସହାୟତା ସେମାନଙ୍କୁ ଚିନ୍ତା କରିବା ପାଇଁ, କୌଣସି ଶବ୍ଦ ବା ବାକ୍ୟ ଆଦି ଲେଖିବା ପାଇଁ ଉତ୍ସାହିତ କରିଥାଏ । ଏଥିରେ ପିଲାମାନେ ସ୍ୱତନ୍ତ୍ର ରୂପରେ ବା ଛୋଟ ଛୋଟ ଦଳରେ ଲେଖନ୍ତି । ଶିକ୍ଷକ ଆବଶ୍ୟକତା ଅନୁସାରେ ସେମାନଙ୍କୁ ମାର୍ଗଦର୍ଶନ କରି, ନିଜ ଲେଖାକୁ ଅଧିକ ଭଲ କରିବା ପାଇଁ ସାହାଯ୍ୟ କରନ୍ତି ।

**ଶିକ୍ଷକଙ୍କ ସହାୟତାରେ ଲିଖନ କାର୍ଯ୍ୟ କାହିଁକି ?**

ଯଦି ପିଲାମାନେ ଦେଖି ଦେଖି କରି ଲେଖନ୍ତି, ଯେପରି ଅଭ୍ୟାସ କାର୍ଯ୍ୟ ଦ୍ୱାରା ଲିଖନର ଅଭ୍ୟାସ କରୁଛନ୍ତି, ସେମାନେ ନିଜକୁ କୌଣସି ବିଷୟ ଉପରେ ବା ପାଠର ଶେଷରେ ଆସୁଥିବା ପ୍ରଶ୍ନ-ଉତ୍ତର ଆଦି ଲେଖିବାରେ କଠିନତା ଅନୁଭବ କରିଥାନ୍ତି । ଏଥିରେ ପିଲାମାନଙ୍କୁ ଯଦି ଲିଖନରେ ଅଭିପ୍ରେରିତ କରାଯାଏ ଓ ଏହି ସମୟରେ ସେମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଉଚିତ ମାର୍ଗଦର୍ଶନ କରାଯାଏ, ତେବେ ଏହା ସେମାନଙ୍କ ଲିଖନକୁ ବହୁତ ଭଲ କରିବା ପାଇଁ ସହାୟତା ଦେଇଥାଏ ।

ପିଲାମାନେ ଯେତେବେଳେ ଲେଖିବା ଶିଖନ୍ତି, ସେତେବେଳେ ସେମାନଙ୍କୁ ଲିଖନର ମୌଳିକ ଓ ଉଚ୍ଚସ୍ତରୀୟ କୌଶଳ ସମ୍ବନ୍ଧିତ କଠିନତାର ସାମ୍ନା କରିବାକୁ ପଡ଼ିଥାଏ ଯାହା ପାଇଁ ସେମାନଙ୍କୁ ଶିକ୍ଷକଙ୍କ ମାର୍ଗଦର୍ଶନ ଓ ସହାୟତାର ଆବଶ୍ୟକତା ପଡ଼ିଥାଏ । ଯେପରି - ସନ୍ତୁଳିତ ଓ ଠିକ ଆକାରରେ ଅକ୍ଷର ଲେଖିବା, ନିଜ କଥା ଠିକ ଭାବରେ କହିବା, ଉପଯୁକ୍ତ ଶବ୍ଦ ଚୟନ କରିବା, ଲିଖନର ଆରମ୍ଭ ଓ ଅନ୍ତ ବିଷୟରେ ଚିନ୍ତା କରିବା, କ୍ରମବଦ୍ଧ ଓ ସମ୍ପ୍ରସାରିତ ଉପାୟରେ ନିଜର ବିଚାର ଲେଖିବା ଇତ୍ୟାଦି ।

ଶିକ୍ଷକଙ୍କ ସହାୟତାରେ ଶିକ୍ଷଣ ପାଇଁ ମୌଳିକ ଓ ଉଚ୍ଚସ୍ତରୀୟ କୌଶଳଗୁଡ଼ିକ ଉପରେ ଏକ ସାଙ୍ଗରେ କାର୍ଯ୍ୟ ହେବା ଦରକାର।

**କିପରି କରିବା ?**

ଲିଖନ ଆରମ୍ଭ କରିବା ପୂର୍ବରୁ, ଲିଖନ ଚାଲୁଥିବା ସମୟରେ ଓ ଲିଖନ ପରେ - ତିନି ସମୟ ପାଇଁ ପିଲାମାନଙ୍କୁ ସହାୟତା ଦିଆଯାଇପାରିବ ।



ଆସନ୍ତୁ ଏହି ତିନି ସ୍ତର ସମ୍ପର୍କରେ ବିଶେଷ ଭାବରେ ଜାଣିବା –

**<u>କ) ଲେଖିବା ପୂର୍ବରୁ -</u>**

୧) ଲେଖିବା ପୂର୍ବରୁ, ପିଲାମାନଙ୍କ ସହ ବିଷୟ ସମ୍ବନ୍ଧିତ ଆଲୋଚନା କରିବା ଆବଶ୍ୟକ ।

୨) ଲେଖାକୁ କିଏ ପଢ଼ିବେ, ଏହା ଉପରେ ଚର୍ଚ୍ଚା କରନ୍ତୁ ।

**ଆସନ୍ତୁ ଏଠାରେ ଦିଆଯାଇଥିବା କୌଣସି ଏକ ଶ୍ରେଣୀର ଉଦାହରଣ ଦେଖିବା -**



(ଶିକ୍ଷୟିତ୍ରୀ/ଶିକ୍ଷକ ପିଲାମାନଙ୍କୁ ଏହି ଦୁଇଟି ଚିତ୍ର ଦେଖାଇ ପଚାରିବେ)

ଶିକ୍ଷୟିତ୍ରୀ/ଶିକ୍ଷକ - ଏହି ଦୁଇଟି ଚିତ୍ରରୁ ପ୍ରଥମ ଚିତ୍ରରେ କ'ଣ ହେଉଛି ?

ପିଲାମାନେ - ଏକ ଝିଅ ଛତା ନେଇକରି ଯାଉଛି । ବର୍ଷା ହେଉଛି ।

ଶିକ୍ଷୟିତ୍ରୀ/ଶିକ୍ଷକ - ଏକଦମ ଠିକ, ମୋତେ ଏହା ମଧ୍ୟ ଲାଗୁଛି ଯେ ପବନ ହେଉଛି ।
ଧ୍ୟାନର ସହିତ ଦେଖ, କ'ଣ ତୁମକୁ ଏହା ମଧ୍ୟ ଲାଗୁଛି ?

ପିଲାମାନେ - ହଁ

ଶିକ୍ଷୟିତ୍ରୀ/ଶିକ୍ଷକ - କିପରି ?

ପିଲାମାନେ - ଝିଅଟିର ପୋଷାକ ଉଡୁଛି... ଗଛ ମଧ୍ୟ ତଳକୁ ବଙ୍କା ହେବାର ଦେଖାଯାଉଛି ।

ଶିକ୍ଷୟିତ୍ରୀ/ଶିକ୍ଷକ - ଆଉ ଏହି ଝିଅଟି କ'ଣ କରୁଛି ? କେଉଁ ଆଡେ ଯାଉଛି ?

ଶିକ୍ଷୟିତ୍ରୀ/ଶିକ୍ଷକ - ଆଚ୍ଛା, ଏବେ ଅନ୍ୟଅଚିତ୍ରଟିକୁ ଦେଖ... କ'ଣ ସେହି ଝିଅଟି ଯିଏ ପ୍ରଥମ ଚିତ୍ର ଥିଲା ?

ପିଲାମାନେ - ହଁ

ଶିକ୍ଷୟିତ୍ରୀ/ଶିକ୍ଷକ - ତୁମକୁ ଏପରି କାହିଁକି ଲାଗୁଛି ?

ଏହି ପ୍ରକାରରେ ଶିକ୍ଷୟିତ୍ରୀ ଚିତ୍ର ସମ୍ବନ୍ଧିତ ଆଲୋଚନା କଲେ । ପୁନଶ୍ଚ ପିଲାମାନଙ୍କର ଧ୍ୟାନ ସେମାନଙ୍କ ଦ୍ୱାରା କରାଯାଇଥିବା ଲେଖା କିଏ ପଢ଼ିବେ ସେଦିଗକୁ ମଧ୍ୟ ନେଇ ଗଲେ ।

**<u>ଖ) ଲିଖନ ସମୟରେ -</u>**

୧. ପିଲାମାନଙ୍କୁ ସ୍ୱତନ୍ତ୍ର ଭାବରେ ବା ଦଳରେ ଲିଖନ କାର୍ଯ୍ୟ ଦିଅନ୍ତୁ ।

୨. ଯେତେବେଳେ ସେମାନେ ଲେଖୁଛନ୍ତି, ସେତେବେଳେ ଆପଣ ବୁଲି ବୁଲି ସେମାନଙ୍କ ଲିଖନକୁ ଯାଞ୍ଚ କରନ୍ତୁ ଓ ସେମାନଙ୍କ ଆବଶ୍ୟକତା ଅନୁସାରେ ସାହାଯ୍ୟ କରନ୍ତୁ ।

ଆସନ୍ତୁ, ଏହି ଶ୍ରେଣୀରେ ଏକ ଉଦାହରଣ ଦେଖିବା –

(ଶିକ୍ଷୟିତ୍ରୀ ଦୁଇଟି ଚିତ୍ରକୁ ବୋର୍ଡ଼ରେ ଲଗାଇ ଦେଲେ ଓ ଦଳରେ ବସିଥିବା ପିଲାମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିତ୍ର ସହ ସମ୍ବନ୍ଧିତ ଏକ କାହାଣୀ ଲେଖିବା ଓ ଆବଶ୍ୟକ ପଡ଼ିଲେ ଅନ୍ୟର ସାହାଯ୍ୟ ପାଇଁ କହିଲେ । ପୁନଶ୍ଚ ଶିକ୍ଷୟିତ୍ରୀ ଏକ ଦଳ ପାଖକୁ ଗଲେ ଓ ସେମାନଙ୍କ ଲେଖାକୁ ଦେଖିବାକୁ ଲାଗିଲେ । ଯେଉଁ ପିଲା କିଛି ଲେଖି ପାରୁନଥିଲା, ସେ ଆଲୋଚନା କରିବାକୁ ଲାଗିଲା ।)

ଶିକ୍ଷୟିତ୍ରୀ - କ'ଣ ହେଲା, ତୁମେ ଲେଖିବା ଆରମ୍ଭ କରି ନାହଁ କାହିଁକି ?

ପିଲା - ମୋତେ ବୁଝା ପଡୁ ନାହିଁ, କିପରି ଆରମ୍ଭ କରିବି ?

ଶିକ୍ଷୟିତ୍ରୀ - ଆମେ... କୁହନ୍ତୁ, ନିଜ କାହାଣୀ ପାଇଁ ତୁମେ କ'ଣ ଚିନ୍ତା କରିଛ କି ?

(ଏଠାରେ ଶିକ୍ଷୟିତ୍ରୀ/ଶିକ୍ଷକ ପିଲାମାନଙ୍କୁ ଠିକ ଭାବରେ ଆରମ୍ଭ କରିବା ନିମିତ୍ତ ଚିନ୍ତା କରିବାରେ ସାହାଯ୍ୟ କଲେ)

ଶିକ୍ଷୟିତ୍ରୀ - କାହାଣୀ ଉପରେ ଆହୁରି ଅଧିକ କିଛି ଚର୍ଚ୍ଚା କରିବା ପରେ,
ତୁମେ ଏପରି ଆରମ୍ଭ କରିପାରିବ, "ଛୁଟି ଦିନ ରୂପା ତାର ସାଙ୍ଗ ମଧୁ ସହ ମିଶିବା ପାଇଁ ବାହାରିଲା ।"

ପିଲା - ହଁ, ଏହା ଠିକ ହେବ । ଠିକ ଅଛି, ଏବେ ମୁଁ ଲେଖି ପାରିବି ।

ପୁନଶ୍ଚ ଅନ୍ୟ ପିଲା ଶିକ୍ଷୟିତ୍ରୀଙ୍କୁ ନିଜ ପାଖକୁ ଡାକିଲା ।

ଶିକ୍ଷୟିତ୍ରୀ - କୁହ ସଞ୍ଜୟ, କ'ଣ ହେଲା ?

ସଞ୍ଜୟ - ମୋତେ ଲେଖିବାକୁ ଅଛି ବହୁତ ବହୁତ ଜୋରରେ ବର୍ଷା ହେଉଥିଲା ?

ଶିକ୍ଷୟିତ୍ରୀ - ତୁମେ ଲେଖିପାରିବ ମୂଷଳଧାର ବର୍ଷା ହେଉଥିଲା ।

(ଏଠାରେ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଉପଯୁକ୍ତ ଶବ୍ଦ ଚୟନରେ ସାହାଯ୍ୟ କଲେ)

ଶିକ୍ଷୟିତ୍ରୀ - କୁହ, ମୂଷଳଧାର କିପରି ଲେଖିବା ? ଏଠାରେ ଧ୍ୱନିକୁ ଭାଙ୍ଗି କରିଦେଖ ।

(ଏଠାରେ ଶିକ୍ଷୟିତ୍ରୀ ଠିକ ବନାନ ବତାଇବାରେ ସାହାଯ୍ୟ କଲେ)

ସଞ୍ଜୟ - ମୂ / ଷ / ଳ / ଧା / ର

ଶିକ୍ଷୟିତ୍ରୀ - ଏକଦମ ଠିକ

ପୁନଶ୍ଚ ଶିକ୍ଷୟିତ୍ରୀ ସେହି ପିଲାମାନଙ୍କ ପାଖକୁ ଗଲେ ଯେଉଁମାନଙ୍କର ବାକ୍ୟ ଗଠନ ଓ ଠିକ ବନାନ ଲେଖିବାରେ କଠିନତା ହେଉଥିଲା, ସେମାନଙ୍କୁ ସାହାଯ୍ୟ କଲେ ।

## ଗ) ଲିଖନ ପରେ -

୧. ଯେଉଁ ପିଲାମାନଙ୍କର ଲିଖନ ସମାପ୍ତ ହୋଇଗଲା, ସର୍ବ ପ୍ରଥମେ ସେମାନଙ୍କ ଲେଖାରେ କ'ଣ ଭଲ ଅଛି, ସେଥିରୁ ଦୁଇ-ତିନଟି କଥା ସେମାନଙ୍କୁ କୁହନ୍ତୁ ।

୨. ପୁନଶ୍ଚ ସେମାନଙ୍କ ମଧ୍ୟରେ ଏପରି କୌଣସି ଗୋଟିଏ କଥା ଅଛି ଯାହାକୁ ସେମାନେ ଅଧିକ ଭଲ ଭାବରେ କରି ପାରିଥାନ୍ତେ ।

ଏହି ପ୍ରକାର ଲିଖନ ପରେ ଶିକ୍ଷୟିତ୍ରୀ ସେହି ପିଲାମାନଙ୍କର କାର୍ଯ୍ୟକୁ ଦେଖିବେ ଓ ମାର୍ଗଦର୍ଶନ କରିବେ, ଯେଉଁମାନଙ୍କର ଲିଖନ କାର୍ଯ୍ୟକୁ ଲିଖନ ସମୟରେ ଦେଖି ପାରିନଥିଲେ ।

**ଧ୍ୟାନ ଦିଅନ୍ତୁ :-**

- ପିଲାମାନଙ୍କୁ ସାର୍ଥକ ଓ ଅର୍ଥପୂର୍ଣ୍ଣ ଲିଖନ କାର୍ଯ୍ୟ ଦିଅନ୍ତୁ ।
- ଲିଖନ ପୂର୍ବରୁ, ଲିଖନର ବିଷୟ ସହିତ ପିଲାମାନଙ୍କ ସହ କଥାବାର୍ତ୍ତା କରନ୍ତୁ ।
- ଲିଖନର ମୌଳିକ ଓ ଉଚ୍ଚସ୍ତରୀୟ କୌଶଳ ଉପରେ ଏକ ସାଙ୍ଗରେ କାର୍ଯ୍ୟ କରନ୍ତୁ ।
- ପିଲାମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ମାର୍ଗଦର୍ଶନ କରନ୍ତୁ ।
- ପିଲାମାନଙ୍କର ଲେଖାକୁ ପଢ଼ି ତା ଉପରେ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ।

# ମୌଳିକ ସଂଖ୍ୟାଜ୍ଞାନ ବିକାଶରେ CRA ପନ୍ଥାର ବ୍ୟବହାର

**ଦିବସ – ତୃତୀୟ** **ଅବଧି - ୧ ଘଣ୍ଟା ୩୦ ମି**

**ଅଧିବେଶନ – ତୃତୀୟ**

**ପ୍ରତ୍ୟାଶିତ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ :

- ମୌଳିକ ସଂଖ୍ୟାଜ୍ଞାନ ଶିକ୍ଷଣରେ CRA ପନ୍ଥାର ଗୁରୁତ୍ୱ ବୁଝାଇବେ ।
- ଶ୍ରେଣୀଗୃହରେ ଗଣିତ ଶିକ୍ଷଣ ପାଇଁ CRA ପନ୍ଥା ପ୍ରୟୋଗ କରିବାର କୌଶଳ ହାସଲ୍ କରିବେ ।

**ପ୍ରଣାଳୀ -**

**କାର୍ଯ୍ୟ ୧ (ସକ୍ରିୟାତ୍ମକ କାର୍ଯ୍ୟ)**

– ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ଠିଆ କରାଇ ସକ୍ରିୟାତ୍ମକ କାର୍ଯ୍ୟ କରାଇବେ । (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ )

**କାର୍ଯ୍ୟ ୨ (ଖୋଲା ଆଲୋଚନା )**

ପ୍ରଶ୍ନ ୧ : NCF ୨୦୦୫ ରେ ଗଣିତ ଶିକ୍ଷଣ ର କେଉଁ କେଉଁ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି ?

ପ୍ରଶ୍ନ ୨ : NAS ୨୦୧୭ ଓ ASER ରିପୋର୍ଟ ଅନୁଯାଇ ଗଣିତରେ ଶିକ୍ଷାର୍ଥୀ ଉପଲବ୍ଧି ସ୍ତର କମ୍ ହେବାର କାରଣ କ'ଣ ହୋଇପାରେ?

ପ୍ରଶ୍ନ ୩ : ଗଣିତ ପ୍ରତି ଭୟ ଦୂର କରିବା ଓ ଗଣିତ ଶିକ୍ଷଣକୁ ଆଗ୍ରହ ଉଦ୍ଦୀପକ କରିବା ପାଇଁ ଶ୍ରେଣୀଗୃହରେ କି କି କାର୍ଯ୍ୟ କରାଯାଇପାରିବ?

**କାର୍ଯ୍ୟ ୩**

ସାଧାରଣକର୍ମୀଙ୍କ ଦ୍ୱାରା ଶ୍ରେଣୀ କାର୍ଯ୍ୟ ପରିଚାଳନାର ପ୍ରଦର୍ଶନ (ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ )

**କାର୍ଯ୍ୟ ୪ (ଖୋଲା ଆଲୋଚନା )**

ପ୍ରଶ୍ନ ୪ : କେଉଁ କେଉଁ ସୋପାନରେ ଆମେ କାମଟି କରିଲେ ?

ପ୍ରଶ୍ନ ୫ : ଏହି ଶିକ୍ଷଣ କାର୍ଯ୍ୟରେ ଶିକ୍ଷାର୍ଥୀ ମାନଙ୍କ ଜ୍ଞାନନିର୍ମାଣ କରିବା ର ସୁଯୋଗ ଥିଲା କି ? କିପରି ?

ପ୍ରଶ୍ନ ୬ : ଶିକ୍ଷାର୍ଥୀମାନଙ୍କ ସହଯୋଗୀ ଓ ସମ୍ମିଳିତ ଶିକ୍ଷଣ ପାଇଁ ସୁଯୋଗ ଥିଲା କି ?

ପ୍ରଶ୍ନ ୭ : ଏହି ଶିକ୍ଷଣ କାର୍ଯ୍ୟରେ ପ୍ରକ୍ରିୟାଭିତ୍ତିକ ମାନନିର୍ଦ୍ଧାରଣ କିପରି କରାଯାଇଥିଲା ? କରାଯାଇପାରିବ ?

ପ୍ରଶ୍ନ ୮ : ଏହି ଶିକ୍ଷଣ କାର୍ଯ୍ୟରେ ଆଉ କେଉଁ କେଉଁ ସାମଗ୍ରୀର ବ୍ୟବହାର କରାଯାଇପାରିବ ?

ପ୍ରଶ୍ନ ୯ : ଏହି ଅଧିବେଶନରେ ଆମେ ମୁଖ୍ୟତଃ କେଉଁ ସବୁ ବିଷୟରେ ଆଲୋଚନା କରିଲେ ?

ପ୍ରଶ୍ନ ୧୦ : ଏହି ଆଲୋଚନା ଆମକୁ ଆମ କାର୍ଯ୍ୟ ପରିସରରେ କିପରି ସାହାଯ୍ୟ କରିବ ?

**ସାମଗ୍ରୀ -**

- ୧୦ଟିକିଆ କାଠିବିଡା – ୨୦ ଟି
- ଗୋଟିକିଆ କାଠି – ୩୬ ଟି
- ସ୍ଥାନୀୟମାନ ପଟି- ୬ ଟି
- ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ – ୬ଟି
- ୧୦ଟି ମାଳି ଥିବା ମାଳ – ୨୦ ଟି
- ଗୋଟିକିଆ ମାଳି – ୩୬ ଟି
- ୧୦ ଟଙ୍କିଆ ଖେଳଣା ନୋଟ୍ – ୨୦ ଟି
- ୧ ଟଙ୍କିଆ ଖେଳଣା ନୋଟ୍ – ୩୬ ଟି

## ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ :** **ଅବଧି - ୫ ମି.**

ଅଂଶଗ୍ରହଣକାରୀମାନଙ୍କୁ ଗୋଲାକାରରେ ଠିଆ କରାଇ ସାଧନକର୍ମୀ ମଝିରେ ରହି 'ଭାଇ କହିଲେ ଯେତେ ୭ ମିଶାଇ କହିବ କେତେ' ସକ୍ରିୟାତ୍ମକ କାର୍ଯ୍ୟଟି କରାଇବେ ।

ପ୍ରଶ୍ନ ୧ : ଜାତୀୟ ପାଠ୍ୟକ୍ରମ ଆଧାର – ୨୦୦୫ ରେ ଗଣିତ ଶିକ୍ଷଣର ଦିଗ

ଉତ୍ତର : ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଆଲୋଚିତ –

- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଗାଣିତିକ ଜ୍ଞାନର ବିକାଶ ସାଧନ ହେଉଛି ଗଣିତ ଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ।
- ବିଦ୍ୟାର୍ଥୀମାନେ ଗଣିତକୁ ଭୟ କରିବା ପରିବର୍ତ୍ତେ ଉପଭୋଗ କରିବେ ।
- ସେମାନଙ୍କର ଆକଳନ କରିବାର ଦକ୍ଷତା, ହାରାହାରି ଅନୁମାନ, ଅନୁମାନ କରି ଅନୁସନ୍ଧାନ କରିବା ଓ ଯଥାସମ୍ଭବ ସଠିକତା ନିରୂପଣ କରିବା ସାମର୍ଥ୍ୟର ବିକାଶ ସାଧନ କରିବା ।
- ସେମାନଙ୍କର ଚିନ୍ତା ଓ ଯୁକ୍ତିଶକ୍ତିର ଦକ୍ଷତାକୁ ବିକାଶ କରିବା, ଯୁକ୍ତିକରି ସିଦ୍ଧାନ୍ତକୁ ସତ୍ୟରେ ପରିଣତ କରିବା, ଯୁକ୍ତିର ମୂଲ୍ୟାୟନ କରିବା ଏବଂ ବିଭିନ୍ନ ପ୍ରକାର ଯୁକ୍ତି ଉପସ୍ଥାପନା କରିବାର ଦକ୍ଷତା ହାସଲ କରିବା ।
- ଶିକ୍ଷାର୍ଥୀ ମାନେ ଅମୂର୍ତ୍ତ ଧାରଣା ଓ ସୂତ୍ର ପ୍ରୟୋଗ କରି ସମସ୍ୟାଗୁଡ଼ିକୁ ଅର୍ଥପୂର୍ଣ୍ଣଭାବେ ସମାଧାନ କରିବେ ।
- ଶ୍ରେଣୀରେ ପ୍ରତ୍ୟେକ ପିଲା ଗଣିତ ଜ୍ଞାନ ହାସଲ ଓ ପ୍ରୟୋଗ କରି ପାରିବେ- ଏହି ଆତ୍ମବିଶ୍ୱାସ ରଖି ଶିକ୍ଷକ/ଶିକ୍ଷୟିତ୍ରୀ ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବେ ।

ପ୍ରଶ୍ନ ୨ : ଅଂଶଗ୍ରହଣକାରୀଙ୍କ ଠାରୁ ଉତ୍ତର ପାଇସାରିବା ପରେ ଗଣିତ କୁ ଭୟ କରିବା ଓ ଗଣିତ ଶିକ୍ଷଣ ଆକର୍ଷଣୀୟ ନ ହେବ ଉପରେ ଗୁରୁତ୍ୱ ଦିଆଯିବ ଓ ଆଲୋଚନା କରାଯିବ ।

ଉତ୍ତର : ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଆଲୋଚିତ –

- ଶିକ୍ଷାର୍ଥୀର ଅନୁଭୂତି, କୃତି, କଳ୍ପନାଶକ୍ତିକୁ ଅଗ୍ରାଧିକାର ଦେଇ ପାଠ୍ୟପୁସ୍ତକର ପ୍ରସଙ୍ଗକୁ ଆଲୋଚନା କରିବା
- ଖେଳ/ଗପ ଓ ବାସ୍ତବ ଜିନିଷ ମାଧମରେ ଗଣିତ ଶିକ୍ଷା ଦେବା
- କୁଇଜ କାର୍ଯ୍ୟ କ୍ରମ କରିବା
- ପ୍ରକଳ୍ପ କାର୍ଯ୍ୟ କାରାଇବା
- ଦୈନନ୍ଦିନ ଜୀବନ ସହିତ ପାଠକୁ ଯୋଡ଼ିବା
- ଗଣିତ ଆସୁନାହିଁ ବୋଲି ଶିକ୍ଷାର୍ଥୀଙ୍କୁ ହତୋତ୍ସାହ କରିବାନାହିଁ
- ମଜ୍ଜା ଗଣିତ, କୌଶଳାତ୍ମକ ଗଣିତ ଓ ଅଧିକ ଚିନ୍ତା କରିବାର ଗଣିତ କରାଇବା
- ମାନସାଙ୍କ ପଚାରିବା ।

ପ୍ରଶ୍ନ ୩ : ଅଂଶଗ୍ରହଣକାରୀଙ୍କ ଠାରୁ ଉତ୍ତର ପାଇବାପରେ, ସାଧନକର୍ମୀ ଶ୍ରେଣୀ ଗୃହ ପରିଚାଳନାର ଏକ demonstration ଦେବେ।

ସାଧନକର୍ମୀ ଅଂଶଗ୍ରହଣକାରୀ ଙ୍କୁ ୬ ଟି ଦଳ ରେ ଭାଗ କରିବେ ଏବଂ ପ୍ରତ୍ୟେକ୍ ଦୁଇଟି ଦଳ କୁ ସମାନ ସାମଗ୍ରୀ ଦେବେ ।

| ଦଳ ନଂ | ଶିକ୍ଷଣ ସାମଗ୍ରୀ |
|---|---|
| ୧ମ ଓ ୨ୟ | ୧୦ଟିକିଆ କାଠିବିଡା – ୧୦ ଟି, ଗୋଟିକିଆ କାଠି – ୧୮ ଟି, ସ୍ଥାନୀୟମାନ ପଟି, ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ – ୧ଟି |
| ୩ୟ ଓ ୪ର୍ଥ | ୧୦ଟି ମାଳି ଥିବା ମାଳ – ୧୦ ଟି, ଗୋଟିକିଆ ମାଳି – ୧୮ ଟି, ସ୍ଥାନୀୟମାନ ପଟି, ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ – ୧ଟି |
| ୫ମ ଓ ୬ଷ୍ଠ | ୧୦ଟଙ୍କିଆ ଖେଳଣା ନୋଟ – ୧୦ ଟି ,୧ ଟଙ୍କିଆ ଖେଳଣା ନୋଟ୍ – ୧୮ ଟି, ସ୍ଥାନୀୟମାନ ପଟି, ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦ – ୧ଟି |

**<u>ସୂଚନା :</u>**

**<u>୧ମ ସୋପାନ :</u>**

- ପ୍ରତ୍ୟେକ ଦଳକୁ ଦିଆଯାଇଥିବା ବାସ୍ତବ ଜିନିଷ ନେଇ ଯେକୌଣସି ଦୁଇଟି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗଫଳ (ଯୋଗଫଳ ୯୯ ମଧ୍ୟରେ) ନିର୍ଣ୍ଣୟ କରିବାକୁ ସାଧନକର୍ମୀ କହିବେ ।
- ଏହାପରେ ପ୍ରତିଦଳ ସେମାନଙ୍କ କାର୍ଯ୍ୟର ଉପସ୍ଥାପନା କରିବେ । ସାଧନକର୍ମୀ ଆଲୋଚନା ଓ ସଂକ୍ଷେପଣ କରିବେ ।

ସାଧନକର୍ମୀ ସବୁ ଦଳର କାମ ପର୍ଯବେକ୍ଷଣ କରିବେ ଓ ଆବଶ୍ୟକ ସ୍ଥଳେ ସହାୟତା କରିବେ । ଦଳର କାମ ସାରିଗଲା ପରେ ଦଳର ଉପସ୍ଥାପନା ଓ ସଂକ୍ଷେପଣ କରାଯିବ ।

**<u>୨ୟ ସୋପାନ :</u>**

- ପ୍ରତ୍ୟେକ ଦଳ ପୂର୍ବ ସୋପାନରେ ନେଇଥିବା ସଂଖ୍ୟା ଦୁଇଟିକୁ ବର୍ଗାକାର କୋଠରି ବିଶିଷ୍ଟ କାଗଜ ଫର୍ଦ୍ଦରେ ଚିତ୍ରିତ ଉପସ୍ଥାପନା (Representation) କରି ଯୋଗଫଳ ନିର୍ଣ୍ଣୟ କରିବାକୁ ସାଧନକର୍ମୀ ସୂଚନା ଦେବେ ।
- ଏହାପରେ ଦଳଗତ ଉପସ୍ଥାପନା, ଆଲୋଚନା ଓ ସଂକ୍ଷେପଣ କରିବେ ।

**<u>୩ୟ ସୋପାନ :</u>**

- ପ୍ରତ୍ୟେକ ଦଳ ପୂର୍ବରୁ ନେଇଥିବା ସଂଖ୍ୟା ଦୁଇଟିକୁ ଏକକ ଓ ଦଶକ ସ୍ତମ୍ଭରେ ଲେଖି ଯୋଗଫଳ ନିର୍ଣ୍ଣୟ କରିବାକୁ ସାଧନକର୍ମୀ ସୂଚନା ଦେବେ ।
- ଏହାପରେ ଦଳଗତ ଉପସ୍ଥାପନା, ଆଲୋଚନା ଓ ସଂକ୍ଷେପଣ କରିବେ ।

**ପ୍ରଶ୍ନ ୪ : <u>CRA ପଦ୍ଧତି</u>**

- C- CONCRETE
- R- REPRESENTATION
- A- ABSTRACT
- ପ୍ରଥମ ସୋପାନ - ମୂର୍ତ୍ତ (Concrete) ସୋପାନରେ ପିଲା ନିଜେ ବାସ୍ତବ ଜିନିଷ ଗୁଡ଼ିକୁ ହାତରେ ଧରି କାର୍ଯ୍ୟ କରି ଶିଖିବାର ସୁଯୋଗ ଥାଏ । ତାଦ୍ୱାରା ପିଲାର ଶିକ୍ଷଣ ଉତ୍ତମ ଓ ଦୀର୍ଘସ୍ଥାୟୀ ହୋଇଥାଏ ।
- ଦ୍ୱିତୀୟ ସୋପାନ – ଚିତ୍ରିତ ଉପସ୍ଥାପନା(Representation) ଦ୍ୱାରା ସେହି ଶିକ୍ଷଣ ଅଧିକ ସୁଦୃଢ ହୋଇଥାଏ
- ତୃତୀୟ/ଶେଷ ସୋପାନ - ଶେଷରେ ଅମୂର୍ତ୍ତ (ABSTRACT) ସୋପାନରେ ପିଲାଟି ସଂଖ୍ୟା ସୂଚକକୁ ବ୍ୟବହାର କରିବାସହିତ ଶିକ୍ଷଣକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିଥାଏ ।

**ପ୍ରଶ୍ନ ୫, ୬, ୭ : <u>3Cs Approach</u>**

- **<u>Constructivism</u>** - Constructivism is the theory that says learners construct knowledge rather than just passively take in information.
- **<u>Collaborative & Cooperative</u>** - Collaborative & Cooperative learning is an instructional strategy that enables small groups of students to work together on a common assignment.
- **<u>Continuous and Comprehensive Evaluation</u>** - CCE refers to a system of school-based evaluation of students that covers all features of students' development. ... The second term `comprehensive' means that the scheme tries to cover both the scholastic and the co-scholastic aspects of students' growth and development.

## ତଥ୍ୟଫର୍ଦ୍ଦ CRA

ଗଣିତ ଶିକ୍ଷଣର ଧାରା ଅନେକ ରହିଛି । ଯାହା ଆମ ଶିକ୍ଷକମାନଙ୍କୁ ଭଲ ଭାବରେ ଜଣା ଅଛି । CRA ଏକ ପନ୍ଥା, ଯାହା ଶିକ୍ଷକମାନେ ଅବଗତ ଅଛନ୍ତି । ସେ ସମ୍ପର୍କରେ ଆଉଥରେ ଆଲୋଚନା କରିବାକୁ ମନେ କରୁଅଛୁ । CRA ହେଉଛି Concrete – Representation - Abstract । ଏହି ପନ୍ଥାରେ ପିଲାର ଶିକ୍ଷଣ ଅଧିକ ବାସ୍ତବ ଓ ଦୃଢୀଭୂତ ହୋଇଥାଏ ।

### Concrete / ମୂର୍ତ୍ତ ପର୍ଯ୍ୟାୟ :

ପିଲା ପ୍ରଥମେ ଯେଉଁ ଜିନିଷଟି ଦେଖେ ତା'ର ଆକାର, ଅବସ୍ଥିତି, ନାମ ଇତ୍ୟାଦି ଜାଣିବା ପାଇଁ ଆଗ୍ରହ ପ୍ରକାଶ କରେ । ସେହିପରି ବାସ୍ତବ ଜିନିଷ ସହିତ ପିଲା ପରିଚିତ ହୋଇଥାଏ ଏବଂ ସମ୍ପର୍କ ସ୍ଥାପନ କରି ଶିଖିଥାଏ ଫଳରେ ତା'ର ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇଥାଏ । ଉଦାହରଣ ସ୍ୱରୂପ : ପିଲାମାନଙ୍କୁ ସଂଖ୍ୟା ଗଣନ ଶିଖାଇଲା ସମୟରେ ପ୍ରଥମେ:

ଏକ,
ଏକରେ ଆଉ ଏକ ଦୁଇ,
ଦୁଇରେ ଆଉ ଏକ ତିନି



କହିଲା ବେଳେ ଆମେ ବସ୍ତୁ ଦେଖାଇ ପିଲାକୁ କହି ଥାଉ । ପିଲା ସେହି ବସ୍ତୁ ଗୁଡ଼ିକୁ କ୍ରମରେ ଗଣି ବସ୍ତୁର ଉପସ୍ଥିତିକୁ ଉପଲବ୍ଧି କରି ସଂଖ୍ୟାକୁ ଶିଖିଥାଏ ଓ ନାମକୁ କହିଥାଏ । ସେହି କ୍ରମରେ ପିଲା ଏକ, ଦୁଇ, ତିନି, ଚାରି, ପାଞ୍ଚ ଇତ୍ୟାଦି ବସ୍ତୁ ମାଧ୍ୟମରେ ଗଣନ କରିବା ପରେ ସଂଖ୍ୟାର କ୍ରମ ଓ ନାମଗୁଡ଼ିକ ମନେ ରଖିବା ପାଇଁ ସମର୍ଥ ହୋଇଥାଏ । ଏହା ଥିଲା ବାସ୍ତବ ପର୍ଯ୍ୟାୟ ବା ମୂର୍ତ୍ତ (concrete) ପର୍ଯ୍ୟାୟ ।

### Representation / ଚିତ୍ରିତ ପର୍ଯ୍ୟାୟ :

ଆସନ୍ତୁ Representation ପର୍ଯ୍ୟାୟ ବା ଚିତ୍ରିତ ଉପସ୍ଥାପନା ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରିବା ।
ପିଲା ବର୍ଗାକୃତି କୋଠରି ଥିବା ଖାତାରେ

- ଏକ କହିଲେ ଗୋଟିଏ କୋଠରୀ ରଙ୍ଗ କରିବ
- ଦୁଇ କହିଲେ ଦୁଇଟି କୋଠରୀ ରଙ୍ଗ କରିବ
- ତିନି କହିଲେ ତିନୋଟି କୋଠରୀକୁ ରଙ୍ଗ କରିବ



ଏହିପରି ପିଲା ଯେତେ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ସଂଖ୍ୟା ଗଣନ ଶିଖି ଥିବ ସେହି ସଂଖ୍ୟା ସୂଚକ ପାଇଁ ସେତୋଟି କୋଠରିକୁ ରଙ୍ଗ ଦେବ । କେତେକ କ୍ଷେତ୍ର ରେ ପିଲା ମାନଙ୍କୁ ଆମେ ସଂଖ୍ୟାର ଅବସ୍ଥିତି ପାଇଁ ସଂଖ୍ୟା ସୂଚକ ଅନୁସାରେ ସେତୋଟି ଗାର ପକାଇ ବାକୁ କହିଥାଉ । ଏହି ପର୍ଯ୍ୟାୟରେ ପିଲାର ସଂଖ୍ୟା ଗଣନରେ ଅଧିକ ଦକ୍ଷତା ଲାଭ କରିବାର ସୁଯୋଗ ରହିଅଛି । ଏହି ପର୍ଯ୍ୟାୟରେ ପିଲା ମାନଙ୍କୁ ଅଧିକରୁ ଅଧିକ ଅଭ୍ୟାସ କରିବା ପାଇଁ ସୁଯୋଗ ଦେବା ଦରକାର ।

### Abstract / ଅମୂର୍ତ୍ତ ପର୍ଯ୍ୟାୟ :

ଏହି ପର୍ଯ୍ୟାୟ ପରେ Abstract ପର୍ଯ୍ୟାୟ ର କାର୍ଯ୍ୟ କରାଯାଇଥାଏ , ପିଲା ସଂଖ୍ୟା ସୂଚକ ଗୁଡ଼ିକୁ କ୍ରମରେ ଲେଖିଥାଏ ।

ରଙ୍ଗ କରିଥିବା କୋଠରି ପାର୍ଶ୍ୱରେ
ନିର୍ଦ୍ଦିଷ୍ଟ କ୍ରମରେ ସଂଖ୍ୟା ସୂଚକ
୧,୨,୩ କୁ ବାରମ୍ବାର ଲେଖି ଥାଏ ।



ବାରମ୍ବାର ଲେଖିବା ଦ୍ୱାରା ପିଲାର ସଂଖ୍ୟା ସୂଚକ ଗୁଡ଼ିକ ଭଲ ଭାବରେ ମନେ ରହିଥାଏ ।

ଏହିପରି ଆମେ ଆଉ ଗୋଟିଏ ଉଦାହରଣ ନେଇ ପାରିବା । ପିଲାଟି ଯେତେବେଳେ ଯୋଗ କ୍ରିୟା ଶିଖିଥାଏ ସେହି ସମୟରେ ସେ ସମଜାତୀୟ ଜିନିଷ ନେଇ କାର୍ଯ୍ୟ କରିବ । ଯେ କୌଣସି ଦୁଇଟି ପରିମାଣର ସମଜାତୀୟ ଜିନିଷ ଯଥା ମାଳି, ଗୋଡ଼ି, କାଠି, ମଞ୍ଜି ନେଇ ମୂର୍ତ୍ତ ( concrete ) ପର୍ଯ୍ୟାୟରେ କାର୍ଯ୍ୟ କରିବ । ଏହି ପର୍ଯ୍ୟାୟରେ ବାରମ୍ବାର ପିଲା ନେଇଥିବା ବସ୍ତୁଗୁଡ଼ିକୁ ମିଶାଇ ବାସ୍ତବ ଧାରଣା ପାଇବା ଓ ମିଶାଇ ପାରିବ ।

**ଯଥା ଦୁଇଟି ମାଳିରେ ଗୋଟିଏ ମାଳି ମିଶାଇଲେ କେତୋଟି ମାଳି ହେବ ? ,**
**ପିଲା କାର୍ଯ୍ୟଟି ସମୁଦାୟ ମାଳିକୁ ମିଶାଇ ଗଣି କହିବ ଯେ, ତିନୋଟି ମାଳି ।**

## Representation ବା ଚିତ୍ରିତ ଉପସ୍ଥାପନା ପର୍ଯ୍ୟାୟ –

ଏହି ପର୍ଯ୍ୟାୟରେ ବର୍ଗାକୃତି କୋଠରି ଥିବା ଖାତାରେ ସମ ସଂଖ୍ୟକ (ନିଆ ଯାଇଥିବା ଦୁଇଟି ପରିମାଣ) ଯଥା ୧ ଓ ୨ଟି କୋଠରି ଗଣି ରଙ୍ଗ ଦେବ ଓ ସମୁଦାୟ କୋଠରିକୁ ଗଣି ଫଳାଫଳ ୩ କହିବ । ଏହି କାର୍ଯ୍ୟ ବାରମ୍ବାର ପିଲାମାନେ କିପରି କରିବେ ଶିକ୍ଷକ ସେଥିପାଇଁ ସୁଯୋଗ ସୃଷ୍ଟି କରିବେ ।

## ଶେଷ ପର୍ଯ୍ୟାୟ Abstract ବା ଅମୂର୍ତ୍ତ ପର୍ଯ୍ୟାୟ –

ଏହି ପର୍ଯ୍ୟାୟରେ ପିଲାମାନେ ୨ + ୧ = ୩ ଏହି ପରି ଲେଖି ଯୋଗ ଚିହ୍ନ ସହିତ ବାରମ୍ବାର ଅଭ୍ୟାସ କରିବେ । ପିଲା CRA ପ୍ରଣାଳୀ ଅବଲମ୍ବନ କରି ସଂଖ୍ୟା ଗଣନ, ଯୋଗ କ୍ରିୟା, ବିୟୋଗ ପ୍ରକ୍ରିୟା, ଗୁଣନ ଆଦି କାର୍ଯ୍ୟ କରିବାକୁ ସମର୍ଥ ହେବ ଏଥିରେ ସନ୍ଦେହ ନାହିଁ ।

ଏହିପରି ଭାବରେ ପ୍ରଥମ ରୁ ତୃତୀୟ ଶ୍ରେଣୀ ପିଲାମାନଙ୍କର ମୌଳିକ ସଂଖ୍ୟାଜ୍ଞାନ ହାସଲ କରିବା ପାଇଁ ବିଦ୍ୟାଳୟ ମାନଙ୍କରେ ଉପଲବ୍ଧ **ଗଣିତ କଳିକା ଆନ୍ଦୋଳନ (GKA) କିଟ୍** ଅଧିକ ସହାୟତା ପ୍ରଦାନ କରିବ ଏଥିରେ ସନ୍ଦେହ ନହିଁ । ଏହି GKA କିଟ୍ ରେ ଉପଲବ୍ଧ ଶିକ୍ଷଣ ସାମଗ୍ରୀ ଗୁଡ଼ିକ CRA (Concrete - Representation - Abstract)ପର୍ଯ୍ଯାୟରେ କାର୍ଯ୍ୟ କରିବା ପାଇଁ ପିଲାମାନଙ୍କୁ ସହଜ ହେବ ।

ଓଡ଼ିଶା ସରକାର ଓ ଅକ୍ଷରା ଫାଉଣ୍ଡେସନଙ୍କର ମିଳିତ ସହଯୋଗରେ ଗଣିତ କାଳିକା ଆନ୍ଦୋଳନ (GKA) କିଟ୍ ବ୍ୟବହାର କରି ସମସ୍ତ ଜିଲ୍ଲାରେ ମୌଳିକ ସଂଖ୍ୟାଜ୍ଞାନର ବିକାଶ ପାଇଁ ପ୍ରୟାସ କରାଯାଇଛି ।

ଏହି GKA କିଟ୍ ମାଧମରେ ପ୍ରାଥମିକ ଶ୍ରେଣୀ ମାନଙ୍କରେ ପିଲା ନିଜେ କରି କରି ଶିଖିବାର ସୁଯୋଗ ଅଛି । ଶିକ୍ଷା ଆରମ୍ଭରୁ ଯଦି ପିଲାମାନେ CRA ପଦ୍ଧତି ମାଧମରେ ଶିକ୍ଷଣ ପ୍ରକ୍ରିୟାରେ ସାମିଲ ହେବେ, ତେବେ ସେମାନଙ୍କର ଗାଣିତିକ ଦକ୍ଷତା ଦୃଢୀଭୂତ ଓ ଚିରସ୍ଥାୟୀ ହେବ ।

# ପାଠ୍ୟପୁସ୍ତକ ସହିତ କାର୍ଯ୍ୟପୁସ୍ତିକାର ସମନ୍ୱିତକରଣ

**ଦିବସ - ତୃତୀୟ** **ଅବଧି - ୧ ଘ. ୩୦ମି**

**ଅଧିବେଶନ – ଚତୁର୍ଥ**

**ପ୍ରତ୍ୟାଶିତ ଫଳାଫଳ :**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ:**

- ମୌଳିକ ସଂଖ୍ୟାଜ୍ଞାନ ପୁସ୍ତିକାର ଗୁଣାବଳୀଗୁଡ଼ିକ ବର୍ଣ୍ଣନା କରିବେ ।
- ଗଣିତ ଶିକ୍ଷଣରେ କାର୍ଯ୍ୟପୁସ୍ତିକାର ବ୍ୟବହାର କରିବାର କୌଶଳ ହାସଲ କରିବେ ।
- ଗଣିତ ପୁସ୍ତିକା ଓ କାର୍ଯ୍ୟପୁସ୍ତିକା ମଧ୍ୟରେ ସମନ୍ୱୟ ସ୍ଥାପନ କରିବେ ।

**ପ୍ରଣାଳୀ -**

**ସକ୍ରିୟାତ୍ମକ କାର୍ଯ୍ୟ : "ସଂଖ୍ୟା ଖେଳ"** **ଅବଧି – ୧୦ମି**

**( ସାଧନକର୍ମୀଙ୍କ ସୂଚନା ଦେଖନ୍ତୁ )**

**ଖୋଲା ଆଲୋଚନା ........**

୧) କାର୍ଯ୍ୟଟି କିପରି ଲାଗିଲା ? କାହିଁକି ?

୨) କାର୍ଯ୍ୟଟି କେଉଁ ଶ୍ରେଣୀର ପିଲାମାନେ କରିପାରିବେ ?

୩) ଖେଳଟିରେ କେଉଁ ଗାଣିତିକ ଧାରଣା ଦିଆଯାଇଛି ?

୪) ଏହିପରି ଗଣିତରେ ଥିବା ଗାଣିତିକ ଧାରଣାକୁ ଗୋଟିଏ ଲେଖାଏଁ କୁହନ୍ତୁ ।

୫) ଏଥିରୁ ପ୍ରଥମ ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ ପାଠ୍ୟ ପୁସ୍ତକରେ କେଉଁ କେଉଁ ଧାରଣା ରହିଛି ?

**କାର୍ଯ୍ୟ – ୧ (ସମଗ୍ର ଶ୍ରେଣୀ କାର୍ଯ୍ୟ)** **ଅବଧି –୨୦ମି**

- ଅଂଶଗ୍ରହଣକାରୀମାନେ 'U' ଆକାରରେ ବସିବେ ।
- ଚର୍ଚ୍ଚାଫର୍ଦ୍ଦକୁ ଅଂଶଗ୍ରହଣକାରୀମାନଙ୍କ ସମ୍ମୁଖରେ କାନ୍ଥରେ ଟାଙ୍ଗି ଦିଆଯିବ ।
- ଆଲୋଚନା ଓ ସାଧନକର୍ମୀଙ୍କ ଦ୍ୱାରା ସଂକ୍ଷେପଣ କରାଯିବ ।

**କାର୍ଯ୍ୟ-୨ (ଦଳଗତ କାର୍ଯ୍ୟ)** **ଅବଧି -୨୦ମି ଦଳଗତ**

**ପ୍ରସ୍ତୁତି (୧୦ ମିନିଟ୍ )**

- ପ୍ରତି ଦଳକୁ ନିମ୍ନ ମତେ ଶିକ୍ଷଣ ସାମଗ୍ରୀ ଓ କାର୍ଯ୍ୟ ବଣ୍ଟନ କରାଯିବ ।

| | |
|---|---|
| ଦଳ-୧ ଓ ୨ | ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକ- ହସ ଖେଳ -ଭାଗ-୧ ଓ ୨<br>ପ୍ରଥମ ଶ୍ରେଣୀ କାର୍ଯ୍ୟପୁସ୍ତିକା ( ପିଲାଙ୍କ ପୁସ୍ତିକା ଓ ଶିକ୍ଷକଙ୍କ ପୁସ୍ତିକା ) |
| ଦଳ-୩ ଓ ୪ | ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକ – ଗଣିତ ଖେଳ<br>ଦ୍ୱିତୀୟ ଶ୍ରେଣୀ କାର୍ଯ୍ୟପୁସ୍ତିକା |
| ଦଳ- ୫ ଓ ୬ | ତୃତୀୟ ଶ୍ରେଣୀ ପାଠ୍ୟପୁସ୍ତକ - ଗଣିତ ମଜା<br>ତୃତୀୟ ଶ୍ରେଣୀ କାର୍ଯ୍ୟପୁସ୍ତିକା |

**ଦଳଗତ ଆଲୋଚନା ଓ ଉପସ୍ଥାପନା ( ୧୦ ମି )**

୬) ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତିକା ପ୍ରସ୍ତୁତିରେ କେଉଁ କେଉଁ ଦିଗପ୍ରତି ଦୃଷ୍ଟି ଦିଆଯାଇଛି ?

୭) ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତିକା ମଧ୍ୟରେ କ'ଣ ସବୁ ପାର୍ଥକ୍ୟ ଲକ୍ଷ୍ୟ କରୁଛନ୍ତି ?

**କାର୍ଯ୍ୟ-୩ (ଦଳଗତ କାର୍ଯ୍ୟ)** **ଅବଧି -୩୦ମି**

**ଦଳଗତ ପ୍ରସ୍ତୁତି (୧୦ ମିନିଟ୍ )**

- ପ୍ରତି ଦଳକୁ କାର୍ଯ୍ୟ-୨ ରେ ଦିଆଯାଇଥିବା ସାମଗ୍ରୀ ସହିତ ଚେକ୍ ଲିଷ୍ଟ ( ତନଖି ତାଲିକା ) ପ୍ରଦାନ କରାଯିବ ।
- ପ୍ରତି ଦଳ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତିକାକୁ ପର୍ଯ୍ୟବେକ୍ଷଣ କରି ଚେକ୍ ଲିଷ୍ଟ ( ତନଖି ତାଲିକା )ରେ ଥିବା ବିଭିନ୍ନ ସୂଚକ ଉପରେ ଦଳର ମତାମତ ଲେଖିବେ ।
- ଉପସ୍ଥାପନା ( ୨୦ ମି )

**ପର୍ଯ୍ୟାୟକ୍ରମେ ସବୁ ଦଳ ଉପସ୍ଥାପନା କରିବେ, ଆଲୋଚନା ଓ ସଂକ୍ଷେପଣ କରାଯିବ ।**

୮) ଏହି କାର୍ଯ୍ୟପୁସ୍ତିକାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ କ'ଣ ?

**ସଂକ୍ଷେପଣ :** **ଅବଧି - ୧୦ମି**

**ନିମ୍ନ ପ୍ରଶ୍ନ ଆଧାରରେ ସଂକ୍ଷେପଣ କରାଯିବ । (ଖୋଲା ଆଲୋଚନା)**

୯) ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ ?

୧୦) ଏହି କାର୍ଯ୍ୟକ୍ରମ ପାଇଁ ଆପଣଙ୍କ ଭୂମିକା କ'ଣ ରହିବ ?

**ଶେଷରେ କାର୍ଯ୍ୟପୁସ୍ତିକା ସମ୍ବନ୍ଧୀୟ ତଥ୍ୟ ଫର୍ଦ୍ଦଟି ଦଳରେ ଦିଆଯିବ ।**

**ସାମଗ୍ରୀ :**

- ପ୍ରତି ଦଳ (୬ ଟି ) ଓ ସାଧନକର୍ମୀଙ୍କ ପାଇଁ
- ଚର୍ଚ୍ଚାଫର୍ଦ୍ଦ-୧ଟି
- ଚେକ୍ ଲିଷ୍ଟ ( ତନଖି ତାଲିକା ) – ୭ ଟି
- ପ୍ରଥମ ଶ୍ରେଣୀ ପାଠ୍ୟପୁସ୍ତକ- ହସ ଖେଳ -ଭାଗ-୧ ଓ ୨ – ୩ଟି
- ପ୍ରଥମ ଶ୍ରେଣୀ କାର୍ଯ୍ୟପୁସ୍ତିକା )- ୩ଟି
- ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକ – ଗଣିତ ଖେଳ - ୩ଟି
- ଦ୍ୱିତୀୟ ଶ୍ରେଣୀ କାର୍ଯ୍ୟପୁସ୍ତିକା - ୩ଟି
- ତୃତୀୟ ଶ୍ରେଣୀ ପାଠ୍ୟପୁସ୍ତକ - ଗଣିତ ମଜା - ୩ଟି
- ତୃତୀୟ ଶ୍ରେଣୀ କାର୍ଯ୍ୟପୁସ୍ତିକା - ୩ଟି

## ଚେକ୍ ଲିଷ୍ଟ ( ତନଖି ତାଲିକା )

| କ୍ରମିକ ନମ୍ବର | ସୂଚକ | ପାଠ୍ୟ ପୁସ୍ତକ | | | କାର୍ଯ୍ୟ ପୁସ୍ତିକା | | |
|---|---|---|---|---|---|---|---|
| | | ପର୍ଯ୍ୟାପ୍ତ | ପର୍ଯ୍ୟାପ୍ତ ନୁହେଁ | ଆଦୌ ନାହିଁ | ପର୍ଯ୍ୟାପ୍ତ | ପର୍ଯ୍ୟାପ୍ତ ନୁହେଁ | ଆଦୌ ନାହିଁ |
| ୦୧ | **ଧାରଣା ଆଧାରିତ ଶିକ୍ଷଣ କାର୍ଯ୍ୟ** | | | | | | |
| ୦୨ | **ଶିକ୍ଷଣ ଫଳାଫଳ ଆଧାରିତ ଶିକ୍ଷଣ କାର୍ଯ୍ୟ** | | | | | | |
| ୦୩ | **ସବୁ ସ୍ତରର ଶିକ୍ଷାର୍ଥୀଙ୍କ ପାଇଁ ଅଭ୍ୟାସ କାର୍ଯ୍ୟ** | | | | | | |
| ୦୪ | **ଅଗ୍ରଣୀ ଶିକ୍ଷାର୍ଥୀଙ୍କ ପାଇଁ ଆହ୍ୱାନ ମୂଳକ କାର୍ଯ୍ୟ** | | | | | | |
| ୦୫ | **ଶିଶୁ ଉପଯୋଗୀ ଧାରଣା ଆଧାରିତ ଚିତ୍ର** | | | | | | |

| | | | | | | | |
|---|---|---|---|---|---|---|---|
| ୦୬ | ନିଜେ କାମ କରି ଶିଖିବାର ସୁଯୋଗ | | | | | | |
| ୦୭ | ଶିକ୍ଷକଙ୍କ ପାଇଁ ଆବଶ୍ୟକ ସୂଚନା | | | | | | |
| ୦୮ | ପ୍ରାରମ୍ଭରେ ଶ୍ରେଣୀ ଉପଯୋଗୀ ପ୍ରସ୍ତୁତି କାର୍ଯ୍ୟ / ପୁନର୍ବଳନ କାର୍ଯ୍ୟ | | | | | | |
| ୦୯ | ଚିନ୍ତନ ଶକ୍ତିର ବିକାଶ ଆଧାରିତ କାର୍ଯ୍ୟ | | | | | | |
| ୧୦ | ଶ୍ରେଣୀ ବାହାରେ କାର୍ଯ୍ୟ କରିବାର ସୁଯୋଗ | | | | | | |
| ୧୧ | CRA ପନ୍ଥାର ବ୍ୟବହାର | | | | | | |
| ୧୨ | ଶିକ୍ଷଣ ସାମଗ୍ରୀର ବ୍ୟବହାରର ସୁଯୋଗ | | | | | | |
| ୧୩ | ପ୍ରକ୍ରିୟାତ୍ମକ ଜ୍ଞାନର ଅଭିବୃଦ୍ଧି ପାଇଁ ନିରନ୍ତର ମାନନିର୍ଦ୍ଧାରଣ ବ୍ୟବସ୍ଥା | | | | | | |
| ୧୪ | ସବୁ ସ୍ତରର ଶିକ୍ଷାର୍ଥୀଙ୍କ ପାଇଁ ମାନନିର୍ଦ୍ଧାରଣ କାର୍ଯ୍ୟ | | | | | | |
| ୧୫ | ଶିକ୍ଷକଙ୍କ ପ୍ରତିପୁଷ୍ଟି ଦେବାର ସୁଯୋଗ | | | | | | |

**ଚର୍ଚ୍ଚା ଫର୍ଦ୍ଦ -**

- ପାଠ୍ୟପୁସ୍ତକରେ ଥିବା ଧାରଣା, କାର୍ଯ୍ୟପୁସ୍ତିକାରେ ଥିବା ଧାରଣା ସହ ସମାନ ।
- ପାଠ୍ୟପୁସ୍ତକରେ ଥିବା କାର୍ଯ୍ୟଗୁଡ଼ିକ ଧାରଣାର ବୋଧଗମ୍ୟତା ପାଇଁ ପର୍ଯ୍ୟାପ୍ତ ।
- କାର୍ଯ୍ୟପୁସ୍ତିକାରେ ଅଭ୍ୟାସ ବ୍ୟତୀତ ଅଧିକ କିଛି ଶିଖିବାର ସୁଯୋଗ ଅଛି ।
- ପାଠ୍ୟପୁସ୍ତକର ଅଭ୍ୟାସ କାର୍ଯ୍ୟ ଓ କାର୍ଯ୍ୟ ପୁସ୍ତକର ମାନନିର୍ଦ୍ଧାରଣ ମଧ୍ୟରେ କୌଣସି ପ୍ରଭେଦ ନାହିଁ ।
- କାର୍ଯ୍ୟପୁସ୍ତିକାର ପ୍ରଦତ୍ତ ସାପ୍ତାହିକ କାର୍ଯ୍ୟଫର୍ଦ୍ଦ, ପୁନରାବୃତ୍ତି ଫର୍ଦ୍ଦ ଓ ମାନନିର୍ଦ୍ଧାରଣଫର୍ଦ୍ଦ ଶିକ୍ଷଣକୁ ଦୃଢ କରେ ।
- କାର୍ଯ୍ୟପୁସ୍ତିକାର ପ୍ରଦତ୍ତ କାର୍ଯ୍ୟଗୁଡ଼ିକ ଗଣିତ ଶିକ୍ଷଣରେ କେବଳ ଅଗ୍ରଣୀ ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ।
- କାର୍ଯ୍ୟପୁସ୍ତିକାର ପ୍ରତି ଦିବସ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟଫର୍ଦ୍ଦର ଆରମ୍ଭରେ ଥିବା ସୂଚନାକୁ ଶିକ୍ଷକ ଜାଣିବା ଆବଶ୍ୟକ ।

## ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ: "ସଂଖ୍ୟା ଖେଳ"**

- ଅଂଶଗ୍ରହଣକାରୀମାନେ ଗୋଲାକାରରେ ଠିଆ ହେବେ । ୧ ଠାରୁ ସଂଖ୍ୟାକୁ କ୍ରମରେ ଅଂଶଗ୍ରହଣକାରୀମାନେ ଜଣକ ପରେ ଜଣେ କହିବେ । ଯେଉଁ ଠାରେ ୩ ଦ୍ୱାରା ବିଭାଜ୍ୟ ସଂଖ୍ୟା ପଡ଼ିବ ସେହି ଅଂଶଗ୍ରହଣକାରୀ ସଂଖ୍ୟାଟି ନକହି କେବଳ ତାଳି ମାରିବେ ।
- ଯଦି ଭୁଲ କରନ୍ତି ତେବେ ତାଙ୍କୁ ଖେଳରୁ ବାଦ ଦିଆଯିବ ଓ ପୁଣିଥରେ ୧ ଠାରୁ ସଂଖ୍ୟାକୁ କ୍ରମରେ କହିଚାଲିବେ ।

୧) କାର୍ଯ୍ୟଟି କିପରି ଲାଗିଲା ? କାହିଁକି ?

- ➢ ଭଲ ଲାଗିଲା କାରଣ ସମସ୍ତଙ୍କର ଅଂଶଗ୍ରହଣ ଥିଲା, ଆଗ୍ରହ ଥିଲା, ଆହ୍ୱାନ ଥିଲା, ପିଲା ଖେଳରୁ ଗଣିତ ଶିଖୁଥିଲା,

୨) କାର୍ଯ୍ୟଟି କେଉଁ ଶ୍ରେଣୀର ପିଲାମାନେ କରିପାରିବେ ?

- ➢ ତୃତୀୟ ଶ୍ରେଣୀ

୩) ଖେଳଟିରେ କେଉଁ ଗାଣିତିକ ଧାରଣା ଦିଆଯାଇଛି ?

- ୩ ର ଭାଗ ବା ୩ ର ଗୁଣନ ଖନ୍ଦା

୪) ଏହିପରି ଗଣିତରେ ଥିବା ଗାଣିତିକ ଧାରଣାକୁ ଗୋଟିଏ ଲେଖାଏଁ କୁହନ୍ତୁ ।

- ଯୋଗ, ବିୟୋଗ, ଗୁଣନ, ଭାଗ କ୍ରିୟା, ଭଗ୍ନାଂଶ, ଦଶମିକ, ପରିସୀମା, କ୍ଷେତ୍ରଫଳ, ହାରାହାରି, ସମୟ ମାପ, ଓଜନ, ଗୁଣନୀୟକ, ଗୁଣିତକ ଇତ୍ୟାଦି ...

୫) ଏଥିରୁ ପ୍ରଥମ ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ ପାଠ୍ୟ ପୁସ୍ତକରେ କେଉଁ କେଉଁ ଧାରଣା ରହିଛି ?

- ଯୋଗ, ବିୟୋଗ, ଗୁଣନ, ଭାଗକ୍ରିଯା, ସରଞ୍ଜନା, ସମୟ, ମାପ .....

୬) ପାଠ୍ୟପୁସ୍ତକ ଓ କାର୍ଯ୍ୟ ପୁସ୍ତିକା ପ୍ରସ୍ତୁତିରେ କେଉଁ କେଉଁ ଦିଗପ୍ରତି ଦୃଷ୍ଟି ଦିଆଯାଇଛି ?

- ଶ୍ରେଣୀ, ପ୍ରସଙ୍ଗ, ଧାରଣା , ଶିକ୍ଷଣ ଫଳାଫଳ, ପିଲାଙ୍କ ଶିକ୍ଷଣ ସ୍ତର, ପିଲାଙ୍କ ଅଭିଜ୍ଞତା, ରଙ୍ଗିନ ଚିତ୍ର , ଆକର୍ଷଣୀୟ ବିଭିନ୍ନ ପ୍ରକାର କାର୍ଯ୍ୟ, ଇତ୍ୟାଦି .......

୭) ପାଠ୍ୟ ପୁସ୍ତକ ଓ କାର୍ଯ୍ୟ ପୁସ୍ତିକା ମଧ୍ୟରେ କ'ଣ ସବୁ ପାର୍ଥକ୍ୟ ଲକ୍ଷ୍ୟ କରୁଛନ୍ତି?

- ରଙ୍ଗ, ପିଲାଙ୍କ ପାଇଁ କାର୍ଯ୍ୟ, GKA କିଟ୍ ର ବ୍ୟବହାର, ମାନନିର୍ଦ୍ଧାରଣ ଫର୍ଦ୍ଦ ଇତ୍ୟାଦି .......

୮ ) ଏହି କାର୍ଯ୍ୟପୁସ୍ତିକାର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ କ'ଣ?

- ଶିକ୍ଷାର୍ଥୀମାନଙ୍କ ଶ୍ରେଣୀ ଭିତ୍ତିକ ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ, ପ୍ରସ୍ତୁତ ହୋଇଥିବା କାର୍ଯ୍ୟପୁସ୍ତିକାଗୁଡ଼ିକ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ର ମାର୍ଗଦର୍ଶୀ ନୀତି ଆଧାରିତ ।
- ପିଲାମାନଙ୍କର ଗାଣିତିକରଣ (Mathematization) ଦକ୍ଷତା ଅଭିବୃଦ୍ଧି ପାଇଁ ଶିକ୍ଷଣକାର୍ଯ୍ୟଭିତ୍ତିକ ଗଣିତ ଶିକ୍ଷଣ କରାଇବା ।
- ପ୍ରତ୍ୟେକ ପିଲାଙ୍କୁ ପର୍ଯ୍ୟାପ୍ତ ଆହ୍ୱାନ ମୂଳକ (Challenging) ଓ ଫଳପ୍ରଦ (Meaningful) କାର୍ଯ୍ୟରେ ନିୟୋଜିତ କରିବା ।
- ପିଲା ମାନଙ୍କ ଗାଣିତିକରଣ ଦକ୍ଷତା, ଗାଣିତିକ କୌଶଳ (Skill), ଧାରଣାର ବୋଧଗମ୍ୟତା (Conceptual Clarity) ଓ ପ୍ରକ୍ରିୟାତ୍ମକ ଜ୍ଞାନର (Procedural Knowledge) ଅଭିବୃଦ୍ଧି ପାଇଁ ମାନନିର୍ଦ୍ଧାରଣ ଧାରାରେ ପରିବର୍ତ୍ତନ ଆଣିବା ।

୯) ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ ?

- ଗଣିତ ପୁସ୍ତିକା ଓ କାର୍ଯ୍ୟପୁସ୍ତିକା ମଧ୍ୟରେ ସମନ୍ୱୟ ସ୍ଥାପନ କଲେ ।
- କାର୍ଯ୍ୟପୁସ୍ତିକାର ମୁଖ୍ୟ ଉଦ୍ଦେଶ୍ୟକୁ ବୁଝିଲୁ ।

୧୦) ଏହି କାର୍ଯ୍ୟକ୍ରମ ପାଇଁ ଆପଣଙ୍କ ଭୂମିକା କ'ଣ ରହିବ ?

- ଶିକ୍ଷାର୍ଥୀମାନଙ୍କ ଶ୍ରେଣୀ ଭିତ୍ତିକ ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ, ପ୍ରସ୍ତୁତ ହୋଇଥିବା କାର୍ଯ୍ୟପୁସ୍ତିକାକୁ ଶ୍ରେଣୀରେ ଶିକ୍ଷଣ ସମୟରେ ପ୍ରୟୋଗ କରିବା ।
- ପିଲାମାନଙ୍କର ଗାଣିତିକରଣ ( Mathematization ) ଦକ୍ଷତା ଅଭିବୃଦ୍ଧି ପାଇଁ ଶିକ୍ଷଣକାର୍ଯ୍ୟଭିତ୍ତିକ ଗଣିତ ଶିକ୍ଷଣ କରାଇବା ।
- ପ୍ରତ୍ୟେକ ପିଲାଙ୍କୁ ପର୍ଯ୍ୟାପ୍ତ ଆହ୍ୱାନ ମୂଳକ (Challenging) ଓ ଫଳପ୍ରଦ (Meaningful) କାର୍ଯ୍ୟରେ ନିୟୋଜିତ କରିବା ।
- ପିଲା ମାନଙ୍କ ଗାଣିତିକରଣ ଦକ୍ଷତା, ଗାଣିତିକ କୌଶଳ (Skill), ଧାରଣାର ବୋଧଗମ୍ୟତା (Conceptual Clarity) ଓ ପ୍ରକ୍ରିୟାତ୍ମକ ଜ୍ଞାନର (Procedural Knowledge) ଅଭିବୃଦ୍ଧି ପାଇଁ ମାନନିର୍ଦ୍ଧାରଣ ଧାରାରେ ପରିବର୍ତ୍ତନ ଆଣିବା ।

## କାର୍ଯ୍ୟ ପୁସ୍ତିକା ସମ୍ବନ୍ଧୀୟ ତଥ୍ୟଫର୍ଦ୍ଦ

ଶିକ୍ଷାର୍ଥୀମାନଙ୍କ ଶ୍ରେଣୀ ଭିତ୍ତିକ ଶିକ୍ଷଣ ଫଳାଫଳ ହାସଲ ନିମନ୍ତେ, ପ୍ରସ୍ତୁତ ହୋଇଥିବା କାର୍ଯ୍ୟପୁସ୍ତିକାଗୁଡ଼ିକ ଜାତୀୟ ପାଠ୍ୟକ୍ରମ - ୨୦୦୫ ର ସୁପାରିଶ ଆଧାରିତ ।

ଏହି କାର୍ଯ୍ୟପୁସ୍ତିକାର ମୁଖ୍ୟ ଉଦ୍ଦେଶ୍ୟ ହେଲା,

- ପିଲାମାନଙ୍କର ଗାଣିତିକରଣ (Mathematization) ଦକ୍ଷତା ଅଭିବୃଦ୍ଧି ପାଇଁ ଶିକ୍ଷଣକାର୍ଯ୍ୟଭିତ୍ତିକ ଗଣିତ ଶିକ୍ଷଣ କରାଇବା ।
- ପ୍ରତ୍ୟେକ ପିଲାଙ୍କୁ ପର୍ଯ୍ୟାପ୍ତ ଆହ୍ୱାନ ମୂଳକ (Challenging) ଓ ଫଳପ୍ରଦ (Meaningful) କାର୍ଯ୍ୟରେ ନିୟୋଜିତ କରିବା ।
- ପିଲାମାନଙ୍କ ଗାଣିତିକରଣ ଦକ୍ଷତା, ଗାଣିତିକ କୌଶଳ (Skill), ଧାରଣାର ବୋଧଗମ୍ୟତା (Conceptual Clarity) ଓ ପ୍ରକ୍ରିୟାତ୍ମକ ଜ୍ଞାନର (Procedural Knowledge) ଅଭିବୃଦ୍ଧି ପାଇଁ ମାନନିର୍ଦ୍ଧାରଣ ଧାରାରେ ପରିବର୍ତ୍ତନ ଆଣିବା ।

➢ ପ୍ରଥମ ଶ୍ରେଣୀର ୩ ମାସ /୧୨ ସପ୍ତାହର ପ୍ରସ୍ତୁତି କାର୍ଯ୍ୟରେ ପ୍ରତି ସପ୍ତାହ ନିମନ୍ତେ ୪ ଦିନର ଶିକ୍ଷଣ କାର୍ଯ୍ୟ, ୧ ଦିନ ପୁନର୍ବଳନ କାର୍ଯ୍ୟ ଓ ୧ ଦିନ ମାନନିର୍ଦ୍ଧାରଣ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି ।

➢ ଦ୍ୱିତୀୟ ଶ୍ରେଣୀର ୩ ମାସ/୧୨ ସପ୍ତାହର ପ୍ରସ୍ତୁତି କାର୍ଯ୍ୟରେ ପ୍ରତି ସପ୍ତାହ ନିମନ୍ତେ ୪ ଦିନ ର ଶିକ୍ଷଣ କାର୍ଯ୍ୟ, ୧ ଦିନ ପୁନର୍ବଳନ କାର୍ଯ୍ୟ ଓ ୧ ଦିନ ମାନନିର୍ଦ୍ଧାରଣ କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି ।

➢ ତୃତୀୟ ଶ୍ରେଣୀରେ ପୁନର୍ବଳନ କାର୍ଯ୍ୟ, ଶିକ୍ଷଣ କାର୍ଯ୍ୟ ସହ ସମନ୍ୱିତ ହୋଇ ରହିଛି ।

➢ କାର୍ଯ୍ୟ ପୁସ୍ତିକାର ପ୍ରତି ଦିବସ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟଫର୍ଦ୍ଦର ଆରମ୍ଭରେ ଶିକ୍ଷଣ ଫଳାଫଳଗୁଡ଼ିକ କୋଡ୍ ସହିତ ସୂଚିତ ହୋଇଛି ।

➢ CRA Approach ରେ ଶିକ୍ଷଣ କାର୍ଯ୍ୟ କରିବା ପାଇଁ ଶିକ୍ଷକଙ୍କ ପାଇଁ ସୂଚନା ରହିଛି ।

➢ ଉଭୟ ପାଠ୍ୟପୁସ୍ତକ ଓ କାର୍ଯ୍ୟ ପୁସ୍ତିକାରେ ଗାଣିତିକ ଧାରଣା ଗୁଡ଼ିକ ନିର୍ଦ୍ଦିଷ୍ଟ କ୍ରମରେ ରହିଛି, କାରଣ ପର ଧାରଣାଟି ପୂର୍ବ ଦକ୍ଷତା ଆଧାରିତ ।

ଉଦାହରଣ- ଗଣନ ଶିଖିବା ପରେ ଯୋଗକ୍ରିୟା ଶିଖାଇବା ସହଜ ହୁଏ ।

# ମୌଳିକ ସଂଖ୍ୟାଜ୍ଞାନ ଶିକ୍ଷଣରେ GKA କିଟ୍ ର ବ୍ୟବହାର

**ଦିବସ - ଚତୁର୍ଥ** **ଅବଧି - ୩ ଘଣ୍ଟା**

**ଅଧିବେଶନ – ପ୍ରଥମ ଓ ଦ୍ୱିତୀୟ**

**ପ୍ରତ୍ୟାଶିତ ଫଳାଫଳ :**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ,**

- GKA କିଟ୍ ରେ ଥିବା ସମସ୍ତ ସାମଗ୍ରୀ ଗୁଡ଼ିକର ନାମ ଓ ବ୍ୟବହାର କହିବେ ।
- GKA କିଟ୍ ର ସାମଗ୍ରୀକୁ ବ୍ୟବହାର କରି ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବେ ।
- ବହୁଶ୍ରେଣୀ ଓ ବହୁସ୍ତର ବିଶିଷ୍ଟ ଶ୍ରେଣୀ କାର୍ଯ୍ୟ ପରିଚାଳନା କରିବାର କୌଶଳ ହାସଲ କରିବେ ।

**ପ୍ରଣାଳୀ -**

**ସକ୍ରିୟାତ୍ମକ କାର୍ଯ୍ୟ** **ଅବଧି -୧୦ ମିନିଟ୍**

**ସମସ୍ତ ଅଂଶଗ୍ରହଣକାରୀମାନେ ଗୋଲାକାରରେ ଠିଆ ହେବେ।**

- ସାଧନକର୍ମୀ ପ୍ରଶ୍ନ କରିବେ - ସାଧାରଣ ଭାବେ ଆମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଗଣିତ ଶିକ୍ଷଣ ସମୟରେ ବ୍ୟବହାର କରୁଥିବା ଶିକ୍ଷଣ ସାମଗ୍ରୀ ମଧ୍ୟରୁ ଗୋଟିଏ ଲେଖାଏଁ ସାମଗ୍ରୀର ନାମ କହିବେ, ଯେପରି ପୁନରାବୃତ୍ତି ହେବ ନାହିଁ ଓ ସେଗୁଡ଼ିକୁ ଜଣେ ଲେଖିବେ ।

**କାର୍ଯ୍ୟ – ୧ (ଦଳଗତ କାର୍ଯ୍ୟ)** **ଅବଧି -୬୦ ମିନିଟ୍**

- ୬ଟି ଦଳ କରି ପ୍ରତ୍ୟେକ ଦଳକୁ GKA କିଟ୍ ର ଗୋଟିଏ ଲେଖାଏଁ ଶିକ୍ଷଣ ସାମଗ୍ରୀ ନିମ୍ନ ତାଲିକା ଅନୁଯାୟୀ ଦିଆଯିବ ।
- ସୂଚନା : ଅଂଶଗ୍ରହଣକାରୀ ମାନେ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଦଳରେ ଆଲୋଚନା କରି ଗୋଟିଏ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବେ ଓ ପରେ ପର୍ଯ୍ୟାୟକ୍ରମେ ଉପସ୍ଥାପନା କରିବେ ।

**ପ୍ରସ୍ତୁତି (୨୦ ମିନିଟ୍ )**

| ଦଳ | ଶିକ୍ଷଣ ସାମଗ୍ରୀ |
|---|---|
| ଦଳ ୧ | ଦଶ ଆଧାର ବ୍ଲକ |
| ଦଳ ୨ | ଖେଳନା ମୁଦ୍ରା ଓ ନୋଟ୍ |
| ଦଳ ୩ | ଘଣ୍ଟା |
| ଦଳ ୪ | ସ୍ଥାନୀୟମାନ ପଟି |
| ଦଳ ୫ | ଘନବସ୍ତୁ ଓ କାଗଜ ଜାଲ |
| ଦଳ ୬ | ଭଗ୍ନାଂଶ ଖଣ୍ଡ, ଓ ଭଗ୍ନାଂଶ ପଟି |

**ଦଳଗତ ଉପସ୍ଥାପନା (୪୦ ମିନିଟ୍ )**

ଉପସ୍ଥାପନା ସମୟରେ ନିମ୍ନ ପ୍ରଶ୍ନକୁ ଆଧାର କରି ଖୋଲା ଆଲୋଚନା କରାଯିବ ।

ପ୍ରଶ୍ନ-୧ - ଏହି ଶିକ୍ଷଣ କାର୍ଯ୍ୟରେ ଶିକ୍ଷଣ ଉଦ୍ଦେଶ୍ୟ କ'ଣ ଥିଲା ?

ପ୍ରଶ୍ନ-୨ - କେଉଁ କେଉଁ ସୋପାନରେ କାର୍ଯ୍ୟଟି କରାଯାଇଥିଲା ?

ପ୍ରଶ୍ନ-୩ - ଶିକ୍ଷଣ କାର୍ଯ୍ୟରେ CRA ପନ୍ଥା ଅନୁସରଣ କରଯାଇଥିଲା କି ? କିପରି ?

ପ୍ରଶ୍ନ-୪ - ଆଉ କ'ଣ ପରିବର୍ତ୍ତନ କରିଥିଲେ ଅଧିକ ଭଲ ହୋଇଥାଆନ୍ତା ?

ପ୍ରଶ୍ନ-୫ - ଆଉ କେଉଁ ଶ୍ରେଣୀର କେଉଁ ଧାରଣାରେ ଏହି ସାମଗ୍ରୀ ବ୍ୟବହାର କରାଯାଇପାରିବ?

**କାର୍ଯ୍ୟ – ୨ (ଦଳଗତ କାର୍ଯ୍ୟ)** ଅବଧି -୬୦ ମିନିଟ୍

**୬ଟି ଟେବୁଲ ନେଇ GKA କିଟ୍ ରେ ଥିବା ବଳକା ସାମଗ୍ରୀ ଗୁଡ଼ିକୁ ନିମ୍ନମତେ ରଖାଯିବ ।**

| |
|---|
| ଟେବୁଲ ୧ - ସ୍କୋୟାର କାଉଣ୍ଟର, ଡାଇସ |
| ଟେବୁଲ ୨ - ସଂଖ୍ୟାରେଖା ମାଳି, ମାପ ଫିତା |
| ଟେବୁଲ ୩ - ଆବାକସ, ଜିଓ ବୋର୍ଡ |
| ଟେବୁଲ ୪ - ପ୍ରୋଟାକ୍ଟର, ତରାଜୁ |
| ଟେବୁଲ ୫ - ଦଶମିକ ସେଟ, ଦଶମିକ ସ୍ଥାନୀୟ ମାନ ପଟି |
| ଟେବୁଲ ୬ - ତରାଜୁ, ଟାନଗ୍ରାମ |

**ସୂଚନା –** ପ୍ରତି ଦଳ ପର୍ଯ୍ୟବେକ୍ଷଣ ସାରଣୀ ଓ ତଥ୍ୟଫର୍ଦ୍ଦ-୧ ନେଇ ପ୍ରତି ଟେବୁଲରେ ଥିବା ସାମଗ୍ରୀ ଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ପର୍ଯ୍ୟବେକ୍ଷଣ ସାରଣୀଟି ପୂରଣ କରିବେ ।

**ଦଳଗତ ଉପସ୍ଥାପନା:**

ଦଳଗତ ଉପସ୍ଥାପନା ପରେ ଅଲୋଚନା ଓ ସଂକ୍ଷେପଣ କରାଯିବ ।

**କାର୍ଯ୍ୟ – ୩ (ଦଳଗତ କାର୍ଯ୍ୟ)** ଅବଧି -୪୦ ମିନିଟ୍

**ପ୍ରତିଦଳରେ ତଥ୍ୟ ଫର୍ଦ୍ଦ ୨ ଓ ୩ ଦିଆଯିବ । ଦିଆଯାଇଥିବା ତଥ୍ୟ ଫର୍ଦ୍ଦ ଅନୁଯାୟୀ ନିମ୍ନ ପ୍ରଶ୍ନକୁ ଆଧାର କରି ଖୋଲା ଆଲୋଚନା କରାଯିବ ।**

ପ୍ରଶ୍ନ ୧. ଆଉ କେଉଁ ଶ୍ରେଣୀର କେଉଁ ଧାରଣାରେ ଏହି ସାମଗ୍ରୀ ବ୍ୟବହାର କରାଯାଇପାରିବ ?

ପ୍ରଶ୍ନ ୨. GKA କିଟ୍ ରେ ଥିବା ସାମଗ୍ରୀଗୁଡ଼ିକ ବ୍ୟତୀତ ଆଉ କେଉଁ କେଉଁ ସାମଗ୍ରୀ ବ୍ୟବହାର କରାଯାଇପାରିବ ?

**ସଂକ୍ଷେପଣ :** ଅବଧି -୧୦ ମିନିଟ୍

**ନିମ୍ନ ପ୍ରଶ୍ନ ଆଧାରରେ ସଂକ୍ଷେପଣ କରାଯିବ ।(ଖୋଲା ଆଲୋଚନା)**

- ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ ?
- ଏହି କାର୍ଯ୍ୟକ୍ରମ ପାଇଁ ଆପଣଙ୍କ ଭୂମିକା କ'ଣ ରହିବ ?

**ସାମଗ୍ରୀ :**

ପ୍ରତି ଦଳ (୬ ଟି) ପାଇଁ

- ତଥ୍ୟ ଫର୍ଦ୍ଦ-୧, ୨, ୩ ( ପ୍ରତ୍ୟେକ ରୁ ୮ ଟି )
- ପର୍ଯ୍ୟବେକ୍ଷଣ ସାରଣୀ – ୮ ଟି
- GKA Kit – ୬ ସେଟ୍

## ପର୍ଯ୍ୟବେକ୍ଷଣ ସାରଣୀ

| କ୍ରମିକ ନମ୍ବର | ଶିକ୍ଷଣ ସାମଗ୍ରୀର ନାମ | ଶ୍ରେଣୀ | କେଉଁ ଧାରଣାରେ ବ୍ୟବହାର ହୋଇପାରିବ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |
| ୬ | | | |
| ୭ | | | |
| ୮ | | | |
| ୯ | | | |
| ୧୦ | | | |

## ସାଧନକର୍ମୀଙ୍କ ପାଇଁ ସୂଚନା

### ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ ?

- ପ୍ରାରମ୍ଭିକ ସ୍ତରରେ ଗାଣିତିକ ଧାରଣାର ବୋଧଗମ୍ୟତା ନିମନ୍ତେ GKA କିଟ୍ ଏକ ସହଯୋଗୀ ଶିକ୍ଷଣ ସାମଗ୍ରୀ
- ଗଣିତ ଶିକ୍ଷଣରେ CRA (Concrete - Representation - Abstract) ପଦ୍ଧତିର ପ୍ରୟୋଗ ହେତୁ ଛାତ୍ରଛାତ୍ରୀମାନଙ୍କର ଗାଣିତିକ ଧାରଣାଗୁଡ଼ିକ ଦୀର୍ଘ ସ୍ଥାୟୀ ହେବ କାରଣ ଏଥିରେ "ଖେଳିଖେଳି ଶିଖିବା, କାମକରି ବୁଝିବା" କାର୍ଯ୍ୟ କରାଯାଉଛି ।
- GKA କିଟ୍ ରେ ଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକର ନାମ, କେଉଁ ଶ୍ରେଣୀର କେଉଁ ଧାରଣାରେ ଏହି ସାମଗ୍ରୀ ବ୍ୟବହାର କରାଯାଇପାରିବ ଜାଣିପାରିଲେ ।

### ଏହି କାର୍ଯ୍ୟକ୍ରମ ପାଇଁ ଆପଣଙ୍କ ଭୂମିକା କ'ଣ ରହିବ ?

- GKA କିଟ୍ ରେ ଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକୁ ଗାଣିତିକ ଧାରଣାର ବୋଧଗମ୍ୟ ନିମନ୍ତେ ଶ୍ରେଣୀରେ ଶିକ୍ଷଣ ସମୟରେ ବ୍ୟବହାର କରିବା ।

## ତଥ୍ୟଫର୍ଦ୍ଦ -୧

# ଗଣିତ କିଟ୍‌ରେ ଥିବା ଟିଏଲଏମ

1. 
ସ୍କୋୟାର କାଉଣ୍ଟର (50)
Square counters (50)

2. ସଂଖ୍ୟାରେଖା (100 ମାଳି), Number Line (100 Beads) ପୋଷାକ କ୍ଲିପ୍ (12) Cloth clips (12)


3. 
ଆବାକସ ବୋର୍ଡ଼ (1), Abacus board (1) ଆଡ୍ ଅନ୍ ରଡ୍ (2) Snap rods ଓ ରିଙ୍ଗ (90) rings (90)

4. ଦଶ ଆଧାର ବ୍ଲକ Base Ten blocks (100 ହଳଦିଆ ଘନ, 20 ନୀଳ ରଡ୍, 20 ସବୁଜ ପ୍ଲେଟ, 1 ଲାଲ ଘନ) (100 yellow, 20 Blue, 20 Green, 1 Red)


5. 
ସ୍ଥାନୀୟ ମାନ ମ୍ୟାଟ୍ (1), Place Value Mat (1)

6. ସ୍ଥାନୀୟମାନ ପଟି Place Value Strips - (ହଳଦିଆ, ନୀଳ, ସବୁଜ, ଲାଲ - ପ୍ରତ୍ୟେକ 10 ପଟି) (Yellow, Blue, Green, Red - Each 10 strips)


7. 
ଭଗ୍ନାଂଶ ଖଣ୍ଡ Fraction Shapes (57 ଆକୃତି) (57 Shapes)

8. ଭଗ୍ନାଂଶ ପଟି (55)
Fraction Strips (55)


9. 
ଦଶମିକ ସେଟ୍ Decimal Set (100ଟି 1/100, 10ଟି 1/10, 1 ପୂର୍ଣ୍ଣ ବର୍ଗ) (100 of 1/100 and 10 of 1/10, 1 Full square and 1 board)

10. ଦଶମିକ ସ୍ଥାନୀୟ ମାନ ପଟି (20)
Decimal Place Value Strips (20)


11. 
ଡାଇସ Dice (ହଳଦିଆ, ନୀଳ, ସବୁଜ, ଲାଲ, ଧଳା - ପ୍ରତ୍ୟେକ 2ଟି) (Red, Blue, Green, Yellow, White - each 2)

12. ମାପ ଫିତା (1)
Measuring Tape (1)


13. 
ଜିଓ ବୋର୍ଡ଼ (1)
Geo Board (1)

14. ପ୍ରୋଟ୍ରାକଟର (1)
Protractor (1)


15. 
ଘଣ୍ଟା (1)
Clock (1)

16. ତରାଜୁ (1)
Weighing Balance (1)


17. 
ଘନବସ୍ତୁ (5) ଓ କାଗଜ ଜାଲ (10)
Geosolids (5) - Nets (10)

18. ଖେଳଣା ଟଙ୍କା (780ଟି ନୋଟ+40ଟି କଏନ)
Play Money - (780 Notes + Coins 40)


19. 
ଟାନ ଗ୍ରାମ (5 ଖଣ୍ଡ ଓ 7 ଖଣ୍ଡ ବିଶିଷ୍ଟ)
Tangram - (5 and 7 pieces)

# ତଥ୍ୟଫର୍ଦ୍ଦ-୨

## ଗୋଟିଏ ଶିକ୍ଷଣ ସାମଗ୍ରୀ - ଅନେକ ଧାରଣା
## (One TLM - Many Concepts)

| କ୍ର.ନଂ | ଶିକ୍ଷଣ ସାମଗ୍ରୀ | ଧାରଣା |
|---|---|---|
| 1 | ସ୍କୋୟାର କାଉଣ୍ଟର | ସଂଖ୍ୟା, ମିଶାଣ, ଫେଡ଼ାଣ, ଗୁଣନ, ହରଣ, ଭଗ୍ନାଂଶ, ଆକୃତି, ତଥ୍ୟ ପରିଚାଳନା ଗୁଣନିୟକ, ଗୁଣିତକ |
| 2 | ସଂଖ୍ୟାରେଖା ପୋଷାକ କ୍ଲିପ୍ | ସଂଖ୍ୟା, ମିଶାଣ, ଫେଡ଼ାଣ, ଗୁଣନ, ହରଣ, ଗୁଣନିୟକ, ଗୁଣିତକ |
| 3 | ଆବାକସ୍ ଓ ରିଙ୍ଗ୍ | ସଂଖ୍ୟା, ସ୍ଥାନୀୟମାନ, ମିଶାଣ, ଫେଡ଼ାଣ ଆକୃତି ତଥ୍ୟ ପରିଚାଳନା, ଗୁଣନିୟକ, ଗୁଣିତକ |
| 4 | ଦଶ ଆଧାର ବ୍ଲକ, ହଳଦିଆ ଘନ, ବ୍ଲୁ ରଡ, ସବୁଜ ପଟା, ଲାଲ ସମଘନ | ସଂଖ୍ୟା, ସ୍ଥାନୀୟମାନ, ମିଶାଣ, ଫେଡ଼ାଣ, ଗୁଣନ, ହରଣ, ଆକୃତି, ତଥ୍ୟ ପରିଚାଳନା, ଗୁଣନିୟକ, ଗୁଣିତକ, କ୍ଷେତ୍ରଫଳ, ପରିସୀମା, ଓଜନ |
| 5 | ସ୍ଥାନୀୟମାନ ମ୍ୟାଟ | ସଂଖ୍ୟା, ସ୍ଥାନୀୟମାନ, ମିଶାଣ, ଫେଡ଼ାଣ |
| 6 | ସ୍ଥାନୀୟମାନ ପଟି | ସ୍ଥାନୀୟମାନ, ଦଶମିକ |
| 7 | ଭଗ୍ନାଂଶ ଖଣ୍ଡ | ଭଗ୍ନ ସଂଖ୍ୟା, କ୍ଷେତ୍ର, (2D Shapes) କୋଣ, ଆକୃତି ଓ ପ୍ରତିସାମ୍ୟ |
| 8 | ଭଗ୍ନାଂଶ ପଟି | ଭଗ୍ନ ସଂଖ୍ୟା |
| 9 | ଦଶମିକ ସେଟ୍ | ଦଶମିକ |
| 10 | ଦଶମିକ ସ୍ଥାନୀୟ ମାନ ପଟି | ସ୍ଥାନୀୟମାନ, ଦଶମିକ |
| 11 | ଡାଇସ | ସଂଖ୍ୟା, ସ୍ଥାନୀୟମାନ, ମିଶାଣ, ଫେଡ଼ାଣ, ଗୁଣନ, ହରଣ, ଘନବସ୍ତୁ (3D Shapes) ତଥ୍ୟ ପରିଚାଳନା, ସଂରଚନା (Pattern) |
| 12 | ମାପ ଫିତା | ଦୈର୍ଘ୍ୟ, ଭଗ୍ନ ସଂଖ୍ୟା, ଦଶମିକ, କ୍ଷେତ୍ରଫଳ, ପରିସୀମା |
| 13 | ଜିଓ ବୋର୍ଡ୍ | ବିଭିନ୍ନ ଆକୃତିର (2D Shapes) କ୍ଷେତ୍ରଫଳ, ପରିସୀମା |
| 14 | ପ୍ରୋଟ୍ରାକ୍ଟର | କୋଣ ଅଙ୍କନ, କୋଣ ମାପ |
| 15 | ଘଣ୍ଟା | ସମୟ, ମିଶାଣ, ଫେଡ଼ାଣ, କୋଣ, ୫ ର ଗୁଣିତକ |
| 16 | ତରାଜୁ | ଓଜନ ମାପ, ମିଶାଣ, ଫେଡ଼ାଣ |
| 17 | ଜାଲ ଥିବା ଜିଓ ସଲିଡ | ଘନ, (3D Shapes) |
| 18 | ଖେଳଣା ନୋଟ୍, ମୁଦ୍ରା | ସଂଖ୍ୟା, ଟଙ୍କା ପଇସା, ମିଶାଣ, ଫେଡ଼ାଣ, ଗୁଣନ, ହରଣ, ସ୍ଥାନୀୟ ମାନ, ଦଶମିକ |
| 19 | ଟାନ ଗ୍ରାମ | କ୍ଷେତ୍ର (2D Shapes) ସରଚନା (Pattern) କୋଣ |

## ତଥ୍ୟଫର୍ଦ୍ଦ-୩

# ଗୋଟିଏ ଧାରଣା - ଅନେକ ଶିକ୍ଷଣ ସାମଗ୍ରୀ
**(One Concept - Many TLMs)**

| ଧାରଣା | ଶିକ୍ଷଣ ସାମଗ୍ରୀ |
|---|---|
| ସଂଖ୍ୟା | ସ୍କୋୟାର କାଉଣ୍ଟର, ସଂଖ୍ୟାରେଖା, ପୋଷାକ କ୍ଲିପ୍, ଆବାକସ ଓ ରିଙ୍ଗ, ସ୍ଥାନୀୟ ମାନ ପଟି, ଦଶ ଆଧାର ବ୍ଲକ, ସ୍ଥାନୀୟ ମାନ ମ୍ୟାଟ୍, ଡାଇସ୍, ଖେଳଣା ନୋଟ୍, ମୁଦ୍ରା |
| ସ୍ଥାନୀୟ ମାନ | ଆବାକସ ଓ ରିଙ୍ଗ, ଦଶ ଆଧାର ବ୍ଲକ, ସ୍ଥାନୀୟ ମାନ ପଟି ଡାଇସ, ସ୍ଥାନୀୟ ମାନ ମ୍ୟାଟ |
| ଭଗ୍ନାଂଶ, ଭଗ୍ନସଂଖ୍ୟା | ଭଗ୍ନାଂଶ ଖଣ୍ଡ, ଭଗ୍ନାଂଶ ପଟି |
| ଦଶମିକ ଭଗ୍ନାଂଶ | ଦଶମିକ ସେଟ୍, ଦଶମିକ ସ୍ଥାନୀୟ ମାନ ପଟି, ଖେଳଣା ନୋଟ୍, ମୁଦ୍ରା |
| ମିଶାଣ, ଫେଡ଼ାଣ | ସ୍କୋୟାର କାଉଣ୍ଟର, ସଂଖ୍ୟାରେଖା, ପୋଷାକ କ୍ଲିପ୍, ଆବାକସ ଓ ରିଙ୍ଗ, ସ୍ଥାନୀୟ ମାନ ପଟି, ଦଶ ଆଧାର ବ୍ଲକ, ସ୍ଥାନୀୟ ମାନ ମ୍ୟାଟ, ଡାଇସ୍, ଖେଳନା ନୋଟ୍, ମୁଦ୍ରା, ଘଣ୍ଟା, ତରାଜୁ |
| ଗୁଣନ, ହରଣ | ସ୍କୋୟାର କାଉଣ୍ଟର, ସଂଖ୍ୟାରେଖା, ପୋଷାକ କ୍ଲିପ୍, ଆବାକସ ଓ ରିଙ୍ଗ, ସ୍ଥାନୀୟ ମାନ ପଟି, ଦଶ ଆଧାର ବ୍ଲକ, ସ୍ଥାନୀୟ ମାନ ମ୍ୟାଟ, ଡାଇସ୍, ଖେଳନା ନୋଟ୍, ମୁଦ୍ରା |
| ଗୁଣନୀୟକ ଗୁଣିତକ | ଦଶ ଆଧାର ବ୍ଲକ, ସ୍କୋୟାର କାଉଣ୍ଟର, ସଂଖ୍ୟାରେଖା, ପୋଷାକ କ୍ଲିପ୍, ଆବାକସ ଓ ରିଙ୍ଗ୍ |
| ବିଭିନ୍ନ କ୍ଷେତ୍ର (2D Shapes) | ଜିଓ ବୋର୍ଡ୍, ଭଗ୍ନାଂଶ ଖଣ୍ଡ, ଟାନ ଗ୍ରାମ |
| ଘନବସ୍ତୁ (3D Shapes) | ଜାଲ ଥିବା ଜିଓ ସଲିଡ, ଡାଇସ୍ |
| କ୍ଷେତ୍ରଫଳ ଓ ପରିସୀମା | ଜିଓ ବୋର୍ଡ, ମାପ ଫିତା, ଦଶ ଆଧାର ବ୍ଲକ, ଟାନ ଗ୍ରାମ |
| କୋଣ | ଘଣ୍ଟା, ପ୍ରୋଟ୍ରାକ୍ଟର, ଭଗ୍ନାଂଶ ଖଣ୍ଡ, ଟାନଗ୍ରାମ |
| ଦୈର୍ଘ୍ୟ ମାପ | ମାପ ଫିତା |
| ଓଜନ ମାପ | ତରାଜୁ, ଦଶ ଆଧାର ବ୍ଲକ |
| ସମୟ | ଘଣ୍ଟା |
| ଟଙ୍କା | ଖେଳନା ନୋଟ, ମୁଦ୍ରା |
| ତଥ୍ୟ ପରିଚାଳନା (Data Handling) | ହଳଦିଆ ଘନ, ସ୍କୋୟାର କାଉଣ୍ଟର, ଆବାକସ ଓ ରିଙ୍ଗ୍ |
| ଆକୃତି (Shapes) | ସ୍କୋୟାର କାଉଣ୍ଟର, ଆବାକସ ଓ ରିଙ୍ଗ, ଟାନଗ୍ରାମ |
| ଗାଣିତିକ ସମସ୍ୟା (Word Problem) | ଗଣିତ ଧାରଣା କାର୍ଡ୍ |

# <u>ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣ</u>

**ଦିବସ : ଚତୁର୍ଥ**

**ଅଧିବେଶନ : ତୃତୀୟ** **ଅବଧି : ୧ଘଣ୍ଟା ୩୦ମିନିଟ୍**

**ପ୍ରତ୍ୟାଶିତ ଫଳାଫଳ :**

ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ:

- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣ ରୂପରେଖକୁ କହିବେ ।
- ଶିକ୍ଷାର୍ଥୀ ମାନଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଉପଲବ୍ଧି ସ୍ତର ବୃଦ୍ଧି ପାଇଁ ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟଗୁଡ଼ିକୁ ବର୍ଣ୍ଣନା କରିବେ ।
- ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଉପଲବ୍ଧି ଫଳାଫଳର ବ୍ୟବହାର ଓ ପରବର୍ତ୍ତୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବେ।

**<u>ପ୍ରଣାଳୀ -</u>**

**<u>କାର୍ଯ୍ୟ – ୧</u>** : ସାଧନକର୍ମୀ "କାଉ ରାବିଦେଲା କା" ଗୀତଟିକୁ ଅଭିନୟ ସହ ଆବୃତ୍ତି କରିବେ ଓ ଅଂଶଗ୍ରହଣକାରୀମାନେ ଅନୁକରଣ କରିବେ । ମଝିରେ ମଝିରେ ସାଧନକର୍ମୀ ଗୋଟିଏ ପଦ ବୋଲିବେ ଓ ଅଂଶଗ୍ରହଣକାରୀମାନେ କେବଳ ଅଭିନୟ କରିବେ । ପରେ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରୁ ଜଣେ ଆବୃତ୍ତି କରିବେ ଓ ଅନ୍ୟ ମାନେ ଅଭିନୟ କରିବେ । ଏହାପରେ ସାଧନକର୍ମୀ ପଦେ ଆବୃତ୍ତି କରି ଛାଡ଼ିଦେବେ ଓ ଅଂଶଗ୍ରହଣକାରୀ ମାନେ ପୂରଣ କରିବେ । ଶେଷରେ ସାଧନକର୍ମୀ ନିମ୍ନ ପ୍ରଶ୍ନ ଆଧାରରେ ଆଲୋଚନା କରିବେ ।

ପ୍ରଶ୍ନ ୧ : ଏହି କାର୍ଯ୍ୟରେ ଶିକ୍ଷାର୍ଥୀର ଭାଷାର କେଉଁ କେଉଁ ଦକ୍ଷତା/କୌଶଳ ହାସଲର ସୁଯୋଗ ରହିଛି ?

ପ୍ରଶ୍ନ ୨ : ଏହି ସବୁ ଦକ୍ଷତା/କୌଶଳ ହାସଲ ହେଲାବୋଲି ଆମେ କିପରି ଜାଣିବା ?

ପ୍ରଶ୍ନ ୩ : ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣର ଆବଶ୍ୟକତା ଅଛିକି ? କାହିଁକି ?

**<u>କାର୍ଯ୍ୟ – ୨</u>** : ପ୍ରତିଦଳକୁ ଭାଷା ଓ ଗଣିତ କାର୍ଯ୍ୟପୁସ୍ତିକା ଦିଆଯାଇ ନିମ୍ନ ପ୍ରଶ୍ନ ଆଧାରରେ ଦଳଗତ ଆଲୋଚନା ପରେ ଉପସ୍ଥାପନା କରାଯିବ।

ପ୍ରଶ୍ନ : ଏହି ପୁସ୍ତକଗୁଡ଼ିକରେ ମାନନିର୍ଦ୍ଧାରଣ ପାଇଁ ସୁଯୋଗ ଅଛି କି ? କିପରି ?

**<u>କାର୍ଯ୍ୟ – ୩</u>** : ପ୍ରତିଦଳରେ ତଥ୍ୟଫର୍ଦ୍ଦ ଦିଆଯିବ ଏବଂ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଆଧାରରେ ଖୋଲା ଆଲୋଚନା କରାଯିବ ।

ପ୍ରଶ୍ନ ୧ : ପ୍ରଚଳିତ ମାନନିର୍ଦ୍ଧାରଣ ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣ ମଧ୍ୟରେ କ'ଣ ସାମାଞ୍ଜସ୍ୟ ରହିଛି ?

ପ୍ରଶ୍ନ ୨ : ପ୍ରଚଳିତ ମାନନିର୍ଦ୍ଧାରଣ ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣ ମଧ୍ୟରେ କି କି ପାର୍ଥକ୍ୟ ରହିଛି ?

ପ୍ରଶ୍ନ ୩ : ଏହି ଫର୍ଦ୍ଦରେ ଭାଷାର କେଉଁ କେଉଁ ଦିଗଗୁଡ଼ିକ ସମ୍ପର୍କରେ ମାନନିର୍ଦ୍ଧାରଣ କରାଯିବା ପାଇଁ ସ୍ଥିର କରାଯାଇଛି ?

ପ୍ରଶ୍ନ ୪ : ଏହି ଫର୍ଦ୍ଦରେ ସଂଖ୍ୟାଜ୍ଞାନର କେଉଁ କେଉଁ ଦିଗଗୁଡ଼ିକ ସମ୍ପର୍କରେ ମାନନିର୍ଦ୍ଧାରଣ କରାଯିବା ପାଇଁ ସ୍ଥିର କରାଯାଇଛି ?

ପ୍ରଶ୍ନ ୫ : ଭାଷା ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣ ପାଇଁ ଶିକ୍ଷକ କେଉଁ କେଉଁ କୌଶଳ ଅବଲମ୍ବନ କରିବେ ?

ପ୍ରଶ୍ନ ୬ : ଭାଷା ସାକ୍ଷରତା ଓ ସଂଖ୍ୟାଜ୍ଞାନର ସାପ୍ତାହିକ କାର୍ଯ୍ୟରେ ମାନନିର୍ଦ୍ଧାରଣ କରିବା ପାଇଁ କି କି ବ୍ୟବସ୍ଥା କରାଯାଉଛି ?

ପ୍ରଶ୍ନ ୭ : ଶିକ୍ଷାର୍ଥୀର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହସଲକୁ କିପରି ଟ୍ରାକ୍ କରିବା ଓ ଫଳାଫଳକୁ ଅନ୍ୟମାନଙ୍କୁ କିପରି ଅବଗତ କରିବା ?

ପ୍ରଶ୍ନ ୮ : ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ରେ ଛାତ୍ର/ଛାତ୍ରୀ ମାନେ ଯେଉଁ ଧାରଣ ଗୁଡ଼ିକ ରେ ୫୦ ପ୍ରତିଶତରୁ କମ୍ ରଖିଥିବେ ସେମାନଙ୍କ ନିମନ୍ତେ କେଉଁ ପ୍ରକାର ବ୍ୟବସ୍ଥା କରାଯିବ ?

**<u>କାର୍ଯ୍ୟ – ୪</u>** : ନିମ୍ନ ପ୍ରଶ୍ନ ମାଧ୍ୟମରେ ସାଧନକର୍ମୀ ଆଲୋଚନା କରି ଅଧିବେଶନର ସଂକ୍ଷେପଣ କରାଇବେ ।

ପ୍ରଶ୍ନ ୧ : ଏହି ଅଧିବେଶନରୁ ଆମେ କ'ଣ ଶିଖିଲେ ?

ପ୍ରଶ୍ନ ୨ : ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ଆପଣମାନଙ୍କର ଭୂମିକା କ'ଣ ରହିବ ?

ଶିକ୍ଷକଙ୍କ ପାଇଁ ସୂଚନା :

ଗୀତ - (କାଉ ରାବିଦେଲା କା)

କାଉ ରାବିଦେଲା କା
ଖୁଦ ଦେଲେ ତାକୁ ମାଆ ।
କୁନି ଦେଖି ତାକୁ ହୋଇଲା ଖୁସି
ଡାକିଲା କାଉକୁ ଆ ..ରେ ହସି ।
କାଉ କହେ କୁନି ନାଇଁ ରେ ନାଇଁ
ଖରା ମାରିଲାଣି ଟାଇଁ କି ଟାଇଁ ।
ଛୁଆ ମୋ ବସିଛି ବାଟକୁ ଚାହିଁ
ତା ପାଖକୁ ବେଗେ ଯାଉଛି ମୁହିଁ ।
କୁନି ମୁହଁ ପୋତି ବସିଲା ଯାଇ
ରୁଷି ରାଗିଗଲା କିଛି ନ ଖାଇ ।

**ଉତ୍ତର କାର୍ଯ୍ୟ**

କାର୍ଯ୍ୟ – ୧

ପ୍ରଶ୍ନ ୧ : ପଦ୍ୟ ଆବୃତ୍ତି ଅଭିନୟ, ତାଳଲୟ ଜ୍ଞାନ, ସ୍ପଷ୍ଟ ଉଚ୍ଚାରଣ, ଇତ୍ୟାଦି

ପ୍ରଶ୍ନ ୨ : ଶିକ୍ଷଣକାର୍ଯ୍ୟ ସମୟରେ ପର୍ଯ୍ୟବେକ୍ଷଣ କରି, ପ୍ରଶ୍ନ ପଚାରି, ଇତ୍ୟାଦି ।

ପ୍ରଶ୍ନ ୩ : ଅଛି

* ପିଲାଙ୍କ ଶିକ୍ଷଣ ପ୍ରଗତି କୁ ଜାଣିବା
* ଶିଖିବା ସମୟରେ ଆସୁଥିବା ସମସ୍ୟାକୁ ଜାଣିବା
* ପିଲାମାନଙ୍କ ସହାୟତା ପାଇଁ ଭବିଷ୍ୟତ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବା

କାର୍ଯ୍ୟ – ୨

ପ୍ରଶ୍ନ – ସୁଯୋଗ ଅଛି ।

ଅଭ୍ୟାସକାର୍ଯ୍ୟ ସହିତ ମାନନିର୍ଦ୍ଧାରଣ ଫର୍ଦ୍ଦ ରହିଛି ।

କାର୍ଯ୍ୟ – ୩

ପ୍ରଶ୍ନ ୧ – ପ୍ରଚଳିତ ମାନନିର୍ଦ୍ଧାରଣ ଓ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ମାନନିର୍ଦ୍ଧାରଣରେ ଏକକ ପରୀକ୍ଷଣ, ଗଠନ ମୂଳକ ପରୀକ୍ଷଣ ଓ ସମାପ୍ତି ସୂଚକ ପରୀକ୍ଷଣ ସମାନ ରହିଛି ।

ପ୍ରଶ୍ନ ୨ – ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ମାନନିର୍ଦ୍ଧାରଣ ପାଇଁ ୪ଟି ଅଭ୍ୟାସକାର୍ଯ୍ୟ ୧ଟି ପୁନର୍ବଳନ ଓ ୧ଟି ମାନ ନିର୍ଧାରଣ ଫର୍ଦ୍ଦ ରହିଛି । ସାପ୍ତାହିକ ମାନନିର୍ଦ୍ଧାରଣ ସହିତ ପର୍ଯ୍ୟାୟକ୍ରମିକ ମାନନିର୍ଦ୍ଧାରଣର ସୁଯୋଗ ରହିଛି ।

ପ୍ରଶ୍ନ ୩ - ମୌଖିକ ଭାଷା ବିକାଶ, ଡିକୋଡ଼ିଙ୍ଗ, ପଠନ ଓ ଲିଖନ

ପ୍ରଶ୍ନ ୪ - ବସ୍ତୁ ପରିଚୟ, ବସ୍ତୁର ଗୁଣାବଳୀ, ଅବସ୍ଥିତି ଓ ସ୍ଥାନିକ ବୋଧ, ଆକାର ଓ ଆକୃତି

ଗଣନ ସହ ପରିଚୟ, ସଂଖ୍ୟା ଗଣନ, ସଂଖ୍ୟା ସୂଚକ ଲିଖନ, ଗଣିତର ଚାରି ଗାଣିତିକ ମୌଳିକ ପ୍ରକ୍ରିୟା ......

ପ୍ରଶ୍ନ ୫ – ପର୍ଯ୍ୟବେକ୍ଷଣ, ଲିଖିତ ପ୍ରଶ୍ନ ଉତ୍ତର, ମୌଖିକ ପ୍ରଶ୍ନ ପଚାରିବ ଇତ୍ୟାଦି ।

ପ୍ରଶ୍ନ ୬ - ସପ୍ତାହର ପ୍ରଥମ ୪ ଦିନ ନୂଆ ଦକ୍ଷତା ଆଧାରିତ ଶିକ୍ଷଣ କାର୍ଯ୍ୟ କରାଯିବ । ପଞ୍ଚମ ଦିନରେ ସାପ୍ତାହିକ ପୁନରାବୃତ୍ତି ଶିକ୍ଷଣ କାର୍ଯ୍ୟ ଓ ଷଷ୍ଠ ଦିନ ମାନନିର୍ଦ୍ଧାରଣ କାର୍ଯ୍ୟ ରହିଛି ।

ପ୍ରଶ୍ନ ୭ - ପ୍ରତି ସପ୍ତାହ ଓ ପ୍ରତି ଦକ୍ଷତା ପାଇଁ ଟ୍ରାକର (tracker) ରହିଛି । ମାନନିର୍ଦ୍ଧାରଣର ଫଳାଫଳକୁ ପିଲା, ଅଭିଭାବକଙ୍କ ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ଅବଗତ କରାଯିବ।

ପ୍ରଶ୍ନ ୮ – ସେହି ଧାରଣାଗୁଡ଼ିକର ପୁନର୍ବଳନ କାର୍ଯ୍ୟ କରାଯିବ । ଶିକ୍ଷକ/ଶିକ୍ଷୟିତ୍ରୀମାନେ ସେହି ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବେ ଓ ଲକ୍ଷ ହାସଲରେ ସାହାଯ୍ୟ କରିବେ ।

## ତଥ୍ୟ ଫର୍ଦ୍ଦ – ୧

ପ୍ରଥମ ଶ୍ରେଣୀ- ଗଣିତ କାର୍ଯ୍ୟପୁସ୍ତିକା

ଦକ୍ଷତା ଭିତ୍ତିକ ସାପ୍ତାହିକ ମାନନିର୍ଦ୍ଧାରଣ ଓ ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ ।

| ସପ୍ତାହ | ଦକ୍ଷତା |
|---|---|
| ୧ମ | ଦୈନନ୍ଦିନ ବ୍ୟବହୃତ ବସ୍ତୁ ପରିଚୟ |
| ୨ୟ | ବସ୍ତୁର ଗୁଣାବାଳୀ ( ମୋଟା-ପତଳା, ଓସାରିଆ- ଅଣଓସାରିଆ, ଭାରି-ହାଲୁକା, ଚିକ୍କଣ-ଖଦଡ଼) |
| ୩ୟ | ଅବସ୍ଥିତି ଓ ସ୍ଥାନିକ ବୋଧ (ପାଖ-ଦୂର, ଆଗ-ପଛ) |
| ୪ର୍ଥ | ଅବସ୍ଥିତି ଓ ସ୍ଥାନିକ ବୋଧ (ଉପର-ତଳ, ଭିତର-ବାହାର) |
| ୫ମ | ଆକାର ଓ ଆକୃତି (ବଡ଼-ସାନ, ଡେଙ୍ଗା-ଗେଡ଼ା, ଲମ୍ବା-ଛୋଟ) |
| ୬ଷ୍ଠ | ଆକାର ଓ ଆକୃତି (ସିଧା-ବଙ୍କା, ଗୋଲାକୃତି, ଅଣ୍ଡାକୃତି, ତିନିକୋଣିଆ, ଚାରିକୋଣିଆ) |
| ୭ମ | ଗଣନ ପରିଚୟ (ଦଳ ଦଳ ମଧ୍ୟରେ କମ୍ ବା ବେଶୀ) |
| ୮ମ | ଗଣନ ପରିଚୟ (ବସ୍ତୁ ତୁଳନା କରି ଗଣନ) |
| ୯ମ | ଗାଣିତିକରଣ (ବିଭିନ୍ନ ବସ୍ତୁର ମେଳକ କାର୍ଯ୍ୟ) |
| ୧୦ମ | ଗାଣିତିକରଣ (ବସ୍ତୁର ତୁଳନା, ବର୍ଗୀକରଣ) |
| ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ - ୧ | |
| ୧୧ଶ | ବସ୍ତୁର ଆକାର ଓ ଦଳରେ କ୍ରମ ବଡରୁ ସାନ, ସାନରୁ ବଡ |
| ୧୨ଶ | ସଂରଚନା, ବଢ଼ିବା, କମିବା, ୨ଟି ଦଳରେ ସମାନ ହେବା ସମ୍ପର୍କ |
| ୧୩ ଶ | ସଂଖ୍ୟାମାନଙ୍କୁ କହିବା, ବସ୍ତୁ, ଚିତ୍ର, ସଙ୍କେତ ବ୍ୟବହାର କରି ୯ ପର୍ଯ୍ୟନ୍ତ ଗଣନ |
| ୧୪ଶ | ବସ୍ତୁ, ଚିତ୍ର, ସଙ୍କେତ ବ୍ୟବହାର କରି ୨୦ ପର୍ଯ୍ୟନ୍ତ ଗଣନ |
| ୧୫ଶ | ବସ୍ତୁ, ଚିତ୍ର, ସଙ୍କେତ ବ୍ୟବହାର କରି ୨୦ ପର୍ଯ୍ୟନ୍ତ ସଂଖ୍ୟା ର ତୁଳନା |
| ୧୬ଶ | ୨୧ ରୁ ୫୦ ପର୍ଯ୍ୟନ୍ତ ସଙ୍ଖ୍ୟା ଚିହ୍ନଟ ଓ ସଂଖ୍ୟା ସୂଚକ ଲିଖନ |
| ୧୭ଶ | ୫୧ ରୁ ୯୯ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନଟ ଓ ସଂଖ୍ୟା ସୂଚକ ଲିଖନ |
| ୧୮ଶ | ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଲିଖନ ଓ ତୁଳନା କରିବାରେ ସ୍ଥାନୀୟମାନ ଧାରଣାର ବ୍ୟବହାର |
| ୧୯ଶ | ସ୍ଥୂଳ ବସ୍ତୁ ବ୍ୟବହାର କରି ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ (ଯୋଗଫଳ ୧୮ ମଧ୍ୟରେ) |
| ପର୍ଯ୍ୟାୟ ଭିତ୍ତିକ ମାନନର୍ଦ୍ଧାରଣ - ୨ | |
| ୨୦ଶ | ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ (ଯୋଗଫଳ ୧୮ ମଧ୍ୟରେ) |
| ୨୧ଶ | ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ବିଯୋଗ |
| ୨୨ଶ | ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିଯୋଗ (ଦଶକ ଘରୁ ଉଧାର ନ ନେଇ) |
| ୨୩ଶ | ୯ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ଯୋଗ ବିଯୋଗ ସମ୍ବନ୍ଧିତ ଦୈନନ୍ଦିନ ଜୀବନରେ ଆସୁଥିବା ସମସ୍ୟାର ସମାଧାନ |
| ୨୪ଶ | ଅଣମାନକ ଏକକ ଯଥା - ଆଙ୍ଗୁଳି, ହାତ, ଚାଖଣ୍ଡ, ପାଦକୁ ବ୍ୟବହାର କରି କ୍ଷୁଦ୍ର ମାପର ଅନୁମାନ |
| ୨୫ଶ | ନକଲି ମୁଦ୍ରା ଓ ନୋଟ୍ ର ବ୍ୟବହାର କରି ୨୦ ଟଙ୍କା ମଧ୍ୟରେ ହିସାବ |
| ୨୬ଶ | ସପ୍ତାହର ଦିନଗୁଡ଼ିକର ନାମ |
| ୨୭ଶ | ସଂଖ୍ୟା ଓ ଆକୃତିରେ ଥିବା ସଂରଚନାକୁ ଲକ୍ଷ୍ୟକରି ଆଗକୁ ଆଗେଇ ନେବା ସହିତ ସଂରଚନା ତିଆରି (ଆକୃତି, ବସ୍ତୁ, ସଂଖ୍ୟାକୁ ସଜାଡ଼ିବା) |
| ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ | |

# ବାର୍ଷିକ ପାଠ ଯୋଜନା

**ଦିବସ : ଚତୁର୍ଥ** **ଅବଧି : ୧ଘ. ୩୦ମି.**

**ଅଧିବେଶନ : ଚତୁର୍ଥ**

**ପ୍ରତ୍ୟାଶିତ ଫଳାଫଳ:**

**ଏହି ଅଧିବେଶନର ଆଲୋଚନା ପରେ ଅଂଶଗ୍ରହଣକାରୀମାନେ –**

- **ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ସ୍ତରରେ ଯୋଜନା ପ୍ରସ୍ତୁତ କରିବାର କୌଶଳ ହାସଲ କରିବେ।**

**ପ୍ରଣାଳୀ -**

**(ଖୋଲା ଆଲୋଚନା)**

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଅର୍ଦ୍ଧ ବୃତ୍ତାକାରରେ ବସାଇବେ ଓ ଏହି ପ୍ରଶ୍ନଗୁଡ଼ିକ ଆଧାରରେ ମୁକ୍ତ ଆଲୋଚନା କରିବେ ।

- ପ୍ରଶ୍ନ ୧ : ପ୍ରଥମ ଦିବସର ଦ୍ୱିତୀୟ ଅଧିବେଶନରେ କେଉଁ ସବୁ ଦିଗ ଉପରେ ଆଲୋଚନା କରାଯାଇଥିଲା ?
- ପ୍ରଶ୍ନ ୨ : ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ସାମଗ୍ରିକ ଦୃଷ୍ଟିକୋଣ ଅନୁସାରେ ୩ୟ ଶ୍ରେଣୀ ଶେଷ ସୁଦ୍ଧା କେଉଁ ଶୈକ୍ଷିକ ଲକ୍ଷ୍ୟ ଆଧାରିତ ମୌଳିକ ଦକ୍ଷତାଗୁଡ଼ିକୁ ହାସଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ?
- ପ୍ରଶ୍ନ ୩ : ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଅନୁମୋଦିତ ଲକ୍ଷ୍ୟଗୁଡ଼ିକ କ'ଣ କ'ଣ ?

ଉତ୍ତର ପାଇ ସାରିବା ପରେ ସାଧନକର୍ମୀ NEP ୨୦୨୦ ସୂଚନା ଫର୍ଦ୍ଦ-୧ ଅନୁସାରେ ଆଲୋଚନା କରି ସିଦ୍ଧାନ୍ତରେ ଉପନୀତ ହେବେ।

- ପ୍ରଶ୍ନ ୪ : ଏହି ଲକ୍ଷ୍ୟ ହାସଲ କରିବା ପାଇଁ ବିଦ୍ୟାଳୟରେ ବାର୍ଷିକ, ସାପ୍ତାହିକ ଓ ଦୈନିକ ଯୋଜନା କିପରି ପ୍ରସ୍ତୁତ କରାଯାଇପାରିବ? ଦଳଗତ କାର୍ଯ୍ୟ (୬ଟି ଦଳ)

  ଦଳ ୧ - ପ୍ରାରମ୍ଭିକ ସାକ୍ଷରତା -ପଠନ ଓ ଲିଖନ ଅଭ୍ୟାସ ( ସପ୍ତାହ - ୧ ରୁ ୪ )
  ଦଳ ୨ - ପ୍ରାରମ୍ଭିକ ଡିକୋଡ଼ିଙ୍ଗ୍ ( ସପ୍ତାହ - ୫ ରୁ ୯ )
  ଦଳ ୩ - ସମୃଦ୍ଧ ଡିକୋଡ଼ିଙ୍ଗ୍ ( ସପ୍ତାହ - ୧୩ ରୁ ୧୮ )
  ଦଳ ୪ - ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ( ସପ୍ତାହ - ୨୦ ରୁ ୨୪ )
  ଦଳ ୫ - ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ଓ ପଢ଼ିକରି ବୁଝିବା ( ସପ୍ତାହ - ୨୫ ରୁ ୨୮ )
  ଦଳ ୬ - ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ଓ ପୁନରବଳନ ( ସପ୍ତାହ - ୧୦, ୧୧, ୧୨ ଓ ୧୯ )

- ପ୍ରଶ୍ନ ୫ : ଏହି ଅଧିବେଶନରେ ଆମେ କେଉଁ କେଉଁ ବିଷୟରେ ଆଲୋଚନା କଲେ ?
- ପ୍ରଶ୍ନ ୬ : ଏହି କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କର ଭୂମିକା କ'ଣ ଅଛି ?

ଉତ୍ତର ପାଇସାରିବା ପରେ ସାଧନକର୍ମୀ NEP ୨୦୨୦ ସୂଚନା ଫର୍ଦ୍ଦ-୨ ଅନୁସାରେ ଆଲୋଚନା କରି ସିଦ୍ଧାନ୍ତରେ ଉପନୀତ ହେବେ।

ବି. ଦ୍ର. – ବିସ୍ତୃତ ଦୈନିକି ପାଠ ଯୋଜନାର ନମୁନାଗୁଡ଼ିକୁ (ସପ୍ତାହ ୧-୧୨, ସୋପାନ ୧ ଓ ସପ୍ତାହ ୧୩-୨୮, ସୋପାନ ୨) ଅତିରିକ୍ତ ସୂଚନା ଫର୍ଦ୍ଦ ୧ ଓ ୨ ରେ ଦେଖିବା ପାଇଁ ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ କହି ପାରିବେ । ଏଥିରେ ସୋପାନ ୧ ଓ ୨ ର ୬ ଦିବସୀୟ ସାପ୍ତାହିକ ଯୋଜନା ବିସ୍ତାର ରୂପେ ଦେଖିପାରିବେ ।

# ତଥ୍ୟ ଫର୍ଦ୍ଦ

## <u>ମାନନିର୍ଦ୍ଧାରଣ ଓ ପୁନରାବୃତ୍ତି</u>

ମାନନିର୍ଦ୍ଧାରଣ ଗୋଟିଏ ଅଲଗା ପ୍ରକ୍ରିୟା ନୁହେଁ, କାରଣ ଏହା ମାନନିର୍ଦ୍ଧାରଣ ପ୍ରକ୍ରିୟାର ଏକ ଅଭିନ୍ନ ଅଙ୍ଗ । ଶିଖିବା ସୁନିଶ୍ଚିତ କରିବା ପାଇଁ ଦକ୍ଷତା ଅନୁସାରେ ନିରନ୍ତର ମାନନିର୍ଦ୍ଧାରଣ ଗୋଟିଏ ପ୍ରଭାବଶାଳୀ ପ୍ରକ୍ରିୟା । ମାନନିର୍ଦ୍ଧାରଣ ଶିକ୍ଷଣର ଉଦ୍ଦେଶ୍ୟ ଉପରେ ଆଧାରିତ । ସେସବୁ ନୟମିତ ଓ ଯୋଜନାବଦ୍ଧ ଭାବରେ କରିବାର ଆବଶ୍ୟକ ।

**ମାନନିର୍ଦ୍ଧାରଣର ଉଦ୍ଦେଶ୍ୟ :-**



1. **<u>ପିଲାଙ୍କ ଶିକ୍ଷଣର ପ୍ରଗତିକୁ ଜାଣିବା</u>-** ଆମେ ଜାଣିଛୁ ଯେ, ପ୍ରତ୍ୟେକ ପିଲାର ଶିଖିବାର ଗତି ବା ଧାରା ଅଲଗା ଅଲଗା ହୋଇଥାଏ । ଶ୍ରେଣୀ ଗୃହ ଭିତରେ କେଉଁ ପିଲା କେଉଁ କେଉଁ ପାଠକୁ ଶିଖି ସାରିଛନ୍ତି, ଆଉ କେଉଁଟିକୁ ଶିଖି ପାରିନାହିଁ, ଏହି ତଥ୍ୟକୁ ଜାଣିବା ପାଇଁ ମାନନିର୍ଦ୍ଧାରଣ ଆମକୁ ସାହାଯ୍ୟ କରିଥାଏ । ଗୋଟିଏ ନିଶ୍ଚିତ ବ୍ୟବଧାନରେ ହେଉଥିବା ମାନନିର୍ଦ୍ଧାରଣ, ବ୍ୟବସ୍ଥିତ ଢଙ୍ଗରେ ପିଲାମାନଙ୍କର ଶିଖିବାର ସ୍ତରକୁ ବିଶ୍ଳେଷଣ କରିବାରେ ସହାୟକ ହୁଏ ।



2. **<u>ଶିଖିବା ସମୟରେ ଆସୁଥିବା ଅସୁବିଧା ବା ସମସ୍ୟାକୁ ଜାଣିବା</u>-** ପିଲାମାନେ କୌଣସି ସିଦ୍ଧାନ୍ତ ବା ଅବଧାରଣାକୁ ବୁଝିବାର ବା ତାହାକୁ କ୍ରିୟାନ୍ୱୟ କରିବାରେ ଅସୁବିଧା ହେଲେ ମାନନିର୍ଦ୍ଧାରଣ ଦ୍ୱାରା ଜାଣି ହେବ । ମାନନିର୍ଦ୍ଧାରଣ ଦୃଷ୍ଟିକୋଣରୁ ଶିକ୍ଷକ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନ ଏବଂ ପିଲାଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତରରେ ସାମାନ୍ୟ ଭୁଲକୁ ଅତି ସହଜରେ ଜାଣି ହୁଏ ।



3. **<u>ପିଲାଙ୍କୁ ସାହାଯ୍ୟ ପାଇଁ ଦୃଢ ଯୋଜନା ତିଆରି କରିବା</u>-** ସୁବ୍ୟବସ୍ଥିତ ମାନନିର୍ଦ୍ଧାରଣ, ଶିକ୍ଷାଦାନ ପାଇଁ ଏକ ପ୍ରଭାବୀ ପ୍ରକ୍ରିୟା । ଏହା ଶିକ୍ଷକଙ୍କୁ ନିଜର ପ୍ରସ୍ତୁତି ଓ ଉତ୍ତମ ଯୋଜନା ପ୍ରସ୍ତୁତି ପାଇଁ ରାସ୍ତା ଦେଖାଇ ଥାଏ । ତା' ସହିତ ପିଲାଙ୍କ ଆବଶ୍ୟକତା ଅନୁସାରେ ସେମାନଙ୍କ ପାଇଁ ଦୃଢ ରଣନୀତି ତିଆରି ପାଇଁ ମଧ୍ୟ ମାର୍ଗଦର୍ଶନ କରିଥାଏ ।



4. **<u>ଭବିଷ୍ୟତରେ ଶିକ୍ଷଣ ଯୋଜନା ତିଆରି କରିବା</u>-** ମାନନିର୍ଦ୍ଧାରଣ, ଶିଖିବା ଓ ଶିକ୍ଷାଦାନ ପାଇଁ ଗୋଟିଏ ବଡ଼ ସହାୟକ ହୋଇଥାଏ । ପିଲାଙ୍କ ଆବଶ୍ୟକତା ଅନୁସାରେ ଭବିଷ୍ୟରେ ଶିକ୍ଷଣକାର୍ଯ୍ୟ ବଦଳିବା ଓ ବିକଳ୍ପ ବାଛିବା ପାଇଁ ମାର୍ଗଦର୍ଶନ କରିଥାଏ ।

ମାନନିର୍ଦ୍ଧାରଣ ଓ ଶିକ୍ଷଣ ଏବଂ ଶିକ୍ଷାଦାନ ଭିନ୍ନ ପ୍ରକ୍ରିୟା ନୁହେଁ, ଏହା ଗୋଟିଏ ପ୍ରକ୍ରିୟାରେ ସମାହିତ । ପ୍ରତ୍ୟାଶିତ ଫଳାଫଳ ହାସଲ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

୧. ଆପଣ ସୁନିଶ୍ଚିତ କରିବେ ଯେ ପିଲାମାନଙ୍କର ଶିକ୍ଷଣ ପାଇଁ ଅତିକମରେ ପିଲାମାନଙ୍କୁ କିଛି ସମୟ ଏବଂ ସୁଯୋଗ ଦେବେ ।

୨. ପିଲାମାନଙ୍କର ଉପସ୍ଥିତକୁ ଯାଞ୍ଚ ଏବଂ ବିଶ୍ଳେଷଣ କରିବା ଯେ କେତେଜଣ ପିଲା ନିର୍ଦ୍ଧାରିତ ଲକ୍ଷ୍ୟ ସ୍ତରରେ ଅଛନ୍ତି ଆଉ କେତେଜଣ ପଛରେ ଅଛନ୍ତି ।

୩. ପିଲାମାନଙ୍କ ଅସୁବିଧା ଓ ସମସ୍ୟାକୁ ଚିହ୍ନିବା । ସେମାନଙ୍କର ନିର୍ଦ୍ଧାରିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଉଚିତ ଯୋଜନା ତିଆରି କରିବା ।

୪. ଶିକ୍ଷାଦାନ ପ୍ରକ୍ରିୟାରେ ଆବଶ୍ୟକତା ଅନୁସାରେ ଶିକ୍ଷଣ କାର୍ଯ୍ୟ ବଦଳାଇବା ଓ ନୂଆ ନୂଆ ଗତିବିଧିକୁ ଯୋଜନାରେ ସାମିଲ କରିବା ।

**୨୦୨୨-୨୩ ର ମାନନିର୍ଦ୍ଧାରଣ ପ୍ରକ୍ରିୟା:-**

**ଏହି ବାର୍ଷିକ ଶିକ୍ଷଣ କାର୍ଯ୍ୟରେ ତିନି ପ୍ରକାର ମାନନିର୍ଦ୍ଧାରଣ :**

| | | |
|---|---|---|
| **ସାପ୍ତାହିକ ମାନନିର୍ଦ୍ଧାରଣ**<br>ସବୁ ସାପ୍ତାହର ୬ଷ୍ଠ ଦିନ | **ପର୍ଯ୍ୟାୟ ଭିତ୍ତିକ ମାନନିର୍ଦ୍ଧାରଣ**<br>ସାପ୍ତାହ ୧୦, ୧୯ ଓ ୨୮ | **SCERT ତରଫରୁ ମୂଳସ୍ତର**<br>**ଓ ଅନ୍ତିମସ୍ତର ମାନନିର୍ଦ୍ଧାରଣ** |

## ସାପ୍ତାହିକ କାର୍ଯ୍ୟଯୋଜନା :




### ୧. ନୂଆ ଦକ୍ଷତା / ଶିକ୍ଷଣ ଉଦ୍ଦେଶ୍ୟ ଉପରେ କାମ -




- ସପ୍ତାହର ପ୍ରଥମ ୪ ଦିନ ଆମେ ପିଲାମାନଙ୍କ ସହିତ ନୂଆ ଦକ୍ଷତା / ଶିକ୍ଷଣ ଉଦ୍ଦେଶ୍ୟ ଉପରେ କାମ କରିବା । ଏଥିପାଇଁ ଆମେ ପ୍ରତ୍ୟେକ ସପ୍ତାହ ସମ୍ବନ୍ଧିତ ଶିକ୍ଷଣ ଯୋଜନାକୁ ନେଇ କାମ କରିବା ।
- ଏହିକାମ ସବୁ ପିରିୟଡ଼ରେ ଯୋଜନା ଅନୁଯାୟୀ ଚାଲି ରହିବ ।
- ପିରିୟଡ଼-୨ ରେ ଭାଷାରେ ଡିକୋଡ଼ିଙ୍ଗ୍ ସମ୍ବନ୍ଧିତ କାମ ହେବ ଏବଂ ତା ସହିତ ଯୋଜନା ଅନୁସାରେ କର୍ଯ୍ୟ ପୁସ୍ତିକା ଉପରେ କାମ ହେବ । କାର୍ଯ୍ୟ ପୁସ୍ତିକା ରେ ସବୁ ସପ୍ତାହ ର ପ୍ରଥମ ଚାରି ଦିନ ନୂଆ ଦକ୍ଷତା ଉପରେ ଶିକ୍ଷଣ କାର୍ଯ୍ୟ ହେବ (ଭାଷା ଓ ଗଣିତ) ।

### ୨. ସାପ୍ତାହିକ ପୁନରାବୃତ୍ତି -




- ପ୍ରତ୍ୟକ ସପ୍ତାହରେ ୫ମ ଦିନରେ ସାପ୍ତାହିକ ପୁନରାବୃତ୍ତି ଶିକ୍ଷଣ କାର୍ଯ୍ୟ ରଖାଯାଇଛି । ଏହି କାମ ଭାଷାରେ ୨ୟ ପିରିୟଡ଼ରେ କରାଯିବ । ଏହିପାଇଁ ଶିକ୍ଷଣ ଯୋଜନା ଓ କାର୍ଯ୍ୟ ପୁସ୍ତିକାର ବ୍ୟବହାର କରି ଏହି କାମ କରାଯିବ । ଏହି ସମୟରେ ୧ମ ଓ ୩ୟ ପିରିୟଡ଼ରେ ନୂଆ ଦକ୍ଷତା/ଶିକ୍ଷଣ ଉଦେଶ୍ୟ ଉପରେ କାମ ହେବ।
- ସାପ୍ତାହିକ ପୁନରାବୃତ୍ତିରେ ପିଲାମାନେ ଏକା ସାଙ୍ଗରେ ଏହି ସପ୍ତାହରେ ଶିଖାଯାଇଥିବା ଅକ୍ଷର ଓ ମାତ୍ରା ଏବଂ ପୂର୍ବ ସପ୍ତାହ ଗୁଡିକରେ ଶିଖାଯାଇଥିବା ଅକ୍ଷର ଓ ମାତ୍ରାର ପୁନରାବୃତ୍ତି କରାଯିବ । ଏଥିରେ ପିଲାମାନଙ୍କର ଶିଖିବାର ଭଲ ପରିଣାମ ମିଳିବ । ପୁନରାବୃତ୍ତି ସମୟରେ ଅକ୍ଷର ସ୍ତରର ଗତିବିଧି ସହିତ ବ୍ଲେଣ୍ଡିଙ୍ଗ, ଶବ୍ଦ ପଠନ, ବାକ୍ୟ ପଠନର ଗତିବିଧି ସବୁ କରାଯିବ । ଏହି ପ୍ରକ୍ରିୟା ନିପୁଣ ଭାରତ ମିଶନରେ ଉଲ୍ଲେଖ ଥିବା ସନ୍ତୁଳିତ ଭାଷା ଶିକ୍ଷଣ ଅନ୍ତର୍ଗତ ବ୍ୟବସ୍ଥିତ ଡିକୋଡ଼ିଙ୍ଗ୍ର ଉଦ୍ଦେଶ୍ୟ ଉପରେ ଆଧାରିତ । ଗଣିତରେ ଦିଆଯାଇଥିବା ଦକ୍ଷତା ଆଧାରିତ ଅଭ୍ୟାସ ।
- କାର୍ଯ୍ୟପୁସ୍ତିକାର ପ୍ରତ୍ୟେକ ସପ୍ତାହର ପଞ୍ଚମ ଦିନରେ ପୁନରାବୃତି କାମର ଉଲ୍ଲେଖ କରାଯାଇଛି ।

## ୩. ସାପ୍ତାହିକ ମାନନିର୍ଦ୍ଧାରଣ ଓ ପର୍ଯ୍ୟବେକ୍ଷଣ :-

ପ୍ରତ୍ୟେକ ସପ୍ତାହ ଦିବସ ୬

ପିରିଅଡ

1 2 3

- ସାପ୍ତାହିକ ମାନନିର୍ଦ୍ଧାରଣ ଉଦେଶ୍ୟ ହେଲା ପିଲାମାନଙ୍କୁ ଶିଖାଯାଇଥିବା ଡିକୋଡ଼ିଙ୍ଗ୍ ସମ୍ବନ୍ଧିତ ଦକ୍ଷତା ଗୁଡିକୁ ଜାଣିବା ଏବଂ ସେମାନଙ୍କ ମଧ୍ୟରୁ କେଉଁ ମାନେ ଏହି ଦକ୍ଷତା ଗୁଡିକୁ ହାସଲ କରି ନାହାନ୍ତି ।
- ତା ସହିତ ଆଉ କିଛି ବିନ୍ଦୁ ଗୁଡିକୁ ଚିହ୍ନଟ କରିବା ଯେଉଁ ଦକ୍ଷତାରେ ପିଲାମାନେ ଅସୁବିଧା ଅଣୁଭା କରୁଛନ୍ତି ଓ ସେହି ଦକ୍ଷତାଗୁଡିକୁ ନେଇ ଶିକ୍ଷଣ କରିବାକୁ ହେବ । ଏହି କାର୍ଯ୍ୟ ପ୍ରତ୍ୟେକ ସପ୍ତାହ ଦିବସ ୬ ରେ ପିରିୟଡ଼ ୨ ଓ ୩ ରେ କରାଯିବ । ଯେଉଁ ପିଲାମାନେ ଆପେକ୍ଷିକ ଦକ୍ଷତା ହାସଲ କରି ନଥିବେ ସେମାନଙ୍କ ସହ ଯୋଜନା ବଦ୍ଧ କାର୍ଯ୍ୟ କରାଯିବ ।

ଏହି କାର୍ଯ୍ୟ ପାଇଁ କାର୍ଯ୍ୟ-ପୁସ୍ତିକାରେ ପ୍ରତ୍ୟେକ ସପ୍ତାହରେ ଷଷ୍ଠ ଦିନରେ ରଖାଯାଇଛି । ମାନନିର୍ଦ୍ଧାରଣ ପରେ ଟ୍ରାକର ସାପ୍ତାହିକରେ ପିଲାମାନଙ୍କର ଉପଲବ୍ଧି ଟିପାଯିବ ।

---

ପ୍ରତିଦିନ

ପିରିଅଡ

1 2 3

ଏହା ଛଡା ନିୟମିତ ଭାବେରେ ମୌଖିକ ବାହାସର ଦକ୍ଷତାଗୁଡିକ/ଶିକ୍ଷଣ ଉଦ୍ଦେଶ୍ୟଗୁଡିକର ପର୍ଯ୍ୟବେକ୍ଷଣ ପାଇଁ ପ୍ରସ୍ତାବିତ ହେଇଛି । ଏଥିପାଇଁ କୌଣସି ଦିନ ବା ସପ୍ତାହରେ ନକରି ପ୍ରତ୍ୟେକ ଦିନ ଶିକ୍ଷଣ ଯୋଜନାରେ ସମାହିତ କରିବା ଏବଂ ଯେଉଁମାନେ ଶିକ୍ଷଣ ଉଦେଶ୍ୟକୁ ପ୍ରାପ୍ତି କରି ପାରନ୍ତି ନାହିଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ଓ ଆବଶ୍ୟକତା ଅନୁସାରେ ଆଗାମୀ ଯୋଜନା ତିଆରି କରିବା ।

## ୪. ଦଳ ନିର୍ଦ୍ଧାରଣ: ପ୍ରତିକାରମୂଳକ/ପୁର୍ନବଳନ ଓ ପୁନରାବୃତ୍ତି/ଅଭ୍ୟାସ -

ପ୍ରତ୍ୟେକ ସପ୍ତାହ ଦିବସ ୬

ପିରିଅଡ

1 2 3

ମାନନିର୍ଦ୍ଧାରଣ ଅନୁସାରେ ଶିକ୍ଷକ ପିଲାମାନଙ୍କୁ ଶିଖାଯାଇଥିବା ଦକ୍ଷତାର ବିଭିନ୍ନ ସ୍ତରରେ ଦେଖିବାକୁ ମିଳିବ । ସେଗୁଡିକୁ ବିଶ୍ଳେଷଣ କଲେ, ତାକୁ ଦୁଇ ଦଳରେ ବାଣ୍ଟିବା :

**ଦଳ ୧ – ଡିକୋଡ଼ିଙ୍ଗ୍ ସମ୍ବନ୍ଧୀୟ ମାନନିର୍ଦ୍ଧାରଣରେ ଯେଉଁ ପିଲା ୫୦% ରୁ କମ ଅଙ୍କ ରଖିଛନ୍ତି ।**

- ଏହି ପିଲାମାନଙ୍କ ସହିତ ଆବଶ୍ୟକତା ଅନୁସାରେ ଅକ୍ଷର/ଶବ୍ଦ ପଠନ ସ୍ତର ଉପରେ କାର୍ଯ୍ୟ କରିବେ । ଏଥିପାଇଁ ସାପ୍ତାହିକ ମାନନିର୍ଦ୍ଧାରଣ ଫର୍ଦ୍ଦର ଦିଆ ଯାଇଥିବା ଅଭ୍ୟାସ କାମକୁ ଉପଯୋଗ କରିବା ।
- ଅକ୍ଷର **ସ୍ତର ଉପରେ କାର୍ଯ୍ୟ -** ଅକ୍ଷରଗୁଡିକୁ ଆଉଥରେ ଚିହ୍ନିବା, ଅକ୍ଷରଗୁଡିକୁ ଶବ୍ଦରୁ ବାଛିବା ଓ ତାପରେ ଗୋଲ ବୁଲାଇବା, ଗ୍ରୀଡରୁ ଅକ୍ଷର ଚିହ୍ନିବା, ଖାତାରେ ଅକ୍ଷରକୁ ଲେଖିବା ଓ ଅତିରିକ୍ତ ଗୃହ କାର୍ଯ୍ୟ।
- **ପଠନ ସ୍ତର ଉପରେ କାର୍ଯ୍ୟ -** ଅକ୍ଷରଗୁଡିକୁ ଯୋଡି ଶବ୍ଦ ପଢିବାର ଅଭ୍ୟାସ କରିବା, ଅକ୍ଷରକୁ ଯୋଡି ଶବ୍ଦ ପଢିବା ଓ ଲେଖିବା ।

**ଦଳ ୨ – ଡିକୋଡ଼ିଙ୍ଗ୍ ସମ୍ବନ୍ଧୀୟ ମାନନିର୍ଦ୍ଧାରଣରେ ଯେଉଁ ପିଲା ୫୦% ରୁ ଅଧିକ ଅଙ୍କ ରଖିଛନ୍ତି ।**

- ଦଳରେ ପିଲାମାନେ ନିଜେ ଅଭ୍ୟାସ କାର୍ଯ୍ୟକରିବେ । ଏହା ସହିତ ସ୍ୱତନ୍ତ୍ର ରୂପରେ ପଠନ ଉପରେ କାର୍ଯ୍ୟ କରିବା । ଯେତେବେଳେ ଦଳ-୧ ସହିତ କାମ କରିବେ ସେତେବେଳେ ଶ୍ରେଣୀରେ ଥିବା ବାକି ପିଲାଙ୍କ ଦକ୍ଷତା ଅନୁସାରେ ସ୍ୱତନ୍ତ୍ର ପଠନ, ଲିଖନ, କାର୍ଯ୍ୟପୁସ୍ତିକା ଏବଂ ପାଠ୍ୟପୁସ୍ତକ ଉପରେ କାମ କରିବାକୁ ଦେବେ ।

## ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ପ୍ରକ୍ରିୟା -

୨ୟ ରେ ସପ୍ତାହ ୧୦, ୧୯ ଓ ୨୮
୩ୟ ରେ ସପ୍ତାହ ୧୧, ୨୦ ଓ ୨୮

୨୮ ସାପ୍ତାହ ଶିକ୍ଷଣ ଯୋଜନାରରେ ୩ ଥର ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ କରାଯିବ । ପ୍ରଥମ ମାନନିର୍ଦ୍ଧାରଣ ୨ୟ ଶ୍ରେଣୀରେ ସାପ୍ତାହ-୧୦ ଓ ୩ୟ ଶ୍ରେଣୀରେ ସପ୍ତାହ-୧୧, ଦ୍ୱିତୀୟ ମାନନିର୍ଦ୍ଧାରଣ ୨ୟ ଶ୍ରେଣୀରେ ସାପ୍ତାହ-୧୯ ଓ ୩ୟ ଶ୍ରେଣୀରେ ସପ୍ତାହ-୨୦ ଓ ତୃତୀୟ ମାନନିର୍ଦ୍ଧାରଣ ଉଭୟ ୨ୟ ଓ ୩ୟ ଶ୍ରେଣୀରେ ସପ୍ତାହ-୨୮ ପରେ କରାଯିବ । ଏହାକୁ ଏକ ଆନ୍ତରିକ ପ୍ରକ୍ରିୟା ଭାବରେ ଦେଖାଯିବା ଉଚିତ । ଏହାର ଉଦେଶ୍ୟ ପିଲାଙ୍କ ଶ୍ରେଣୀଗତ ଦକ୍ଷତାକୁ ହାସଲ କରିବାରେ ସାହାଯ୍ୟ କରେ ।

ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ → ପର୍ଯ୍ୟାୟଭିତ୍ତିକ ପୁନରାବୃତ୍ତି →

3 4 5 6 7 8 9 10 11 12 13 ...

### ୧. ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ଓ ଦଳ ନିର୍ଦ୍ଧାରଣ:-

ଦିବସ ୧-୩

ପିରିଅଡ

1 2 3

ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ସପ୍ତାହର ପ୍ରଥମ ଓ ଦ୍ୱିତୀୟ ଦିନ କାର୍ଯ୍ୟପୁସ୍ତିକାରୁ ମାନନିର୍ଦ୍ଧାରଣ ଫର୍ଦ୍ଦ ଉପରେ ପ୍ରତ୍ୟେକ ପିଲା ସହିତ କାମ ହେବ ।

ଫଳମାନଙ୍କୁ ମାନନିର୍ଦ୍ଧାରଣରୁ ମିଳିଥିବା ଅଙ୍କକୁ ଲେଖି ରଖିବା ଏବଂ ବିଶ୍ଳେଷଣ କରି ଦଳରେ ବିଭକ୍ତ କରିବା।

- **ଦଳ ୧** – ଡିକୋଡ଼ିଙ୍ଗ୍ ସମ୍ବନ୍ଧୀୟ ମାନନିର୍ଦ୍ଧାରଣରେ ଯେଉଁ ପିଲା ୫୦%ରୁ କମ ଅଙ୍କ ରଖିଛନ୍ତି ।
- **ଦଳ ୨** – ଡିକୋଡ଼ିଙ୍ଗ୍ ସମ୍ବନ୍ଧୀୟ ମାନନିର୍ଦ୍ଧାରଣରେ ଯେଉଁ ପିଲା ୫୦%ରୁ ଅଧିକ ଅଙ୍କ ରଖିଛନ୍ତି ।

3 ତୃତୀୟ ଦିନରେ ଏହି ଦୁଇ ଦଳ ସହିତ କେଉଁ କାର୍ଯ୍ୟ କରାଯିବ ତାର ଯୋଜନା ବନାଯିବ ।

ମୌଖିକ ଭାଷା ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ କାମ ତୃତୀୟ ଦିନରୁ ଆରମ୍ଭ କରାଯିବ ଏବଂ ଏହି କାମ ଶିକ୍ଷଣ ଯୋଜନା ପ୍ରକ୍ରିୟାର ଅନ୍ତର୍ଗତ ହେବା ଦରକାର ।

### ୨. ପର୍ଯ୍ୟାୟଭିତ୍ତିକ ପୁନର୍ବଳନ ଏବଂ ପୁନରାବୃତ୍ତି/ଅଭ୍ୟାସ କାର୍ଯ୍ୟ -

ଦିବସ ୪-୧୩

ପିରିଅଡ

1 2 3

4 ପର୍ଯ୍ୟାୟଭିତ୍ତିକ ପୁନରାବୃତ୍ତି ଉପରେ ଚତୁର୍ଥ ଦିନରୁ ନେଇ ଆଗାମୀ ୮-୧୦ ଦିନରେ କାର୍ଯ୍ୟ କରାଯିବ । ସାପ୍ତାହିକ ମାନନିର୍ଦ୍ଧାରଣ ଭଳି ଏହି କାର୍ଯ୍ୟ ଦୁଇ ଦଳରେ କରାଯିବ ।

13 ପର୍ଯ୍ୟାୟଭିତ୍ତିକ ପୁନରାବୃତ୍ତିର ପାଠକୁ ଦୁଇଟା ଦଳରେ ଥିବା ପିଲାଙ୍କ ସହିତ ଆବଶ୍ୟକତା ଅନୁସାରେ ଉପଯୋଗ କରିବା ।

ମୌଖିକ ଭାଷା ସମ୍ବନ୍ଧିତ ପର୍ଯ୍ୟବେକ୍ଷଣ ଉପରେ କାର୍ଯ୍ୟ ପ୍ରଥମ ପିରିଅଡରେ କରିବେ ଏବଂ ଯେଉଁ ପିଲାଙ୍କୁ ଅଧିକ ସାହାଯ୍ୟର ଆବଶ୍ୟକତା ଅଛି, ସେମାନଙ୍କୁ ଗତିବିଧି/ଶିକ୍ଷଣ କାର୍ଯ୍ୟରେ ଭାଗ ନେବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ।

## ୨ୟ ଓ ୩ୟ ଶ୍ରେଣୀ ପାଇଁ ବାର୍ଷିକ କାର୍ଯ୍ୟଯୋଜନା (ଭାଷା ଓ ସାକ୍ଷରତା)

୨ୟ ଓ ୩ୟ ଶ୍ରେଣୀର ଶିକ୍ଷଣ କାର୍ଯ୍ୟକୁ ୨ଟି ସୋପାନରେ ରଖାଯାଇଛି :

**୧ମ ସୋପାନ : ପ୍ରାରମ୍ଭିକ ସାକ୍ଷରତା ଓ ପୁନର୍ବଳନ**

- ୨ୟ ଓ ୩ୟ (ସପ୍ତାହ ୧-୪) – ପ୍ରାରମ୍ଭିକ ସାକ୍ଷରତା ଓ ପଠନ, ଲିଖନ ପାଇଁ ପ୍ରସ୍ତୁତି
- ୨ୟ (ସପ୍ତାହ ୫-୯) ଓ ୩ୟ (ସପ୍ତାହ ୫-୧୦) – ମୌଳିକ ଡିକୋଡ଼ିଙ୍ଗ୍
- ୨ୟ (ସପ୍ତାହ ୧୦) ଓ ୩ୟ (ସପ୍ତାହ ୧୧) – ୧ମ ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ଓ ପୁନର୍ବଳନ
- ୨ୟ (ସପ୍ତାହ ୧୧ ଓ ୧୨) – ୧ମ ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ପରେ ପୁନରାଲୋଚନା ଓ ପାଖାପାଖି ଆଗକୁ ୩ ସପ୍ତାହ ଅତିରିକ୍ତ ଅଭ୍ୟାସ କାର୍ଯ୍ୟ

**୨ୟ ସୋପାନ : ଉଚ୍ଚ ସ୍ତରୀୟ ଡିକୋଡ଼ିଙ୍ଗ୍ ଓ ପଠନ ବୋଧଗମ୍ୟତା ପାଇଁ ପଠନ-ଲିଖନ କୌଶଳର ବିକାଶ**

- ୨ୟ (ସପ୍ତାହ ୧୩-୧୮) ଓ ୩ୟ (ସପ୍ତାହ ୧୨-୧୯) – ଯୁକ୍ତାକ୍ଷର ପରିଚୟ, ସମୃଦ୍ଧ ଡିକୋଡ଼ିଙ୍ଗ୍, ସ୍ତର ଭିତ୍ତିକ ପାଠର ପଠନ ଅଭ୍ୟାସ ଓ ସହାୟତା ଲିଖନ
- ୨ୟ (ସପ୍ତାହ ୧୯) ଓ ୩ୟ (ସପ୍ତାହ ୨୦) – ୨ୟ ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ଓ ପୁନର୍ବଳନ
- ୨ୟ (ସପ୍ତାହ ୨୦-୨୩) ଓ ୩ୟ (ସପ୍ତାହ ୨୧-୨୩) – ସମୃଦ୍ଧ ଡିକୋଡ଼ିଙ୍ଗ୍, ଗତାନୁଗତିକ ପଠନ (ପଠନ କାର୍ଡ଼) ଓ ଲିଖନ ଅଭ୍ୟାସ
- ୨ୟ (ସପ୍ତାହ ୨୪) – ପୁନରାବୃତ୍ତି ଓ ପୁନରଲୋଚନା
- ୨ୟ (ସପ୍ତାହ ୨୫-୨୮) ଓ ୩ୟ (ସପ୍ତାହ ୨୪-୨୮) – ପ୍ରବହପୂର୍ଣ୍ଣ ପଠନ ଓ ପଠନ ବୋଧଗମ୍ୟତା ଅଭ୍ୟାସ (ପାଠ୍ୟପୁସ୍ତକର ସରଳୀକୃତ ପାଠ ଓ ପଠନ କାର୍ଡ଼) ପାଇଁ କାର୍ଯ୍ୟ, ଉଚ୍ଚ ସ୍ତରୀୟ ଓ ସ୍ୱତନ୍ତ୍ର ଲିଖନ

## ଅନୁମୋଦିତ ଶିକ୍ଷଣ ଫଳାଫଳ ୨୦୨୨-୨୩

ସାମ୍ପ୍ରତିକ ବିଶ୍ୱ ମହାମାରୀ ପରିସ୍ଥିତି, ଦୀର୍ଘ ସମୟ ପାଇଁ ବିଦ୍ୟାଳୟ ବନ୍ଦ ରହିଥିବା ପରିସ୍ଥିତି, ପିଲାମାନଙ୍କର ନିରନ୍ତର ଶିକ୍ଷଣ ଓ ଅର୍ଥପୂର୍ଣ୍ଣ ଶୈକ୍ଷିକ ଉପଲବ୍ଧି ଓ ଅଗ୍ରଗତିକୁ ଦୃଷ୍ଟିରେ ରଖି ୨ୟ ଓ ୩ୟ ଶ୍ରେଣୀରେ ପଢୁଥିବା ପିଲାମାନଙ୍କର ଭାଷାଜ୍ଞାନ ବୃଦ୍ଧି କରିବା ପାଇଁ ନିମ୍ନଲିଖିତ ଫଳାଫଳ ସ୍ୱୀକୃତ । ୨ୟ ଓ ୩ୟ ଶ୍ରେଣୀର ସମସ୍ତ ସୋପାନ ସମାପ୍ତି ପରେ ପିଲାଟି ନିମ୍ନ ଶିକ୍ଷଣ ଫଳାଫଳଗୁଡ଼ିକୁ ହାସଲ କରିବାର ଆବଶ୍ୟକତା ରହିଅଛି । ଶିକ୍ଷଣ ଫଳାଫଳ ଓ ଶିକ୍ଷାର୍ଥୀମାନଙ୍କଠାରୁ ଆଶା କରାଯାଉଥିବା ସ୍ତରକୁ ନିମ୍ନ ସାରଣୀରେ ଦର୍ଶଯାଇଅଛି ।

| ଶିକ୍ଷଣ ଫଳାଫଳ | ଶିକ୍ଷାର୍ଥୀଙ୍କର ପ୍ରତ୍ୟାଶିତ ସ୍ତର |
|---|---|
| ଶ୍ରବଣର ବୋଧଗମ୍ୟତା | ଶିକ୍ଷାର୍ଥୀ ଗଳ୍ପକୁ (୨ୟ ୮୦-୧୦୦, ୩ୟ ୧୦୦-୧୫୦ ଶବ୍ଦ ବିଶିଷ୍ଟ) ଶୁଣି ତାହାର ମୁଖ୍ୟ ଘଟଣା (ପ୍ରାରମ୍ଭ, ମଧ୍ୟ, ଶେଷ ଭାଗ) ପୁଣିଥରେ କହିବେ । |
| ମୌଖିକ ରୂପେ ଭାବ ପ୍ରକାଶ | ଶିକ୍ଷାର୍ଥୀ ଯଥାର୍ଥତା ସହ ଚିତ୍ରକୁ ବର୍ଣ୍ଣନା କରିବେ, ଖଣ୍ଡବାକ୍ୟ ଓ ବାକ୍ୟରେ ଚିତ୍ର ବର୍ଣ୍ଣନା ଓ ଧାରଣାର ସଂଗଠନ, ଧାରଣାର ବୋଧଗମ୍ୟତା- ତଥ୍ୟ ଭିତ୍ତିକ, ଆନୁମାନିକ, ମୁକ୍ତ ଉତ୍ତର ମୂଳକ ଓ ଶବ୍ଦ ଭଣ୍ଡାର ଆଧାରିତ ଧାରଣା, ପ୍ରକାଶିତ କଥାକୁ ସଂଗଠିତ କରିବ (୨ୟ ୨-୩ ଓ ୩ୟ ୪-୫ ଟି ସମ୍ପର୍କିତ ବାକ୍ୟ କହିବେ) । |
| ଶବ୍ଦ ଭଣ୍ଡାର | ଶିକ୍ଷାର୍ଥୀ ପ୍ରାସଙ୍ଗିକ ଭାବରେ ଶବ୍ଦର ବ୍ୟବାହର କରିପାରିବେ ଓ ଶବ୍ଦ ଭଣ୍ଡାରରେ ଅଭିବୃଦ୍ଧି ହେବ । (୨ୟ ଓ ୩ୟ ରେ ସ୍ତର ଭିତ୍ତିକ ପ୍ରସଙ୍ଗ) |
| ଡିକୋଡ଼ିଙ୍ଗ୍ | ମୌଳିକ –<br>• ଅକ୍ଷର ଚିହ୍ନଟୀ କରଣ, ଅକ୍ଷର ଓ ଯୁକ୍ତାକ୍ଷର ଚିହ୍ନଟ ।<br>• ୨ୟ ରେ ୨-୩ ଅକ୍ଷର ଥିବା ସରଳ ଶବ୍ଦ ପଠନ |

| | |
|---|---|
| | • ୩ୟ ରେ ୩-୪ ଅକ୍ଷର ଥିବା ସରଳ ଶବ୍ଦ ପଠନ<br>• ଯୁକ୍ତାକ୍ଷର ବିଶିଷ୍ଟ ସରଳ ଶବ୍ଦ ପଠନ<br>• ୨ୟ ରେ<br>o ସାଙ୍କେତିକ ଓ ସହଭାଗୀ ପଠନ<br>o ୧୫-୩୦ ଡିକୋଡ଼ିଙ୍ଗ୍ ଆଧାରିତ ଶବ୍ଦ ପଠନ<br>o ୩୦-୪୦ ଶବ୍ଦ ବିଶିଷ୍ଟ ସରଳ ଡିକୋଡେବଲ୍ ପାଠର ମାର୍ଗଦର୍ଶୀ ପଠନ<br>o ୪୦-୫୦ ଶବ୍ଦ ବିଶିଷ୍ଟ ସରଳ ଡିକୋଡେବଲ୍ ପାଠର ସ୍ୱତନ୍ତ୍ର ପଠନ ପ୍ରାରମ୍ଭ<br>• ୩ୟ ରେ<br>o ସାଙ୍କେତିକ ଓ ସହଭାଗୀ ପଠନ<br>o ୩୦-୪୦ ଡିକୋଡ଼ିଙ୍ଗ୍ ଆଧାରିତ ଶବ୍ଦ ପଠନ<br>o ୪୦-୫୦ ଶବ୍ଦ ବିଶିଷ୍ଟ ସରଳ ଡିକୋଡେବଲ୍ ପାଠର ମାର୍ଗଦର୍ଶୀ ପଠନ<br>o ୫୦-୬୦ ଶବ୍ଦ ବିଶିଷ୍ଟ ସରଳ ଡିକୋଡେବଲ୍ ପାଠର ସ୍ୱତନ୍ତ୍ର ପଠନ ପ୍ରାରମ୍ଭ |
| | ସମୃଦ୍ଧ –<br>• ୪୦-୫୦ ଶବ୍ଦ ବିଶିଷ୍ଟ ପାଠର ସହଭାଗୀ ପଠନ, ଶିକ୍ଷକଙ୍କ ତତ୍ତ୍ୱାବଧାନରେ ମାର୍ଗଦର୍ଶୀ ପଠନ, ସ୍ୱତନ୍ତ୍ର ପଠନ<br>• ୫୦ ଶବ୍ଦ ବିଶିଷ୍ଟ ସରଳୀକୃତ ପାଠ ସହ କାର୍ଯ୍ୟ<br>• ସାବଲିଳ ପଠନ ପାଇଁ ଅଭ୍ୟାସ କାର୍ଯ୍ୟ |
| ଶବ୍ଦ ପଠନ | ଶିକ୍ଷାର୍ଥୀ ୨-୪ ଅକ୍ଷର ବିଶିଷ୍ଟ ସରଳ ଶବ୍ଦ ପଢ଼ିବେ । |
| ସାବଲିଳ ଡିକୋଡ଼ିଙ୍ଗ୍ (ଶବ୍ଦ) | ଶିକ୍ଷାର୍ଥୀ ୨୫-୫୦ ଟି ଶବ୍ଦ ବିଶିଷ୍ଟ ସରଳ (ଡିକୋଡେବଲ୍ ପାଠ)ର ସାବଲିଳ ପଠନ କରିବେ । |
| ପଠନ ବୋଧଗମ୍ୟତା | ଶିକ୍ଷାର୍ଥୀ ୮୦ଟି ଶବ୍ଦ ବିଶିଷ୍ଟ ଅନୁଚ୍ଛେଦ ପଢ଼ିବେ ଓ ପଚରାଯାଇଥିବା ୫ଟି ପ୍ରଶ୍ନର ଉତ୍ତର ଦେବେ । (ପ୍ରଶ୍ନ – ପୂର୍ବଜ୍ଞାନ ଆଧାରିତ, ତଥ୍ୟ ଭିତ୍ତିକ, ଶବ୍ଦ ଭଣ୍ଡାର ବୃଦ୍ଧି ଭିତ୍ତିକ, ଅନୁସନ୍ଧାନ ଭିତ୍ତିକ, ମୁକ୍ତ ଉତ୍ତର ମୂଳକ, ଜୀବନ ସହିତ ଜଡ଼ିତ ଆଦି) । |
| ଶବ୍ଦ ଲିଖନ | ଶୃତ ଲିଖନ ଓ ସହଭାଗୀ ଲିଖନ ଏବଂ ପରିଚିତ ବିଷୟ/ଚିତ୍ର ଆଧାରରେ ୨ୟ ରେ ୧-୨ ଟି ସରଳ ବାକ୍ୟ ଲିଖନ ଓ ୩ୟ ରେ ୩-୪ ଟି ସରଳ ବାକ୍ୟ ଲିଖନ |
| ଲିଖନ – ଶୃତଲିଖନ | ଶିକ୍ଷାର୍ଥୀମାନେ ଶ୍ରୁତଲିଖନ ମାଧ୍ୟମରେ ଗୋଟିଏ ବାକ୍ୟ ଲେଖିବେ (ପ୍ରଯୁଜ୍ୟ ଶବ୍ଦ ଓ ବିରାମ ଚିହ୍ନର ବ୍ୟବହାରକୁ ଗୁରୁତ୍ୱ ଦିଆଯିବ) । |
| ଲିଖନ -ଲେଖା ଦ୍ୱାରା ପରିପ୍ରକାଶ | ଶିକ୍ଷାର୍ଥୀ ପ୍ରସଙ୍ଗ ଓ ଛବି ଆଧାରିତ ୨ୟ ରେ ୨-୩ ଟି ଓ ୩ୟ ରେ ୩-୪ ଟି ବାକ୍ୟ ଲେଖିବେ ଯେଉଁଥିରେ ପ୍ରାସଙ୍ଗିକତା ଓ ଅର୍ଥ ପୂର୍ଣ୍ଣତା, ଶବ୍ଦର ଚୟନ ଓ ବାକ୍ୟର ସଂରଚନାକୁ ଗୁରୁତ୍ୱ ଦିଆଯିବ । |

## ବାର୍ଷିକ ଶିକ୍ଷଣ ଯୋଜନା

କୋଭିଡ଼-୧୯ ପାଇଁ ନୂତନ ଉପାଦାନ ଅନ୍ତର୍ଗତ ୨୮ ସପ୍ତାହର ଏକ ସରଳ କାର୍ଯ୍ୟକ୍ରମର ରୂପରେଖ ଦିଆଯାଇଛି । ଶିକ୍ଷାବର୍ଷ ୨୦୨୨-୨୩ ର ଶିକ୍ଷଣ ଯୋଜନାରେ ୨ୟ ଓ ୩ୟ ଶ୍ରେଣୀ ପାଇଁ ଭାଷା ବିକାଶ, ଡିକୋଡ଼ିଙ୍ଗ୍ ,ପଠନ, ଓ ଲିଖନ ଆଦି ଦକ୍ଷତାକୁ ନେଇ ଏକାସାଥେ କାମ କରିବାକୁ ହେବ, ଯାହାଦ୍ୱାରା ପିଲାମାନେ ନିର୍ଦ୍ଧାରିତ କୌଶଳ ଓ ଦକ୍ଷତାରେ ନିପୁଣତା ହାସଲ କରିପାରିବେ । ତଳେ ଅଲଗା ଅଲଗା ସପ୍ତାହରେ କିପରି ଭାବରେ ପିଲାଙ୍କର ଦକ୍ଷତା ବଢାଇବା ପାଇଁ କାମକରାଯିବ ସେ ଉପରେ ଏକ ନମୁନା ପ୍ରଦାନ କରାଗଲା ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ SCERT ଦ୍ୱାରା ମୂଳସ୍ତର ମାନନିର୍ଦ୍ଧାରଣ ।

ଶିକ୍ଷଣ ଯୋଜନା | କାର୍ଯ୍ୟପୁସ୍ତିକା | ଶିକ୍ଷଣ ସାମଗ୍ରୀ | ପଠନ ପୁସ୍ତିକା

## ସାପ୍ତାହିକ ଶିକ୍ଷଣ ଉଦ୍ଦେଶ୍ୟ

**ସପ୍ତାହ ୧-୪**

- ପ୍ରାରମ୍ଭିକ ସାକ୍ଷରତା (ପଠନ ଓ ଲିଖନ)।
- ସାମାଜିକ ଓ ଆବେଗିକ ବିକାଶ ପାଇଁ କାର୍ଯ୍ୟ ଏବଂ କାହାଣୀ ଓ କବିତା ଦ୍ୱାରା ନିର୍ଦ୍ଧାରିତ ଭାଷା ବିକାଶର ଗତିବିଧି ଓ ପ୍ରାରମ୍ଭିକ ଲିଖନ ।
- ମୌଖିକ ଭାଷା ବିକାଶ ଖଣ୍ଡରେ ବିଗ୍ ବୁକ୍ ଦ୍ୱାରା ପାରସ୍ପରିକ ଓ ସାଙ୍କେତିକ ପଠନ ।
- ଧ୍ୱନି ସଚେତନତା ଉପରେ କାର୍ଯ୍ୟ, ୬ ଟି ଅକ୍ଷରକୁ ସଙ୍କେତ ରୂପରେ ଚିହ୍ନିବା ଓ କାର୍ଯ୍ୟ କାର୍ଯ୍ୟପୁସ୍ତିକାରେ ଅଭ୍ୟାସ କାର୍ଯ୍ୟ ।
- ପଠନ ଖଣ୍ଡରେ ବିଗ୍ ବୁକ୍ ଦ୍ୱାରା ସହଭାଗୀ ଓ ସାଙ୍କେତିକ ପଠନ ସହଭାଗୀ ଲିଖନ ।
- ସାପ୍ତାହିକ ମାନନିର୍ଦ୍ଧାରଣ ।

ଶିକ୍ଷଣ ସାମଗ୍ରୀ

- ମୌଖିକ ଭାଷା ବିକାଶ ଖେଳ ଓ ଗତିବିଧି
- ସାମାଜିକ ଅବେଗିକ ବିକାଶ ଓ ଗତିବିଧି
- ବଡ଼ ବହି ୧ ଓ ୨
- କାର୍ଯ୍ୟ ପୁସ୍ତିକା ଭାଗ-୧
- ପଠନ ପୁସ୍ତିକା
- ଚାର୍ଟ ପେପର (ସାଙ୍କେତିକ ପଠନ ପାଇଁ)
- ଗଳ୍ପ ଓ କବିତା ମାଳା
- ଚିତ୍ର ଆଧାରିତ ଚର୍ଚ୍ଚା ପାଇଁ ବଡ଼ ଚିତ୍ର (ପାଠ୍ୟ ପୁସ୍ତକ/ଅନ୍ୟଥା)
- ଗପ ବହି

---

**୨ୟ ରେ ସପ୍ତାହ ୫-୯ ୩ୟ ରେ ସପ୍ତାହ ୫-୧୦**

- କାହାଣୀ ଓ କବିତା ଦ୍ୱାରା ମୌଖିକ ଭାଷା ବିକାଶ, ସାମାଜିକ ଓ ଆବେଗିକ ସମ୍ବନ୍ଧ ଯୋଡ଼ିବା ଉପରେ କାର୍ଯ୍ୟ ଏହା ସହିତ ଜଡ଼ିତ ରଚନାତ୍ମକ ଲିଖନ ।
- ମୌଖିକ ଭାଷା ବିକାଶ ଖଣ୍ଡରେ ବିଗ୍ ବୁକ୍ ଦ୍ୱାରା ପାରସ୍ପରିକ ଓ ସାଙ୍କେତିକ ପଠନ ।
- ୨୦ଟି ଅକ୍ଷର ଓ ୩ଟି ମାତ୍ରାର ପରିଚୟ ଓ ଅକ୍ଷର ମାତ୍ରାକୁ ନେଇ ବ୍ଲେନଡିଙ୍ଗ (Blending) ଓ ଶବ୍ଦ ଗଢ଼ିବା, ପଢ଼ିବା ଓ ଗ୍ରୀଡର ବ୍ୟବହାର।
- ସରଳ ଖଣ୍ଡବାକ୍ୟ ଓ ବାକ୍ୟପଠନ ।
- ବିଗ୍ ବୁକ୍ ଦ୍ୱାରା ସହଭାଗୀ ଓ ସାଙ୍କେତିକ ପଠନ ଓ ସହଭାଗୀ ଲିଖନ ।
- ପଠନ ପୁସ୍ତିକା ଓ ଅଭ୍ୟାସ ପୁସ୍ତିକାରେ ୧୫-୨୦ ଶବ୍ଦ ବିଶିଷ୍ଟ ସରଳ ଛୋଟ ଡିକୋଡେବଲ୍ ପାଠ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପଠନ ଅଭ୍ୟାସ ।
- ବ୍ୟକ୍ତିଗତ ପଠନ ଅଭ୍ୟାସର ପ୍ରାରମ୍ଭ ନିମନ୍ତେ ପିଲାମାନଙ୍କ ଦ୍ୱାରା ସ୍ତର ଅନୁଯାୟୀ ଗପ ଓ ଅନ୍ୟାନ୍ୟ ବହି ସହ ପରିଚୟ ଓ ଅଭିନୟ ପଠନ ।
- ସାପ୍ତାହିକ ମାନନିର୍ଦ୍ଧାରଣ ।

ଶିକ୍ଷଣ ସାମଗ୍ରୀ

- ମୌଖିକ ଭାଷା ବିକାଶ ଖେଳ ଓ ଗତିବିଧି
- ସାମାଜିକ ଅବେଗିକ ବିକାଶ ଓ ଗତିବିଧି
- ବଡ଼ ବହି ୩, ୪ ଓ ୫
- କାର୍ଯ୍ୟ ପୁସ୍ତିକା ଭାଗ-୧
- ପଠନ ପୁସ୍ତିକା
- ଚାର୍ଟ ପେପର (ସାଙ୍କେତିକ ପଠନ ପାଇଁ)
- ଗଳ୍ପ ଓ କବିତା ମାଳା
- ଚିତ୍ର ଆଧାରିତ ଚର୍ଚ୍ଚା ପାଇଁ ବଡ଼ ଚିତ୍ର (ପାଠ୍ୟ ପୁସ୍ତକ/ଅନ୍ୟଥା)
- ଗପ ବହି

୨ୟ ରେ
ସପ୍ତାହ ୧୦
୩ୟ ରେ
ସପ୍ତାହ ୧୧

**ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ (SCERT ଦ୍ୱାରା)**
**ଓ ପୁନର୍ବଳନ**

- ମୌଖିକ ଭାଷା ବିକାଶ ଖଣ୍ଡର ସାମଗ୍ରୀ
- କାର୍ଯ୍ୟ ପୁସ୍ତିକା ଓ ପଠନ ପୁଷ୍ଟିକପୁସ୍ତିକା
- ବଡ଼ ବହି ୫

**ପୁନରାଲୋଚନା ଓ ଅତିରିକ୍ତ ଅଭ୍ୟାସ**

୨ୟ ରେ
ସପ୍ତାହ
୧୧-୧୨

- କାହାଣୀ ଓ କବିତା ଦ୍ୱାରା ମୌଖିକ ଭାଷା ବିକାଶ, ସାମାଜିକ ଓ ଆବେଗିକ ସମ୍ବନ୍ଧ ଯୋଡ଼ିବା ଉପରେ କାର୍ଯ୍ୟ ଏହା ସହିତ ଜଡ଼ିତ ରଚନାତ୍ମକ ଲିଖନ ।
- ୬ଟି ନୂତନ ଅକ୍ଷର ଓ ଗୋଟିଏ ନୂତନ ମାତ୍ରାର ପରିଚୟ ଓ ଅକ୍ଷର ମାତ୍ରାକୁ ନେଇ ବ୍ଲେନଡିଙ୍ଗ (Blending) ଓ ଶବ୍ଦ ଗଢ଼ିବ, ପଢ଼ିବା ଓ ଗ୍ରୀଡର ବ୍ୟବହାର ।
- ସପ୍ତାହ ୧ ରୁ ସପ୍ତାହ ୮ ମଧ୍ୟରେ ପଢ଼ାଯାଇଥିବା ପାଠର ଆକଳନ ଓ ଅବଲୋକନ । ୨୬ଟି ଅକ୍ଷର ଓ ୪ଟି ମାତ୍ରା ।
- ସରଳ ଖଣ୍ଡବାକ୍ୟ ଓ ବାକ୍ୟପଠନ ।
- ପଠନ ପୁସ୍ତିକା ଓ ଅଭ୍ୟାସ ପୁସ୍ତିକାରେ ୧୫-୨୦ ଶବ୍ଦ ବିଶିଷ୍ଟ ସରଳ ଛୋଟ ଡିକୋଡେବଲ୍ ପାଠ ପଠନ ଅଭ୍ୟାସ ।
- ବିଗ୍ ବୁକ୍ ଦ୍ୱାରା ସହଭାଗୀ ଓ ସାଙ୍କେତିକ ପଠନ ଓ ସହଭାଗୀ ଲିଖନ
- ଆକଳନ ଓ ଅବଲୋକନର ଆଧାର ଉପରେ ପୁନରାବୃତ୍ତି ଯୋଜନା (ମୋଟାମୋଟି ୩ ସପ୍ତାହ ଯାଏଁ)

ଶିକ୍ଷଣ ସାମଗ୍ରୀ

- ମୌଖିକ ଭାଷା ବିକାଶ ଖେଳ ଓ ଗତିବିଧି
- ସାମାଜିକ ଅବେଗିକ ବିକାଶ ଓ ଗତିବିଧି
- ବଡ଼ ବହି (ପୁନରଲୋଚନା)
- କାର୍ଯ୍ୟ ପୁସ୍ତିକା ଭାଗ-୧
- ପଠନ ପୁସ୍ତିକା
- ଚାର୍ଟ ପେପର (ସାଙ୍କେତିକ ପଠନ ପାଇଁ)
- ଗଳ୍ପ ଓ କବିତା ମାଳା
- ଚିତ୍ର ଆଧାରିତ ଚର୍ଚ୍ଚା ପାଇଁ ବଡ଼ ଚିତ୍ର (ପାଠ୍ୟ ପୁସ୍ତକ/ଅନ୍ୟଥା)
- ଗପ ବହି

୨ୟ ରେ
ସପ୍ତାହ
୧୩-୧୮
୩ୟ ରେ
ସପ୍ତାହ
୧୨-୧୯

- ଚିତ୍ର, କବିତା ଓ କାହାଣୀ ଶୁଣି ଅଲୋଚନା କରିବା, ଶବ୍ଦ ଭଣ୍ଡାରର ଅଭିବୃଦ୍ଧି ଗତିବିଧି ଓ ଏହା ସହ ସମ୍ବନ୍ଧିତ ରଚନାତ୍ମକ ଲିଖନ ।
- ସାମାଜିକ ଓ ଆବେଗିକ ବିକାଶ ପାଇଁ କାର୍ଯ୍ୟ ଏବଂ କାହାଣୀ ଓ କବିତା ଦ୍ୱାରା ନିର୍ଦ୍ଧାରିତ ଭାଷା ବିକାଶର ଗତିବିଧି ।
- ସମୃଦ୍ଧ ଡିକୋଡ଼ିଙ୍ଗ୍ – ୧୯ଟି ଅକ୍ଷର ଓ ୧୦ଟି ନୂଆ ମାତ୍ରାର ପରିଚୟ ।
- ଯୁକ୍ତାକ୍ଷର ଓ ଫଳା ପରିଚୟ ଓ ସହାୟତା ଲିଖନ
- ଅଭ୍ୟାସ ପୁସ୍ତିକାରେ ୨୫ ରୁ ୩୦ ଶବ୍ଦ ବିଶିଷ୍ଟ ଛୋଟ ସରଳ ଡିକୋଡେବଲ୍ ପାଠକୁ ଶିକ୍ଷକଙ୍କ ଦ୍ୱାରା ଆଦର୍ଶ ପଠନ, ପିଲାମାନଙ୍କ ସହ ମାର୍ଗଦର୍ଶୀ ପଠନ ଓ ଏହା ଉପରେ ଆଧାରିତ ପ୍ରଶ୍ନର ଉତ୍ତର ୧/୨ ଶବ୍ଦରେ ଦେଇପାରିବେ ।
- ଦେଖି ଓ ଶୁଣିକରି ଲେଖିବା (ଶ୍ରୁତଲିଖନ) ।
- ପଠନ ପୁସ୍ତିକାରୁ ୨୫ ରୁ ୩୦ ଶବ୍ଦ ବିଶିଷ୍ଟ ସ୍ତର ଭିତ୍ତିକ ପାଠର ମାର୍ଗଦର୍ଶୀ ପଠନ ଅଭ୍ୟାସ ।
- ସାପ୍ତାହିକ ମାନନିର୍ଦ୍ଧାରଣ ।

ଶିକ୍ଷଣ ସାମଗ୍ରୀ

- ମୌଖିକ ଭାଷା ବିକାଶ ଖେଳ ଓ ଗତିବିଧି
- ସାମାଜିକ ଅବେଗିକ ବିକାଶ ଓ ଗତିବିଧି
- କାର୍ଯ୍ୟ ପୁସ୍ତିକା ଭାଗ-୨
- ପଠନ ପୁସ୍ତିକା
- ଗଳ୍ପ ଓ କବିତା ମାଳା
- ଚିତ୍ର ଆଧାରିତ ଚର୍ଚ୍ଚା ପାଇଁ ବଡ଼ ଚିତ୍ର (ପାଠ୍ୟ ପୁସ୍ତକ/ଚିତ୍ର ଚାର୍ଟ)
- ଗପ ବହି

**ସପ୍ତାହପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ (SCERT ଦ୍ୱାରା) ଓ ପୁନର୍ବଳନ**

୨ୟ ରେ ସପ୍ତାହ ୧୯
୩ୟ ରେ ସପ୍ତାହ ୨୦

- ୨ୟ (ସପ୍ତାହ ୧୧-୧୮) ଓ ୩ୟ (ସପ୍ତାହ ୧୨-୧୯) ମଧ୍ୟରେ ପଢ଼ାଯାଇଥିବା ପାଠର ଆକଳନ ଓ ଅବଲୋକନ ।
- ଆକଳନ ଓ ଅବଲୋକନର ଆଧାର ଉପରେ ପୁନରାବୃତ୍ତି ଯୋଜନା ।

- ମୌଖିକ ଭାଷା ବିକାଶ ଖଣ୍ଡର ସାମଗ୍ରୀ
- କାର୍ଯ୍ୟ ପୁସ୍ତିକା ଓ ପଠନ ପୁସ୍ତିକା

---

୨ୟ ରେ ସପ୍ତାହ ୨୦-୨୩
୩ୟ ରେ ସପ୍ତାହ ୨୧-୨୩

- ସମୃଦ୍ଧ ଡିକୋଡ଼ିଙ୍ଗ୍
- ଯୁକ୍ତାକ୍ଷର ଓ ଫଳା ପରିଚୟ ଓ ସହାୟତା ଲିଖନ
- ଗତାନୁଗତିକ ପଠନ (ଗଳ୍ପ କାର୍ଡ଼) ଓ ଲିଖନ ଅଭ୍ୟାସ
- କାହାଣୀ, ଚିତ୍ର ଓ ଅନୁଭୂତି ଉପରେ ଅଲୋଚନା ଓ ଏହା ସମ୍ବନ୍ଧିତ ରଚନାତ୍ମକ ଲିଖନ ।
- କାର୍ଯ୍ୟପୁସ୍ତିକାରେ ଏକ ନୂଆ ମାତ୍ରାର ପରିଚୟ, ୪୦ ରୁ ୫୦ ଶବ୍ଦର ସରଳ ଡିକୋଡେବଲ୍ ପାଠକୁ ଶିକ୍ଷକଙ୍କ ଦ୍ୱାରା ଆଦର୍ଶ ପଠନ, ପିଲାମାନଙ୍କ ସହ ମାର୍ଗଦର୍ଶୀ ପଠନ ଓ ଏହା ଆଧାରିତ ପ୍ରଶ୍ନର ଉତ୍ତର କିଛି ଶବ୍ଦ ଓ ବାକ୍ୟରେ ଦେଇପାରିବେ ।
- ପଠନ ପୁସ୍ତିକାରେ ୪୦ ରୁ ୫୦ ଶବ୍ଦର ଶିକ୍ଷକଙ୍କ ଦ୍ୱାରା ମାର୍ଗଦର୍ଶୀ ଓ ପିଲାମାନଙ୍କର ସ୍ୱତନ୍ତ୍ର ପଠନ ।
- ସାପ୍ତାହିକ ମାନନିର୍ଦ୍ଧାରଣ ।

ଶିକ୍ଷଣ ସାମଗ୍ରୀ

- ମୌଖିକ ଭାଷା ବିକାଶ ଖେଳ ଓ ଗତିବିଧି
- ସାମାଜିକ ଅବେଗିକ ବିକାଶ ଓ ଗତିବିଧି
- କାର୍ଯ୍ୟ ପୁସ୍ତିକା ଭାଗ-୨
- ପଠନ ପୁସ୍ତିକା
- ଗଳ୍ପ ଓ କବିତା ମାଳା
- ଚିତ୍ର ଆଧାରିତ ଚର୍ଚ୍ଚା ପାଇଁ ବଡ଼ ଚିତ୍ର (ପାଠ୍ୟ ପୁସ୍ତକ/ଚିତ୍ର ଚାର୍ଟ)
- ଗପ ବହି

---

**ପୁନରାବୃତ୍ତି ଓ ପୁନରଲୋଚନା**

୨ୟ ରେ ସପ୍ତାହ ୨୪

- ସପ୍ତାହ ୨୦ ରୁ ସପ୍ତାହ ୨୩ ମଧ୍ୟରେ ପଢ଼ାଯାଇଥିବା ପାଠର ଆକଳନ ଓ ଅବଲୋକନ ।
- ଆକଳନ ଓ ଅବଲୋକନର ଆଧାର ଉପରେ ପୁନରାବୃତ୍ତି ଓ ପୁନରଲୋଚନା ଯୋଜନା ।

- ମୌଖିକ ଭାଷା ବିକାଶ ଖଣ୍ଡର ସାମଗ୍ରୀ
- କାର୍ଯ୍ୟ ପୁସ୍ତିକା ଓ ପଠନ ପୁସ୍ତିକା

---

୨ୟ ରେ ସପ୍ତାହ ୨୫-୨୮
୩ୟ ରେ ସପ୍ତାହ ୨୪-୨୮

- ଯୁକ୍ତାକ୍ଷର ଓ ଫଳା ପରିଚୟ ଓ ସହାୟତା ଲିଖନ ।
- ଗତାନୁଗତିକ ପଠନ (ଗଳ୍ପ କାର୍ଡ଼) ଓ ଲିଖନ ଅଭ୍ୟାସ ।
- କାର୍ଯ୍ୟ ପୁସ୍ତିକାରେ ପାଠ୍ୟ ପୁସ୍ତକର ପାଠକୁ ନେଇ ସରଳୀକୃତ ପାଠ ସହ ପଠନ ଅଭ୍ୟାସ ଓ ଏହା ଆଧାରିତ ପ୍ରଶ୍ନର ଉତ୍ତର କିଛି ଶବ୍ଦ ଓ ବାକ୍ୟରେ ଦେଇପାରିବେ । ଚିତ୍ର ସଂଯୋଜକର ମାଧ୍ୟମରେ ପଠନ ବୋଧଗମ୍ୟତା ଆଧାରିତ କାର୍ଯ୍ୟ ।
- କାହାଣୀ, ଚିତ୍ର ଓ ଅନୁଭୂତି ଉପରେ ଅଲୋଚନା ଓ ଏହା ସମ୍ବନ୍ଧିତ ରଚନାତ୍ମକ ଲିଖନ ।
- ଏକ ନୂଆ ମାତ୍ରାର ପରିଚୟ, ୪୦ ରୁ ୫୦ ଶବ୍ଦର ସରଳ ଡିକୋଡେବଲ୍ ପାଠକୁ ପଢ଼ିବା ଓ ଏହା ଆଧାରିତ ପ୍ରଶ୍ନର ଉତ୍ତର କିଛି ଶବ୍ଦ ଓ ବାକ୍ୟରେ ଦେଇପାରିବେ ।
- ପଠନ ପୁସ୍ତିକାରେ ୬୦-୮୦ ଶବ୍ଦର ମାର୍ଗଦର୍ଶୀ ଓ ସ୍ୱତନ୍ତ୍ର ପଠନ ।
- ସାପ୍ତାହିକ ମାନନିର୍ଦ୍ଧାରଣ ।

ଶିକ୍ଷଣ ସାମଗ୍ରୀ

- ମୌଖିକ ଭାଷା ବିକାଶ ଖେଳ ଓ ଗତିବିଧି
- ସାମାଜିକ ଅବେଗିକ ବିକାଶ ଓ ଗତିବିଧି
- କାର୍ଯ୍ୟ ପୁସ୍ତିକା ଭାଗ-୨
- ପଠନ ପୁସ୍ତିକା
- ଗଳ୍ପ ଓ କବିତା ମାଳା
- ଚିତ୍ର ଆଧାରିତ ଚର୍ଚ୍ଚା ପାଇଁ ବଡ଼ ଚିତ୍ର (ପାଠ୍ୟ ପୁସ୍ତକ/ଚିତ୍ର ଚାର୍ଟ)
- ଗପ ବହି

କାର୍ଯ୍ୟକ୍ରମ ଶେଷରେ SCERT ଦ୍ୱାରା ଅନ୍ତିମ ସ୍ତର ନିର୍ଦ୍ଧାରଣ ।

## <u>ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପ୍ରଥମ ସୋପାନ କାର୍ଯ୍ୟ ଯୋଜନା</u>

| ସୋପାନ | ସପ୍ତାହ | ପ୍ରମୁଖ ଦିଗ |
|---|---|---|
| ପ୍ରାରମ୍ଭିକ ସାକ୍ଷରତା | ୨ୟ ଓ ୩ୟ<br>(୧-୪) | ମୌଖିକ ଭାଷା ବିକାଶ ପୁସ୍ତକ ଓ ଛାପା ଲେଖା ସାମଗ୍ରୀ ସହ ପରିଚିତ<br>ପ୍ରାରମ୍ଭିକ ସାକ୍ଷରତା ପ୍ରଥମ ଶ୍ରେଣୀ କୌଶଳର ପୁନରାବୃତ୍ତି |
| ପ୍ରାରମ୍ଭିକ ଡିକୋଡିଙ୍ଗ<br>• ଅକ୍ଷର ଚିହ୍ନଟ କରି ଶବ୍ଦ ଗଠନ ରୂପେ ଉପଯୋଗ କରିବା<br>• ପଠନ ଅଭ୍ୟାସର ପ୍ରାରମ୍ଭ<br>• ସାପ୍ତାହିକ ଆକଳନ ଓ ପୁନରାଲୋଚନା | ୨ୟ (୫-୯)<br>ଓ<br>୩ୟ (୫-୧୦) | • ମୌଖିକ ଭାଷା ବିକାଶ<br>• ଧ୍ୱନି ସଚେତନତା<br>• ମୌଳିକ / ପ୍ରାରମ୍ଭିକ ଡିକୋଡ଼ିଂ<br>• ୫-ବର୍ଣ୍ଣ ଅକ୍ଷର ଚିହ୍ନଟିକରଣ<br>• ଶବ୍ଦଗତ କାର୍ଯ୍ୟକୁ ଅଗ୍ରଗତି<br>• ୫-୬ମ ସପ୍ତାହ – ଅକ୍ଷର, ମାତ୍ରା ଯୋଡ଼ି ବ୍ଲେଣ୍ଡିଂ (blending), ଶବ୍ଦ ଗଠନ, ଶବ୍ଦ ପଠନ ଅଭ୍ୟାସ ।<br>• ଶବ୍ଦ, ଖଣ୍ଡ ବାକ୍ୟ – ବାକ୍ୟକୁ ଅଗ୍ରଗତି<br>• ୭-୮ମ ସପ୍ତାହ – ଗ୍ରୀଡ୍ / ସାରଣୀ ବ୍ୟବହାର<br>  – ଶବ୍ଦ ଗଠନ - ପଠନ - ଲିଖନ ଅଭ୍ୟାସ<br>  – ଖଣ୍ଡବାକ୍ୟ, ବାକ୍ୟ ପଠନ ଅଭ୍ୟାସ ଶିକ୍ଷକଙ୍କ ତତ୍ତ୍ୱାବଧାନରେ<br>• ମାର୍ଗଦର୍ଶିତ ପଠନକୁ ଅଗ୍ରଗତି<br>• ୯ମ-୧୦ମ ସପ୍ତାହ - ପିଲାମାନଙ୍କୁ ତାଙ୍କ ସ୍ତର ଅନୁଯାୟୀ ଛୋଟ ସରଳ ପାଠର ପଠନ ଅଭ୍ୟାସ କରାଇବା ପଠନ ଗତି ଓ ସଠିକତାକୁ ସୁଦୃଢ଼ କରିବା ପ୍ରାରମ୍ଭ |
| ମାନନିର୍ଦ୍ଧାରଣ ଓ ପୁନର୍ବଳନ | ୨ୟ (୧୦) ଓ ୩ୟ (୧୧) | ପ୍ରଥମ ପର୍ଯ୍ୟାୟଭିତ୍ତିକ ମାନନିର୍ଦ୍ଧାରଣ ଓ ପୁନର୍ବଳନ |
| ପଠନ ଅଭ୍ୟାସ<br>ଅତିରିକ୍ତ ଅଭ୍ୟାସ | ୨ୟ<br>(୧୧-୧୨)<br>ମୋଟାମୋଟି ୩ ସପ୍ତାହର କାମ | • ମୌଖିକ ଭାଷା ବିକାଶ<br>• ସମୃଦ୍ଧ ଡିକୋଡ଼ିଂ<br>• ଶବ୍ଦରୁ – ଖଣ୍ଡ ବାକ୍ୟରୁ – ବାକ୍ୟକୁ ଅଗ୍ରଗତି<br>• ୧ ରୁ ୩ଟି ସରଳ ବାକ୍ୟ ପଠନ ଅଭ୍ୟାସ<br>• ଶବ୍ଦ ଲିଖନ<br>• ଛୋଟ ସରଳ ପିଲାଙ୍କ ସ୍ତର ଅନୁଯାୟୀ ପାଠ / ଡିକୋଡ଼େବଲ ପାଠ ପଠନ ଅଭ୍ୟାସ<br>+<br>ଅତିରିକ୍ତ ଅଭ୍ୟାସ ୧୨ରୁ ଆଗକୁ ୩ ସପ୍ତାହ (ପାଖାପାଖି ୧୫ ସପ୍ତାହ) ପର୍ଯ୍ୟନ୍ତ କରାଯାଇପାରିବ । |

# ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଦ୍ୱିତୀୟ ସୋପାନ କାର୍ଯ୍ୟ ଯୋଜନା

| | |
|---|---|
| **୨ୟ ରେ (ସପ୍ତାହ ୧୩-୧୮) ଓ ୩ୟ ରେ (ସପ୍ତାହ ୧୨-୧୯) : ସମୃଦ୍ଧ ଡିକୋଡ଼ିଙ୍ଗ୍** | • ମୌଖିକ ଭାଷା ବିକାଶ<br>o ସାମାଜିକ ଓ ଆବେଗିକ ବିକାଶ ଆଧାରିତ ଶିକ୍ଷଣ କାର୍ଯ୍ୟ<br>o ଚିତ୍ର ଚାର୍ଟ ଆଧାରିତ ଅବଲୋକନ, ଚର୍ଚ୍ଚା ଓ ପ୍ରଶ୍ନୋତ୍ତର<br>o ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି<br>o ଗଳ୍ପ କଥନ, ସାମାନ୍ୟ ଓ ବିସ୍ତୃତ ଚର୍ଚ୍ଚା ଓ ପ୍ରଶ୍ନୋତ୍ତର<br>o ଗୀତା ଓ କବିତା ଆଧାରିତ ସକ୍ରିୟାତ୍ମକ କାର୍ଯ୍ୟ<br>o ମୌଖିକ ଭାଷା ଆଧାରିତ ଗତିବିଧି ସମ୍ବନ୍ଧିତ ଲିଖନ କାର୍ଯ୍ୟ<br>o ଶିକ୍ଷକଙ୍କ ଦ୍ୱାରା ପଠ୍ୟପୁସ୍ତକରୁ ଗପ ପଠନ ଓ ବିସ୍ତୃତ ଆଲୋଚନା (ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି)<br>• ସମୃଦ୍ଧ ଡିକୋଡ଼ିଙ୍ଗ୍ – ଅକ୍ଷର ଓ ଶବ୍ଦ ସ୍ତରୀୟ<br>o ଶବ୍ଦ ଓ ଖଣ୍ଡ ବାକ୍ୟକୁ ଅଗ୍ରସର /ଅଗ୍ରଗତି<br>o ୧ ରୁ ୩ଟି ସରଳ ବାକ୍ୟ ପଠନ ଅଭ୍ୟାସ<br>o ଶବ୍ଦ ଲିଖନ (ଲିଖନ -ଶବ୍ଦ ସ୍ତରୀୟ )<br>o ସରଳ ଛୋଟ ଡିକୋଡେବଲ ପାଠ ପଠନ ଅଭ୍ୟାସ (ଶିକ୍ଷକଙ୍କ ତତ୍ତ୍ୱାବଧାନରେ ମାର୍ଗଦର୍ଶୀ ପଠନ)<br>o ସରଳ ପ୍ରଶ୍ନୋତ୍ତର ଲିଖନ<br>• ପଠନ ପୁସ୍ତିକାରେ ସରଳ ଛୋଟ ଡିକୋଡେବଲ ପାଠ ପଠନ (ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପଠନ ଅଭ୍ୟାସର ଆରମ୍ଭ)<br>• ବ୍ୟକ୍ତିଗତ ପଠନ ନିମନ୍ତେ ପିଲାମାନଙ୍କ ଦ୍ୱାରା ସ୍ତର ଅନୁଯାୟୀ ଗପ ଓ ଅନ୍ୟାନ୍ୟ ବହି ସହ ପରିଚୟ ଓ ଅଭିନୟ ପଠନ<br>• ପିଲାଙ୍କୁ ଗପ ବହିର ପୃଷ୍ଠା ଓଲଟାଇବା ପାଇଁ ସୁଯୋଗ ଦିଆଯିବ ଓ ଏହି ବହି ସମ୍ପର୍କିତ ଆଲୋଚନା କରାଯିବ |
| **୨ୟ ରେ (ସପ୍ତାହ ୧୯) ଓ ୩ୟ ରେ (ସପ୍ତାହ ୨୦)** | ମାଧମିକ ସ୍ତର/ପର୍ଯ୍ୟାୟ ମାନ ନିର୍ଦ୍ଧାରଣ ସହ ପୁନରାବୃତ୍ତି /ପୁନର୍ବଳନ |
| **୨ୟ ରେ (ସପ୍ତାହ ୨୦-୨୩) ଓ ୩ୟ ରେ (ସପ୍ତାହ ୨୧-୨୩) : ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ଓ ପଠନ ଦକ୍ଷତାକୁ ସୁଦୃଢ଼ କରିବା** | • ମୌଖିକ ଭାଷା ବିକାଶ<br>o ସାମାଜିକ ଓ ଆବେଗିକ ବିକାଶ ଆଧାରିତ ଶିକ୍ଷଣ କାର୍ଯ୍ୟ<br>o ଚିତ୍ର ଚାର୍ଟ ଆଧାରିତ ଅବଲୋକନ, ଚର୍ଚ୍ଚା ଓ ପ୍ରଶ୍ନୋତ୍ତର<br>o ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି<br>o ଗଳ୍ପ କଥନ, ସାମାନ୍ୟ ଓ ବିସ୍ତୃତ ଚର୍ଚ୍ଚା ଓ ପ୍ରଶ୍ନୋତ୍ତର<br>o ଗୀତା ଓ କବିତା ଆଧାରିତ ସକ୍ରିୟାତ୍ମକ କାର୍ଯ୍ୟ<br>o ମୌଖିକ ଭାଷା ଆଧାରିତ ଗତିବିଧି ସମ୍ବନ୍ଧିତ ଲିଖନ କାର୍ଯ୍ୟ<br>o ଶିକ୍ଷକଙ୍କ ଦ୍ୱାରା ପଠ୍ୟପୁସ୍ତକରୁ ଗପ ପଠନ ଓ ବିସ୍ତୃତ ଆଲୋଚନା (ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି)<br>• ସମୃଦ୍ଧ ଡିକୋଡ଼ିଙ୍ଗ୍ – ଅକ୍ଷର ଓ ଶବ୍ଦ ସ୍ତରୀୟ<br>o ଯୁକ୍ତାକ୍ଷରର ପରିଚୟ |

| | |
|---|---|
| | o ୩ ରୁ ୪ଟି ଶବ୍ଦ ଓ ଏକ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦ ପଠନ<br>o ଶବ୍ଦ ଓ ଖଣ୍ଡ ବାକ୍ୟକୁ ଅଗ୍ରସର /ଅଗ୍ରଗତି<br>o ୨ ରୁ ୩ଟି ସରଳ ବାକ୍ୟ ପଠନ ଅଭ୍ୟାସ<br>o ଶବ୍ଦ ଲିଖନ (ଲିଖନ -ଶବ୍ଦ ସ୍ତରୀୟ )<br>o ସରଳ ଛୋଟ ଡିକୋଡେବଲ ପାଠ ପଠନ ଅଭ୍ୟାସ (ଶିକ୍ଷକଙ୍କ ତତ୍ତ୍ୱାବଧାନରେ ମାର୍ଗଦର୍ଶୀ ପଠନ)<br>o ସରଳ ପ୍ରଶ୍ନୋତ୍ତର ଲିଖନ<br>• ପଠନ ପୁସ୍ତିକାରେ ସରଳ ଛୋଟ ଡିକୋଡେବଲ ପାଠ ପଠନ (ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପଠନ ଅଭ୍ୟାସର ଆରମ୍ଭ)<br>• ବ୍ୟକ୍ତିଗତ ପଠନ ନିମନ୍ତେ ପିଲାମାନଙ୍କ ଦ୍ୱାରା ସ୍ତର ଅନୁଯାୟୀ ଗପ ଓ ଅନ୍ୟାନ୍ୟ ବହି ସହ ପରିଚୟ ଓ ଅଭିନୟ ପଠନ<br>• ପିଲାଙ୍କୁ ଗପ ବହିର ପୃଷ୍ଠା ଓଲଟାଇବା ପାଇଁ ସୁଯୋଗ ଦିଆଯିବ ଓ ଏହି ବହି ସମ୍ପର୍କିତ ଅଲୋଚନା କରାଯିବ |
| **୨ୟ ରେ ସପ୍ତାହ ୨୪** | ମାଧମିକ ସ୍ତର/ପର୍ଯ୍ୟାୟ ମାନ ନିର୍ଦ୍ଧାରଣ ସହ ପୁନରାବୃତ୍ତି /ପୁନର୍ବଳନ |
| **୨ୟ ରେ (ସପ୍ତାହ ୨୫-୨୭) ଓ ୩ୟ ରେ (ସପ୍ତାହ ୨୪-୨୭) : ପ୍ରବାହପୂର୍ଣ୍ଣ ଡିକୋଡ଼ିଙ୍ଗ୍ ଓ ପଢିକରି ବୁଝିବା/ପଠନର ବୋଧଗମ୍ୟତା** | • ମୌଖିକ ଭାଷା ବିକାଶ<br>o ସାମାଜିକ ଓ ଆବେଗିକ ବିକାଶ ଆଧାରିତ ଶିକ୍ଷଣ କାର୍ଯ୍ୟ<br>o ପୂର୍ବ ସପ୍ତାହ ଗୁଡିକରେ ବ୍ୟବହୃତ ଚିତ୍ର ଚାର୍ଟ (୧, ୨, ୩, ୪, ୫) ଆଧାରିତ ଚର୍ଚ୍ଚା, ପ୍ରଶ୍ନୋତ୍ତର ଓ ସରଳ ବାକ୍ୟ ଲିଖନ<br>o ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି<br>o ଗଳ୍ପ କଥନ, ସାମାନ୍ୟ ଓ ବିସ୍ତୃତ ଚର୍ଚ୍ଚା ଓ ପ୍ରଶ୍ନୋତ୍ତର<br>o ଗୀତା ଓ କବିତା ଆଧାରିତ ସକ୍ରିୟାତ୍ମକ କାର୍ଯ୍ୟ<br>o ମୌଖିକ ଭାଷା ଆଧାରିତ ଗତିବିଧି ସମ୍ବନ୍ଧିତ ଲିଖନ କାର୍ଯ୍ୟ<br>o ଶିକ୍ଷକଙ୍କ ଦ୍ୱାରା ପଠ୍ୟପୁସ୍ତକରୁ ଗପ ପଠନ ଓ ବିସ୍ତୃତ ଆଲୋଚନା (ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି)<br>• ସମୃଦ୍ଧ ଡିକୋଡ଼ିଙ୍ଗ୍ – ଅକ୍ଷର ଓ ଶବ୍ଦ ସ୍ତରୀୟ<br>o ଯୁକ୍ତାକ୍ଷରର ପରିଚୟ<br>o ୩ ରୁ ୪ଟି ଶବ୍ଦ ଓ ଏକ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦ ପଠନ<br>o ଶବ୍ଦ ଓ ଖଣ୍ଡ ବାକ୍ୟକୁ ଅଗ୍ରସର /ଅଗ୍ରଗତି<br>o ୨ ରୁ ୩ଟି ସରଳ ବାକ୍ୟ ପଠନ ଅଭ୍ୟାସ<br>o ଶବ୍ଦ ଲିଖନ (ଲିଖନ -ଶବ୍ଦ ସ୍ତରୀୟ )<br>o ସରଳ ଛୋଟ ଡିକୋଡେବଲ ପାଠ ପଠନ ଅଭ୍ୟାସ (ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପଠନର ଆରମ୍ଭ)<br>o ସରଳ ପ୍ରଶ୍ନୋତ୍ତର ଲିଖନ<br>• ପଠନ ପୁସ୍ତିକାରେ ସରଳ ଛୋଟ ଡିକୋଡେବଲ ପାଠ ପଠନ (ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପଠନର ଆରମ୍ଭ)<br>• ଗଳ୍ପ କାର୍ଡ଼ ସହିତ ସ୍ୱତନ୍ତ୍ର ପଠନ |

| | |
|---|---|
| | • ଅଭ୍ୟାସ ପୁସ୍ତିକାରେ ପାଠ୍ୟ ପୁସ୍ତକରୁ ନିଆଯାଇଥିବା ପାଠର ସରଳୀକୃତ ରୂପ ସହିତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପଠନ ଓ ପ୍ରଶ୍ନୋତ୍ତର, ଚିତ୍ର ସଂଯୋଜକ ସହିତ ଲିଖନ କାର୍ଯ୍ୟ<br>• ପଠନ ପୁସ୍ତିକାରେ ସରଳୀକୃତ ପାଠର ପଠନ<br>• ବ୍ୟକ୍ତିଗତ ପଠନ ନିମନ୍ତେ ପିଲାମାନଙ୍କ ଦ୍ୱାରା ସ୍ତର ଅନୁଯାୟୀ ଗପ ଓ ଅନ୍ୟାନ୍ୟ ବହି ସହ ପରିଚୟ ଓ ଅଭିନୟ ପଠନ<br>• ପିଲାଙ୍କୁ ଗପ ବହିର ପୃଷ୍ଠା ଓଲଟାଇବା ପାଇଁ ସୁଯୋଗ ଦିଆଯିବ ଓ ଏହି ବହି ସମ୍ପର୍କିତ ଆଲୋଚନା କରାଯିବ |
| **୨ୟ ଓ ୩ୟ ରେ ସପ୍ତାହ -୨୮** | ଅନ୍ତିମ ସ୍ତର /ପର୍ଯ୍ୟାୟ ମାନ ନିର୍ଦ୍ଧାରଣ ସହ ପୁନରାବୃତ୍ତି /ପୁନର୍ବଳନ |

## <u>ସାପ୍ତାହିକ ଭାଷା ଶିକ୍ଷଣ କାର୍ଯ୍ୟଯୋଜନା : ସୋପାନ -୧</u>

### ୨ୟ ଓ ୩ୟ ରେ ସପ୍ତାହ ୧-୪ : ପ୍ରାରମ୍ଭିକ ସାକ୍ଷରତା - ପଠନ ଓ ଲିଖନ ଅଭ୍ୟାସର ପ୍ରାରମ୍ଭ

| ମୁଖ୍ୟ ଦିଗ | ଶିକ୍ଷଣ କାର୍ଯ୍ୟ | ୧ମ ଦିବସ | ୨ୟ ଦିବସ | ୩ୟ ଦିବସ | ୪ର୍ଥ ଦିବସ | ୫ମ ଦିବସ | ୬ଷ୍ଠ ଦିବସ |
|---|---|---|---|---|---|---|---|
| **ମୌଖିକ ଭାଷା ବିକାଶ (୪୦-୪୫ ମି.)** | ଗୀତ/ କବିତା ମାଧ୍ୟମରେ ସକ୍ରିୟାତ୍ମକ କାର୍ଯ୍ୟ | ✓ | ✓ | ✓ | ✓ | ✓ | ✓ |
| | ସାମାଜିକ ଓ ଅବେଗିକ ବିକାଶ (ଖେଳ/ଗତିବିଧି) | ✓ | | | ✓ | | |
| | କବିତା /ଶିଶୁଗୀତ | ✓ | ✓ | ✓ | ✓ | | |
| | ମୌଖିକ ଭାଷା ଆଧାରିତ ଖେଳ | | | | | ✓ | ✓ |
| | ଗଳ୍ପ କଥନ, ଗଳ୍ପ ଆଧାରିତ ଚର୍ଚ୍ଚା ଓ ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି ପାଇଁ ଗତିବିଧି (ସପ୍ତାହ ୩ରୁ) | ✓ | | | ✓ | | |
| | ଶିକ୍ଷକଙ୍କ ଦ୍ୱାରା ପଠ୍ୟପୁସ୍ତକରୁ ଗପ ପଠନ ଓ ବିସ୍ତୃତ ଆଲୋଚନା (ଶୁଣିକରି ବୁଝିବା ପାଇଁ) | | | | | ✓ | ✓ |
| | ଚିତ୍ର ଓ ଅନୁଭୂତି ଆଧାରିତ କାର୍ଯ୍ୟ | | ✓ | ✓ | | | |
| | ସାଙ୍କେତିକ ଶବ୍ଦ ଚିହ୍ନଟ/ପଠନ ; ଉଚ୍ଚ ପଠନ ଓ ପାରସ୍ପରିକ ଆଲୋଚନା (ବଡ ବହି ଆଧାରିତ) | | ✓ | | ✓ | | |
| | | | | | | | |
| **ଡିକୋଡ଼ିଙ୍ଗ୍ (୪୦-୪୫ ମି.)** | ଧ୍ୱନି ସଚେତନତା | ✓ | ✓ | ✓ | ✓ | ✓ | ✓ |
| | ଅକ୍ଷର ଚିହ୍ନଟ କାର୍ଯ୍ୟ | ✓ | ✓ | ✓ | ✓ | ✓ | ✓ |
| | ଲିଖନ | ✓ | ✓ | ✓ | ✓ | ✓ | ✓ |
| | | | | | | | |
| **ପଠନ (୪୦-୪୫ ମି.)** | ଛାପାଲେଖା ସାମଗ୍ରୀ ପରିଚୟ (ସପ୍ତାହ-୧) | ✓ | ✓ | ✓ | ✓ | | |
| | ସାଙ୍କେତିକ ଶବ୍ଦ ଚିହ୍ନଟ/ପଠନ : ସହଭାଗୀ ପଠନ ଓ ପାରସ୍ପରିକ ଆଲୋଚନା (ବଡ ବହି ଆଧାରିତ) | | | ✓ | ✓ | | |

| | | | | | | | |
|---|---|---|---|---|---|---|---|
| | ବଡବହି ଓ ଆଲୋଚନା  ମାଧ୍ୟମରେ ସହଭାଗୀ ପଠନ | | | ✓ | ✓ | | |
| | ବ୍ୟକ୍ତିଗତ ପଠନ ନିମନ୍ତେ ପିଲାମାନଙ୍କ ଦ୍ୱାରା ପର୍ଯ୍ୟାୟ ଭିତ୍ତିକ ଗପ ଓ ଅନ୍ୟାନ୍ୟ ବହି ସହ ପରିଚୟ ଓ ଅଭିନୟ ପଠନ | | | | | ✓ | ✓ |
| | ପଠନ ପୁସ୍ତିକା ସହ ସାଙ୍କେତିକ ଶବ୍ଦ ପଠନ ଓ ପ୍ରାରମ୍ଭିକ ପଠନ | | | | | ✓ | ✓ |
| | | | | | | | |
| ଲିଖନ (୪୦-୪୫ ମି.) | ଚିତ୍ର /ଛବି ଅଙ୍କନ / ପ୍ରାରମ୍ଭିକ ଲିଖନ | ✓ | ✓ | ✓ | ✓ | ✓ | ✓ |
| | ଶିକ୍ଷାର୍ଥୀଙ୍କ ଦୈନନ୍ଦିନ ଜୀବନ ଅନୁଭୂତିକୁ କଳାପଟାରେ ଲିଖନ | | ✓ | ✓ | | | |
| | ସହଭାଗୀ ଲିଖନ (ଶିକ୍ଷକଙ୍କ ସହ) | | | ✓ | ✓ | | |
| | ବ୍ୟକ୍ତିଗତ ଲିଖନ ଅଭ୍ୟାସ (କାର୍ଯ୍ୟପୁସ୍ତିକା/ଖାତା/କଳାପଟାରେ) | ✓ | ✓ | ✓ | ✓ | ✓ | ✓ |

## ୨ୟ ରେ ସପ୍ତାହ ୫-୯ ଓ ୩ୟ ରେ ସପ୍ତାହ ୫-୧୦ : ପ୍ରାରମ୍ଭିକ ଡିକୋଡ଼ିଙ୍ଗ୍

| ମୁଖ୍ୟ ଦିଗ | ଶିକ୍ଷଣ କାର୍ଯ୍ୟ | ୧ମ ଦିବସ | ୨ୟ ଦିବସ | ୩ୟ ଦିବସ | ୪ର୍ଥ ଦିବସ | ୫ମ ଦିବସ | ୬ଷ୍ଠ ଦିବସ |
|---|---|---|---|---|---|---|---|
| ମୌଖିକ ଭାଷା ବିକାଶ (୪୦-୪୫ ମି) | ଗୀତ / କବିତା ମାଧ୍ୟମରେ ସକ୍ରିୟାତ୍ମକ କାର୍ଯ୍ୟ | ✓ | ✓ | ✓ | ✓ | ✓ | ✓ |
| | ସାମାଜିକ ଓ ଅବେଗିକ ବିକାଶ (ଖେଳ/ଗତିବିଧି) | ✓ | | | ✓ | | |
| | କବିତା /ଶିଶୁଗୀତ | ✓ | ✓ | ✓ | ✓ | | |
| | ମୌଖିକ ଭାଷା ଆଧାରିତ ଖେଳ | | | | | ✓ | ✓ |
| | ଗଳ୍ପ କଥନ, ଗଳ୍ପ ଆଧାରିତ ଚର୍ଚ୍ଚା ଓ ମୌଖିକ ଶବ୍ଦ ଭଣ୍ଡାର ଅଭିବୃଦ୍ଧି ପାଇଁ ଗତିବିଧି | ✓ | | | ✓ | | |
| | ଶିକ୍ଷକଙ୍କ ଦ୍ୱାରା ପଠ୍ୟପୁସ୍ତକରୁ ଗପ ପଠନ ଓ ବିସ୍ତୃତ ଆଲୋଚନା (ଶୁଣିକରି ବୁଝିବା ପାଇଁ) | | | | | ✓ | ✓ |
| | ଚିତ୍ର ଓ ଅନୁଭୁତି ଆଧାରିତ କାର୍ଯ୍ୟ | | ✓ | ✓ | | | |
| | | | | | | | |
